# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୦/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 10/2021 | ★★★★★★

୪୭ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ମ୍ୟାକ୍‌ଗ୍ରା ପ୍ଲେୟର ଅଫ୍ ଦି ମ୍ୟାଚ
ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ବ୍ୟାଟର ଟାହିଲା ମ୍ୟାକ୍‌ଗ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। **୧୫**

### ଆକ୍ସନ ଦେଖାଇବେ ଆୟୁଷ୍ମାନ
**୧୪** ରୋମାଣ୍ଟିକ୍ ଏବଂ କମେଡି ଫିଲ୍ମ ପରେ 'ଆକ୍ସନ ହିରୋ'ରେ ଆକ୍ସନ ଅବତାରରେ ଦେଖିବାକୁ ମିଳିବେ ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା।








# କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗିରଫ

## ଲଖିମ୍‌ପୁର ଖେରି ହିଂସା ମାମଲା

***ସୁପ୍ରିମକୋର୍ଟଙ୍କ ତାଗିଦ, ବିରୋଧୀଙ୍କ ଆନ୍ଦୋଳନ ଚେତାବନୀ ଓ ଚାରିଆଡ଼ୁ ଚାପ ପରେ ଶେଷରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଗିରଫ କରିଛି ଉତ୍ତର ପ୍ରଦେଶ ପୋଲିସ। ଅକ୍ଟୋବର ୩ରେ ଲଖିମପୁର ଖେରିରେ ଆନ୍ଦୋଳନରତ ଚାଷୀଙ୍କ ଉପରକୁ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଗାଡ଼ି ମଡ଼ାଇ ୪ଜଣଙ୍କୁ ହତ୍ୟା କରିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ହିଂସାରେ ଅନ୍ୟ ୪ ଜଣଙ୍କ ଜୀବନ ଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଆଶିଷଙ୍କୁ ଲଖିମପୁର ଥାନାରେ ପ୍ରାୟ ୧୨ ଘଣ୍ଟା ଧରି ଜେରା ପରେ ଶନିବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଥିବା ଦର୍ଶାଇଛି।***

**ଲକ୍ଷ୍ନୌ, ୯।୧୦**

ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରି ହିଂସା ଘଟଣାର ମୁଖ୍ୟ ଅଭିଯୁକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଜିଲା ପୋଲିସ ଶନିବାର ରାତିରେ ଗିରଫ କରିଛି। ଡିଆଇଜି ଉପେନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ କ୍ରାଇମ୍ ବ୍ରାଞ୍ଚର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ତାଙ୍କୁ ଦୀର୍ଘ ୧୨ ଘଣ୍ଟା ଜେରା କରିଥିଲା। ଆଶିଷଙ୍କ ଉତ୍ତରରେ ତାଳମେଳ ନ ରହିବା ସହ ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ସହଯୋଗ କରି ନ ଥିଲେ। ଖୁବ୍‌ଶୀଘ୍ର ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ଅଗ୍ରୱାଲ କହିଛନ୍ତି।


ଆଶିଷ ମିଶ୍ରା

ଗତ ୩ ତାରିଖରେ କେନ୍ଦ୍ରମନ୍ତ୍ରୀ ପୁଅଙ୍କ ଗାଡ଼ି ମାଡ଼ିଯାଇ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିବା ପରେ ହିଂସାକାଣ୍ଡରେ ଅନ୍ୟ ୪ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଆଶିଷଙ୍କ ବିରୋଧରେ ୟୁପି ପୋଲିସ ହତ୍ୟା ମାମଲା ରୁଜୁ କରିବାର ୫ ଦିନ ପରେ ତାଙ୍କୁ ଗିରଫ କରାଯାଇଛି। ଦୁଇଥର ପୋଲିସ ପକ୍ଷରୁ ସମନ ଜାରି ପରେ ଶନିବାର ସକାଳ ୧୦ଟା ୩୦ରେ ଆଶିଷ ଲଖିମପୁର ଖେରି ପୋଲିସ ନିକଟରେ ହାଜର ହୋଇଥିଲେ। ତାଙ୍କ ସହ ଓକିଲ ଅୱଦେଶ ସିଂ ଏବଂ ଲଖିମପୁର ସଦର ଭାଜପା ବିଧାୟକ ଯୋଗେଶ ବର୍ମା ଯାଇଥିଲେ। ପୋଲିସ ପକ୍ଷରୁ ଗଠନ କରାଯାଇଥିବା କ୍ରାଇମ ବ୍ରାଞ୍ଚର ୬ ଜଣିଆ ଟିମ୍ ତାଙ୍କୁ ରାତି ପର୍ଯ୍ୟନ୍ତ ଜେରା କରିଥିଲା। ଏଥିପାଇଁ ଏସ୍ଆଇଟି ହିଂସାକାଣ୍ଡ ସମ୍ପର୍କିତ ୪୦ଟି ପ୍ରଶ୍ନ ସହ ପ୍ରସ୍ତୁତ ରହିଥିଲା। ଚାଷୀଙ୍କ ଉପରେ ମାଡ଼ିଯାଇଥିବା ଗାଡ଼ି ତାଙ୍କର ଥିଲା ବୋଲି ଆଶିଷ ସ୍ୱୀକାର କରିଥିଲେ। ହିଂସାକାଣ୍ଡ ବେଳେ ସେ ଘଟଣାସ୍ଥଳରେ ନ ଥିଲେ। ସେ ସେହି ସମୟରେ ତିକୁନିଆଠାରୁ ୩-୪ କିଲୋମିଟର ଦୂର ବନବୀରପୁର ଗ୍ରାମର ଏକ କୁସ୍ତି ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କହିଥିଲେ। ତେବେ ୩ ତାରିଖ ଅପରାହ୍ନ ୨ଟା ୩୬ରୁ ୩ଟା ୩୦ ମଧ୍ୟରେ ସେ କେଉଁଠି ଥିଲେ ତା'ର କୌଣସି ପ୍ରମାଣ ଦେଇପାରି ନ ଥିବା ଜଣାପଡ଼ିଛି। ଜେରା ସମୟରେ ତାଙ୍କ ମୋବାଇଲ ଫୋନ୍‌କୁ ଜବତ କରାଯାଇଥିଲା। ସୂଚନାଯୋଗ୍ୟ, ଲଖିମ୍‌ପୁର ହିଂସା ଘଟଣାରେ ଅଭିଯୁକ୍ତ ଆଶିଷଙ୍କୁ ଗିରଫ କରାଯାଇ ନ ଥିବାରୁ ଶୁକ୍ରବାର ସୁପ୍ରିମକୋର୍ଟ ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କୁ ଭର୍ତ୍ସନା କରିଥିଲେ। ହିଂସା ଘଟଣାରେ ☞ପୃଷ୍ଠା-୪

# ଥାନାରେ ବଳାତ୍କାର ପୀଡ଼ିତାଙ୍କ ଆତ୍ମହତ୍ୟା

**ଆଜମଗଡ଼, ୯।୧୦**

ନ୍ୟାୟ ପାଇଁ ବାରମ୍ବାର ଥାନାକୁ ଦୌଡ଼ିଲେ। ଅଭିଯୁକ୍ତଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରି କଲେ। ହେଲେ ପୋଲିସ ଶୁଣିଲାନି କି ପଦକ୍ଷେପ ନେଲାନି। ଶେଷରେ ନିରାଶ ହୋଇ ଶନିବାର ଥାନା ପରିସରରେ ହିଁ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ଉତ୍ତରପ୍ରଦେଶ ଆଜମଗଡ଼ର ଜଣେ ୫୨ ବର୍ଷୀୟ ବଳାତ୍କାର ପୀଡ଼ିତା। ଘଟଣା ପରେ ମେହନାଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ଚୁନ୍ନା ସିଂଙ୍କୁ ନିଲମ୍ବନ କରାଯାଇଛି। ମହିଳା ଓ ତାଙ୍କ ସ୍ୱାମୀ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଅଭିଯୋଗ ନେଇ ଥାନାକୁ ବାରମ୍ବାର ଆସିଥିଲେ ହେଁ ପୋଲିସ ପଦକ୍ଷେପ ନେବାରେ ବିଫଳ ହେବାରୁ

### ପୋଲିସ ନ ଶୁଣିବାରୁ ବିଷ ପିଇଲେ

ସମ୍ପୃକ୍ତ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଥିବା ଏସ୍‌ପି ସୁଧୀର କୁମାର ସିଂ କହିଛନ୍ତି। ମେହନାଜପୁରର ଏକ ଗାଁରେ ମହିଳା ଜଣକ ରହୁଥିବାବେଳେ ଗତ ୫ ତାରିଖ ରାତିରେ କେହି ତାଙ୍କ କବାଟ ବାଡେଇଥିଲେ। କବାଟ ଖୋଲିବା ପରେ ବାହାରେ ୨ ଜଣ ମୁଖାପିନ୍ଧା ବ୍ୟକ୍ତି ଛିଡ଼ା ହୋଇଥିଲେ। ସେମାନେ ମହିଳାଙ୍କ ପାଟି ବାନ୍ଧି ତାଙ୍କୁ ନିକଟସ୍ଥ ସରକାରୀ ସ୍କୁଲ ପଛପାଖକୁ ନେଇ ଗଣବଳାତ୍କାର କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମଧ ମାରିଥିଲେ। ସେହି ସମୟରେ ଜଣଙ୍କ ମୁହଁରୁ ମୁଖା ଖୋଲିଯିବାରୁ ☞ପୃଷ୍ଠା-୪


୧୮ରେ ଚାଷୀଙ୍କ ରେଲରୋକୋ | ପୃଷ୍ଠା ୨


**ଆଜିର ସମ୍ପାଦକୀୟ**
**କି ଲାଭ ମିଳିଛି**


USHA TRAVELS
www.flyusha.in
OFFER PRICE
BHUBANESWAR ⇌

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply
CALL US! 9937438896










# ୯ ଦିନରେ ୮ ଥର ବଢ଼ିଲାଣି ତେଲ ଦର

## ପେଟ୍ରୋଲ ୩୨, ଡିଜେଲ ୩୮ ପଇସା

**ଭୁବନେଶ୍ୱର/ନୂଆଦିଲ୍ଲୀ, ୯।୧୦**

ଗତ ୯ ଦିନ ମଧ୍ୟରେ ୮ ଥର ତେଲ ଦର ବଢ଼ିଲାଣି। ଏପରିକି କ୍ରମାଗତ ପଞ୍ଚମ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ଡିଜେଲ ୩୮ ପଇସା ଏବଂ ପେଟ୍ରୋଲ ୩୨ ପଇସା ବଢ଼ିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୧୦୦.୮୫ ଟଙ୍କା ☞ପୃଷ୍ଠା-୪

# ସୁନାମି ଭୟରେ ୩୨୬ ଗାଁ

***ରାଜ୍ୟକୁ ଅଧିକାଂଶ ସମୟରେ ବାତ୍ୟା, ବନ୍ୟା, ବଜ୍ରପାତ, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ଭୟ ଲାଗି ରହିଛି। ଲୋକମାନଙ୍କୁ ବିପର୍ଯ୍ୟୟ ସମୟରେ ବଞ୍ଚାଇବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏପରିସ୍ଥଳେ ସୁନାମି ଆଉ ଏକ ବିପତ୍ତି ଭାବେ ଉଭା ହୋଇ ଛିଡ଼ା ହେଲାଣି। ବିଶେଷକରି ୬ ଉପକୂଳ ଜିଲାର ସମୁଦ୍ରକୂଳିଆ ଗ୍ରାମଗୁଡ଼ିକ ପ୍ରତି ଅଧିକ ବିପଦ ରହିଛି।***

- ସତର୍କ ସୂଚନା ଦେବ ସାଇରନ, ଡିଜିଟାଲ ରେଡିଓ, ଏସ୍ଏମ୍ଏସ୍
- ନୋଳିଆସାହି, ଭେଙ୍କଟରାୟପୁର ଗ୍ରାମକୁ ମିଳିଛି ୟୁନେସ୍କୋ ସ୍ୱୀକୃତି

**ଭୁବନେଶ୍ୱର, ୯।୧୦ (ବ୍ୟୁରୋ)**

ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ାର ୩୨୬ ଗ୍ରାମକୁ ସୁନାମି ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସେହି ଗ୍ରାମଗୁଡ଼ିକର ଲୋକଙ୍କୁ ସୁନାମିରୁ କିପରି



ରକ୍ଷା କରାଯାଇପାରିବ ସେନେଇ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍ଏ) ଉପକୂଳବର୍ତ୍ତୀ ୬ ଜିଲା ସମେତ ପୁରୀ, କୋଣାର୍କ, ପାରାଦୀପ, ଗୋପାଳପୁର ଏବଂ ଗଞ୍ଜାମ ଏନ୍ଏସିରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ନିକଟରେ ୟୁନେସ୍କୋର ଇଣ୍ଟର ଗଭର୍ନମେଣ୍ଟାଲ ଓସେନୋଗ୍ରାଫିକ କମିଶନ (ଆଇଓସି) ଏବଂ ଭାରତ ସରକାରଙ୍କ ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ଓସନ ଇନ୍‌ଫରମିଂ ସିଷ୍ଟମ (ଆଇଏନ୍‌ସିଓଆଇଏସ୍) ପକ୍ଷରୁ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ବଳିପାଲି (ଭେଙ୍କଟରାୟପୁର) ଏବଂ ଜଗତ୍‌ସିଂହପୁର ଜିଲା ନୋଳିଆସାହିକୁ ସୁନାମି ପ୍ରସ୍ତୁତି ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ଏହି ୨ ଗ୍ରାମରେ ☞ପୃଷ୍ଠା-୪

# ନୂଆ ଅଧ୍ୟକ୍ଷ ନେଇ ଆଲୋଚନା ହେବ

## ୧୬ରେ ସିଡବ୍ଲ୍ୟୁସି ବୈଠକ

ନୂଆଦିଲ୍ଲୀ, ୯।୧୦

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ୧୬ ତାରିଖରେ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ଦଳର ନୂଆ ଅଧ୍ୟକ୍ଷ ନିର୍ବାଚନ, ଲଖିମପୁର ଖେରି ହିଂସା, ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନ ସମ୍ପର୍କରେ ଆଲୋଚନା ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଜଣାଇଛନ୍ତି। ଦଳବଦଳ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ କେତେକ ମହଲରୁ ଦାବି ଉଠିବା ପରେ ଦଳର ଶୀର୍ଷ ନୀତି ନିର୍ଦ୍ଧାରକ କମିଟି ବୈଠକ ଡକାଯାଇଛି। ବରିଷ୍ଠ ନେତା ଗୁଲାମ ନବୀ ଆଜାଦ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖି ସିଡବ୍ଲ୍ୟୁସି ବୈଠକ ଡାକିବା ପାଇଁ ପରାମର୍ଶ ଦେଇଥିଲେ। ଗତ ଜାନୁୟାରୀ ୨୨ରେ ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ ଦଳର ନୂଆ ଅଧ୍ୟକ୍ଷ ଜୁନ୍ ମାସରେ ନିର୍ବାଚନ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ତେବେ କୋଭିଡ୍ ସ୍ଥିତିକୁ ନେଇ ନିର୍ବାଚନ ଘୁଞ୍ଚାଇବା



ନିମନ୍ତେ ମେ' ୧୦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗତ ୩ ତାରିଖରେ ଲଖିମ୍‌ପୁର ଖେରିରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅଙ୍କ ଗାଡ଼ି ମାଡ଼ିଯାଇ ୪ ଚାଷୀଙ୍କ ମୃତ୍ୟୁ ଘଟିବା ପରେ ସେଠାର ରାଜନୈତିକ ସ୍ଥିତି ଉପରେ ଆଲୋଚନା ପାଇଁ ବୈଠକ ଡକାଯାଇଛି। ଉତ୍ତରପ୍ରଦେଶରେ ଭାଜପା ସରକାରକୁ ପରାଜିତ କରି କଂଗ୍ରେସ ତା'ର ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ଲଖିମ୍‌ପୁର ଖେରି ଘଟଣା ଏକ ସୁଯୋଗ ଆଣିଥିବା କୁହାଯାଉଛି। ଏହା ବ୍ୟତୀତ ଦଳ ଭିତରେ ରହିଥିବା ଅସନ୍ତୋଷ ଏବଂ ଦୁର୍ବଳ ନିର୍ବାଚନୀ ଫଳାଫଳକୁ ନେଇ ମଧ୍ୟ ଆଲୋଚନା ହେବ।

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ପରାଜୟ ପରେ ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ଫଳରେ ସୋନିଆ ଗାନ୍ଧୀ ଅନ୍ତରୀଣ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ। ଜଣେ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ସମେତ ସାଂଗଠନିକ ସ୍ତରରେ ଅଦଳବଦଳ ପାଇଁ କଂଗ୍ରେସର ଗୋଟିଏ ଗୋଷ୍ଠୀ ନେତା ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। ଗତବର୍ଷ ଅଗଷ୍ଟରେ ଗୁଲାମ ନବୀଙ୍କ ସମେତ ଆନନ୍ଦ ଶର୍ମା, ଭୂପିନ୍ଦର ସିଂ ହୁଡା, ପୃଥ୍ୱୀରାଜ ଚଭନ, କପିଲ ସିବଲ, ମନୀଷ ତିୱାରୀ, ମୁକୁଲ ୱାସନିକ ପ୍ରମୁଖ ୨୩ ଜଣ ନେତା ସୋନିଆଙ୍କୁ ପତ୍ର ଲେଖି ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି ଜଣାଇଥିଲେ।

# ୨ ଭାଜପା କର୍ମୀଙ୍କୁ ହତ୍ୟା ପ୍ରତିକ୍ରିୟା ଥିଲା: ଟିକାଏତ୍



ନୂଆଦିଲ୍ଲୀ, ୯।୧୦

ଲଖିମପୁର ଖେରିରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ମାଲିକାନାରେ ଥିବା ଏସ୍‌ୟୁଭି ମାଡ଼ିଯାଇ ୪ ଚାଷୀଙ୍କ ମୃତ୍ୟୁ ପରେ ୨ ଜଣ ଭାଜପା କର୍ମୀଙ୍କୁ ହତ୍ୟା କ୍ରିୟାର ପ୍ରତିକ୍ରିୟା ଥିଲା ବୋଲି ଚାଷୀ ନେତା ରାକେଶ ଟିକାଏତ୍ କହିଛନ୍ତି। ଦିଲ୍ଲୀ ସୀମାରେ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ମଧ୍ୟରୁ ପ୍ରାୟ ୭୫୦ ଜଣଙ୍କ ମୃତ୍ୟୁ ହେଲାଣି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ଦୁଃଖ ପ୍ରକାଶ କରିବା ଉଚିତ ବୋଲି ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ଟିକାଏତ୍ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

# ନିର୍ବାଚନର ୬ ମାସ ପୂର୍ବରୁ ମିଡିଆ ସର୍ଭେ ବନ୍ଦ ହେଉ

## ଇସିଙ୍କ ନିକଟରେ ମାୟାବତୀଙ୍କ ଦାବି

ଲକ୍ଷ୍ନୌ, ୯।୧୦

ନିର୍ବାଚନର ୬ ମାସ ପୂର୍ବରୁ ଗଣମାଧ୍ୟମ ଦ୍ୱାରା ଜନମତ ସର୍ଭେ ରିପୋର୍ଟ ପ୍ରକାଶ କରିବା ନିଷିଦ୍ଧ କରାଯାଉ ବୋଲି ଶନିବାର ବହୁଜନ ସମାଜ ପାର୍ଟି ଅଧ୍ୟକ୍ଷା ମାୟାବତୀ ଦାବି କରିଛନ୍ତି। ନିର୍ବାଚନ ପୂର୍ବରୁ ଗଣମାଧ୍ୟମ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ସର୍ଭେ ରିପୋର୍ଟ ପ୍ରକାଶ ପାଇବା ଫଳରେ ମତଦାନ ପ୍ରଭାବିତ ହେଉଛି। ୬ ମାସ ପୂର୍ବରୁ ଏଭଳି ରିପୋର୍ଟ ପ୍ରକାଶ ବନ୍ଦ ହେବା ଆବଶ୍ୟକ ବୋଲି ମାୟାବତୀ ନିର୍ବାଚନ କମିଶନ (ଇସି)ଙ୍କୁ ପତ୍ର ଲେଖିବେ ବୋଲି କହିଛନ୍ତି। ବିଏସ୍‌ପି ପ୍ରତିଷ୍ଠାତା କାଂଶୀରାମଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀରେ ଉଦ୍‌ବୋଧନ ଦେଇ ମାୟାବତୀ ଦିବଂଗତ ଦଳିତ ନେତାଙ୍କୁ ଭାରତରତ୍ନ ପ୍ରଦାନ ଲାଗି ଦାବି କରିଥିଲେ। ଉତ୍ତରପ୍ରଦେଶ ଜନସାଧାରଣ



ମାୟାବତୀ

କ୍ଷମତା ପରିବର୍ତ୍ତନ ଲାଗି ମନ ସ୍ଥିର କରିସାରିଲେଣି ବୋଲି ସେ କହିଥିଲେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ହାରିଯିବା ନେଇ ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା, କିନ୍ତୁ ଫଳ ଏହାର ବିପରୀତ ହେଲା। ଯେଉଁମାନେ କ୍ଷମତା ଦଖଲ କରିବା ସ୍ୱପ୍ନ ଦେଖୁଥିଲେ ସେମାନେ ନିରାଶ ହେଲେ। ତେଣୁ ସର୍ଭେ ଦ୍ୱାରା ଲୋକଙ୍କୁ ବିଭ୍ରାନ୍ତ କରିବା ଉଚିତ ନୁହେଁ ବୋଲି ବିଏସ୍‌ପି ନେତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ପୁଣିଥରେ କ୍ଷମତାକୁ ଆସିବ ବୋଲି ଶୁକ୍ରବାର ଏକ ନ୍ୟୁଜ୍ ଚ୍ୟାନେଲ ଜନମତ ସର୍ଭେ ରିପୋର୍ଟ ପ୍ରକାଶ କରିଥିଲା। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଓ ଉତ୍ତରପ୍ରଦେଶ ସରକାର ନିଜ ସପକ୍ଷରେ ହାୱା ସୃଷ୍ଟି କରିବା ପାଇଁ ଶାସନ କଳକୁ ବ୍ୟବହାର କରୁଛନ୍ତି। ସେମାନଙ୍କ କୌଶଳ କାମ ନ କଲେ ନିର୍ବାଚନକୁ ହିନ୍ଦୁ-ମୁସଲମାନ ରଙ୍ଗ ଦିଆଯାଉଛି ଏବଂ ସେଥିରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ଉଦ୍ୟମ ହେଉଛି ବୋଲି ମାୟାବତୀ ଅଭିଯୋଗ କରିଛନ୍ତି।

# ସଂରକ୍ଷଣରେ ବ୍ୟାପକ ପାତରଅନ୍ତର: ଭାଜପା

## ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଚକ୍ରାନ୍ତ କରି ପଞ୍ଚାୟତ ନିର୍ବାଚନକୁ ହାତେଇବା ପାଇଁ ଶାସକ ବିଜେଡି ପ୍ରଥମରୁ ପ୍ରକ୍ରିୟା ଆରମ୍ଭ କରିଦେଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଶନିବାର ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଜନ ସମର୍ଥନ କମୁଥିବା ଭୟ ଥିବାରୁ ଶାସକ ଦଳ ବିଭିନ୍ନ ଆଳ କରି ପ୍ରଥମେ ପୌର ନିର୍ବାଚନ ଏବଂ ବର୍ତ୍ତମାନ ପଞ୍ଚାୟତ ନିର୍ବାଚନକୁ ଘୁଞ୍ଚାଇବାର ବାହାନା କରି ଆସୁଛନ୍ତି। ଏପରି କି ନିର୍ବାଚନ ନ କରାଇବାକୁ ମନସ୍ଥ କରିସାରିଥିଲେ। କୋର୍ଟଙ୍କ ହସ୍ତକ୍ଷେପ ଯୋଗୁ ନିର୍ବାଚନ କରିବା ପାଇଁ ରାଜ୍ୟ ସରକାର ବାଧ୍ୟ ହୋଇଛନ୍ତି। ସରକାର ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥାର ଅଧିକାରୀ। କିନ୍ତୁ ମନ୍ଦ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଗତ ବିଧାନସଭା ଅଧିବେଶନରେ ନୂତନ ବିଧେୟକ ଆଣି ଏହି କ୍ଷମତାକୁ ଜିଲାପାଳଙ୍କ ଅଧୀନକୁ ଆଣିଛନ୍ତି। ଏପରି କି ବିଜେଡି ନେତାମାନଙ୍କ ସହ ଆଲୋଚନା କରି ସଂରକ୍ଷଣ ବ୍ୟବସ୍ଥା ସ୍ଥିର କରିବାକୁ ନିର୍ଦ୍ଦେଶ ଦେଇଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଅକ୍ଟୋବର ୮ ସୁଦ୍ଧା ଜିଲାପାଳମାନେ ଜିଲାର ଡିଭିଜନ ଓ ସଂରକ୍ଷଣ ପ୍ରସଙ୍ଗରେ 'ରିଜର୍ଭେଶନ ଷ୍ଟାଟସ୍' ତାଲିକା ସର୍ବସାଧାରଣରେ ଘୋଷଣା କରିବାକୁ ଧାର୍ଯ୍ୟ ହୋଇଥିଲା। 'ରାଜ୍ୟ ପଞ୍ଚାୟତ ଆଇନ' ଅନୁଯାୟୀ କୌଣସି ତ୍ରୁଟି ଥିଲେ ଅଭିଯୋଗକାରୀମାନେ ଅକ୍ଟୋବର ୧୬ ସୁଦ୍ଧା ସଂଶୋଧନ ପାଇଁ ଅଭିଯୋଗ କରିପାରିବେ। ମାତ୍ର ଶୁକ୍ରବାର ବିଳମ୍ବିତ ରାତି ସୁଦ୍ଧା ମାତ୍ର ୨୦ ଜିଲାର ତାଲିକା ଘୋଷଣା କରାଯାଇଥିବାବେଳେ ୧୦ଟି ଜିଲାର ଘୋଷଣା କରାଯାଇ ନ ଥିଲା। ଶନିବାର, ରବିବାର ଓ ଦୁର୍ଗାପୂଜା ଛୁଟି ଯୋଗୁ ସରକାରୀ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଅଭିଯୋଗ ଶୁଣାଣି ବାଧାପ୍ରାପ୍ତ ହେବ। ତ୍ରୁଟିପୂର୍ଣ୍ଣ 'ରିଜର୍ଭେଶନ ଷ୍ଟାଟସ୍' ପ୍ରସ୍ତୁତ କରି ପଞ୍ଚାୟତ ନିର୍ବାଚନ ନ କରାଇବା ପାଇଁ ରାଜ୍ୟ ସରକାର ଷଡ଼ଯନ୍ତ୍ର କରୁଛନ୍ତି। ଏସ୍‌ଟି, ଏସ୍‌ସି, ଓବିସି ଓ ମହିଳା ସଂରକ୍ଷଣରେ ବ୍ୟାପକ ପାତରଅନ୍ତର କରାଯାଇଛି ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅବଗତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ଉପ ସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ ଏବଂ ଭାଜପା ପଞ୍ଚାୟତିରାଜ କମିଟିର ରାଜ୍ୟ ସଂଯୋଜକ ଶଙ୍କର ପରିଡ଼ା ପ୍ରମୁଖ ଥିଲେ।

# ୧୮ରେ ଚାଷୀଙ୍କ ରେଳରୋକୋ

ନୂଆଦିଲ୍ଲୀ, ୯।୧୦

ଲଖିମପୁର ଖେରି ଘଟଣା ପ୍ରତିବାଦରେ କୃଷକ ସଂଗଠନ ପକ୍ଷରୁ ଅକ୍ଟୋବର ୧୮ରେ ରେଳରୋକୋ ଡାକରା ଦିଆଯାଇଛି। ୨୬ ତାରିଖରେ ଲକ୍ଷ୍ନୌରେ ଚାଷୀଙ୍କ ମହାପଞ୍ଚାୟତ ହେବ। କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରିବା ସହ ତାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ ଗିରଫ କରାଯିବା ଲାଗି ସେମାନେ ଦାବି କରିଛନ୍ତି। ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ କହିଛନ୍ତି, ଆସନ୍ତା ୧୨ରେ ସାରା ଦେଶରୁ ଚାଷୀ ଲଖିମପୁର ଖେରିରେ ପହଞ୍ଚି ରାତି ୮ଟାରେ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାର କରିବା ଲାଗି ସମସ୍ତ ନାଗରିକ ସଂଗଠନକୁ ଅନୁରୋଧ କରାଯାଇଛି। ୧୫ ତାରିଖରେ ଚାଷୀଙ୍କ ଚିତାଭସ୍ମ ବିସର୍ଜନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯିବ।

# ଗୋଟିଏ ମଞ୍ଚରେ ଉଦ୍ଧବ, ରାଣେ



ଉଦ୍ଧବ ଠାକ୍‌ରେ



ନାରାୟଣ ରାଣେ

ନୂଆଦିଲ୍ଲୀ, ୯।୧୦

ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲାରେ ଶନିବାର ଏକ ବିମାନବନ୍ଦର ଉଦ୍‌ଘାଟନ ଅବସରରେ ପରସ୍ପରର ତୀବ୍ର ବିରୋଧୀ ଭାବେ ପରିଚିତ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏବଂ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଦେଶ ସ୍ୱାଧୀନ ହୋଇଥିବା ବର୍ଷ ଜଣାନାହିଁ କହି ରାଣେ ସମାଲୋଚନା କରିବା ସହ ସେ ସେଠାରେ ଉପସ୍ଥିତ ଥିଲେ ଚାପୁଡ଼ା ମାରିଥାନ୍ତେ ବୋଲି କହିଥିଲେ। ଏଭଳି ମନ୍ତବ୍ୟ ପାଇଁ ମହାରାଷ୍ଟ୍ର ପୋଲିସ ତାଙ୍କୁ ଗିରଫ କରିଥିଲା। ଏହା ପରେ ଦୁଇ ନେତା ପରସ୍ପରକୁ ସମାଲୋଚନା କରିବା ସହ ଗୋହି ଖୋଳା ଖୋଳିଥିଲେ। ଶିବସେନାରୁ ରାଣେ ବାହାରିଯିବାର ପ୍ରାୟ ୧୬ ବର୍ଷ ପରେ ଦୁଇ ନେତା ଗୋଟିଏ ମଞ୍ଚରେ ପ୍ରଥମ ଥର ପାଇଁ ଏକାଠି ହୋଇଛନ୍ତି।

# ମୋଦିଙ୍କ ପ୍ରଦର୍ଶନକୁ ୩୦.୬% ଲୋକଙ୍କ ନାପସନ୍ଦ

ନୂଆଦିଲ୍ଲୀ, ୯।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନରେ ୩୦.୬ ପ୍ରତିଶତ ଲୋକ ସନ୍ତୁଷ୍ଟ ନ ଥିବା ଏକ ଜନମତ ସର୍ଭେରୁ ଜଣାପଡ଼ିଛି। ଏବିପି-ସିଭୋଟର-ଆଇଏଏନ୍‌ଏସ୍ ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ ଏବେ ବି ମୋଦିଙ୍କ ଲୋକପ୍ରିୟତା ଅନ୍ୟ ନେତାମାନଙ୍କଠାରୁ ଆଗରେ ରହିଛି। ସାରା ଦେଶରେ ମୋଦିଙ୍କ ପ୍ରତି ୬୬.୪ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିବାବେଳେ ୪୦.୩ ପ୍ରତିଶତ ତାଙ୍କ କାର୍ଯ୍ୟରେ ବିଶେଷ ସନ୍ତୁଷ୍ଟ ନ ଥିବା କହିଛନ୍ତି। ୨୬.୧ ପ୍ରତିଶତ କେତେକାଂଶରେ ସନ୍ତୁଷ୍ଟ ଥିଲେ ହେଁ କରୋନା ମହାମାରୀର ଦ୍ୱିତୀୟ ଲହର ବେଳେ ତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ମତ ଦେଇଛନ୍ତି। ମଣିପୁରରେ ମୋଦିଙ୍କ ପ୍ରତି ସର୍ବାଧିକ ୫୧.୨ ପ୍ରତିଶତ ସମର୍ଥନ ରହିଥିବାବେଳେ ଉତ୍ତରାଖଣ୍ଡରେ ୪୭ ଏବଂ ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶରେ ୪୩.୩ ପ୍ରତିଶତ ସମର୍ଥନ ରହିଛି। ଗୋଆରେ ୩୫.୮ ପ୍ରତିଶତ ମୋଦଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିବା କହିଛନ୍ତି।

## ଅନ୍ୟ ଖବର

# ଭିଜିଲାନ୍ସ ଜାଲରେ ୩ ଅଧିକାରୀ

## ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଏସ୍‌ପିସିବିର ୨ ଆଞ୍ଚଳିକ ଅଧିକାରୀ ଫସିଲେ

କଟକ ଅଫିସ/ଯାଜପୁର ଟାଉନ୍ (ଡି.ଏନ୍.ଏ), ୯।୧୦

କେନ୍ଦୁଝର ଜିଲା ଶାଳପଡ଼ାର ବୈତରଣୀ ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ବିଧାନ ଚନ୍ଦ୍ର ସାହୁ ଶନିବାର ଏକ କାର୍‌ରେ ଟଙ୍କା ଧରି କଟକସ୍ଥିତ ନିଜ ଘରକୁ ଯାଉଥିଲେ। ଏକଥା ଭିଜିଲାନ୍ସ ଟିମ୍ ଜାଣିବା ପରେ କଟକ ଭିଜିଲାନ୍ସ ଏସ୍‌ପି ଅକ୍ଷୟ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ପାଣିକୋଇଲିରୁ କୁଆଖିଆ ମଝିରେ ଜଗି ରହିଥିଲେ। ଖବରପାଇ ସାହୁ ରାସ୍ତା ବଦଳାଇ ଯାଜପୁରଟାଉନ ଦେଇ ଯିବାକୁ ଚେଷ୍ଟା କରିଥିଲେ। ହେଲେ ଯାଜପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଏନ୍‌ସି କଲେଜ ନିକଟରେ ଅଟକାଇଥିଲା। ଯାଞ୍ଚ ସମୟରେ ସାହୁଙ୍କ କାର୍‌ରୁ ୧୦ଲକ୍ଷ ୭ହଜାର ୬୨୦ଟଙ୍କା ମିଳିଥିଲା। ଏତେ ଟଙ୍କା କେଉଁଠୁ ଆଣିଛନ୍ତି, ସେନେଇ ସନ୍ତୋଷଜନକ ଉତ୍ତର ଯନ୍ତ୍ରୀ ଭିଜିଲାନ୍ସ ଅଧିକାରୀଙ୍କୁ ଦେଇପାରି ନ ଥିଲେ। ପରେ ଅଧିକ ତଦନ୍ତପାଇଁ ତାଙ୍କୁ ଜେରା କରୁଛି ଭିଜିଲାନ୍ସ। ଅନ୍ୟପକ୍ଷରେ ଯନ୍ତ୍ରୀଙ୍କ କେନ୍ଦୁଝରସ୍ଥିତ କାର୍ଯ୍ୟାଳୟ ଓ କଟକ ମହତାବ ରୋଡ୍‌ସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଏକ ମାମଲା(ନଂ.୧୬/୨୧) ରୁଜୁକରି ତଦନ୍ତ ଜାରି ରଖିଛି। ଅନ୍ୟ ୨ଟି ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ରାଉରକେଲା ଏବଂ ବାଲେଶ୍ୱର ଡିଭିଜନର ଆଞ୍ଚଳିକ ଅଧିକାରୀ ପ୍ରକାଶ କୁମାର ମହାପାତ୍ର ଏବଂ ନରୋତ୍ତମ ବେହେରାଙ୍କୁ ମଧ୍ୟ ଭିଜିଲାନ୍ସ କାବୁକରି ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଜବତ କରିଛି। ଉକ୍ତ ଟଙ୍କା କେଉଁଠୁ ଆଣିଲେ, ତା'ର ହିସାବ ମାଗିଥିବାବେଳେ ୨ଅଧିକାରୀ ସନ୍ତୋଷଜନକ ଉତ୍ତର ଦେବାରେ ସଫଳ ହୋଇପାରି ନାହାନ୍ତି। ଉଭୟ ଅଧିକାରୀଙ୍କୁ ଭିଜିଲାନ୍ସ ଅଧିକାରୀ ଅଟକ ରଖି ପଚରାଉଚୁରା କରୁଛନ୍ତି। ରାଉରକେଲା ଆଞ୍ଚଳିକ ଅଧିକାରୀ ମହାପାତ୍ର ରାଉରକେଲାରୁ ଫେରୁଥିବାବେଳେ ଭୁବନେଶ୍ୱରଠାରେ ଭିଜିଲାନ୍ସ ହାବୁଡ଼ରେ ପଡିଥିଲେ। ତାଙ୍କଠାରୁ ଭିଜିଲାନ୍ସ ଅଧିକାରୀ ୧ଲକ୍ଷ ୭୫ ହଜାର ୮୧୦ ଟଙ୍କା ଜବତ କରିଛନ୍ତି। ମହାପାତ୍ରଙ୍କ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ବାସଭବନ ଉପରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଏକ ମାମଲା(ନଂ. ୨୯/୨୧) ରୁଜୁ କରି ତାଙ୍କୁ ଗିରଫ କରିଛି। ସେହିପରି ଏସ୍‌ପିସିବିର ବାଲେଶ୍ୱର ଆଞ୍ଚଳିକ ଅଧିକାରୀ ବେହେରା ବାଲେଶ୍ୱରରୁ ଭୁବନେଶ୍ୱର ଏକ ଇନୋଭା କାର୍‌ରେ ଫେରୁଥିବାବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀ କଟକ ଟାଙ୍ଗୀ ତନଖି ଫାଟକ ନିକଟରେ ଯାଞ୍ଚ କରିଥିଲେ। ଏହି ସମୟରେ ତାଙ୍କଠାରୁ ନଗଦ ୮୯ହଜାର ୨୯୦ ଟଙ୍କା ମିଳିଥିଲା। ଟଙ୍କା ଓ କାର୍‌କୁ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି। ଅଧିକ ତଦନ୍ତ ପାଇଁ ବେହେରାଙ୍କ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟ ଓ ଭୁବନେଶ୍ୱର ସତ୍ୟନଗରସ୍ଥିତ ଭଡ଼ା ଘରକୁ ଯାଞ୍ଚ କରାଯିବା ସହ ତଦନ୍ତ ଜାରି ରହିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ପକ୍ଷରୁ ମାମଲା(ନଂ. ୧୭/୨୧) ରୁଜୁ କରାଯାଇଥିବା ଭିଜିଲାନ୍ସ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ୧୩ ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତି

ନୂଆଦିଲ୍ଲୀ, ୯।୧୦(ପି.ଟି.)

୮ ଜଣ ବିଚାରପତିଙ୍କୁ ଶନିବାର ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ମିଳିଛି। କୋଲକାତା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ରାଜେଶ ବିନ୍ଦଲଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ମେଘାଳୟର ଜଷ୍ଟିସ୍ ରଞ୍ଜିତ୍ ଭି ମୋରେଙ୍କୁ ସେହି ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି। ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ପକ୍ଷରୁ ପ୍ରକାଶିତ ତାଲିକା ଅନୁଯାୟୀ କର୍ଣ୍ଣାଟକ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କୁ ତେଲଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ପ୍ରକାଶ ଶ୍ରୀବାସ୍ତବଙ୍କୁ କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି। ହିମାଚଳପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଆର୍.ଭି. ମାଲିମଠଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି। ଆଲ୍ଲାହାବାଦ ହାଇକୋର୍ଟର ରିତୁରାଜ ଅୱସ୍ତିଙ୍କୁ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ କରାଯାଇଥିବାବେଳେ ଉକ୍ତ ହାଇକୋର୍ଟର ଜଷ୍ଟିସ ଅରବିନ୍ଦ କୁମାରଙ୍କୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ମିଳିଛି। ଛତିଶଗଡ଼ ହାଇକୋର୍ଟର ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଛି। ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ଏ.ଏ. କୁରେଶୀଙ୍କୁ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଛି। ସେହିପରି ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତିଙ୍କୁ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି କରାଯାଇଥିବାବେଳେ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକଙ୍କୁ ହିମାଚଳପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଛି। ମେଘାଳୟ ହାଇକୋର୍ଟର ମୁଖ୍ୟ ଥିବା ଜଷ୍ଟିସ ବିଶ୍ୱନାଥ ସୋମାଦରଙ୍କୁ ସିକ୍କିମ ହାଇକୋର୍ଟ ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଏ.କେ. ଗୋସ୍ୱାମୀଙ୍କୁ ଛତିଶଗଡ଼ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ବଦଳି କରାଯାଇଛି।

# ଆଣ୍ଡାମାନରେ ଘୂର୍ଣ୍ଣିବଳୟ: ୨ ଦିନରେ ଲଘୁଚାପ

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ମୌସୁମୀର ବିଦାୟ ପର୍ବ ଆରମ୍ଭ ହେବାକୁ ଯାଉଥିବା ବେଳେ ଶନିବାର ଉତ୍ତର ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ରବିବାର କିମ୍ବା ସୋମବାର ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏଥିସହିତ ଆଉ ଏକ ଲଘୁଚାପ ୧୩ ତାରିଖ ସୁଦ୍ଧା ସୃଷ୍ଟି ହେବାର ସମ୍ଭାବନା ରହିଛି। ଉଭୟ ଲଘୁଚାପ ଆଣ୍ଡାମାନ ଉପକୂଳରେ ୩ ରୁ ୪ ଦିନ ରହି ବଳ ଗୋଟାଇବ। ଏହା ୧୫ ତାରିଖ ରାତି କିମ୍ବା ୧୬ ତାରିଖ ସକାଳେ ପଶ୍ଚିମ- ଉତ୍ତର ପଶ୍ଚିମ ଦିଗ ଦେଇ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶର କଳିଙ୍ଗପଟନମ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଏହା ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। ଲଘୁଚାପ ରୂପ ନେବା ପରେ ଏହା ଅଧିକ ଘନୀଭୂତ ହେବ କି ନାହିଁ ତାହା ଆସନ୍ତା ୨/୪ ଦିନ ମଧ୍ୟରେ ସ୍ପଷ୍ଟ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଏସ୍.ଆର. ବିଶ୍ୱାସ କହିଛନ୍ତି।

ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଓଡ଼ିଶାରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବାପାଇଁ ପାଗ ଅନୁକୂଳ ହୋଇଛି। ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗଡ଼ା ଜିଲାରୁ ମୌସୁମୀ ଫେରିବା ଆରମ୍ଭ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଜିଲାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବ। ଶନିବାର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ୯ ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ଜୁନ୍‌ରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ ଅଧିକ ହୋଇଥିବା ବେଳେ ଜୁଲାଇରେ ୨୦ ପ୍ରତିଶତ କମ୍ ଏବଂ ଅଗଷ୍ଟରେ ୪୪ ପ୍ରତିଶତ କମ୍ ବର୍ଷା ହୋଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୮୧,୯୬,୨୮୦ | ୪୮,୬୦,୫୬୮ | ୨୧,୫୩,୩୪,୧୪୫ |
| ଭାରତ | ୩,୩୯,୫୦,୯୬୬ | ୪,୫୦,୬୦୧ | ୩,୩୨,୬୨,୫୩୪ |
| ଓଡ଼ିଶା | ୧୦,୩୧,୦୪୪ | ୮୨୪୨(+୫୩) | ୧୦,୧୮,୩୧୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ନବଜାତ ଶିଶୁକନ୍ୟା ମୃତଦେହ ଜବତ

ଯାଜପୁର ଟାଉନ,୯।୧୦(ଡି.ଏନ.ଏ.): ଯାଜପୁର ସହର ନିକଟସ୍ଥ ଦେବୀଦ୍ୱାର ହରିପୁର ଗ୍ରାମରୁ ଶନିବାର ଏକ ନବଜାତ ଶିଶୁକନ୍ୟା ମୃତଦେହ ଜବତ କରାଯାଇଛି। ଯାଜପୁର ଟାଉନ୍ ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ତେବେ ମୃତଦେହକୁ ଏକ ଜରିରେ ବାନ୍ଧି ରାସ୍ତାକଡ଼ ବଣରେ କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ମୃତ ଶିଶୁକନ୍ୟା ୨/୩ ଦିନର ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

# ରେଭ୍ ପାର୍ଟି ଉପରେ କଡ଼ା ନଜର

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

ପାର୍ବଣ ଭିଡ଼ ଓ ସଂକ୍ରମଣ ଏଡ଼ାଇବା ପାଇଁ ଗତବର୍ଷ ଭଳି ଚଳିତ ବର୍ଷ କଟକଣା ମଧ୍ୟରେ ଦୁର୍ଗାପୂଜା ପାଳନ ହେବ। ତେବେ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ଶାନ୍ତିଶୃଙ୍ଖଳା ରକ୍ଷା ସହ ପୂଜା କଟକଣାକୁ କଡ଼ାକଡ଼ି କରିବ କମିଶନରେଟ ପୋଲିସ। ଏଥିପାଇଁ ପୋଲିସ ପୂରା ସଜାଗ ରହିଥିବାବେଳେ ଆସନ୍ତା ୧୧ ତାରିଖରୁ ନାଇଟ୍ କର୍ଫ୍ୟୁ ଲାଗୁ ହେବ। ରାତି ୮ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହିବ। ଏହି ସମୟରେ ଦୋକାନ ବଜାର, ମଲ୍, ବାର୍ ଆଦି ବନ୍ଦ ରହିବ। ବିଶେଷକରି ବିଭିନ୍ନ ବାର୍ ଓ ହୋଟେଲରେ ଚାଲୁଥିବା ରେଭ୍ ପାର୍ଟି ଉପରେ କଡ଼ା ନଜର ରହିବ। ଯେଉଁମାନେ ଆଇନକୁ ହାତକୁ ନେବେ ଓ ଅମାନ୍ୟ କରିବେ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

### ପାର୍ବଣ ପାଇଁ ୧୧ରୁ ନାଇଟ୍ କର୍ଫ୍ୟୁ

■ ଅମାନିଆ ହେଲେ ବାନ୍ଧିବ ପୋଲିସ

ଶନିବାର ପୋଲିସ ସେବା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଶନର ପ୍ରିୟଦର୍ଶୀ କହିଛନ୍ତି, ସମସ୍ତ ଜୀବନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜୀବନ ଆଗ ପାର୍ବଣ ପଛ। ପୂଜା ମଣ୍ଡପ ଚାରିପଟେ କପଡା ଢଙ୍କାଯିବା ସହ ୭ ଜଣରୁ ଅଧିକ ଲୋକ ପୂଜା ମଣ୍ଡପରେ ନ ରହିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହିପରି ପୂଜା ମଣ୍ଡପ ଭିତରେ ଆଲୋକ ସଜ୍ଜାରେ କୌଣସି କଟକଣା ରହିନାହିଁ। ମାତ୍ର ପୂଜା ମଣ୍ଡପ ବାହାରେ କୌଣସି ଆଲୋକ ତୋରଣ ସଜାଯିବ ନାହିଁ କି ଡାକବାଜି ଯନ୍ତ୍ର ବଜେଇ ପାରିବେ ନାହିଁ। ଏଥିସହ ପୂଜା ପରେ ଭସାଣି ନେଇ କୌଣସି ପ୍ରସେଶନ କରାଯିବ ନାହିଁ। କୋଭିଡ୍ କଟକଣା ଭିତରେ ଭସାଣି କିପରି ସୁରୁଖୁରୁରେ କରାଯିବ ସେ ନେଇ ସ୍ଥାନୀୟ ପ୍ରଶାସନ ନିଷ୍ପତ୍ତି ନେବ। ଅତୀତରେ ଆମେ ଟୁଇନ୍ ସିଟିବାସୀ ଯେପରି ଭାବେ କୋଭିଡ୍ କଟକଣା ଓ ନାଇଟ କର୍ଫ୍ୟୁକୁ ପାଳନ କରୁଥିଲେ, ଚଳିତଥର ସମାନ ଭାବେ କଡାକଡି ପାଳନ କରିବା। ଏହାର ଏକମାତ୍ର ଲକ୍ଷ୍ୟ ହେଉଛି କୋଭିଡ୍ ମହାମାରୀର ପ୍ରକୋପକୁ କିପରି ହ୍ରାସ କରିବା। ଏବେବି ଅନେକ ସ୍ଥାନରେ କୋଭିଡ୍ ମାମଲା ଦେଖିବାକୁ ମିଳୁଛି। ତେଣୁ ଟୁଇନ୍ ସିଟିବାସୀ ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେବାକୁ କମିଶନର ପ୍ରିୟଦର୍ଶୀ ଅନୁରୋଧ କରିଛନ୍ତି। ହେଲେ ଯେଉଁମାନେ ଅମାନିଆ ହେବେ, ରେଭ୍ ପାର୍ଟିରେ ଆଇନ ଉଲ୍ଲଂଘନ ହେଉ ବା ଦାଦାବଟି ଆଦାୟ ସହ ଆପରାଧିକ କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ମଧ ବହୁ ଉଲ୍ଲଂଘନକାର ବନ୍ଧା ହୋଇଛନ୍ତି। ଆଗକୁ ଆବଶ୍ୟକ ପଡ଼ିଲେ ଗିରଫ କରାଯିବ ବୋଲି ପୋଲିସ କମିଶନର ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ୨ ଭଉଣୀ ମୃତ

**ମାଲକାନଗିରି,୯।୧୦ (ଡି.ଏନ.ଏ.)**

ମାଲକାନଗିରି ଆଦର୍ଶ ଥାନା ହୁଭୁପା ପଞ୍ଚାୟତ ମଙ୍ଗ ଗ୍ରାମରେ ଶନିବାର ଖେଳୁଥିବା ବେଳେ ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ ଘଟିଛି। ଓମ୍ ପଡ଼ିଆମି ଓ ତାଙ୍କ ସ୍ତ୍ରୀ କାମକୁ ଯାଇଥିବାବେଳେ ଝିଅ ରାଜେଶ୍ୱରୀ (୬) ଓ ଶିବାନୀ (୩) ପୂର୍ବାହ୍ନ ୧୧ଟାରେ ଗ୍ରାମ ପୋଖରୀ ହୁଡ଼ାରେ ଖେଳୁଥିଲେ। ଏହି ସମୟରେ ହଠାତ୍ ଶିବାନୀ ପୋଖରୀ ଭିତରେ ପଡ଼ିଯାଇଥିଲେ। ତାଙ୍କୁ ରକ୍ଷା କରିବାକୁ ଯାଇ ବଡ଼ଭଉଣୀ ରାଜେଶ୍ୱରୀ ପୋଖରୀରେ ପଶିଥିଲେ। କିନ୍ତୁ ଉଭୟେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି କେତେଜଣ ଗ୍ରାମବାସୀ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଏବଂ ଗ୍ରାମବାସୀ ପୋଖରୀରେ ଖୋଜାଖୋଜି କରି ଦୁଇଭଉଣୀଙ୍କ ମୃତଦେହ ପାଇ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମାଲକାନଗିରି ଆଦର୍ଶ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।









**ଆଜିର ମନ୍ତବ୍ୟ**

ରାଜନୈତିକ ଦଳଗୁଡ଼ିକ ସମ୍ବିଧାନର ଭାବନାକୁ ପ୍ରୋତ୍ସାହିତ କରିବାରେ ବିଫଳ ହୋଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଭାରତରେ ସଂଖ୍ୟାଲଘୁଙ୍କ ସଂଜ୍ଞା ନିରୂପଣ କରିପାରିନାହାନ୍ତି। **–ଆରିଫ୍ ମହମ୍ମଦ ଖାନ୍, କେରଳ ରାଜ୍ୟପାଳ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଡ଼ିଆ
ପରିବାରବର୍ଗ


ଇଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସୁପର ଡ୍ୟାନ୍ସର ଚାପ୍ଟର ୪ ଜିତିଲେ ଫ୍ଲୋରିନା

ମୁମ୍ବାଇ, ୯।୧୦: ସୋନି ଟିଭିରେ ପ୍ରସାରିତ ଡ୍ୟାନ୍ସ ରିଅଲିଟି ଶୋ' ସୁପର ଡ୍ୟାନ୍ସର ଚାପ୍ଟର-୪ର ବିଜେତା ହୋଇଛନ୍ତି ଆସାମର ଫ୍ଲୋରିନା ଗୋଗଇ। ଟାଇଟଲ ବିଜୟୀନୀ ୭ ବର୍ଷୀୟା ଫ୍ଲୋରିନାଙ୍କୁ ୧୫ ଲକ୍ଷ ଏବଂ ତାଙ୍କ ମେଣ୍ଟର ତଥା ଗୁରୁ ତୁଷାର ସେଟ୍ଟୀଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ପ୍ରଥମ ରନର୍ସ ଅପ୍ କର୍ଣ୍ଣାଟକର ପୃଥ୍ୱୀରାଜ ଓ ତାଙ୍କ ଗୁରୁ ଶୁଭ୍ରନୀଲ ପଲ୍ଙ୍କୁ ଲକ୍ଷେ ଟଙ୍କା ଲେଖାଏ ସହ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଛି।



**ପ୍ରଥମ ପୃଷ୍ଠାରୁ...**

## ଥାନାରେ ବଳାତ୍କାର ...

ସେ ସେହି ଗ୍ରାମର ଯୁବକ ବୋଲି ମହିଳା ଜଣକ ଜାଣିଦେଇଥିଲେ। ଥାନାରେ ଅଭିଯୋଗ କଲେ ମାରିଦେବାକୁ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇଥିଲେ। ମହିଳା ଜଣକ ଫୋନ କରି ଥାନାକୁ ଜଣାଇବା ପରେ ପୋଲିସ ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା ପାଇଁ ନେଇଥିଲା। ଥାନାରେ ୪ ଘଣ୍ଟା ବସି ନିରାଶ ହୋଇ ଫେରିବା ପରେ ୬ ତାରିଖରେ ପୀଡ଼ିତା ସର୍କଲ ଅଫିସରଙ୍କୁ ଅଭିଯୋଗ କରିଥିଲେ। ସେଠାରେ ମଧ୍ୟ ସମ୍ପୃକ୍ତ ଅଧିକାରୀ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଗ୍ରହ ଦେଖାଇ ନ ଥିଲେ। ୮ ତାରିଖରେ ମହିଳା ଜଣକ ଏସ୍‌ପିଙ୍କୁ ସାକ୍ଷାତ କରିଥିଲେ। ହେଲେ ଏସ୍‌ପି ତାଙ୍କୁ ପୁଣି ଥାନାକୁ ଯିବାକୁ କହିଥିଲେ। ତେଣୁ ଶନିବାର ମେହନାଜପୁର ଥାନାକୁ ଆସି ପୋଲିସକୁ ଗୁହାରି କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ନିରାଶ ହୋଇ ସେଠାରେ ବିଷ ପିଇଦେଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଏସ୍‌ପି ସିଂ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନେ ଖାଇଲେ ନୁହେଁଟି ଗଣ୍ଡି**
**ଝୁରି ମରୁଥାଏ ପୁରୁବ ଖଣ୍ଡି**

ଦିନେ ଅଧେ ଭଲ ସ୍ୱାଦିଷ୍ଟ ଖାଦ୍ୟ ଖାଇଦେଲେ ଯେ ସ୍ୱାସ୍ଥ୍ୟ ଲାଗିଯିବ ସେଭଳି ଭାବିବା ମୂର୍ଖାମି ହୋଇଥାଏ। ପରନ୍ତୁ ଭଲ ଭଲ ସୁଆଦିଆ ଜିନିଷ ଥରେ ପାଟିରେ ଲାଗିଗଲେ ସେଭଳି ଖାଦ୍ୟ ପ୍ରତି ମନରେ ଏକପ୍ରକାର ଲାଳସା ଭାବନା ଆସିଯାଏ, ସବୁଦିନେ ସେପରି ଜିନିଷ ଖାଇବାକୁ ମନ ଝୁରିହୁଏ। ତେଣୁ ନିଜର ଯେତିକି ଅଛି ସେତିକିରେ ଖାଇ ପିଇ ସନ୍ତୁଷ୍ଟ ରହିବା ହିଁ ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିନ ଯାଏ,**
**କଥା ରହେ।**

ବେଳେବେଳେ କିଛି କଟୁ କଥା ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନ ଥାଏ। ଅପମାନର ସ୍ମୃତି ବହୁଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ –
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## କେନ୍ଦ୍ରମନ୍ତ୍ରୀଙ୍କ ପୁଅ ...

ଆଶିଷଙ୍କ ଦୁଇଜଣ ଘନିଷ୍ଠ ସହଯୋଗୀ ଲବକୁଶ ଏବଂ ଆଶିଷ ପାଣ୍ଡେଙ୍କୁ ପୋଲିସ ଗିରଫ କରିଛି। ହତ୍ୟା, ଅପରାଧ ଷଡ଼ଯନ୍ତ୍ର, ଦଙ୍ଗା ଆଦି ଅଭିଯୋଗରେ ଆଶିଷ ମିଶ୍ରାଙ୍କ ସମେତ ୧୫ରୁ ୨୦ ଜଣ ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଶନିବାର ଜେରା ପୂର୍ବରୁ କ୍ରାଇମବ୍ରାଞ୍ଚ ଅଫିସ ଆଗରେ ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଭାଜପା କର୍ମୀମାନଙ୍କ ଭିଡ଼ ଲାଗିଥିଲା। ଗଣମାଧ୍ୟମକୁ ଏଡ଼ାଇବା ପାଇଁ ତାଙ୍କୁ ପଛଦ୍ୱାର ଦେଇ କାର୍ଯ୍ୟାଳୟ ଭିତରକୁ ନିଆଯାଇଥିଲା। ଆଶିଷଙ୍କର କୌଣସି ଦୋଷ ନାହିଁ, ତାଙ୍କୁ ହିଂସା ମାମଲାରେ ଫସାଇ ଦିଆଯାଇଛି ବୋଲି ଭାଜପା କର୍ମୀମାନେ ବାହାରେ ସ୍ଲୋଗାନ ଦେଇଥିଲେ।

## ସୁନାମି ଭୟରେ ...

ତାଲିମ କାର୍ଯ୍ୟ ଶେଷ ହୋଇଛି। ୟୁନେସ୍କୋ ପକ୍ଷରୁ ଉକ୍ତ ଦୁଇ ଗ୍ରାମକୁ ସୁନାମି ପ୍ରସ୍ତୁତି (ସୁନାମି ରେଡି) ଗ୍ରାମ ଭାବେ ଘୋଷଣା କରାଯାଇଛି। ଉକ୍ତ ଦୁଇ ଗ୍ରାମ ଭଳି ଚିହ୍ନଟ ହୋଇଥିବା ଗ୍ରାମଗୁଡ଼ିକୁ ସୁନାମି ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି।

ସୁନାମିରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କ ସହ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୧୨୨ ଗ୍ରାମରେ ଥିବା ଶିକ୍ଷକ, ବିଡିଓ, ଭିଏଲ୍‌ଡବ୍ଲ୍ୟୁ, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଗ୍ରାମବାସୀ, ୱାର୍ଡମେମ୍ବର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଦିଙ୍କୁ ତାଲିମ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ରାଜ୍ୟ ସରକାର ୭.୧୭ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଶିକ୍ଷକମାନଙ୍କର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଓଏସ୍‌ଡିଏମ୍‌ଏ ପକ୍ଷରୁ ସୂଚନା ଦିଆଯାଇଛି। ମୋବାଇଲ ଏସ୍‌ଏମ୍‌ଏସ୍, ଡିଜିଟାଲ ରେଡିଓ ଏବଂ ସାଇରନ ମାଧ୍ୟମରେ ଲୋକମାନଙ୍କୁ ସୁନାମି ଆସିବା ପୂର୍ବରୁ ସତର୍କ ସୂଚନା ଦିଆଯିବ। ଏହି ଖବର ପାଇବା ମାତ୍ରେ ଲୋକମାନେ କେଉଁ ସ୍ଥାନକୁ ଯିବେ ସେ ନେଇ ତାଲିମ ଦିଆଯାଇଛି। ଆଇଏନ୍‌ସିଓଆଇଏସ୍ ସୁନାମି ସୂଚନା ଦେବା ମାତ୍ରେ ସମୁଦ୍ରକୂଳ ଟାୱାରଗୁଡ଼ିକରେ ଥିବା ସାଇରନ ବାଜିଉଠିବ। ଏହାର ଶବ୍ଦ ପ୍ରାୟ ଦେଢ଼ କିଲୋମିଟର ଯାଏ ଶୁଣାଯିବ। ଏହି ଶବ୍ଦ ଶୁଣିବା ମାତ୍ରେ ତାଲିମପ୍ରାପ୍ତ ଲୋକମାନେ ଅନ୍ୟ ଲୋକମାନଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେବେ। ଲୋକମାନଙ୍କୁ ପ୍ରାୟ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ତୁରନ୍ତ ସ୍ଥାନାନ୍ତର କରାଯିବ। ଆଇଏନ୍‌ସିଓଆଇଏସ୍‌କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ରାଜ୍ୟ ଆଇଏମ୍‌ଡି ଆଞ୍ଚଳିକ ଶାଖା କାର୍ଯ୍ୟାଳୟକୁ ସୂଚନା ଆସିବ। ରାଜ୍ୟ ସରକାରଙ୍କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ସୁନାମିପ୍ରବଣ ଜିଲା, ବ୍ଲକ, ପଞ୍ଚାୟତଗୁଡ଼ିକୁ ତତ୍କ୍ଷଣାତ ଜଣାଇ ଦିଆଯିବ। ଏହା ଏକ ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ହୋଇଥିବାରୁ ଏଥିପାଇଁ ଅଧିକ ସତର୍କ ହେବାକୁ ପଡ଼ିବ। ଆଧୁନିକ ଜ୍ଞାନକୌଶଳକୁ ଉପଯୋଗ କରି ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ ଲୋକଙ୍କୁ ରକ୍ଷା କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆରସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

## ୯ ଦିନରେ ୮ଥର ...

ଏବଂ ପେଟ୍ରୋଲ ୧୦୪.୭୫ ଟଙ୍କାରେ କାରବାର ହେଉଛି। ଗତ ୧୫ଦିନ ମଧ୍ୟରେ ପେଟ୍ରୋଲ ୨.୭୧ ଟଙ୍କା ଏବଂ ଡିଜେଲ ୪.୨୪ ଟଙ୍କା ବୃଦ୍ଧି ପାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ମତବ୍ୟକ୍ତ କରିଛନ୍ତି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୧୦୧.୧୯ ଟଙ୍କା ଓ ପେଟ୍ରୋଲ ୧୦୫.୧୦ ଟଙ୍କାରେ ପହଞ୍ଚିଛି।

ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୩୫ ପଇସା ଏବଂ ପେଟ୍ରୋଲ ୩୦ ପଇସା ବଢ଼ିଛି। ଏହା ଫଳରେ ସେଠାରେ ଡିଜେଲ ଲିଟର ପିଛା ୯୨.୪୭ ଟଙ୍କା ଏବଂ ପେଟ୍ରୋଲ ୧୦୩.୮୪ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ପେଟ୍ରୋଲ ୨.୭୦ ଟଙ୍କା ଏବଂ ଡିଜେଲ ୩.୮୫ ଟଙ୍କା ବଢ଼ିଥିବା ଜଣାପଡ଼ିଛି। ଗତ ସେପ୍ଟେମ୍ବର ୨୪ରୁ ଡିଜେଲ ଦର ସହ କ୍ରମାଗତ ଭାବେ ତୈଳ ଦର ବୃଦ୍ଧି ପାଇଚାଲିଛି ବୋଲି ତୈଳ ନିଗମ ସୂଚନା ଦେଇଛି। ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୩୩ରୁ ୩୭ ପଇସା ବଢ଼ି ଯଥାକ୍ରମେ ୯୬.୯୩ ଟଙ୍କା, ୯୫.୫୮ ଟଙ୍କା ଏବଂ ୧୦୦.୨୯ ଟଙ୍କାରେ ପହଞ୍ଚିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଲିଟର ପିଛା ୨୬ରୁ ୨୯ ପଇସା ବୃଦ୍ଧି ଘଟି ଯଥାକ୍ରମେ ୧୦୧.୨୭ ଟଙ୍କା, ୧୦୪.୫୨ ଟଙ୍କା ଏବଂ ୧୦୯.୮୩ ଟଙ୍କାରେ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। କାଳେ କିଛି ଦେବାକୁ ପଡ଼ିବ,ଏହି ଭାବନାରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ପରିବହନ,ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
ଆଜି ମାପିଚୁପି ନ ଚଳିଲେ କଳହ ଲାଗିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ପରିବାର ଭିତରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବାର ସମ୍ଭାବନା ରହିଛି। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**କର୍କଟ**
ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ**
ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ନ ହେଲେ ପରେ ଅନୁତାପ କରିବାକୁ ପଡ଼ିବ। କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ମନ ବିଚଳିତ ରହିବ। ଆତ୍ମୀୟଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଗ୍ରହପ୍ରଭାବରୁ ଆଜି କୌଣସି ସମସ୍ୟା ଆପଣଙ୍କୁ ବିଚଳିତ କରିପାରିବ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି ଆଣିପାରନ୍ତି। ବିବାଦୀୟ ଘଟଣାରେ ନିଜ ପରିସରର ଲୋକମାନଙ୍କ ସମର୍ଥନ ମିଳିବ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ଲାଗି ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ**
ମତଭେଦ ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଜିର ସଭାସମିତିରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସଫଳତା ପାଇବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଆଜିର ଯାତ୍ରା, ଯୋଗାଯୋଗ, ଗଣମାଧ୍ୟମ, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମକର**
ଆଜି କୌଣସି କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିବାର ଆଶଙ୍କା ରହିଛି।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। ବନ୍ଧୁଙ୍କ ସାହାଯ୍ୟରୁ ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମରେ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦ ପ୍ରଭୃତିରେ ଉପକୃତ ହେବେ।

**ମୀନ**
ପରିବାର ମଧ୍ୟରେ ବିଭିନ୍ନ ସମସ୍ୟାକୁ ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।



# classifieds

**Everyday**
**0674-2580101, 2549302**




**BRIDE WANTED**

Hindu Brahmin 53 years 5'4", Central Govt. Service widow & divorce allowed, caste no bar. M: 9008374112. D-21845

ନିଜସ୍ୱ ରୋଜଗାର ଥିବା ଭୁବନେଶ୍ୱରରେ ଅବସ୍ଥିତ କରଣ ୩୪ବର୍ଷ ୫ଫୁଟ ୯ଇଞ୍ଚ ପାତ୍ର ପାଇଁ ଯେକୌଣସି ଜାତିର ପାତ୍ରୀ ଆବଶ୍ୟକ। 8348602828. D-71427

Government ସ୍କୁଲ୍‌ରେ Head Master ଭାବେ କାର୍ଯ୍ୟରତ ୫୨ ବୟସ୍କ H-5'7" ଖଣ୍ଡାୟତ ପୁଅକୁ ଯେକୌଣସି ଜାତିର ଝିଅ ଆବଶ୍ୟକ। 7608010434. D-21926

Khandayat/ Karan bride preferable Software Employed at- BBSR/ Pune for candidate of 31yrs, 5'6" Software professional placed at-BBSR in MNC as Senior Consultant- Mob: 8455096990. D-21897

Khandayat Girl B-tech Sr.Engg MNC/ P.A 13lakhs. SUHAG. 7978399083/ 9090486408. D-21922

**GROOM WANTED**

Suitable Match invited for fair, Bengali Kayasta girl, 1995, 5'2", B.Tech, pursuing MBA. Father business man and mother Teacher, Baudpur, Bhadrak, Early marriage. Contact: 9437343898, 6371220090. D-69996

Government Hospital ରେ ଚାକିରି କରୁଥିବା 41 ବୟସ୍କା ନିଃସନ୍ତାନ ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ବରପାତ୍ର ଆବଶ୍ୟକ। 7381366103. D-21921

Age-53 Software Engineer Angul ସ୍ଥିତ ବଣିଆ ବିଧବା ମହିଳାଙ୍କୁ ଯେ କୌଣସି ଜାତିର ବରପାତ୍ର ଦରକାର। 9078416242. D-21920

49 ବୟସ୍କା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଛାଡ଼ପତ୍ର ପ୍ରାପ୍ତ ଝିଅଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 7681044808. D-21927




**SALE**

**Plot sale near AIIMS Hospital Bhubaneswar and Infocity-2. 943920602. D-71720**

"Puri Mangalaghat Baseli Sahi Thana front Land 1700sft. with two storey building of 2600sft. Call- 7008666376 / 9437164067". D-21928

**2/3 BHK flat 1k.m. AIIMS, Bhubaneswar and plots available. 7008492511. D-21900**

ପୁରୀ ଦକ୍ଷିଣ ଦ୍ୱାରଠାରୁ 5k.m., ସମୁଦ୍ରଠାରୁ 1k.m. ଗୁଡ଼ିଆସାହିରେ, 9.5x120) ଘର ବିକ୍ରିହେବ। 8763795928, 9861162562. D-70743

ଭୁବନେଶ୍ୱର ପୁରୀ ବାଇପାସ୍‌ରେ ବାଙ୍କୁଆଳ ମୌଜା, ଘରବାରି ପ୍ଲଟ୍ ବର୍ଗଫୁଟ ୧୬୫୦ ଟଙ୍କାରେ ମିଳୁଛି। ଯୋଗାଯୋଗ– ଫୋନ୍– **9827339640.** D-21901

Duplex, Simplex plots available in affordable price at Jagannathpur, Atala. 6372150338. D-21916

**ମାସିକ ମାତ୍ର 3690/- ଟଙ୍କା** କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-21745**

**Email** ମାଧ୍ୟମରେ
କ୍ଲାସିଫାଏଡ୍‌କୁ ବିଜ୍ଞାପନ
ପଠାଇବାର ଠିକଣା:-
classifieddharitri@gmail.com

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21816**

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

**ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703**

ପୁରୀ ମାଳତୀପାଟପୁର Busstand NHରୁ 1K.M. ଦୂରରେ sqft. 350/-ରେ possession plot ମିଳୁଛି। 9692213354. D-70497

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71177

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-ରେ ମିଳୁଛି। 9437033320.** D-71705

**4/5BHK Luxury Mega Duplex project are available at Balianta. Land-1400 and Construction- 2200-2600. 9938219397/ 9861022055. D-21904**

**GENERAL**

**SALE**

Labrador Pop's for sale, contact 104 Suryanagar, Unit-7, Bhubaneswar. 8260955763. D-71503

ନିଜର ପ୍ରିୟଜନମାନଙ୍କୁ
ଜନ୍ମଦିନର ଓ ବିବାହ ଶୁଭେଚ୍ଛା
ଜଣାନ୍ତୁ କେବଳ ଟ୨୧୦/-
ରେ। ରଙ୍ଗୀନ ଟ୪୨୦/-
ରେ। (ଫଟୋ ସହ) ବି.ଦ୍ର.:
ଶୁଭେଚ୍ଛା ୬ସେମି. (H) X
୪ସେମି. (W)
ହେବା ଆବଶ୍ୟକ।




3bed Room full furnished house at Club town apartment, Damana 3bed room semi furnished house at Jaydev Vihar. Contact: 9437060996. D-21896

2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425

Single rooms attached toilet near Sisupalgad College, Bhubaneswar. Contact: 9437764734. D-70745

Fully furnished commercial space Ground Floor (2000sqft.) at Prime location, Unit-9 area, Bhubaneswar. 9437057789. D-69997

2BR, hall, kitchen, drawing house at Dharmavihar near power substation back side Jagannath Temple for rent- 9341925427. D-70962

2 Room house with attached kitchen & bathroom near Khandagiri, Bhubaneswar. Contact-9437051142. D-21903

**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283. D-21912**

Tolet, Bank/Office/ Guest house, BJB Nagar, Bhubaneswar. Contact: 7205613099. D-70742




Ashirvaad Saloon and SPA get good massage for your health tha best therapy. 7077181074. D-70496

Refreshing your mind and body with the best therapy. 7873794731. D-71179

Refreshing your mind, your body with tha best therapy at Lotus SPA. 8018891951. D-70495

Newly open full body massage ladies and gents. 8327740003. D-70498

Newly open therapy center offer @ 799/-, positively health benefits. 7381172169. D-71424

Newly open SPA positively health benefits by expert therapist. 7846814019. D-71423

Newly Open Saikrupa Panchakarma Spa positively health benefits with Expert. 8984068077. D-21923

**AFFIDAVIT**

By virtue of an affidavit sworn before the Notary Public, Rourkela, I Sunita Barik, W/o. Kshiroda Chandra Barik, R/o. Q No- D/139, Sector 8, Rourkela, Dist. Sundargarh declared that after marriage I have changed my Name Surname from Sunitha Kumari Apot daughter of Ghasiram Apot to Sunita Barik. That both the names stands for one and same person. D-21928



## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଟପକ୍ଷୀ ମୃତ

ବାରଙ୍ଗ,୯।୧୦(ଡି.ଏନ୍.ଏ.): ନନ୍ଦନକାନନର ୭୧ଏ ନମ୍ବର ଏନକ୍ଲୋଜରରେ ରହୁଥିବା ଏକ ୯ବର୍ଷର ମାଈ ଓଟପକ୍ଷୀର ଶନିବାର ସକାଳେ ମୃତ୍ୟୁ ଘଟିଛି। ସୁସ୍ଥ ଥିବା ଏହି ଓଟପକ୍ଷୀଟି ହଠାତ ଅଚେତ ପଡିଥିବାର ଏନକ୍ଲୋଜର ସଫା କରିବାକୁ ଯାଇଥିବା ବେଳେ କର୍ମଚାରୀମାନେ ଶନିବାର ଦେଖିଥିଲେ। ଖବରପାଇ ଜନ୍ତୁ ବିଭାଗ କର୍ମଚାରୀ ଓ ବନ୍ୟପ୍ରାଣୀ ଚିକିତ୍ସକ ପହଞ୍ଚି ପରୀକ୍ଷା କଲାପରେ ଓଟପକ୍ଷୀଟିର ମୃତ୍ୟୁ ହୋଇଥିବା କହିଥିଲେ। ଓଟପକ୍ଷୀର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଓଟପକ୍ଷୀର ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୨କୁ ହ୍ରାସ ପାଇଛି। ଏହି ପକ୍ଷୀଟି ୨୦୧୪ରେ ତାମିଲନାଡୁର ଏକ ଘରୋଇ ଫାର୍ମ ହାଉସରୁ ଆସିଥିଲା।

# ସ୍ମାର୍ଟ କାର୍ଡ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ

ଦେବଗଡ଼, ୯।୧୦(ଡି.ଏନ୍.ଏ.)

- ଦେବଗଡ଼ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବିତରଣ ଶୁଭାରମ୍ଭ
- ୭ଶହ ୭କୋଟି ଟଙ୍କା ମୂଲ୍ୟର ୫୮ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

ଦେବଗଡ଼ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବିତରଣ ଶନିବାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରିମୋଟ ଦବାଇ ଭର୍ଚୁଆଲ ମାଧ୍ୟମରେ ସ୍ମାର୍ଟ କାର୍ଡ ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପ୍ରାୟ ୭ଶହ ୭କୋଟି ଟଙ୍କା ମୂଲ୍ୟର ୫୮ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ଗୃହ ଏବଂ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଶ୍ରମ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ରାଜ୍ୟ ସରକାରଙ୍କ ଏହି ଯୋଜନା ଅନ୍ୟାନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଅଭିନେତା, କଳାକାର କୁନା ତ୍ରିପାଠୀ ଓ ସୁଲତା ଦେଓଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ରହି ଏହି ଯୋଜନା ସହିତ ରାଜ୍ୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରାଗଲେ ଓଡ଼ିଶାବାସୀ ଅଧିକ ଉପକୃତ ହୋଇପାରନ୍ତେ ବୋଲି ମତବ୍ୟକ୍ତ କରିଥିଲେ।

ସଭା ଶେଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସମ୍ବନ୍ଧୀୟ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ରଥକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଓ ଗୃହମନ୍ତ୍ରୀ ମିଶ୍ର ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ, ଦେବଗଡ଼ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ସାମଲ, ଅମରେନ୍ଦ୍ର ଗଙ୍ଗଦେବ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଦେବଗଡ଼ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ଉପସ୍ଥିତ ଥିଲେ। ସଭା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ପହଞ୍ଚି ଦେବଗଡ଼ କଲେଜ ଓ ଟାଉନ କ୍ଲବ ସମେତ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେଇଥିଲେ।



ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଅବସରରେ ଶନିବାର ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ। ଦେବଗଡ଼ ଇନ୍‌ଡୋର ଷ୍ଟାଡିୟମଠାରେ ମନ୍ତ୍ରୀ ଓ ଅନ୍ୟମାନେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

## ୟୁପିଏସ୍‌ସି ଉତ୍ତୀର୍ଣ୍ଣ ପିଲାଙ୍କ ତଥ୍ୟ ମାଗିଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୯।୧୦(ବ୍ୟୁରୋ): ୧୦ ବର୍ଷ ମଧ୍ୟରେ ଓଡ଼ିଶାରୁ କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ତାଲିକା ପାଇଁ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଚିଠି ଲେଖିଛନ୍ତି। ଓଡ଼ିଶାରୁ କିପରି ଅଧିକ ପିଲା ସଫଳତା ପାଇବେ ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରଶାସନିକ ସେବା ଆଶାୟୀ ପ୍ରାର୍ଥୀଙ୍କ ପାଇଁ କୋଚିଂ ନିମନ୍ତେ ଏକ ନୂଆ ଯୋଜନା ପ୍ରସ୍ତୁତ କରିବାକୁ ଯାଉଛି। କିନ୍ତୁ ପ୍ରଶାସନିକ ସେବା ପରୀକ୍ଷାରେ ଓଡ଼ିଶାର ପ୍ରାର୍ଥୀଙ୍କ ସଂଖ୍ୟା ସମ୍ପର୍କରେ ପ୍ରତିବର୍ଷର ତଥ୍ୟ ଉପଲବ୍ଧ ନ ଥିବାରୁ ଯୋଜନା ପ୍ରସ୍ତୁତ କରିବା କଷ୍ଟକର ହେଉଥିବା ସେ କହିଛନ୍ତି।




## ଦେବଗଡ଼ରେ ଜମିଜମା ସ୍ୱତ୍ୱାଧିକାର ବଣ୍ଟନର ଶୁଭାରମ୍ଭ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଦେବଗଡ଼ ଜିଲାରେ ଜମିଜମାର ସ୍ୱତ୍ୱାଧିକାର ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସର୍ଭେ ଏବଂ ସେଟଲ୍‌ମେଣ୍ଟ ଆକ୍ଟ ୧୯୫୮ ଅନୁଯାୟୀ ପାରମ୍ପରିକ ପଦ୍ଧତିରେ ସର୍ଭେ ଏବଂ ଜମିଜମାର ସରଳୀକରଣ ପ୍ରକ୍ରିୟା ସମୟସାପେକ୍ଷ, ଖର୍ଚ୍ଚବହୁଳ ଓ ତ୍ରୁଟିଯୁକ୍ତ ଥିଲା। ଏହିସବୁ ଅସୁବିଧା ଦୂର ସହ ସ୍ୱଚ୍ଛତା ରକ୍ଷା ଓ ଜମିଜମାଜନିତ ଅଭିଯୋଗର ସମାଧାନ କରି ଆବଶ୍ୟକ ସମୟ ସୀମାକୁ ହ୍ରାସ କରିବା ସହ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ରାଜ୍ୟରେ ସର୍ଭେ ଓ ସମାଧାନ କାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱତନ୍ତ୍ର ସର୍ଭେ ଓ ସେଟଲ୍‌ମେଣ୍ଟ ଆକ୍ଟ-୨୦୧୨ (ଓଏସ୍ ଆଣ୍ଡ ଏସ୍ ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆଧାରରେ ହାଇଟେକ୍ ସର୍ଭେ ପାଇଁ ୨୦୧୨ରେ ଦେବଗଡ଼, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ସମ୍ବଲପୁର ଏବଂ ବଲାଙ୍ଗୀର ଆଦି ୫ଟି ଜିଲାକୁ ଓଏସ୍ ଆଣ୍ଡ ଏସ୍ ଆକ୍ଟ ୨୦୧୨ରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୧୭ ଏବଂ ୨୦୧୮ରେ ଓଏସ୍ ଆଣ୍ଡ ଏସ୍ ଆକ୍ଟ ଅନୁସାରେ ୨୦୧୨ ଏବଂ ୨୦୧୮ରେ ଦେବଗଡ଼ ଜିଲାର ୭୬୨ଟି ଗ୍ରାମକୁ ସୂଚିତ କରାଗଲା। ଜିଲାର ସମସ୍ତ ଗ୍ରାମର ଆକାଶମାର୍ଗରୁ ନିଆଯାଇଥିବା ଫଟୋଗ୍ରାଫି ଆଧାରରେ ସମସ୍ତ ପ୍ଲଟ୍ ସହିତ ଗ୍ରାମର ମାନଚିତ୍ର ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ପ୍ଲଟ୍ ସଂଯୋଜନା ମାଧ୍ୟମରେ ସୂଚିତ ହୋଇଛି, ଯାହାକି ପୂର୍ବ କ୍ୟାଡ୍‌ଷ୍ଟ୍ରାଲ୍ ମାନଚିତ୍ରରେ ନ ଥିଲା। ଅନ୍ତିମ ରେକର୍ଡ ଅଫ୍ ରାଇଟସ୍‌ରେ ଯେକୌଣସି ତ୍ରୁଟି ମଧ୍ୟ ଅଧିନିୟମ ଅନୁଯାୟୀ ଜିଲାର ଏଡିଏମ୍ ପୂର୍ବରୁ ସଂଶୋଧନ ମାମଲା ଦାଖଲ କରି ସଂଶୋଧନ କରିଛନ୍ତି। ଅଧିନିୟମ ଅନୁସାରେ ନୂତନ ରେକର୍ଡ ଅଫ୍ ରାଇଟସ୍ ପ୍ରକାଶନ ସର୍ଭେ, ସେଟଲ୍‌ମେଣ୍ଟ ଏବଂ ଜମି ରେକର୍ଡର ଅପ୍‌ଡେଟ୍ ଭଳି କାର୍ଯ୍ୟ ତହସିଲ ମାଧ୍ୟମରେ ସମ୍ଭବ ହୋଇପାରୁଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
MAINTENANCE ENGINEER MECHANICAL
Qualification: BE/B.Tech/DME
With experience of Web offset Printing Press Operation and maintenance. Should be aware of Preventive Maintenance practices and keeping scheduled maintenance log sheets.
MAINTENANCE ENGINEER ELECTRICAL/ELECTRONICS
Qualification: BE/B.Tech/DME
With experience of Web Offset Printing Press Operation and maintenance. Should possess knowledge of PLC, Digital Drives AC and DC.
ନିଯୁକ୍ତି ସ୍ଥାନ: ଭୁବନେଶ୍ୱର
Apply immediately to
Email: recruitment@dharitri.com






"ଜଗତର ଦ୍ୱନ୍ଦ୍ୱ ସଂଗ୍ରାମରେ ଧନୀର ଧନକୁ ଦେଖି ତା'ର ପକ୍ଷ ନେବନାହିଁ। ଦରିଦ୍ରର ପକ୍ଷ ମଧ୍ୟ ନେବ ନାହିଁ ତା'ର ଦାରିଦ୍ର୍ୟ ଲାଗି। ରାଜାର ଶକ୍ତି ଐଶ୍ୱର୍ଯ୍ୟ ଦେଖି ତାଙ୍କ ପକ୍ଷ ବି ନେବ ନାହିଁ। ଜନଗଣଙ୍କ ଆଶା ଓ ଉତ୍ସାହ ଦେଖି ସେମାନଙ୍କ ପକ୍ଷ ବି ନେବ ନାହିଁ। ସର୍ବଦା ସେହି ଏକମାତ୍ର ଭଗବାନଙ୍କ ପକ୍ଷରେ ଇ ଠିଆ ହୋଇରହିବ। ଯଦି ଭଗବାନ ତାଙ୍କ ନିଜ ବିରୋଧରେ ବି ସଂଗ୍ରାମ କରିବାକୁ ଆଦେଶ ଦିଅନ୍ତି– ତେବେ ତୁମର ସମସ୍ତ ପ୍ରାଣ ଓ ଶକ୍ତି ଦେଇ ଆନନ୍ଦରେ ତାହା ମଧ୍ୟ କରିବ। –ଶ୍ରୀଅରବିନ୍ଦ

# କି ଲାଭ ମିଳିଛି



**ଆକାର ପଟେଲ**

ଜମ୍ମୁ କଶ୍ମୀରରେ ଅନୁଚ୍ଛେଦ ୩୭୦କୁ ନିଷ୍କ୍ରିୟ କରିବାର ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ ଯାଇ ୮ ଅଗଷ୍ଟ ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନୁଚ୍ଛେଦ ୩୭୦ ଦ୍ୱାରା ଜମ୍ମୁ କଶ୍ମୀର ଏବଂ ଲଦାଖର ବିକାଶ ପଛେଇଯାଉଥିଲା ଏବଂ ସେହି ସମସ୍ୟା ଦୂର ହୋଇଯିବା ସହ ଏକ ନୂଆ ଯୁଗ ଆରମ୍ଭ ହେଲା ବୋଲି ମୋଦି କହିଥିଲେ। ସେ ମଧ୍ୟ କହିଥିଲେ ଯେ, ଅନୁଚ୍ଛେଦ ୩୭୦ ହିଁ ବିଚ୍ଛିନ୍ନତାବାଦ, ସନ୍ତ୍ରାସବାଦ, ବଂଶବାଦ ଏବଂ ଦୁର୍ନୀତିର ମୂଳ କାରଣ। ତେବେ ପ୍ରଧାନମନ୍ତ୍ରୀ ଏସବୁ କହିବା ପରେ ବିଗତ ଦୁଇ ବର୍ଷ ମଧ୍ୟରେ କ'ଣ ଘଟିଛି ତାହା ସମୀକ୍ଷା କରିବା। ପ୍ରଥମ ବିଷୟ ହେଉଛି, କଶ୍ମୀରରେ ଗଣତନ୍ତ୍ର ନାହିଁ। ଭାରତର ଏହି ଅଞ୍ଚଳରେ ନିର୍ବାଚିତ ସରକାର ନାହିଁ ଏବଂ ଏହାକୁ କେନ୍ଦ୍ର ରାଜ୍ୟପାଳଙ୍କ ଦ୍ୱାରା ଶାସନ କରୁଛି। ଦ୍ୱିତୀୟରେ, ଏଭଳି ପ୍ରତ୍ୟକ୍ଷ ଶାସନ ସହ ନିର୍ଦ୍ଦିଷ୍ଟ ଭାବେ କଶ୍ମୀର ଲାଗି ଉଦ୍ଦିଷ୍ଟ ପବ୍ଲିକ ସେଫ୍ଟି ଆକ୍ଟକୁ ଲାଗୁ କରାଯାଇଛି। ଏହି ଆଇନ୍ ବଳରେ ଜଣେ ବ୍ୟକ୍ତିକୁ ବିନା କାରଣରେ ଅଟକ ରଖାଯାଇପାରିବ। କଶ୍ମୀର ପାଇଁ ଏକ ସ୍ୱତନ୍ତ୍ର ଆଇନ ଭାବେ ଏହା ଲାଗୁ କରାଯାଇଛି; ଯଦିଓ ଅନୁଚ୍ଛେଦ ୩୭୦ ହଟାଇବା ପାଇଁ 'ଗୋଟିଏ ଦେଶ ଗୋଟିଏ ସମ୍ବିଧାନ'କୁ ଏକ କାରଣ ଭାବେ ଦର୍ଶାଯାଇଥିଲା। ତୃତୀୟରେ, ଗତ ଦୁଇ ବର୍ଷ ମଧ୍ୟରେ କଶ୍ମୀରରେ କେବଳ ଦୁଇ ଜଣ ଲୋକ ଜାଗା କିଣିଛନ୍ତି। କଶ୍ମୀରର ସ୍ଥାୟୀ ବାସିନ୍ଦା ନିରୂପଣ କରୁଥିବା ଅନୁଚ୍ଛେଦ ୩୫କ ଉଚ୍ଛେଦକୁ ଏକ ବଡ଼ କାରଣ ବୋଲି କୁହାଯାଇଥିଲା। କିନ୍ତୁ ବାସ୍ତବରେ ତୃଣମୂଳ ସ୍ତରରେ ଏଥିରେ ପରିବର୍ତ୍ତନ ହେବା ଦେଖାଯାଇନାହିଁ। ଚତୁର୍ଥତଃ, କଶ୍ମୀର ପଣ୍ଡିତମାନେ ଭ୍ୟାଲିକୁ ଫେରିନାହାନ୍ତି। ସହରରେ ରହୁଥିବା ଏକ ଶିକ୍ଷିତବର୍ଗ ସ୍ୱଳ୍ପ ଚାକିରି ଏବଂ ବହୁ ସମୟରେ ଇଣ୍ଟରନେଟ ଉପଲବ୍ଧ ଦେଉ ନ ଥିବା ସ୍ଥାନକୁ କାହିଁକି ଯିବେ। ପଣ୍ଡିତମାନେ ଜମ୍ମୁ–କଶ୍ମୀରକୁ ଫେରିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବାରୁ କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ସେମାନଙ୍କ ଉପରେ ଦୋଷ ଲଦିଛନ୍ତି। ହୁଏତ ମୂଳ କଥା ଲେଖି ବୁଝିପାରିନାହାନ୍ତି। ପଞ୍ଚମ ବିଷୟ ହେଉଛି, ଲଦାଖର ଷ୍ଟାଟସ୍ ପରିବର୍ତ୍ତନ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ନୂଆ ମ୍ୟାପ୍ ଜାରି କରିବା ଯୋଗୁ ସେଠାରେ ଚାଇନା ଆକ୍ରମଣାତ୍ମକ ଭାବ ଦେଖାଉଛି। ସରକାର ଏହାକୁ ସ୍ୱୀକାର କରିନାହାନ୍ତି, କିନ୍ତୁ ବାସ୍ତବରେ ସେଠାରେ ୧୯୫୯ରେ ଚାଇନା ଦାବି କରିଥିବା ସୀମା ସେମିତି ରହିଛି ବୋଲି ସେହି ଦେଶ ନିଶ୍ଚିତ ଅଛି। ସୁରକ୍ଷା ଲାଗି ଭାରତ ଉକ୍ତ ସୀମାରେ ପାଖାପାଖି ୨ ଲକ୍ଷ ସୈନ୍ୟ ମୁତୟନ କରିଛି। ଷଷ୍ଠତଃ, ମନମୋହନ ସିଂଙ୍କ ଶାସନର ଶେଷ ୩ ବର୍ଷରେ ସନ୍ତ୍ରାସବାଦ ଯୋଗୁ ବାର୍ଷିକ ହାରାହାରି ମୃତ୍ୟୁ ସଂଖ୍ୟା ୧୫୦ ଥିଲା। ଏବେ ମୋଦି ସରକାରରେ ଗତ ୩ ବର୍ଷରେ ବାର୍ଷିକ ହାରାହାରି ମୃତ୍ୟୁ ସଂଖ୍ୟା ୨୫୦ ରହିଛି। ଏଥିରୁ ଜଣାପଡୁଛି, ଆମେ ଅନୁଚ୍ଛେଦ ୩୭୦କୁ ନିଷ୍କ୍ରିୟ କରିଥିଲେ ମଧ୍ୟ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହ୍ରାସ ପାଇନାହିଁ। ସପ୍ତମରେ ରହିଛି କଶ୍ମୀରର ବିକାଶ କଥା। ପ୍ରକୃତରେ ବିଗତ ଦୁଇ ବର୍ଷରେ ଏଠାରେ ବିକାଶ ହୋଇ ନାହିଁ। ଆମେରିକାର ହାର୍ପର ମାଗାଜିନରୁ ଜଣାପଡ଼ିଛି ଯେ, କଶ୍ମୀରରେ ସୈନ୍ୟ ଓ ନାଗରିକଙ୍କ ଅନୁପାତ ୧:୭ ଥିବାବେଳେ ସେଠାରେ ଡାକ୍ତର ଓ ରୋଗୀଙ୍କ ଅନୁପାତ ରହିଛି ୧:୩୦୬୦। ବିଶ୍ୱ ସ୍ତରରେ ଏଭଳି ସଂଖ୍ୟା ଉପସ୍ଥାପନ କରି ଆମକୁ ବିରୋଧ କରାଯାଉଥିବାବେଳେ ଜମ୍ମୁ କଶ୍ମୀର ବିକାଶ ବିଷୟ କହିବା ନିରର୍ଥକ।

ଅଷ୍ଟମରେ, ଦୀର୍ଘ ୫ ଦଶନ୍ଧି ପରେ ଜାତିସଂଘ ସୁରକ୍ଷା ପରିଷଦ କଶ୍ମୀର ପ୍ରସଙ୍ଗ ଉଠାଇଥିଲା। ୧୬ ଅଗଷ୍ଟ ୨୦୧୯ରେ ଜାତିସଂଘ ୱେବ୍‌ସାଇଟ୍ ଏ ସମ୍ପର୍କରେ ଏକ ଖବର ପ୍ରକାଶ କରିଥିଲା। 'ଜାତିସଂଘ ସୁରକ୍ଷା ପରିଷଦରେ କଶ୍ମୀର ପ୍ରସଙ୍ଗରେ ଆଲୋଚନା ହୋଇଛି ଓ ଭାରତ ଏବଂ ପାକିସ୍ତାନ ଉତ୍ତେଜନା ହ୍ରାସ କରନ୍ତୁ ବୋଲି ଚାଇନା ଆଶା କରୁଛି' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରିଷଦର ବୈଠକରେ କେବଳ ଏହି ବିବାଦ ଉପରେ ଆଲୋଚନା କରାଯାଇଥିଲା ଓ ସୁରକ୍ଷା ପରିଷଦ କଶ୍ମୀରର ପାରିପାର୍ଶ୍ୱିକ ଅସ୍ଥିର ସ୍ଥିତି ଉପରେ ବିଚାର କରିଥିଲା ବୋଲି ଖବରର ପ୍ରଥମ ପାରାରେ ଉଲ୍ଲେଖ ଥିଲା। ଏହା ମଧ୍ୟ ପ୍ରକାଶ ପାଇଥିଲା ଯେ, ୧୯୬୫ରୁ ପ୍ରଥମ ଥର ପାଇଁ ଜାତିସଂଘ ଶାନ୍ତି ଓ ସୁରକ୍ଷା ମାମଲାର ସମାଧାନ କରିବାକୁ ସକ୍ଷମ। ତେଣୁ ଏଥିରୁ ବୁଝାପଡୁଛି, ପୂର୍ବରୁ ସୁପ୍ତ ଅବସ୍ଥାରେ ଥିବା କଶ୍ମୀର ପ୍ରସଙ୍ଗରେ ବିଶ୍ୱର ଆଗ୍ରହକୁ ସରକାରଙ୍କ ପଦକ୍ଷେପ ସକ୍ରିୟ କରିଛି। ନବମ ବିଷୟ ହେଉଛି, ୨୦୧୯ ପରେ କଶ୍ମୀରରେ ଯାହା ଘଟୁଛି ତାହାକୁ ନେଇ ବୈଶ୍ୱିକ ସଂସ୍ଥାଗୁଡ଼ିକ ଭାରତକୁ ସମାଲୋଚନା କରିବା ଆରମ୍ଭ କରିଦେଇଛନ୍ତି। ଚଳିତ ବର୍ଷ ୟୁନାଇଟେଡ୍ ଷ୍ଟେଟ୍‌ସ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ତା' ରିପୋର୍ଟରେ କହିଛି ଯେ, ମୁସଲମାନ ବହୁଳ କଶ୍ମୀରରେ ଯାତାୟାତ ଏବଂ ସମାବେଶ ସ୍ୱାଧୀନତାରେ କଟକଣା ଧାର୍ମିକ ସ୍ୱାଧୀନତା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏହା ସହ ପବିତ୍ର ଧାର୍ମିକ ଦିବସ ପାଳନ ଏବଂ ପ୍ରାର୍ଥନା(ନମାଜ)ରେ ଉପସ୍ଥିତ ରହିବାରେ ବାଧା ସୃଷ୍ଟି ହେଉଛି। ସେଠାରେ ୧୮ ମାସ ହେବ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅନ୍ୟ ଯୋଗାଯୋଗ ବ୍ୟବସ୍ଥାରେ ଥିବା କଟକଣା ଧାର୍ମିକ ସ୍ୱାଧୀନତାକୁ ହ୍ରାସ କରିଦେଇଛି।

ଦଶମରେ, ଲଦାଖରେ ଚାଇନାର ଆକ୍ରମଣାତ୍ମକ ପଦକ୍ଷେପ ନେବା ପରେ ଭାରତ ପାକିସ୍ତାନ ସହ ଅସ୍ତ୍ରବିରତି ଚାହିଁବା ସାଙ୍ଗକୁ ଭିନ୍ନ ଅଭିମୁଖ୍ୟ ପ୍ରଦର୍ଶନ କରୁଛି। ୩୦ ବର୍ଷ ତଳେ କଶ୍ମୀର ଯାହା ଥିଲା ଏବେ ଆମେ ସେହି ଅବସ୍ଥାକୁ ଫେରିଯିବା ଭଳି ମନେହେଉଥିବାରୁ ଏବେ ଏହି ପ୍ରସଙ୍ଗରେ ଲେଖିବାକୁ ପଡୁଛି। ସେତେବେଳେ ଏହା ରାଜ୍ୟପାଳ ଶାସନରେ ଥିଲା ଏବଂ ଏବେ ବି ଅଛି। ଏହାର ରାଜନୈତିକ ନେତାଙ୍କୁ ଗିରଫ କରାଗଲା ଏବଂ ବ୍ୟବସ୍ଥାରୁ ବାହାରେ ରଖାଗଲା। ପ୍ରତିବାଦ ନିଷେଧ କରାଗଲା। କୌଣସି ବିକାଶ ହେଲା ନାହିଁ ଏବଂ ଜମ୍ମୁ କଶ୍ମୀରରେ ଭାରତ ସବୁଠୁ ଅଧିକ ସୁରକ୍ଷା ବଳ ମୁତୟନ କରିବାକୁ ବାଧ୍ୟ ହେଲା। ତେବେ ଏସବୁ ବିଷୟରେ ଆମେ ନିରପେକ୍ଷ ବିଚାର କରିବା ଉଚିତ ଏବଂ ୨୦୧୯ରେ ଭାରତ ନେଇଥିବା ପଦକ୍ଷେପରୁ ଆମକୁ ଓ କଶ୍ମୀରକୁ କି ଲାଭ ମିଳିଛି ତାହା ମଧ୍ୟ ଜାଣିବା ଆବଶ୍ୟକ।

Email:aakar.patel@gmail.com

# 'ଘିନୁଆ' ଦଣ୍ଡ ଲୋଡ଼ା



ଚିତ୍ର ଚରିତ୍ର

**ଅଧ୍ୟାପକ ନିରଞ୍ଜନ ପାଢ଼ୀ**

ଭଗବତୀ ଚରଣ ପାଣିଗ୍ରାହୀଙ୍କ ସାମ୍ୟବାଦୀ ସାହିତ୍ୟର ଏକ ଅନବଦ୍ୟ ସୃଷ୍ଟି 'ଶିକାର'ର କାହାଣୀ ଇତିମଧ୍ୟରେ ବହୁ ପାଠକଙ୍କ ବିସ୍ମୃତିରେ ହଜିଗଲାଣି। ଢେର ପୁରୁଣା ହୋଇଗଲାଣି ଏକ ଅଭିନବ ଶିକାରର ଅଶ୍ରୁତପୂର୍ବ ଆବେଦନ। କାହାଣୀର ନାୟକ ଅସଭ୍ୟ ଅଶିକ୍ଷିତ ଆଦିବାସୀ ଯୁବକ 'ଘିନୁଆ'ର ସ୍ମୃତି ଉପରେ ଧୂଳି ଜମି ଆସିଲାଣି। ଅବଶ୍ୟ ଚାରି ଦଶନ୍ଧି ତଳେ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ମିଥୁନ ଚକ୍ରବର୍ତ୍ତୀ 'ମୃଗୟା' ଚଳଚ୍ଚିତ୍ରରେ 'ଘିନୁଆ' ଭୂମିକାରେ ଜୀବନ୍ତ ଅଭିନୟ କରି ରାଷ୍ଟ୍ରୀୟ ପୁରସ୍କାର ପାଇଲା ପରେ ସଭ୍ୟ ଦର୍ଶକସମାଜର ଚେତନାରେ ସେଇ କଳ୍ପିତ ଆଦିବାସୀ ଯୁବକଟି ବେଶ୍ କିଛିଦିନ ଚମକ ସୃଷ୍ଟି କରି ପୁଣି ଅପସରି ଯାଇଥିଲା। ଦରିଦ୍ର ଅସହାୟ ଲୋକମାନଙ୍କୁ ବହୁ ଭାବେ ଶୋଷଣ କରୁଥିବା ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ଶିକାର କରି ତା'ର ରକ୍ତ ଜୁଡୁବୁଡୁ କଟାମୁଣ୍ଡକୁ ହାତରେ ଧରି ମାଇଲ ମାଇଲ ପଥ ଅତିକ୍ରମ କରିବା ଓ ଡେପୁଟି କମିଶନରଙ୍କ ନିକଟରେ ହାଜର ହୋଇ ପୁରସ୍କାର ପାଇଁ ଅଳି କରିବା ଭଳି ଅଭୂତପୂର୍ବ ଆଚରଣ କରିଥିବା ନିରୀହ ଯୁବକର ନାମ ଥିଲା ଘିନୁଆ।

ବଡ଼ ବିଚିତ୍ର ଥିଲା ସରଳ ନିଷ୍କପଟ ଏଇ ବଣୁଆ ଯୁବକଟିର ଚରିତ୍ର। ଏହି ଅସଭ୍ୟ ଆଦିବାସୀ ଲୋକଟିର ଯୁକ୍ତି ବି ଥିଲା ଆହୁରି ବିଚିତ୍ର। ଜଙ୍ଗଲର ବାଘ ଗୋଟିଏ ମଣିଷ ମାରିଦେଲେ ଆଖପାଖର ସମଗ୍ର ଇଲାକାରେ କୋଳାହଳ ବ୍ୟାପିଯାଏ। ନରଭକ୍ଷୀ ବାଘକୁ ନିଜ ବଳ ବିକ୍ରମରେ ହତ୍ୟା କରି ଦଣ୍ଡିତ କରିଥିବା ଲୋକଙ୍କୁ ବୀର ଆଖ୍ୟା ଦିଆଯାଏ। ସେ ମଣିଷ ସମାଜରୁ ଅଜସ୍ର ପ୍ରଶଂସା ପାଏ ତ ରାଜା, ସାମନ୍ତ ବା ଜମିଦାରଙ୍କ ଭଳି ଶାସକଙ୍କଠାରୁ ପାଏ ଅମାପ ପୁରସ୍କାର। ଗୋଟିଏ ମଣିଷ ମାରିଥିବା ବାଘକୁ ମାରିବାରେ ଯଦି ଏତେ ପ୍ରଶଂସା, ଏତେ ପୁରସ୍କାର, ତେବେ ଶହ ଶହ ମଣିଷଙ୍କ ଉପରେ ଅହରହ ଅତ୍ୟାଚାର ଚଳାଇ ଅକାଳରେ ମୃତ୍ୟୁମୁହଁକୁ ଠେଲି ଦେଉଥିବା ଗୋବିନ୍ଦ ସର୍ଦ୍ଦାରକୁ ମାରିବା ତ ଏକ ବୀରୋଚିତ କାର୍ଯ୍ୟ। ସର୍ବଶ୍ରେଷ୍ଠ ବୀରର ପରିଚୟ। ସୁତରାଂ ଅଜସ୍ର ପ୍ରଶଂସା ଓ ଅସୁମାରି ଅର୍ଥ ତ ସ୍ୱାଭାବିକ ଭାବେ ତାହାର ପ୍ରାପ୍ୟ! ମୂର୍ଖ ଜଙ୍ଗଲୀ 'ଘିନୁଆ'ର ଏ ପ୍ରକାର ବିଚାର ବିଶ୍ଳେଷଣ ଯୁକ୍ତିସଙ୍ଗତ ହୋଇପାରେ, ମାତ୍ର ଏକ ସଭ୍ୟ ଶାସନତନ୍ତ୍ରରେ ଏହା ଯେ ଆଇନସମ୍ମତ ନୁହେଁ, ଏ କଥା ତାକୁ ସେତେବେଳେ କିଏ କେମିତି ବୁଝାଇଥାନ୍ତେ ଯେ! ବିଭିନ୍ନ କାଳରେ ଭିନ୍ନ ଭିନ୍ନ ଶାସନ ବ୍ୟବସ୍ଥାରେ ଦୋଷର ପ୍ରକାରଭେଦ ନେଇ ଭିନ୍ନ ଭିନ୍ନ ପ୍ରକାର ଦଣ୍ଡର ପ୍ରଚଳନ ହୋଇ ଆସିଛି। ପ୍ରାଚୀନ କାଳରେ ଏମିତି ଏକ ବ୍ୟବସ୍ଥା ଥିଲା, ଯେଉଁଠି ଯେମିତି ଦୋଷକୁ ସେମିତି ଦଣ୍ଡ ଦିଆଯାଉଥିଲା। କେହି ଯଦି କାହାର ହାତ କାଟି ଦେଉଥିଲା, ବିଚାରରେ ତା'ର ସେହି ହାତଟିକୁ କାଟି ଦିଆଯାଉଥିଲା। ହାତ ବଦଳରେ ହାତ, ଆଖି ବଦଳରେ ଆଖି ବା ମୁଣ୍ଡ ବଦଳରେ ମୁଣ୍ଡ ଥିଲା ସେଇ ସମୟର ବିଚାର। ଏବେ ମଧ୍ୟ ବିଶ୍ୱର କେତେକ ମୌଳବାଦୀ ଶାସନ ବ୍ୟବସ୍ଥାରେ ସର୍ବଜନ ସମ୍ମୁଖରେ ଫାଶୀ ଦେବା ବା ପଥର ଫିଙ୍ଗି ହତ୍ୟା କରିବା ବା ସମସ୍ତଙ୍କ ଆଗରେ ତଥାକଥିତ ଦୋଷୀଙ୍କୁ ଆଣ୍ଠୁ ମାଡ଼ି ବସାଇ ମୁଣ୍ଡକୁ ଗୁଳିକରି ହତ୍ୟା କରିବା ଆଦି ବୀଭତ୍ସ ଦଣ୍ଡ ପ୍ରଦାନର ଯୁକ୍ତି ମୂଳରେ ଥାଏ କେଉଁଠି ଧାର୍ମିକ ଅନ୍ଧାନୁସରଣ ତ ଅନ୍ୟ କେଉଁଠି ଭୟର ବାତାବରଣ ସୃଷ୍ଟି କରିବା। ବିଶ୍ୱର ଅନ୍ୟ କେତେକ ରୂଢ଼ିବାଦୀ ଶାସନ ବ୍ୟବସ୍ଥାରେ ଅତ୍ୟନ୍ତ ଛୋଟ ଅପରାଧ ପାଇଁ ବଡ଼ ଦଣ୍ଡର ବ୍ୟବସ୍ଥା କରାଯାଇଥାଏ। ମେଣ୍ଢାଛୁଆଟିଏ ଚୋରାଇ ନେବା ଭଳି ମାମୁଲି ଅପରାଧ ପାଇଁ ଅପରାଧୀର ହାତ କାଟି ଦିଆଯାଏ। ଏଭଳି ଦଣ୍ଡ ସପକ୍ଷରେ ଯୁକ୍ତି ରଖାଯାଏ ଯେ, ତା' ହାତ କାଟିଦିଆଗଲା ଏଥିପାଇଁ ନୁହେଁ ଯେ ସେ ମେଣ୍ଢାଛୁଆଟିଏ ଚୋରାଇ ନେଇଥିଲା, ବରଂ ଏଥିପାଇଁ ଯେ ଏଭଳି ଦଣ୍ଡ ଦେଖି ଆଉ କେହି ମେଣ୍ଢା ଚୋରାଇବ ନାହିଁ।

ମାତ୍ର ଧନ୍ୟ କହିବ ଆମ ଦେଶର ନ୍ୟାୟ ବ୍ୟବସ୍ଥାକୁ, ଏଠାକାର ଦଣ୍ଡ ବ୍ୟବସ୍ଥା ଅତ୍ୟନ୍ତ ଉଦାର। ହଜାରେ ଦୋଷୀ ପଛେ ଖସିଯାଆନ୍ତୁ, ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ଏହି ପରମ୍ପରାର ପ୍ରୟୋଗରେ ଏଠାରେ ଅପରାଧୀ ସର୍ବସାଧାରଣ ସମ୍ମୁଖରେ ଅପରାଧ ସଂଘଟିତ କଲେ ମଧ୍ୟ ତା'ପାଇଁ ଦଣ୍ଡ ଦୀର୍ଘକାଳୀନ ବିଚାରର ଅପେକ୍ଷା ରଖେ। ଦୋଷ ଦଣ୍ଡର ବିଚାର କରି ସିଦ୍ଧାନ୍ତରେ ପହଞ୍ଚିବାକୁ ଏଠାରେ ସାକ୍ଷୀ ସନ୍ତକଙ୍କ ସାକ୍ଷ୍ୟ ପ୍ରମାଣ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, କିଛି ଲୋକ ପେସାଦାର ସାକ୍ଷୀ ଭାବେ ନିଜ ଜୀବିକା ଅର୍ଜନ କରନ୍ତି। ଗୀତା ଉପରେ ହାତ ରଖି ସତ କହିବାକୁ ସେମାନେ ଯେଉଁ ଶପଥ ନିଅନ୍ତି, ସେଇ ଶପଥ ମଧ୍ୟରେ ପ୍ରତିଫଳିତ ହୁଏ ଅର୍ଦ୍ଧ ସତ୍ୟ ଓ ଆଂଶିକ ମିଥ୍ୟାର ଏକ ଭିନ୍ନ ପରିଭାଷା। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ।

ଦୋଷ ଦଣ୍ଡର ଏଇ ଗୌରଚନ୍ଦ୍ରିକାକୁ ଅଧିକ ପ୍ରଲମ୍ବିତ ନ କରି ଏବେ ପ୍ରସଙ୍ଗଟିର ସଦ୍ୟ ପ୍ରତିବିମ୍ବ ଉପରେ ନଜର ପକାଇବା। ଗତ ମାସକ ମଧ୍ୟରେ ଖୁବ୍ ଅଳ୍ପଦିନ ବ୍ୟବଧାନରେ ଆମ ରାଜ୍ୟର ବ୍ୟବସାୟିକ ରାଜଧାନୀ କଟକରେ ଗୋଟାକ ପରେ ଗୋଟିଏ ଅପମିଶ୍ରଣର ଲୋମଟାଙ୍କୁରା ଖବର ଲୋକଲୋଚନକୁ ଆସିଛି। ପ୍ରଥମେ ପଚାଶଢ଼ା କଖାରୁରୁ ପ୍ରସ୍ତୁତ ସ୍ୱାଦିଷ୍ଟ ସସ୍, ପରେ ପରେ କାଠଗୁଣ୍ଡରୁ ତିଆରି ହଳଦୀଗୁଣ୍ଡ ଓ ବିଭିନ୍ନ ପ୍ରକାର ମସଲା ମଣିଷମାରଣ ଯଜ୍ଞ ପାଇଁ ଯଥେଷ୍ଟ ହେଲାନାହିଁ ଯେ, ଦେବତାଙ୍କ କାର୍ଯ୍ୟ ପାଇଁ ମୁଖ୍ୟତଃ ପ୍ରୟୋଜନୀୟ ଘିଅର ବ୍ୟାପକ ଅପମିଶ୍ରଣ କରାଯାଇଥିବାର ଦୃଷ୍ଟିକଟୁ ଦୃଶ୍ୟସବୁ ଆଖିରେ ପଡ଼ି ଆମ ଇଷ୍ଟନିଷ୍ଠତାର ଭିନ୍ନ ପ୍ରମାଣ ପେସ୍ କରିଛି। ଟିଭି ପରଦାରେ ପ୍ରଦର୍ଶିତ ଦଶଲକ୍ଷ ଟଙ୍କାର ଅପମିଶ୍ରିତ ଘିଅକୁ ନାଳରେ ଫିଙ୍ଗା ହେଉଥିବାର ଦୃଶ୍ୟ ଯେଉଁମାନଙ୍କ ଦୃଷ୍ଟିରେ ପଡ଼ିଥିବ, ସେମାନେ ମନେପକାଉଥିବେ ପୁରୁଣା ସିନେମା 'ଉପକାର'ରେ ମାନ୍ନା ଦେଙ୍କ କଣ୍ଠରେ ଅଭିନେତା ପ୍ରାନ୍ ଗାଇଥିବା ସେଇ ଗୀତଟିକୁ– ''ଦେତେ ହେଁ ଭଗବାନ୍ କୋ ଧୋକା ଇନ୍‌ସାନ୍‌କୋ କ୍ୟା ଛୋଡ଼େଙ୍ଗେ।''

ଇନ୍‌ସାନ୍‌କୁ ଧୋକା ତ ନୁହେଁ, ଇନ୍‌ସାନିୟତ ବା ମାନବିକତାକୁ ଶକ୍ତ ଧକ୍କାଟିଏ ମରାଯାଇଥିବାର ସଦ୍ୟ ଉଦାହରଣଟିଏ ମିଳିଛି ଏଇ କେଇଦିନ ତଳେ ସେଇ କଟକରୁ ଯେତେବେଳେ ଗୋଟିଏ ପାଉଁରୁଟି କାରଖାନା କେକ୍ ଓ ପାଉଁରୁଟି ତିଆରି କରିବାକୁ ଆଠଗଡ଼ ଅଞ୍ଚଳରୁ ମଗାଇଥିଲା ଚବିଶ ଶହ ପଚାଅଣ୍ଡା। ଖାଦ୍ୟର ମାନ ନିରୀକ୍ଷଣକାରୀଙ୍କ ଦୃଷ୍ଟିରେ ପଡ଼ି କଥାଟି ଲୋକଲୋଚନକୁ ଆସିବା ପୂର୍ବରୁ ଉପଭୋକ୍ତା ଓ ନିରୀକ୍ଷଣକାରୀଙ୍କ ଦୃଷ୍ଟି ଅନ୍ତରାଳରେ ଏମିତି କେତେ ପଚାଅଣ୍ଡାର ବିଷାକ୍ତ ଉପାଦାନ ଆମ ଭଳି ସାଧାରଣ କେକ୍ ଓ ପାଉଁରୁଟିଖିଆ ଲୋକଙ୍କ ଗର୍ଭକୁ ଯାଇଥିବ ଓ ଡାକ୍ତରଙ୍କ ବୟାନ ଅନୁଯାୟୀ ତାହା କର୍କଟ ଭଳି ମାରାତ୍ମକ ରୋଗର ବୀଜବପନ କରିଥିବ, ତାହାର ହିସାବ କାହା ପାଖରେ ଥିବ?

ଏବେ ତ ନିତିଦିନ ଲକ୍ଷ ନୁହେଁ, କୋଟି କୋଟି ଟଙ୍କା ଧଳା ଜହର କୁହାଯାଉଥିବା ବ୍ରାଉନସୁଗାର ରାଜ୍ୟର ରାଜଧାନୀ ସମେତ ସବୁ ଛୋଟବଡ଼ ସହରରେ ଧରାପଡୁଥିବା ଖବର ନଜରକୁ ଆସୁଛି। ଏହି ମନ୍ଥର ବିଷ ସେବନ କରି କେତେ କେତେ ଦୀପ୍ତିମାନ୍ ଯୌବନ ଅକାଳରେ ଉଜୁଡ଼ିଯାଉଛି। କେତେ ହତଭାଗ୍ୟ ପିତାମାତାଙ୍କ ଆଖିରେ ଲୁହ ଶୁଖୁନାହିଁ। ତାହାର ହିସାବ ଏମାନଙ୍କୁ ଧରି କେତେ ମୂଲ୍ୟର ବ୍ରାଉନସୁଗାର ବା ଗଞ୍ଜେଇ ଧରିଛନ୍ତି ବୋଲି ହିସାବ ଦେଉଥିବା ପୋଲିସ ପାଖରେ ଅଛି ନା ଏଇ ଖବର ପ୍ରକାଶ କରୁଥିବା ଗଣମାଧ୍ୟମ ପାଖରେ ଅଛି! ବାସ୍ ଗୋଟିଏ ପଟରେ ଏଗୁଡ଼ିକ ସେବନ କରୁଥିବା ନିଶାସକ୍ତ ଦିବ୍ୟ ଯୌବନର ଅକାଳ ଅବସାନ ତ ଅନ୍ୟପଟେ ଏହାକୁ ସେବନ କରାଉଥିବା ମୃତ୍ୟୁଦୂତ ବେପାରୀମାନଙ୍କ ମାସ କେଇଟା ମଧ୍ୟରେ କୋଟି କୋଟି ଟଙ୍କାର ମୁନାଫା ଅର୍ଜନ! ଖବର ପ୍ରକାଶ ପାଇଛି ଉତ୍ତର ବାଲେଶ୍ୱରର ଏକ ଛୋଟ ସହରରେ ତିନିବର୍ଷ ପୂର୍ବରୁ ରିକ୍ସା ଚଲାଉଥିବା ଜଣେ ଯୁବକ ଧଳା ଜହର ବେପାର କରି ଏବେ କଲିକତା, ମୁମ୍ବାଇ ଓ ଦୁବାଇରେ ଘର କିଣିବା ସହ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇପାରିଛି। ବିଷ ବେପାରରେ ପୁଣି ଏତେ ଲାଭ! ମୃତ୍ୟୁର ସୌଦାଗର ଆଉ କାହାକୁ କହନ୍ତି କି!

ଲକ୍ଷ୍ୟ କରିବାର କଥା, ପଚାଅଣ୍ଡା ମିଶାଇ କେକ୍ ଓ ପାଉଁରୁଟି କରୁଥିବା ବେପାରୀ ହୁଅନ୍ତୁ କି ଭେଜାଲ ଘିଅ ବା ମସଲା ତିଆରି କରି ବଜାରକୁ ଛାଡୁଥିବା ଅପମିଶ୍ରଣକାରୀ ଅବା ପୁଣି ବ୍ରାଉନସୁଗାର ବିକୁଥିବା ବିଷ ବେପାରୀ, ଏମାନେ ଯେବେ ଧରାପଡୁଛନ୍ତି, ତାହା ତାଙ୍କ ଅପରାଧର ପ୍ରଥମ ଦିନ ନ ଥିଲା। ଏହା ବେଶ୍ କିଛିଦିନ ଧରି ଚାଲି ଆସୁଥିବ ଓ ସେଇ ସମୟ ମଧ୍ୟରେ ଏମାନେ ଯେଉଁ ବିସ୍ତୀର୍ଣ୍ଣ ଇଲାକାରେ ସେମାନଙ୍କ ବେପାର ବିସ୍ତାରିତ କରିଛନ୍ତି ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ସେବନ କରି ଯେତେଜଣ ରୋଗଗ୍ରସ୍ତ ହୋଇଛନ୍ତି, ସେମାନଙ୍କ ଅବସ୍ଥା ଏବେ କିପରି ଥିବ? ଏମିତି ବି ହୋଇଥାଇପାରେ, ସେଇ ବିଷାକ୍ତ ଅପମିଶ୍ରିତ ଖାଦ୍ୟ ଖାଇ ବା ଧଳା ଜହର ସେବନ କରି ଇତିମଧ୍ୟରେ କେତୋଟି ମୁଣ୍ଡରୁ ଅକାଳରେ ସିନ୍ଦୂର ଲିଭି ଯାଇଥିବ, କେତେକ ଶିଶୁ ଅନାଥ ହୋଇସାରିଥିବେ, ଭଲଭାବେ ବିକଶିତ ହେବା ପୂର୍ବରୁ କେତେ ତରୁଣ ଜୀବନ ଅକାଳରେ ଝଡ଼ି ଯାଇଥିବେ ଓ ଆଉ କେତେକ ଆସ୍ତେ ଆସ୍ତେ ମୃତ୍ୟୁ ନିକଟକୁ ଆଗେଇ ଯାଉଥିବେ। ଅଥଚ କିଛି ସହଜ ଲବ୍ଧ ଅର୍ଥ ଅର୍ଜନ ପାଇଁ ଯେଉଁ ବିଷ ବେପାରୀ ଏଇ ସବୁ ଘୃଣିତ ଅପରାଧ କଲେ, ଭାରତୀୟ ନ୍ୟାୟ ବ୍ୟବସ୍ଥାର କଚ୍ଛପ ଗତି ମଧ୍ୟରେ ସେମାନଙ୍କ ଅପରାଧର ବିଚାର ପାଇଁ ବର୍ଷ ବର୍ଷ ଲାଗିଯିବ ଓ ଯେତେବେଳେ ରାୟ ପ୍ରକାଶ ପାଇବ, କେଇ ମାସ ବା ଅତିବେଶିରେ କେଇବର୍ଷର କାରାବାସ! ପୁଣି ନିମ୍ନକୋର୍ଟର ରାୟ ବିରୋଧରେ ଉଚ୍ଚରୁ ସର୍ବୋଚ୍ଚ କୋର୍ଟରେ ଅପିଲ କଥା ତ ଅଛି। ଯଦିବି ଜେଲ ଯିବାକୁ ପଡ଼େ, ତେବେ ବିଜ୍‌ନେସ୍ ଟୁରରେ ଯିବା ଭଳି ନିଜ ବେପାରରୁ ଏକ ସାମୟିକ ଅନୁପସ୍ଥିତି ମାତ୍ର। ବାସ୍, ଫେରିଆସିଲେ ପୁଣି ଚାଲିବ ବିଷ ବଣ୍ଟନ ଓ ଅବିଚାରିତ ଅପମିଶ୍ରଣ, କିଛି ଦୃଢ଼ତା ଓ ଆତ୍ମବିଶ୍ୱାସର ସହ!

ଏଇଠି ମନେପଡ଼େ ସେଇ ଅସଭ୍ୟ ଜଙ୍ଗଲୀ ଯୁବକ ଘିନୁଆର ଦଣ୍ଡସଂହିତା କଥା। ଶହ ଶହ ଦରିଦ୍ର, ଦୁଃସ୍ଥ ଅସହାୟ ଲୋକଙ୍କୁ ଅହରହ କଲବଲ କରୁଥିବା ଅତ୍ୟାଚାରୀ ଗୋବିନ୍ଦ ସର୍ଦ୍ଦାରକୁ ମୃତ୍ୟୁଦଣ୍ଡ ଦେଇ ସେ ସବୁଦିନ ପାଇଁ ଏକ ଅଶୁଭ ଗ୍ରହର ଯବନିକା ଟାଣିଥିଲା। ଖାଦ୍ୟରେ ବିଷ ମିଶାଇ ଅବା ବିଷପୁଡ଼ିଆ ବିକି ଅକାଳରେ ବହୁ ଲୋକଙ୍କୁ ମୃତ୍ୟୁମୁହଁକୁ ପଠାଉଥିବା ଖାଦ୍ୟ ଅପମିଶ୍ରଣକାରୀ ବା ବ୍ରାଉନସୁଗାର ବେପାରୀଙ୍କ ଅପରାଧ ଗୋବିନ୍ଦ ସର୍ଦ୍ଦାରର ଅପରାଧଠାରୁ କେଉଁ ଗୁଣରେ କମ୍ କି?

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଶରଣାର୍ଥୀଙ୍କ ସ୍ୱର

ବ୍ୟକ୍ତିତ୍ୱ



ଅବଦୁଲରଜାକ୍ ଗୁର୍‌ନାହ

ଆଫଗାନିସ୍ତାନରେ ପୁନଶ୍ଚ ତାଲିବାନ ଶାସନ ଆରମ୍ଭ ହେବା ପରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଉପରେ ଅତ୍ୟାଚାର ଓ ବିଶେଷକରି ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ିବାରେ ଲାଗିଛି। ଅଗଷ୍ଟ ୧୫ରେ ରାଜଧାନୀ କାବୁଲ ଦଖଲ ପରେ ତାଲିବାନଙ୍କ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ଲୋକେ ଦେଶଛାଡ଼ି କିଭଳି ପଳାୟନ କରୁଥିଲେ ତାହାର ଦୁଃଖଦ ଚିତ୍ର ବିଶ୍ୱବାସୀ ଦେଖିଛନ୍ତି। ଏବର ଶରଣାର୍ଥୀଙ୍କ ଯନ୍ତ୍ରଣାକୁ ଦୂରରୁ ଦେଖୁଥିବା ବ୍ୟକ୍ତି ବ୍ୟଥିତ ହୋଇପଡୁଛନ୍ତି। କିନ୍ତୁ ସେଭଳି ସ୍ଥିତିକୁ ପ୍ରତ୍ୟକ୍ଷ କରିଥିବା ବ୍ୟକ୍ତି କେଉଁଭଳି ଜୀବନ ଜିଇଥିବେ ବା ଜିଉଥିବେ ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ୨୦୨୧ ସକାଶେ ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ତାଞ୍ଜାନିଆର ମୂଳବାସିନ୍ଦା ତଥା ଇଂଲଣ୍ଡରେ ରହୁଥିବା ଅବଦୁଲରଜାକ୍ ଗୁର୍‌ନାହଙ୍କ ଜୀବନ କାହାଣୀ ଓ ସୃଜନଶୀଳତାକୁ ଅନୁଧ୍ୟାନ କଲେ ଶରଣାର୍ଥୀ ସମସ୍ୟା କେତେ ଯେ ଭୟଙ୍କର ତାହା ପାଠକ ପଢ଼ି ଜାଣିପାରିବେ। ଜାଞ୍ଜିବର ବିପ୍ଳବ ଯୋଗୁ ସେ ଦେଶ ଛାଡ଼ି କିଭଳି ଶରଣାର୍ଥୀ ପାଲଟିଛନ୍ତି ତାହାକୁ ସେ ତାଙ୍କ ଲେଖା ମାଧ୍ୟମରେ ପ୍ରକାଶ କରିଛନ୍ତି। ନୋବେଲ କମିଟି ମତରେ ଗୁର୍‌ନାହଙ୍କ ଲେଖାରେ ଉପନିବେଶବାଦର ପ୍ରଭାବ ନେଇ ତାଙ୍କ ସାଲିସବିହୀନ ଓ ସହାନୁଭୂତିଶୀଳ ପ୍ରବେଶ ଏବଂ ସଂସ୍କୃତି ଓ ମହାଦେଶ ମଧ୍ୟରେ ଦେଖାଦେଉଥିବା ବ୍ୟବଧାନ ଯୋଗୁ ଶରଣାର୍ଥୀଙ୍କ ଭାଗ୍ୟ କିଭଳି ଦହଗଞ୍ଜ ହେଉଛି ତାହା ସ୍ପଷ୍ଟ ବାରି ହୋଇପଡୁଛି।

ଗୁର୍‌ନାହ ଭାରତ ମହାସାଗରରେ ଅବସ୍ଥିତ ଜାଞ୍ଜିବର ଦ୍ୱୀପରେ ୨୦ ଡିସେମ୍ବର ୧୯୪୮ରେ ଜନ୍ମଗ୍ରହଣ କରିଥିଲେ। ୧୯୬୪ରେ ଜାଞ୍ଜିବର ବିପ୍ଳବ ହୋଇଥିଲା। ସ୍ଥାନୀୟ ଆଫ୍ରିକୀୟ ବିପ୍ଳବୀଙ୍କ ଦ୍ୱାରା ଜାଞ୍ଜିବର ସୁଲତାନଙ୍କୁ ଗାଦିଚ୍ୟୁତ କରାଯିବା ପରେ ସେଠାରେ ବିଶୃଙ୍ଖଳା ଲାଗି ରହିଥିଲା। ତେଣୁ ଗୁର୍‌ନାହ ସେଠାରେ ରହିବାକୁ ନିରାପଦ ନ ମଣି ଗୋଟିଏ ମାସର ପର୍ଯ୍ୟଟନ ଭିଜା ପାଇ ପଢ଼ିବା ସକାଶେ ୧୯୬୮ରେ ବ୍ରିଟେନ ଚାଲିଯାଇଥିଲେ। ସେତେବେଳେ ତାଙ୍କୁ ୧୮ ବର୍ଷ ବୟସ ହୋଇଥିଲା। ସେଠାରେ କାଣ୍ଟେରବୁରୀସ୍ଥିତ ଖ୍ରୀଷ୍ଟ ଚର୍ଚ୍ଚ କଲେଜରେ ପଢ଼ିଥିଲେ। ସେତେବେଳେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଉକ୍ତ କଲେଜର ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଦେଉଥିଲା। ତା' ପରେ ସେ ୟୁନିଭର୍ସିଟି ଅଫ୍ କେଣ୍ଟରୁ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ଗୁର୍‌ନାହ ୧୯୮୦ରୁ ୧୯୮୩ ଯାଏ ନାଇଜେରିଆସ୍ଥିତ ବାୟେରୋ ୟୁନିଭର୍ସିଟି କାନୋରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ କେଣ୍ଟ ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ଓ ପୋଷ୍ଟ କଲୋନିଆଲ୍ ଲିଟରେଚର ପ୍ରଫେସର ଭାବେ କାର୍ଯ୍ୟ କରି ଦାୟିତ୍ୱରୁ ଅବସର ନେଇଥିଲେ। ଅଧ୍ୟାପନା ସହ ତାଙ୍କ ସୃଜନଶୀଳତା ଆଗେଇଥିଲା। ଅନେକ କ୍ଷୁଦ୍ର ଗଳ୍ପ, ପ୍ରବନ୍ଧ ଓ ୧୦ଟି ଉପନ୍ୟାସ ରଚନା କରି ସେ ଅନ୍ତର୍ଜାତୀୟ ସ୍ତରରେ ପାଠକୀୟ ସ୍ୱୀକୃତି ପାଇଛନ୍ତି। ଆଫ୍ରିକୀୟ ଗ୍ରେଟ୍ ଲେକ୍ ଅଞ୍ଚଳର ଲୋକଭାଷା 'ସ୍ୱାହିଲି' ଥିଲା ଗୁର୍‌ନାହଙ୍କ ପ୍ରଥମ ଭାଷା। କିନ୍ତୁ ସେ ଇଂଲିଶ୍‌କୁ ତାଙ୍କ ସାହିତ୍ୟର ଭାଷା କରିଥିଲେ। ତେବେ ତାଙ୍କ ଗଦ୍ୟ ରଚନାରେ ସ୍ୱାହିଲି, ଆରବିକ୍ ଓ ଜର୍ମାନ ଭାଷାର ଶବ୍ଦ ବ୍ୟବହାର ହୋଇଥିବା ଦେଖିବାକୁ ମିଳେ। ନିଜ ଲେଖାକୁ ନେଇ ସେ କହନ୍ତି ଯେ, ତାଙ୍କୁ ଯେତେବେଳେ ୨୦ ବର୍ଷ ବୟସ ହୋଇଥିଲା ସେ ସେତେବେଳେ ନିଜ ଘର କଥାକୁ ନେଇ ଯେଉଁ ଭାବନା ଆସୁଥିଲା ତାହାକୁ ଡାଏରୀରେ ଲେଖୁଥିଲେ। ତା'ପରେ ଅନ୍ୟମାନଙ୍କ ବିଷୟରେ କାଳ୍ପନିକ କାହାଣୀ ଗଢ଼ିବାରେ ଲାଗିଲେ। ସୃଜନଶୀଳତା ଦିନକୁ ଦିନ ତୀକ୍ଷ୍ଣ ହେବାରୁ ସେ ତାଙ୍କ ଶରଣାର୍ଥୀ ଜୀବନର ଅଭିଜ୍ଞତା, ଅନ୍ୟ ଦେଶରେ ବାସ କରିବାର ଅନୁଭୂତି ଏବଂ ବାସଚ୍ୟୁତର ଅନୁଭବକୁ ନେଇ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଲେଖିଲେ। ପିଏଚ୍‌ଡି କରିବା ବେଳେ ତାଙ୍କ ପ୍ରଥମ ଉପନ୍ୟାସ 'ମେମୋରି ଅଫ୍ ଡିପାର୍ଚର' ପ୍ରକାଶ ପାଇଥିଲା। ସେଥିରେ ସେ ଉପନିବେଶବାଦ, ଯୁଦ୍ଧ ଓ ବାସଚ୍ୟୁତଙ୍କ ମାନସିକ ଯନ୍ତ୍ରଣା ଓ ନିର୍ବାସନକୁ ଏକାଠି କରିଥିଲେ। ତାଙ୍କ ଅଧିକାଂଶ ଲେଖାରେ ପୂର୍ବ ଆଫ୍ରିକା ଉପକୂଳ ରହିଥିବା ବେଳେ ମୁଖ୍ୟ ଚରିତ୍ରକୁ ଜାଞ୍ଜିବରରୁ ଜନ୍ମ ଦେଉଥିଲେ। ୧୮ ବର୍ଷ ବୟସରୁ ମାତୃଭୂମି ଛାଡ଼ିଥିବାରୁ ତାଙ୍କ ଲେଖାରେ ସ୍ୱଦେଶ ଅନେକାଂଶରେ ପଶିଆସିଥାଏ। ସେହିଭଳି ତାଙ୍କ ଉପନ୍ୟାସ 'ଆଡ୍‌ମାୟାରିଂ ସାଇଲେନ୍ସ', 'ବାଇ ଦି ସି', 'ଡେଜରଶନ୍'ରେ ଏକାକିତ୍ୱ ଓ ପଳାୟନ ଭଳି ବିଷୟ ପ୍ରତିଫଳିତ ହୋଇଛି। ୧୯୯୪ରେ ପ୍ରକାଶିତ ଉପନ୍ୟାସ 'ପାରାଡାଇଜ୍' ନିକଟରେ ସ୍ୱାହିଲି ଭାଷାରେ ଅନୂଦିତ ହେବା ପରେ ତାଙ୍କ ସୃଜନଶୀଳତା ବିଷୟରେ ତାଞ୍ଜାନିୟାବାସୀ ଜାଣିବାକୁ ପାଇଥିଲେ। ହେଲେ ଏବେ ନୋବେଲ ପୁରସ୍କାର ଜିତିବା ପରେ ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ଗୁରନାହ ଆଶା କରିଛନ୍ତି।

ତାଞ୍ଜାନିୟାର ଏକ ଅଂଶ ଭାବେ ଜାଞ୍ଜିବର ପରିଚିତ ଥିଲେ ହେଁ ଏକ ସେମି–ଅଟନୋମସ ଭାବେ କାର୍ଯ୍ୟ କରୁଛି। ଗୁରନାହଙ୍କୁ ନୋବେଲ ମିଳିବା ବିଷୟ ଘୋଷଣା ହେବା ପରେ ତାଞ୍ଜାନିଆରେ ଆନନ୍ଦ ପ୍ରକାଶ ପାଇଥିଲେ ମଧ୍ୟ ସେଥି ନେଇ ବିତର୍କ ଆରମ୍ଭ ହୋଇଛି। କେତେକେ ତାଙ୍କ କାର୍ଯ୍ୟକୁ ସ୍ୱୀକୃତି ଦେଇଥିବା ବେଳେ ଅନେକେ ତାଙ୍କୁ ନିଜ ଭାଷାର ଲେଖକ ବୋଲି ଦାବି କରିପାରୁ ନାହାନ୍ତି। ତଥାପି ତାଞ୍ଜାନିଆ ରାଷ୍ଟ୍ରପତି ସାମିଅ ସୁଲୁହୁ ହାସନ ଟୁଇଟ୍ କରି ଲେଖକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଜାଞ୍ଜିବର ନେତା ହୁସେନ୍ ଅଲ୍ଲୀ ମଓିନି ଏହି ଔପନ୍ୟାସିକଙ୍କୁ ମାନ୍ୟତା ଦେବା ସହ କହିଛନ୍ତି ଯେ, ଉପନିବେଶବାଦ ଉପରେ ସେ ଯେଉଁ ରଚନା କରିଛନ୍ତି ତାହା କେବଳ ନିଜ ଅଞ୍ଚଳ ନୁହେଁ, ସମଗ୍ର ମାନବଜାତି ପାଇଁ ସମ୍ମାନ ଆଣି ଦେଇଛି।

**–ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ପେନ୍‌ସନ ଟଙ୍କାରେ ରାସ୍ତା ଖାଲଖମା ପୂରଣ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ହାଇଦ୍ରାବାଦର ଗଙ୍ଗାଧର ତିଳକ କଟନାମ୍। ସେ ପ୍ରତିଦିନ ସକାଳେ ତାଙ୍କ କାର୍ ଧରି ହାଇଦ୍ରାବାଦର ରାସ୍ତାଗୁଡ଼ିକରେ ଘୁରିବୁଲନ୍ତି ଓ ଯେଉଁଠାରେ ଗର୍ତ୍ତ ଥାଏ ତାହାକୁ ପୂରଣ କରନ୍ତି। ଗଙ୍ଗାଧର ପ୍ରତିଦିନ ତେଲ ବାବଦରେ ବି ୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। କାର୍ ପଛସିଟ୍‌ରେ ସେ ପ୍ରାୟ ୮ରୁ ୧୦ ଅଖା ଗୋଡି, ବଜୁରି ରଖନ୍ତି। ସେ ଏସବୁ ଠିକାଦାରଙ୍କଠାରୁ କିଣନ୍ତି। ଏବେ ସୁଦ୍ଧା ଗଙ୍ଗାଧର ୧,୧୦୦ ଗର୍ତ୍ତ ମରାମତି କରିସାରିଲେଣି। ଗଙ୍ଗାଧରଙ୍କ ବୟସ ୬୭। ସେ ରେଲୱେରେ ଚାକିରି କରିଥିଲେ। ଚାକିରି ସମୟରେ ବି ଲଞ୍ଚ୍ ବେଳେ ସେ ଅଫିସରୁ ଗର୍ତ୍ତ ମରାମତି କରିବାକୁ ବାହାରି ଯାଉଥିଲେ। ଅବସର ନେବା ପରେ ସେହି କାର୍ଯ୍ୟ ଜାରି ରଖିଛନ୍ତି ଓ ଏଥିରେ ତାଙ୍କ ପେନ୍‌ସନ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏବେ ଗଙ୍ଗାଧରଙ୍କ ସହ ହାଇଦ୍ରାବାଦର ବହୁ ଇଞ୍ଜିନିୟର ଓ ସାଧାରଣ ଲୋକ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟ ପାଇଁ ତାଙ୍କୁ ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନ ମଧ୍ୟ ସହଯୋଗ କରୁଛି ଓ ଆବଶ୍ୟକ ଜିନିଷ ମଧ୍ୟ ଯୋଗାଇ ଦେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଅକ୍ଟୋବର ୧୯୯୬**

- ଇରାକର ଉତ୍ତରାଞ୍ଚଳସ୍ଥିତ ବିଚ୍ଛିନ୍ନତାବାଦୀ କୁର୍ଦ୍ଦ ବିଦ୍ରୋହୀଙ୍କ ଏକ ଶିବିର ଉପରେ ତୁର୍କୀର ସାମରିକ ବିମାନ ବୋମାମାଡ଼ କରିବା ଫଳରେ ୬୪ କୁର୍ଦ୍ଦ ନିହତ।
- ପେରୁର ଆଣ୍ଡିଜ ପାର୍ବତ୍ୟାଞ୍ଚଳର ଏକ ଗିରିସଙ୍କଟ ମଧ୍ୟକୁ ଯାତ୍ରୀବାହୀ ବସ୍ ଖସିପଡ଼ିବା ଫଳରେ ୪୦ ଜଣ ଯାତ୍ରୀ ମୃତ।

## ଚିରନ୍ତନୀ

ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି?
(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 2 | | 6 | | | | | |
| | 9 | 7 | | | | | | |
| 6 | | | | | | | 7 | |
| | 3 | | | 1 | 5 | 6 | | |
| | | | | | | | | 2 |
| | | | 4 | 8 | | | | 1 |
| | | | 2 | | | | 8 | 3 |
| | 7 | 3 | | | | 9 | 6 | |
| | | 8 | 3 | | 6 | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 2 | 8 | 3 | 7 | 4 | 1 | 6 |
| 8 | 4 | 3 | 5 | 1 | 6 | 9 | 2 | 7 |
| 7 | 6 | 1 | 2 | 9 | 4 | 8 | 3 | 5 |
| 2 | 1 | 7 | 3 | 4 | 5 | 6 | 8 | 9 |
| 4 | 9 | 8 | 6 | 2 | 1 | 5 | 7 | 3 |
| 6 | 3 | 5 | 7 | 8 | 9 | 2 | 4 | 1 |
| 3 | 2 | 6 | 1 | 5 | 8 | 7 | 9 | 4 |
| 1 | 7 | 4 | 9 | 6 | 2 | 3 | 5 | 8 |
| 5 | 8 | 9 | 4 | 7 | 3 | 1 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭୂଷଣ ଛକ ବଜାରରେ ନିଶା ବେପାରୀଙ୍କ ଉତ୍ପାତ

ମହାଶୟ,
ଭୂଷଣ ପ୍ଲାଣ୍ଟଟି ଢେଙ୍କାନାଳ ଓ ଅନୁଗୋଳ ଜିଲାର ସୀମାରେଖାରେ ଗଢ଼ି ଉଠିଛି। ଭୂଷଣ ପ୍ଲାଣ୍ଟ ଛକରେ ଥିବା ବଜାରରେ ଅବାଧ ନକଲି ମଦ ବିକ୍ରି ହେବା ସହ ଗଞ୍ଜେଇ, ଦେଶୀ ମହୁଲି ପାଉଚ୍, ପାଉଡର ବିକ୍ରି ହେଉଛି। ପାଖରେ ଥାନା ଥିଲେ ମଧ୍ୟ ବେପାରି ଖୋଲାଖୋଲି ମଦ ଓ ଅନ୍ୟ ମାଦକଦ୍ରବ୍ୟ ବିକ୍ରି କରୁଛନ୍ତି। ସେହିପରି କେତେକ ଫାଷ୍ଟଫୁଡ୍ ଦୋକାନୀ ଓ ଜଳଖିଆ ଦୋକାନୀ ୪–୫ ଦିନ ଧରି ବଳକା ଜିନିଷକୁ ବିକ୍ରି କରୁଛନ୍ତି। କେତେକ ଅସାମାଜିକ ବ୍ୟକ୍ତି ସରକାରୀ ଜାଗାରେ ଘର କରିବା ଦ୍ୱାରା ବଜାରର ପାଣି ନିଷ୍କାସନ ହେଉନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଉଚିତ।

ଭୂଷଣ ବଜାର ବରିଷ୍ଠ ନାଗରିକ ସଂଘ, ମେରାମଣ୍ଡଳୀ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସଂକ୍ରମଣର ଦୈନିକ ବିଶ୍ଳେଷଣ ହେବ

ଭୁବନେଶ୍ୱର, ୯।୧୦ (ବ୍ୟୁରୋ)

କରୋନା କଟକଣା ମାନିବାରେ ସାମାନ୍ୟ ବ୍ୟତିକ୍ରମ ହେଲେ ସଂକ୍ରମଣ ପୁଣି ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂଜା ପାଖରୁ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ଆରମ୍ଭ ହୋଇଗଲା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଯେଉଁଠି ଅଧିକ ସଂକ୍ରମଣ ବଢ଼ୁଛି, ସେଠାରେ କଣ୍ଟେନମେଣ୍ଟ ଜୋନ୍ କରିବା ପାଇଁ କେନ୍ଦ୍ର ସରକାର କହିଛନ୍ତି। କଟକ ଓ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ରହୁଛି। ତେଣୁ କଡ଼ାକଡ଼ି ନିୟମ ପାଳନ ଉପରେ ଅଧିକ ଫୋକସ୍ ରହିଛି। ଭିଡ଼କୁ ଏଡ଼େଇବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଭିଡିଓ କନଫରେନ୍ସିଂରେ ଆଲୋଚନା ହୋଇଛି। ଏହାଛଡ଼ା ପୂଜାରେ ସତର୍କ ରହିବା ଦରକାର। ପୂଜା ସମୟରେ କେଉଁ ଜିଲାରେ କେତେ ସଂକ୍ରମଣ ବଢ଼ୁଛି, ତାହାର ଦୈନିକ ବିଶ୍ଳେଷଣ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୮,୨୬୪ ନମୁନା



ପରୀକ୍ଷା କରାଯାଇଥିବାବେଳେ ୨୫ ଜିଲାରୁ ୫୨୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ୬୮ଜଣ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୨୩୩ ଥିବାବେଳେ କଟକରୁ ୬୩ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୩୧,୦୪୪ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୪ଜଣଙ୍କ କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ନବରଙ୍ଗପୁରରୁ ୨ଜଣ ଥିବାବେଳେ ବଲାଙ୍ଗୀର ଓ ଜଗତ୍‌ସିଂହପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୮,୨୪୨କୁ ବୃଦ୍ଧି ପାଇଛି। ଏଥିସହ ରାଜ୍ୟରେ ଆଉ ୫୯୭ଜଣ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟଙ୍କ ସଂଖ୍ୟା ୧୦,୧୮,୩୧୧ ଛୁଇଁଛି।

## ସଂକ୍ଷେପରେ

### ନକଲି ଡାକ୍ତର ଗିରଫ

ବାରଙ୍ଗ,୯।୧୦(ଡି.ଏନ୍.ଏ.): ବିନା ପ୍ରମାଣପତ୍ରରେ ରୋଗୀ ସେବା କରିବା ଜଣେ ଡାକ୍ତରଙ୍କୁ ମହଙ୍ଗା ପଡ଼ିଛି। ଜଣେ ରୋଗୀଙ୍କ ଦେହ ସୁସ୍ଥ ହେବା ବଦଳରେ ବିଗିଡ଼ିବାରୁ ପରିବାର ଲୋକ ଥାନାରେ ଅଭିଯୋଗ କରିଥିଲେ।



ଜାନକୀ ବଲ୍ଲଭ ପଟ୍ଟନାୟକ

ଅଭିଯୋଗକ୍ରମେ ଚନ୍ଦକା ଥାନା ପୋଲିସ ଉକ୍ତ ନକଲି ଡାକ୍ତରଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଏହି ଥାନା ଗଙ୍ଗପଡା ଭାତକୁରିର ଜାନକୀ ବଲ୍ଲଭ ପଟ୍ଟନାୟକ। ଏ ନେଇ ପୋଲିସ ମାମଲା(ନଂ.୨୪୨/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗଙ୍ଗପଡ଼ା ଗ୍ରାମର ମୀନାକରୀ ଦାସ କର୍କଟ ରୋଗରେ ପୀଡ଼ିତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ଜଣେ ବ୍ୟକ୍ତି ଜାନକୀଙ୍କ ପାଖରେ ଦେଖାଇଲେ ଆରୋଗ୍ୟ ହୋଇଯିବ ବୋଲି କହିଥିଲେ। ପରେ ରୋଗୀଙ୍କ ପରିବାରଲୋକ ବିଶ୍ୱାସ କରି ହସ୍ପିଟାଲ ଛାଡ଼ି ଜାନୁୟାରୀ ୨୦୨୧ ପରଠାରୁ ଜାନକୀଙ୍କ ଅଧୀନରେ ଚିକିତ୍ସିତ ହୋଇଥିଲେ। ଚିକିତ୍ସା ସତ୍ତ୍ୱେ ମୀନାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରେ ଲାଗିଥିଲା। ପରିବାର ଲୋକଙ୍କ ସନ୍ଦେହ ହେବାରୁ ମୀନାଙ୍କ ଭାଇ ପ୍ରଦୀପ୍ତପ୍ରସାଦ ରାମ ମେଣ୍ଢାଶାଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ ଅଭିଯୋଗ ଆଧାରରେ ଜାନକୀଙ୍କୁ ଥାନାକୁ ଆଣିଥିଲେ। ଯାଞ୍ଚବେଳେ ତାଙ୍କର କୌଣସି ପ୍ରାମାଣିକ ପ୍ରମାଣପତ୍ର ଦେଖାଇପାରି ନ ଥିଲେ।

## ଚାର୍ଜଶିଟ୍, ତଦନ୍ତରେ ସନ୍ତୁଷ୍ଟ ନୁହନ୍ତି ସୌମ୍ୟଙ୍କ ବାପା, ଓକିଲ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ବିଦ୍ୟାଭାରତୀ ହିଁ ଅଭିଯୁକ୍ତ ବୋଲି କ୍ରାଇମବ୍ରାଞ୍ଚ ଦର୍ଶାଉଛି। ୮୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ପାରଳାଖେମୁଣ୍ଡି କୋର୍ଟରେ ବିଦ୍ୟାଭାରତୀଙ୍କ ନାଁରେ ଆଇପିସି ଦଫା ୨୮୫ ଓ ୩୦୪(ଏ)ରେ ୩୦୦ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହାସହ ଆଇପିସି ୪୧ ଧାରାରେ ବିଦ୍ୟାଭାରତୀଙ୍କୁ ନୋଟିସ୍ କରାଯାଇଛି ବୋଲି ଶନିବାର ଭୁବନେଶ୍ୱରରେ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ତେବେ କେବଳ ବିଦ୍ୟାଭାରତୀ ହିଁ ଦୋଷୀ କି ପ୍ରଶ୍ନକୁ ଏଡ଼ାଇ ଯାଇଛନ୍ତି ଏଡିଜି। ତଦନ୍ତରେ ଯେତିକି ମିଳିଲା ଚାର୍ଜଶିଟ୍‌ରେ ସେତିକି ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ କ୍ରାଇମବ୍ରାଞ୍ଚର ଏହି ତଦନ୍ତ ପ୍ରକ୍ରିୟା ଓ ଚାର୍ଜଶିଟ୍‌କୁ ନେଇ ସନ୍ତୁଷ୍ଟ ନାହାନ୍ତି ସୌମ୍ୟରଞ୍ଜନଙ୍କ ବାପା ଓ ଓକିଲ। ବିଦ୍ୟାଭାରତୀଙ୍କ ନାଁରେ ଲାଗିଥିବା ଦୁଇ ଦଫାରେ ସର୍ବାଧିକ ୩ ବର୍ଷ ଯାଏ ଦଣ୍ଡବିଧାନ ହୋଇପାରିବ। କୌଣସି ବ୍ୟକ୍ତିର ଅବହେଳା କିମ୍ବା ଅସାବଧାନରୁ ଅପରପକ୍ଷର ଜୀବନହାନି ହେଲେ ଦଫା ୩୦୪(ଏ) ଲାଗୁ ହୋଇଥାଏ। ଏଥିରେ ସର୍ବାଧିକ ୨ ବର୍ଷ ଜେଲ୍ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡବିଧାନର ପ୍ରାବଧାନ ରହିଛି। ଦଫା ୨୮୫ ହେଉଛି କୌଣସି ଜ୍ୱଳନ ପଦାର୍ଥ ଦ୍ୱାରା କ୍ଷତି ପହଞ୍ଚାଇବା କିମ୍ବା ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରିବା। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ୬ମାସ ଯାଏ ଜେଲ୍ ଦଣ୍ଡ ଓ ଜରିମାନା ରହିଛି। ହେଲେ ଏତେ ସମ୍ବେଦନଶୀଳ ଘଟଣାରେ ବିଦ୍ୟାଭାରତୀଙ୍କ ବିରୋଧରେ ଲାଗିଥିବା ଦଫାକୁ ନେଇ ପ୍ରଶ୍ନ ଉଠାଇବା ସହ ଘଟଣାକୁ ଭିନ୍ନ ଦିଗ ଦେବାକୁ ଚେଷ୍ଟା କରାଯାଇଥିବା ପୂର୍ବତନ ବିଚାରପତି ଜଷ୍ଟିସ୍ ରତ୍ନାକର ଦାସ କହିଛନ୍ତି। ସୌମ୍ୟଙ୍କ ଓକିଲ ପାର୍ଥସାରଥୀ ନାୟକ କହିଛନ୍ତି, ଯେଉଁ ଦଫା ଲଗାଯାଇଛି, ତାହା ପ୍ରମାଣିତ କରିବା ମୁସ୍କିଲ। ତେଣୁ ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ସୌମ୍ୟଙ୍କ ବାପା ଆବେଦନ କରିଛନ୍ତି।

## ସୋମବାର କଂଗ୍ରେସର ମୌନ ପ୍ରତିବାଦ

**ଭୁବନେଶ୍ୱର,୯।୧୦(ବ୍ୟୁରୋ):** ଉତ୍ତର ପ୍ରଦେଶ ଲଖିମ୍‌ପୁରର ଖେରିଠାରେ ଆନ୍ଦୋଳନରତ କୃଷକଙ୍କ ଉପରକୁ ଗାଡ଼ି ଚଢାଇ ହତ୍ୟା ଘଟଣାର ପ୍ରତିବାଦ ସ୍ୱରୂପ ସୋମବାର କଂଗ୍ରେସ ଦେଶବ୍ୟାପୀ ମୌନ ବ୍ରତ ପାଳନ କରିବ। ଏନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୂଚିତ କରାଯାଇଛି। ପୂର୍ବାହ୍ନ ୧୦ ରୁ ୧ଟା ପର୍ଯ୍ୟନ୍ତ ରାଜଭବନ ଅବା ଯେ କୌଣସି କେନ୍ଦ୍ରୀୟ କାର୍ଯ୍ୟାଳୟ ସାମ୍ନାରେ ମୌନ ପ୍ରତିବାଦ କରିବେ। ଓଡ଼ିଶାରେ ପ୍ରତିବାଦ ପାଳନ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ରବିବାର ସବିଶେଷ ବିବରଣୀ ପ୍ରଦାନ କରାଯିବା ନେଇ ପିସିସି ପକ୍ଷରୁ କୁହାଯାଇଛି।

## ପଦକ୍ଷେପ ନେବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ

### ପୋଲିସ ଅଧିକାରୀଙ୍କ ପରକିୟାପ୍ରୀତି

କଟକ ଅଫିସ, ୯।୧୦

ଜଣେ ପୋଲିସ ଅଧିକାରୀଙ୍କ ପରକିୟାପ୍ରୀତିର ଭିଡିଓ ମାମଲାରେ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ନିରାକାରପୁର ଅଞ୍ଚଳର ଏକ ଦମ୍ପତି ଖୋର୍ଦ୍ଧା ଥାନା ଅଞ୍ଚଳରେ କିଛି ମାସ ତଳେ ଘରଭଡା ନେଇ ରହୁଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ଏବଂ ପୋଲିସ ଅଧିକାରୀଙ୍କ ମଧ୍ୟରେ ପ୍ରେମ ଓ ପରେ ଶାରୀରିକ ସମ୍ପର୍କ ରହିଥିଲା। ଏହାକୁ ମହିଳାଙ୍କ ସ୍ୱାମୀ ଦେଖିବା ପରେ ଖୋର୍ଦ୍ଧା ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ତାଙ୍କୁ ଧମକ ଦିଆଯାଇ ମାମଲାର ସମାଧାନ କରାଗଲା। ଏହାପରେ ଦମ୍ପତି ନିରାକାରପୁରସ୍ଥିତ ନିଜ ଘରକୁ ପଳାଇ ଆସିଥିଲେ। ଏଠାରେ ପୋଲିସ ଅଧିକାରୀ ଜଣକ ପହଞ୍ଚି ସମ୍ପୃକ୍ତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଘରେ ସ୍ତ୍ରୀଙ୍କ ସହ ଅସଂଯତ ଅବସ୍ଥାରେ ଦେଖିବା ପରେ ବ୍ୟକ୍ତି ଜଣଙ୍କ ପଡୋଶୀଙ୍କୁ ଡାକିଥିଲେ। ସେହି ସମୟରେ ଅଭିଯୁକ୍ତଙ୍କ ଫୋନରେ ଏକାଧିକ ମହିଳାଙ୍କ ସହିତ ଅସଂଯତ ଅବସ୍ଥାର ଭିଡିଓ ଦେଖିବାକୁ ମିଳିଥିଲା। ଏନେଇ ମହିଳାଙ୍କ ସ୍ୱାମୀ ନିରାକାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୬୧/୨୦) ରୁଜୁ କରିଥିଲା। ପରେ ଉକ୍ତ ତଦନ୍ତ ଆଗକୁ ଗଲା ନାହିଁ କି ଫୋନକୁ ଜବତ କରାଗଲାନାହିଁ। ବରଂ ସମ୍ପୃକ୍ତ ପୋଲିସ ଅଧିକାରୀ ମାମଲା ଉଠାଇ ଦେବା ପାଇଁ ସ୍ୱାମୀଙ୍କ ଉପରେ ଚାପ ପ୍ରୟୋଗ କଲେ। ମିଛ ମାମଲାରେ ଜେଲରେ ପୂରାଇଦେବେ କହି ଧମକ ଦେଲେ। ନିର୍ଯାତନା ସହି ନ ପାରି ବାଧହୋଇ ସ୍ୱାମୀ ଅଗଷ୍ଟ ୨୩ରେ ଖୋର୍ଦ୍ଧା ଏସ୍‌ପିଙ୍କୁ ଜଣାଇଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାଟି ସମ୍ବେଦନଶୀଳ ଓ କିଛି ମହିଳାଙ୍କ ସମ୍ମାନର ପ୍ରଶ୍ନ ହୋଇଥିବାରୁ ହାଇକୋର୍ଟ ଏହାକୁ ଗୁରୁତର ସହ ନେଇଛନ୍ତି। ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗର ବିଚାର କରି ଆସନ୍ତା ୪ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଖୋର୍ଦ୍ଧା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବ୍ୟୋମକେଶ ତ୍ରିପାଠୀ ଓ ଏସ.କେ.ସାହୁ ମାମଲା ପରିଚାଳନା କରୁଛନ୍ତି।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଫେଷ୍ଟିଭ ମହୋତ୍ସବ

ଭୁବନେଶ୍ୱର,୯।୧୦

Arundhati® JEWELLERS

ପାର୍ବଣକୁ ଧ୍ୟାନରେ ରଖି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଫେଷ୍ଟିଭ ମହୋତ୍ସବ ଘୋଷଣା କରାଯାଇଛି। ଏଥିରେ ସୁନା ଗହଣା ଗଢା ମୂଲ୍ୟ ଉପରେ ୩ ହଜାର ଟଙ୍କାର ଆକର୍ଷଣୀୟ ରିହାତି ଉପଲବ୍ଧ ହେବ। ଏହା ସହିତ ଗ୍ରାହକ ମାଗଣା ସ୍ୱର୍ଣ୍ଣ ମୁଦି, ରୁପା ମୁଦ୍ରା ସହ ରୁପା ଗହଣା ଗଢ଼ା ମଜୁରି କ୍ଷେତ୍ରରେ ୫୦% ରିହାତି, ହୀରା ଗହଣା ଉପରେ କ୍ୟାରେଟ ପିଛା ୧୩ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ପ୍ରତିଷ୍ଠାନ ପକ୍ଷରୁ ପ୍ରଥମ କରି ଇଟାଲିୟନ ବ୍ୟାଙ୍ଗଲ, ଦୁବାଇ ନେକଲେସ ଆଣ୍ଟିକ, ପାରମ୍ପରିକ ସୁନା ଗହଣାର ବିସ୍ତୃତ ଭେରାଇଟି ଏବଂ ଆକର୍ଷଣୀୟ କଲେକ୍ସନ ଗ୍ରାହକ ଲାଭ କରିପାରିବେ। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଦୁର୍ଗାପୂଜା ଅବସରରେ ଦେଶର କୋଣ ଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ସମ୍ପୂର୍ଣ୍ଣ ହଲ୍ ମାର୍କ ଶୁଦ୍ଧତାବିଶିଷ୍ଟ ସୁନାଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ସମ୍ଭାର ରଖାଯିବା ସହ ଅରୁନ୍ଧତୀର ନିଆରା ୫ ଷ୍ଟାର ପ୍ରମିସ ସେବା ଦିଆଯାଉଛି। ପ୍ରତ୍ୟେକ ଉତ୍ସବ ଏବଂ ଖୁସିରେ ଗ୍ରାହକଙ୍କୁ ଖୁସିକୁ ଦ୍ୱିଗୁଣିତ କରିବାରେ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମେହେର କହିଛନ୍ତି।

## ଟ୍ରେନ୍‌ରେ ଡକାୟତି ଯୋଜନା, ୬ ଗିରଫ

### ଖେଳଣା ବନ୍ଧୁକ, ଛୁରି, ଲଙ୍କାଗୁଣ୍ଡ, ରଡ୍ ଜବତ

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ଟ୍ରେନ୍‌ରେ ଡକାୟତି ଯୋଜନା ଚାଲିଥିବାବେଳେ ଆରପିଏଫ୍ ଓ ଜିଆରପି ମିଳିତ ଭାବେ ଫାଳିକିଆ ବସ୍ତିରେ ଚଢ଼ାଉ କରି ତାହାକୁ ପଣ୍ଡ କରିଦେଇଛନ୍ତି। ଏଥିସହ ଡକାୟତି ଗ୍ୟାଙ୍ଗର ୬ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କୋରାପୁଟର ବାପୁନ୍ ଶିଶା, ବିହାର ପାଟନାର ବିଶାଲ୍ କୁମାର, ଗଞ୍ଜାମର ବସନ୍ତ ସାହୁ, ସଞ୍ଜୟ ପ୍ରଧାନ, କଟକର ଦିନବନ୍ଧୁ ନାୟକ ଓ ମାଲକାନଗିରିର ଧର୍ମାନନ୍ଦ ମାଡ଼ି। ସେମାନଙ୍କଠାରୁ ୨ ମୋବାଇଲ ଫୋନ୍, ଗୋଟିଏ ଖେଳଣା ବନ୍ଧୁକ, ୨ ଛୁରି, ଲଙ୍କା ଗୁଣ୍ଡ, ଲୁହା ରଡ୍, ଷ୍ଟିକ୍, ଟର୍ଚ୍ଚ ଓ ବିଅର ବୋତଲ ଜବତ ହୋଇଛି। ଉକ୍ତ ଗ୍ୟାଙ୍ଗ ରାତିରେ ଟ୍ରେନ୍‌ରେ ପଶି ମାରଣାସ୍ତ୍ର ଦେଖାଇ ଯାତ୍ରୀଙ୍କଠାରୁ ଲୁଟ୍ କରନ୍ତି। ଗତ ୮ ତାରିଖ ବିଳମ୍ବିତ ରାତିରେ ଗ୍ୟାଙ୍ଗର ସଦସ୍ୟମାନେ ଫାଳିକିଆ ବସ୍ତିରେ ଡକାୟତି ଯୋଜନା କରୁଥିବା ନେଇ ସୂଚନା ପାଇ ଜିଆରପି ଥାନା ଏସ୍‌ଆଇ ବିକାଶ ପଲାଇଙ୍କ ନେତୃତ୍ୱରେ ମିଳିତ ଟିମ୍ ସେଠାରେ ଚଢାଉ କରି ମାରଣାସ୍ତ୍ର ସହ ସମସ୍ତ ୬ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ଏ ନେଇ ଜିଆରପି ୮୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏମାନେ ବହୁ ଅପରାଧରେ ସାମିଲ ଥିବା ଜଣାପଡିଛି। ଆବଶ୍ୟକ ପଡିଲେ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ ସୂଚନା ଦେଇଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-327R, ତା: 07.10.2021

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅଧୀନସ୍ଥ ମାନେଶ୍ୱର, ରେଢ଼ାଖୋଲ ଏବଂ ବଇଣ୍ଡା ଠାରେ ଟ୍ରାକ୍ସନ ସବ୍-ଷ୍ଟେସନରେ ଓପନ ଆକ୍ସେସ୍ (Open access) କନେକ୍ଟିଭିଟି ନିମନ୍ତେ CT, PT ଏବଂ ABT ମିଟର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 84.25 ଲକ୍ଷ, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2021ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ। ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C/G ଏବଂ G1 ର ଦାଖଲ, ଟେଣ୍ଡର ନଥିପତ୍ର ଗ୍ରୁପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ ନିର୍ମାଣ-I/ ଭୁବନେଶ୍ୱର

PR-73/CE/21-22



SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା (SARB)
ପ୍ଲଟ୍ ନଂ. ୨୨୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ : ୦୬୭୪-୨୫୪୯୨୬୩, ୨୫୪୯୬୨୧, ଫାକ୍ସ ନଂ. : ୦୬୭୪-୨୫୪୯୧୭୩

**ଭ୍ରମ ସଂଶୋଧନ**

ତା.୦୯.୧୦.୨୦୨୧ରିଖରେ 'ଧରିତ୍ରୀ'ରେ ପ୍ରକାଶିତ ଇ-ନିଲାମ ବିକ୍ରୟ ସମ୍ପତ୍ତି ର ନିମ୍ନରେ ଦିଆଯାଇଥିବା ପରବର୍ତ୍ତୀ ଅନୁସନ୍ଧାନ ପାଇଁ କ୍ର.ନ. ୧ ଓ ୨ ନିମନ୍ତେ ଶ୍ରୀ ସୁରେଶ ଚନ୍ଦ୍ର ପଣ୍ଡା ପରିବର୍ତ୍ତେ ଶ୍ରୀ ସୁକାନ୍ତ କୁମାର ଗିରି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ : ୮୬୫୮୫୬୨୧୧୩ କୁ ଯୋଗାଯୋଗ କରନ୍ତୁ। ସ୍ୱା/-
କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


**ତହସିଲଦାରଙ୍କ କାର୍ଯ୍ୟାଳୟ, ବୈପାରିଗୁଡ଼ା**
**(ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ)**
**(ଭାରତ ସରକାର ରାଜପତ୍ର, ଅସାଧାରଣ ଭାଗ-୨, ଖଣ୍ଡ-୩ (ii)ରେ ପ୍ରକାଶ ନିମନ୍ତେ)**
**ଭାରତ ସରକାର**
**(ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ)**
**ଅଧିସୂଚନା**
**ନୂଆଦିଲ୍ଲୀ, ତା୦୩।୦୮।୨୦୨୧**

No. X-12:- କା.ଆ. ୩୦୯୯ (ଅ) କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ କା୪୮)ର ଧାରା ୩ (କ) ଅର୍ପିତ କ୍ଷମତାର ପ୍ରୟୋଗ ପୂର୍ବକ ଏହାର ଆବଶ୍ୟକତା ପ୍ରତୀତ ହେବା ପରେ ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ- ୩୨୬ରେ କିମି ୩୨୩.୯୦୦ କି.ମି., ପାତ୍ରପୁଟଟାରେ ନୂତନ ଉଚ୍ଚ ସେତୁ ନିର୍ମାଣ ଉଦ୍ଦେଶ୍ୟରେ ଅନୁସୂଚୀ ସ୍ତମ୍ଭ (୪), (୫), (୬) ଓ (୭) ଯଥାକ୍ରମେ ରାଜ୍ୟ, ଜିଲ୍ଲା, ତାଲୁକ ଓ ଗାଁ ଅନୁସୂଚୀ ସ୍ତମ୍ଭ (୩)ରେ ଭୂମିର ବିବରଣୀ (୨)ରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନାମ ପ୍ରକାଶ କରାଗଲା।

**ସ୍ୱା./- ତହସିଲଦାର ବୈପାରିଗୁଡ଼ା ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ ଜିଲ୍ଲା**

**ଅନୁସୂଚୀ**

**ଓଡ଼ିଶା ରାଜ୍ୟ ଅନ୍ତର୍ଗତ କୋରାପୁଟ ଜିଲ୍ଲାର ଜାତୀୟ ରାଜପଥ-୩୨୬ରେ କିମି ୩୨୩.୯୦୦ କି.ମି., ପାତ୍ରପୁଟଠାରେ ନୂତନ ଉଚ୍ଚ ସେତୁ ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚଳନା ଇତ୍ୟାଦି ସାର୍ବଜନୀନ ଉଦ୍ଦେଶ୍ୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଗଲା।**

| କ୍ର. ସଂ. | ଭୂ-ଅର୍ଜନ ଅଧିକାରୀ | ଭୂମିର ବିବରଣୀ | ରାଜ୍ୟର ନାମ | ଜିଲ୍ଲାର ନାମ | ତାଲୁକ/ମଣ୍ଡଳ | ଗ୍ରାମର ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ତହସିଲଦାର, ବୈପାରିଗୁଡ଼ା | ୩୨୩.୯୦୦ /କି.ମି. ଠାରୁ ୩୨୩.୯୦୦ | ଓଡ଼ିଶା | କୋରାପୁଟ | ଜୟପୁର | ୧ କଞ୍ଜେଇ |
| | | | | | ବୈପାରିଗୁଡ଼ା | ୨ ବିଟଲକୋଟା |

**ସ୍ୱା./- ତହସିଲଦାର ବୈପାରିଗୁଡ଼ା ଓ (ଭୂ-ଅର୍ଜନ କ୍ଷମତାପ୍ରାପ୍ତ ଅଧିକାରୀ), କୋରାପୁଟ ଜିଲ୍ଲା**

OIPR-24221/14/0001/2122

**ଓଡ଼ିଶା ସରକାର**
**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

SBTJ No.-68 — **ତାରିଖ: 26.02.2021/ଅନୁଗୋଳ**

No. XXIX-18: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ***ଅଭିମାନପୁର*** ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୨.୧୯୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଧାରା ୮(୨) ମୁତାବକ ପ୍ରକାଶିତ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ ଅନୁଗୋଳ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଅଁରପାଳ | ଅଭିମାନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨.୧୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

**ଭୂମି ଅନୁସୂଚୀ**

**ମୌଜା- ଅଭିମାନପୁର (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.- ୯୪, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୋଳ,**
**ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୨୫ | ରୟତି | ୧୧୩ | ଶାରଦ ତିନି/ ୧୯ | ୩.୨୩୦ | ୦.୩୮୦ | ବୈଦ୍ୟନାଥ ଧର, ହାଡ଼ିବନ୍ଧୁ ଧର, ପି: ଯୁଯେଷ୍ଟି ଧର, ଜା: ବ୍ରାହ୍ମଣ, ବା: ଭୋଗ ବେରେଣି |
| ୧୨ | ରୟତି | ୧୦୭/ ୧୧୮ | ଶାରଦ ତିନି/୨ | ୦.୨୯୦ | ୦.୧୦୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୩୪/୩ | ରୟତି | ୧୦୭ | ଶାରଦ ତିନି | ୦.୨୭୦ | ୦.୨୦୦ | ସାନ୍ତରା ବେହେରା, ରାଉତୁରା ବେହେରା, ସୁମିତ୍ରା ବେହେରା, ପି: ପ୍ରହଲାଦ ବେହେରା, ଜା: ଗୋପାଳ, ବା: ଭୋଗ ବେରେଣି |
| ୧୩ | ରୟତି | ୧୦୮ | ଶାରଦ ଦୁଇ | ୦.୧୩୦ | ୦.୧୩୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୩୪/୪ | ରୟତି | ୧୦୬ | ଘର | ୦.୦୧୦ | ୦.୦୧୦ | ହୃଦାନନ୍ଦ ସାହୁ, ପି: ବିକ୍ରମ ସାହୁ, ଜା: ଚଷା, ବା: ଭୋଗ ବେରେଣି |
| ୧୩ | ରୟତି | ୧୦୯ | ଶାରଦ ଦୁଇ/୨ | ୦.୨୭୦ | ୦.୨୫୦ | ଯୋଗିନାଥ ବେହେରା, ପି: ଚେମା ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୧୭ | ରୟତି | ୧୦୫ | ଶାରଦ ଦୁଇ | ୦.୦୮୦ | ୦.୦୮୦ | ନବଘନ ନାଏକ, ପି: ଯାଦବ ନାଏକ, ଜା: ପାଣ, ବା: ନିଜଗାଁ |
| ୨୮ | ରୟତି | ୧୦୪ | ଶାରଦ ଏକ | ୦.୪୭୦ | ୦.୨୦୦ | ଭାବ ଭୂତିଆ, ଗୁମାନି ଭୂତିଆ, ପି: ଗନ୍ଧର୍ବ ଭୂତିଆ, ଜା: ଗୋପାଳ, ବା: ଭୋଗ ବେରେଣୀ |
| ୭ | ରୟତି | ୯୭ | ଶାରଦ ତିନି | ୦.୨୧୦ | ୦.୧୦୦ | ଗାଣ୍ଠୁ ବେହେରା, ପି: ଖେତ୍ର ବେହେରା, ଯୋଗି ବେହେରା, ପି: ଚେମା ବେହେରା, ଚୈତନ ବେହେରା, ପି: ମୁଳିଆ ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| | ରୟତି | ୯୮ | | ୦.୨୭୦ | ୦.୧୧୦ | |
| | ରୟତି | ୯୬ | | ୦.୦୭୦ | ୦.୦୧୦ | |
| ୩୪/୨ | ରୟତି | ୧୧୪ | ଶାରଦ ତିନି | ୦.୬୭୦ | ୦.୨୨୦ | ଭୋଳେଶ୍ୱର ନାଏକ ପି: ବ୍ରହ୍ମାନନ୍ଦ ଉଦେଭାନୁ ଜା: ପାଣ, ବା: କୁସପଙ୍ଗି |
| ୨୨ | ରୟତି | ୧୧୫ | ଶାରଦ ତିନି/ ୮ | ୧.୦୯୦ | ୦.୦୮୦ | ବିଶ୍ୱନାଥ ପରିଡ଼ା ଓ ଆନନ୍ଦ ପରିଡ଼ା, ପି: ଗତି ପରିଡ଼ା ଓ ତୁଆଣି ଦେଇ ପି: ପର୍ଶୁ ପରିଡ଼ା, ଜା: ଗୋପାଳ, ବା: ଭୋଗ ବେରେଣି |
| ୧୭ | ରୟତି | ୧୧୬ | ଶାରଦ ଦୁଇ | ୦.୧୦୦ | ୦.୧୦୦ | ନବଘନ ନାଏକ, ପି: ଯାଦବ ନାଏକ, ଜା: ପାଣି ବା: ନିଜଗାଁ |
| ୭ | ରୟତି | ୧୦୩ | ଶାରଦ ତିନି | ୦.୧୫୦ | ୦.୧୫୦ | ଗାଣ୍ଠୁ ବେହେରା, ପି: ଖେତ୍ର ବେହେରା, ଯୋଗି ବେହେରା, ପି: ଚେମା ବେହେରା, ଚୈତନ ବେହେରା, ପି: ମୁଳିଆ ବେହେରା, ଜା: ତନ୍ତି, ବା: ଭୋଗ ବେରେଣି |
| ୨୭ | ରୟତି | ୮୮ | ଶାରଦ ଦୁଇ/୩ | ୦.୮୪୦ | ୦.୦୬୦ | ବୈଷ୍ଣବ ସାହୁ, ଅରକ୍ଷିତ ସାହୁ, ପି: ଲୋକନାଥ ସାହୁ, ଜା: ଚଷା, ବା: ଭୋଗ ବେରେଣି |
| ୨୯ | ରୟତି | ୯୨ | ଶାରଦ ତିନି | ୦.୦୬୦ | ୦.୦୧୦ | ଭାସ୍କର ବାଇ, ପି: ସୁଦର୍ଶନ ବାଇ, ଜା: ତନ୍ତି, ବା: ଭୋଗ ବେରେଣି |
| | | | ମୋଟ | ୮.୨୧୦ | ୨.୧୯୦ | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ,**
**ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**

OIPR-24012/14/0023/2122

**ଓଡ଼ିଶା ସରକାର**
**ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

SBTJ No. 74 — **ତାରିଖ: 26.02.2021/ଅନୁଗୋଳ**

No. XXIX-27: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ***ବଡ଼କରବେରେଣୀ*** ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୪.୦୫୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ପୂର୍ବତଟ ରେଳପଥ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଧାରା ୮(୨) ମୁତାବକ ପ୍ରକାଶିତ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଅନୁଗୋଳ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଅଁରପାଳ | ବଡ଼କରବେରେଣୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୪.୦୫୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

**ଭୂମି ଅନୁସୂଚୀ**

**ମୌଜା- ବଡ଼କରବେରେଣୀ (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.- ୭୧, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୋଳ,**
**ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୩୦/୪ | ରୟତି | ୨୨ ବଅଁରବଣି | ୧୭ | ୦.୧୭୦ | ୦.୦୬୦ | ସର୍ବେଶ୍ୱର ବେହେରା ପି: ନବିନା ବେହେରା, ଜା: ଚଷା, ବା: ନିଜଗାଁ |
| | ରୟତି | ୨୧ ତାଳପଶି | ୧୭ | ୦.୪୧୦ | ୦.୪୧୦ | |
| ୬୮ | ରୟତି | ୨୦ ତାଳପଶି | ୧୬ | ୦.୬୬୦ | ୦.୧୦୦ | ବାଳକୃଷ୍ଣ ବେହେରା, ଜୀବନ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ପି: ଗୁଣନିଧି ବେହେରା, ପ୍ରମୋଦ ରଞ୍ଜନ ବେହେରା, ପ୍ରଭାତ ବେହେରା ପି: ପୂର୍ଣ୍ଣଚନ୍ଦ୍ର ବେହେରା, କସ୍ତୁରୀ ବେହେରା, ସ୍ୱା: ପୂର୍ଣ୍ଣଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୮୭ | ରୟତି | ୨୯୨ ଓସ୍ତଡ଼ିପ | ୯୫ | ୧.୫୧୦ | ୦.୧୭୦ | ମଦନ ସାହୁ, ପି: ରାମ ସାହୁ, ଜା: ଚଷା, ବା: ନିଜଗାଁ |
| ୫୪ | ରୟତି | ୨୯୧ ଓସ୍ତଡ଼ିପ | ୯୪ | ୧.୪୫୦ | ୦.୧୯୦ | ପରମାନନ୍ଦ ପ୍ରଧାନ, ପି: ଶତ୍ରୁଘ୍ନ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୯ | ରୟତି | ୨୯୦ ଓସ୍ତଡ଼ିପ | ୯୩ | ୦.୦୩୦ | ୦.୦୧୦ | ଗୁଞ୍ଜର ପାତ୍ର, ସ୍ୱା: ନୃସିଂହ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୫୧ | ରୟତି | ୨୮୮ ଓସ୍ତଡ଼ିପ | | ୧.୫୫୦ | ୦.୧୨୦ | ନୃସିଂହ ପାତ୍ର, ପି: ସଦାନନ୍ଦ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୧ | ରୟତି | ୨୮୪ ଓସ୍ତଡ଼ିପ | ୮୮ | ୧.୭୦୦ | ୦.୨୮୦ | ଅକ୍ଷୟ କୁମାର ପାତ୍ର, ବିଦ୍ୟାଧର ପାତ୍ର, ପୀତବାସ ପାତ୍ର, ଅଭିମନ୍ୟୁ ପାତ୍ର, ପି: ବିଛନ୍ଦ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| ୬୮ | ରୟତି | ୨୮୩ ଗମ୍ଭାରିଡ଼ିପ | ୮୭ | ୧.୧୨୦ | ୦.୧୪୦ | ବୈଷ୍ଣବ ସାହୁ, ପି: ଶ୍ରୀମୁଖ ସାହୁ, ଜା: ଚଷା, ବା: ନିଜଗାଁ |
| ୧୩୦/୧ | ରୟତି | ୨୮୫ ଓସ୍ତଡ଼ିପ | ୮୯ | ୦.୫୦୦ | ୦.୧୨୦ | ଗୁଜୀ ଦେଇ, ସ୍ୱା: ସୁକୁଟୁ ସାହୁ, ଜା: ଚଷା, ବା: କରବେରେଣୀ |
| ୪୦ | ରୟତି | ୨୮୬ ଓସ୍ତଡ଼ିପ | ୯୦ | ୧.୫୬୦ | ୦.୭୫୦ | ଧ୍ରୁବ ବେହେରା, ଶରତ ବେହେରା, ବସନ୍ତ ବେହେରା, ସୁଷମା ବେହେରା, ପି: ବିଚିତ୍ର ବେହେରା, ଝଙ୍କୁରୀ ବେହେରା, ସ୍ୱା: ବିଚିତ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୩୩ | ରୟତି | ୩୦୨ ଓସ୍ତଡ଼ିପ | ୧୦୩ | ୧.୪୩୦ | ୦.୦୨୦ | ଦାମ ନାୟକ, ପି: ନହିଁଆ ନାୟକ, ଜା: ଚଷା, ବା: ନିଜଗାଁ |
| ୪୦ | ରୟତି | ୨୮୭ ଓସ୍ତଡ଼ିପ | ୯୦ | ୦.୦୪୦ | ୦.୦୨୦ | ଧ୍ରୁବ ବେହେରା, ଶରତ ବେହେରା, ବସନ୍ତ ବେହେରା, ସୁଷମା ବେହେରା, ପି: ବିଚିତ୍ର ବେହେରା, ଝଙ୍କୁରୀ ବେହେରା, ସ୍ୱା: ବିଚିତ୍ର ବେହେରା, ଜା: ଚଷା, ବା: ନିଜଗାଁ |
| ୪୬ | ରୟତି | ୩୦୧ ଓସ୍ତଡ଼ିପ | ୧୦୨ | ୦.୨୮୦ | ୦.୧୫୦ | ନିତ୍ୟାନନ୍ଦ ନାୟକ, ପିତାମ୍ବର ନାୟକ, ଲୋକନାଥ ନାୟକ, ବିଶ୍ୱମ୍ବର ନାୟକ, ପି: ଦାମ ନାୟକ, ଜା: ଚଷା, ବା: ନିଜଗାଁ |
| ୯୮ | ରୟତି | ୩୦୦ ଓସ୍ତଡ଼ିପ | ୧୦୧ | ୦.୮୩୦ | ୦.୨୨୦ | ଲୟୋଦର ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨ | ରୟତି | ୨୯୯ ଓସ୍ତଡ଼ିପ | ୧୦୦ | ୧.୨୫୦ | ୦.୦୩୦ | କୁହୁରୁ ସାହୁ, ପି: ଶ୍ରୀନିବାସ ସାହୁ, ଚତୁରୀ ସାହୁ, ସ୍ୱା: ଶ୍ରୀନିବାସ ସାହୁ, ରଜନୀ ସାହୁ, ସ୍ୱା: ପୂର୍ଣ୍ଣ ଚନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୩୨ | ରୟତି | ୨୯୫ ଓସ୍ତଡ଼ିପ | ୯୭ | ୦.୨୧୦ | ୦.୦୨୦ | ତ୍ରିପୁର ପ୍ରଧାନ, ପି: ଜଗବନ୍ଧୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୦୫ | ରୟତି | ୨୯୪ ଓସ୍ତଡ଼ିପ | ୯୬ | ୦.୫୬୦ | ୦.୦୮୦ | ସମ୍ପେଇ ପ୍ରଧାନ, ସ୍ୱା: ସୁଦେଇ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୯୩ ଓସ୍ତଡ଼ିପ | | ୦.୯୬୦ | ୦.୦୭୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୦୩ ଓସ୍ତଡ଼ିପ | | ୦.୫୫୦ | ୦.୧୩୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୭ | ରୟତି | ୨୦୯ ଓସ୍ତଡ଼ିପ | ଘରବାରି | ୦.୧୭୦ | ୦.୦୭୦ | ହଟିଆ ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୭ | ରୟତି | ୨୦୮ | ଘରବାରି | ୦.୦୪୦ | ୦.୦୪୦ | ହଟିଆ ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୨୧ | ରୟତି | ୨୦୬ ଗ୍ରାମଡିହ | ଘରବାରି | ୦.୦୮୦ | ୦.୦୩୦ | ସୁଦର୍ଶନ ପ୍ରଧାନ, ପି: ପାଣ୍ଡୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୨୪ | ରୟତି | ୨୦୭ | | ୦.୦୨୦ | ୦.୦୨୦ | ଗୌରାଙ୍ଗ ସାହୁ, ପି: କାଳିଆ ସାହୁ, ବେଙ୍ଗ ସାହୁ, ସ୍ୱା: କାଳିଆ ସାହୁ, ଜା: ଚଷା, ବା: ନିଜଗାଁ |
| ୨୭ | ରୟତି | ୨୪ | | ୦.୦୬୦ | ୦.୦୬୦ | ଚୈତନ୍ୟ ସାହୁ, ପି: ମାଧବ ସାହୁ, ଜା: ଚଷା, ବା: ନିଜଗାଁ |
| ୩୨ | ରୟତି | ୨୫ | | ୦.୧୨୦ | ୦.୧୨୦ | ତ୍ରିପୁର ପ୍ରଧାନ, ପି: ଜଗବନ୍ଧୁ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୯୮ | ରୟତି | ୨୬ | | ୦.୧୮୦ | ୦.୦୪୦ | ଲୟୋଦର ପ୍ରଧାନ, ପି: ଭଜନା ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୦୫ | ରୟତି | ୩୧ ବଅଁରବଣି | ୧୯ | ୦.୪୨୦ | ୦.୧୭୦ | ସମ୍ପେଇ ପ୍ରଧାନ, ସ୍ୱା: ସୁଦେଇ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୩୩ | ରୟତି | ୨୩ ବଅଁରବଣି | ୧୮ | ୦.୯୦୦ | ୦.୧୧୦ | ଦାମ ନାୟକ, ପି: ନହିଁଆ ନାୟକ, ଜା: ଚଷା, ବା: ନିଜଗାଁ |
| ୬୦ | ରୟତି | ୩୨ ବଅଁରବଣି | ୨୦ | ୦.୧୦୦ | ୦.୧୦୦ | ପୂର୍ଣ୍ଣ ପ୍ରଧାନ, ନିମେଇଁ ପ୍ରଧାନ, ପି: ଦ୍ୱାରୀ ପ୍ରଧାନ, ଜା: ଚଷା, ବା: କୁରୁଡୁଲ |
| ୬୬ | ରୟତି | ୩୩ ବଅଁରବଣି | ୨୧ | ୦.୭୦୦ | ୦.୨୦୦ | ବାଞ୍ଛାନିଧି ପାତ୍ର, ପି: କୁଞ୍ଜ ବିହାରୀ ପାତ୍ର, ଜା: କ୍ଷତ୍ରିୟ, ବା: ନିଜଗାଁ |
| | | | ମୋଟ | ୧୯.୫୬୦ | ୪.୦୫୦ | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ,**
**ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**

OIPR-24012/14/0032/2122

## ୱିନର ଆସୋସିଏଶନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

ଭୁବନେଶ୍ୱର, (ବ୍ୟୁରୋ): ୱିନର ଆସୋସିଏଶନ ପକ୍ଷରୁ ଶହୀଦନଗରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଶିକ୍ଷା, ସାହିତ୍ୟ, ସମାଜସେବା ଓ ସାମ୍ବାଦିକତା କ୍ଷେତ୍ର ପ୍ରତି ତାଙ୍କ ଅତୁଳନୀୟ ଅବଦାନ ରାଜ୍ୟବାସୀଙ୍କୁ ସବୁଦିନେ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ନାରାୟଣ ମହାପାତ୍ର, ଉମାନାଥ ମିଶ୍ର, ନରେନ ସାହୁ, ଶିବ ସୁଆର ସୁଭମ ମହାରଣା, ଦିବ୍ୟ ରଞ୍ଜନ ବାରିକ, ପ୍ରତୀକ ରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ଆର୍ଥ୍ରିଟିସ୍ ରେମ୍ୟୁଟୋଲୋଜି ସେଣ୍ଟର ପକ୍ଷରୁ ରାଲି ଏବଂ ୱାନ ରୁପି ଆର୍ଥ୍ରିଟିସ କ୍ଲିନିକ ଉଦ୍‌ଘାଟନ, ସେଣ୍ଟର ପରିସର, ଏ/୯୦, ଶହୀଦ ନଗର, ସକାଳ ୮ଟାରୁ ଆରମ୍ଭ।
- ଶାନ୍ତିସେନା ପୁସ୍ତକ ଉତ୍ସବ, ବୁଦ୍ଧ ମନ୍ଦିର, ଅପରାହ୍ନ ୫ଟା।

## ସଂକ୍ଷେପରେ

### ଅଷ୍ଟମୀରେ ମା'ଙ୍କ ପାଖରେ ପାଣିକଖାରୁ ବଳି ଦିଆଯାଏ

ପୁରୁଣା ଭୁବନେଶ୍ୱର,୯।୧୦(ଡି.ଏନ.ଏ): ଗତବର୍ଷ ଭଳି ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ ଦୁର୍ଗାପୂଜା ହେବ। ପୁରୁଣା ଭୁବନେଶ୍ୱରର ସର୍ବ ପୁରାତନ କୈବର୍ତ୍ତ ସାହି ପୂଜା ସମିତି ପକ୍ଷରୁ ୧୯୫୨ରୁ ମା'ଙ୍କ ପୂଜା ହୋଇ ଆସୁଛି। କୋଭିଡ୍ କଟକଣାକୁ ନେଇ ପୂଜା ସମିତି ସତର୍କତା ସହ ଏହି ପୂଜା ଚଳିତବର୍ଷ ପାଳନ କରୁଛି। କୋଭିଡ୍ କଟକଣା ପାଇଁ ପୁରାତନ ବାଦ୍ୟଯନ୍ତ୍ର ଡେଙ୍ଗ ନାଗରା ଆଉ ୨ବର୍ଷ ହେବ ବାଜୁନାହିଁ। କୈବର୍ତ୍ତ ଘୋଡାନାଚ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିବା ସମିତି ସମ୍ପାଦକ ଲକ୍ଷ୍ମୀଧର ବେହେରା କହିଛନ୍ତି। ଅଷ୍ଟମୀରେ ମା'ଙ୍କ ନିକଟରେ ପାଣି କଖାରୁ ବଳି ଦିଆଯାଏ ବୋଲି ସମିତି ସଭାପତି ନିରଞ୍ଜନ ମହାଲିକ କହିଛନ୍ତି।

### ଗଦବା ଜନଜାତି ଘର ବୁଲି ଦେଖିବେ ଦର୍ଶକ

ଭୁବନେଶ୍ୱର, ୯।୧୦ (ବ୍ୟୁରୋ): ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ରବିବାର ଭର୍ଚୁଆଲ୍ ଟୁର୍‌ରେ ଏଥର ଗଦବା ଜନଜାତି ଘର ବୁଲି ଦେଖିବେ ଦର୍ଶକ। ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରେ ଏହି ଜନଜାତି ବସବାସ କରିଥାନ୍ତି। ଗଦବାମାନେ ସେମାନଙ୍କ ଘରକୁ ଦୁଇଟି ଧାଡ଼ିରେ ନିର୍ମାଣ କରିଥାନ୍ତି। ଘରଗୁଡ଼ିକ ମୁହାଁମୁହିଁ ରହିଥାଏ। ପ୍ରତ୍ୟେକ ଘର ମଧ୍ୟରେ ବହୁ ବ୍ୟବଧାନ ରହିଥାଏ। ଏହି ଘରକୁ ଛେଣ୍ଡି ଦିଏନ୍ କୁହାଯାଏ। ଘରଗୁଡ଼ିକ ଗୋଲାକାର ଓ ଛାତ କୋନ୍ ଆକୃତିର ନିର୍ମାଣ କରାଯାଇଥାଏ। ଘରର ମଧ୍ୟ ଭାଗରେ ଥିବା ଏକ କାଠ ଖୁଣ୍ଟି ସହାୟତାରେ ଛାତ ରହିଥାଏ। ଏହି କାଠଖୁଣ୍ଟି ମଧ୍ୟରେ ଘରଦେବୀ ବସବାସ କରିଥାନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଘରର ଆଭ୍ୟନ୍ତରୀଣ ଭାଗରେ ମୁଖ୍ୟ ଘର, ଚୁଲି ସହ ରୋଷଶାଳା ଓ ଏକ ଭିତର ଘର ରହିଥାଏ। ଭିତରେ ରହିଥିବା ଏହି ଘର ପରିବାରର ଦେବଦେବୀଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଥାଏ ଓ ସେଥିରେ ଏକ ସ୍ୱତନ୍ତ୍ର ଚୁଲି ରହିଥାଏ। ଅଧିକ ଜାଣିବାକୁ ଆଗ୍ରହୀ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ @stscdev କିମ୍ବା @scstrti ଖୋଲି ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି।

### କାମ ନ ସରୁଣୁ ପ୍ରକଳ୍ପ ଉଦ୍‌ଘାଟନ

ବାଲକାଟୀ,୯।୧୦(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତରେ ଏକ ଜଳପ୍ରକଳ୍ପ କାର୍ଯ୍ୟ ନ ସରିବା ପୂର୍ବରୁ ଶନିବାର ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହି ପଞ୍ଚାୟତର ୧୦ହଜାରରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କୁ ଶୁଦ୍ଧ ପାନୀୟ ଜଳ ପାଇପ ମାଧ୍ୟମରେ ଯୋଗାଇ ଦେବା ପାଇଁ ଏକ ପାନୀୟ ଜଳ ପ୍ରକଳ୍ପ ୨କୋଟି ୭୫ଲକ୍ଷ ଟଙ୍କା ବ୍ୟୟ କରିବା ଲକ୍ଷ୍ୟରେ ଏକ ଟେଣ୍ଡର ଦିଆଯାଇଥିଲା। ୨୦୧୯ରେ ବାଲିଅନ୍ତାର ଜଣେ ଠିକାଦାର ନେଇ ସ୍ଥାନୀୟ ରଥିଜେମା ଗ୍ରାମ ନିକଟରେ ଜାଗା ସ୍ଥିର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ୩ଟି ୧୦ଲକ୍ଷ ଲିଟର ବିଶିଷ୍ଟ ଓଭର ହେଡ୍ ଟାଙ୍କି ଓ ଗୋଟିଏ ଅଣ୍ଡର ଗ୍ରାଉଣ୍ଡ ଟାଙ୍କି ମାଧ୍ୟମରେ ପ୍ରାୟ ୬କିମି ପାଇପ ବିଛାଯାଇଥିଲା। ତେବେ କାର୍ଯ୍ୟକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ ସରି ନାହିଁ। କିନ୍ତୁ ଶନିବାର ତରବରିଆ ଭାବେ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଅରବିନ୍ଦ ଢାଲୀ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସରପଞ୍ଚ ଭାଗ୍ୟଧର ନନ୍ଦୀ, ନୟନା ବେହେରା ଓ ବିଭାଗୀୟ ଯନ୍ତ୍ରୀ ଜ୍ୟୋତି ସେନାପତି ଉପସ୍ଥିତ ଥିଲେ। ଏ ନେଇ ସରପଞ୍ଚ ନନ୍ଦୀ କହିଛନ୍ତି, ଗତ ୨ଦିନ ତଳେ ବିଭାଗୀୟ ଯନ୍ତ୍ରୀ ପ୍ରକଳ୍ପ ଉଦ୍‌ଘାଟନ କରିବା ନେଇ ପ୍ରସ୍ତାବ ଆଣିଥିଲେ। ଆହୁରି ୪କିମି ପାଇପ ବିଛା ବାକି ଥିବାବେଳେ, ପଞ୍ଚାୟତକୁ ଏହି ପ୍ରକଳ୍ପ ସରିବାର ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିବାବେଳେ ଅଚାନକ ଏହି ଉତ୍ସବ ହୋଇଥିବା କହିଥିଲେ। ବିଭାଗୀୟ ଯନ୍ତ୍ରୀ ସେନାପତି କହିଛନ୍ତି, କାମ ବାକି ଥିବା ଜାଣିଛି, ସେ କାମ ଟେଣ୍ଡର ହୋଇ ହେବ। ଖୁବଶୀଘ୍ର ଦାୟିତ୍ୱ ସରପଞ୍ଚଙ୍କୁ ବିଭାଗ ହସ୍ତାନ୍ତର କରାଯିବ। ତେବେ ହସ୍ତାନ୍ତର ପୂର୍ବରୁ ଉଦ୍‌ଘାଟନ କରିବା କଥାକୁ ସେ ଏଡ଼ାଇ ଦେଇଥିଲେ।

# ୯ ମାସରେ ୧୦ କୋଟିର ବ୍ରାଉନସୁଗାର ଜବତ

## ନିଶାବେପାରର ପେଣ୍ଠସ୍ଥଳୀ ଦ୍ୱୈତନଗରୀ

- ବିଭିନ୍ନ ଥାନାରେ ୪୪ ମାମଲା
- ୯୭ ଗିରଫ, ୪୩ ଲକ୍ଷ ଟଙ୍କା ଜବତ
- ନିଶା ନିବାରଣ କେନ୍ଦ୍ରକୁ ଯିବେ ନିଶାସକ୍ତ ଅଭିଯୁକ୍ତ



ଭୁବନେଶ୍ୱର,୯।୧୦(ବ୍ୟୁରୋ)

ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର। ବିଶେଷକରି ବ୍ରାଉନସୁଗାରର ବେଆଇନ ବଜାର ଭାବେ ଉଭା ହୋଇଛି। ଚଳିତ ବର୍ଷ କେବଳ ୯ ମାସରେ କମିଶନରେଟ ପୋଲିସ ଦୁଇ ସହରରୁ ୧୦ କୋଟି ମୂଲ୍ୟର ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଛି। ବିଭିନ୍ନ ଥାନାରେ ୪୪ଟି ମାମଲ ରୁଜୁ ହୋଇଥିବାବେଳେ ୯୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ୩୩ ମାମଲା ରୁଜୁ କରାଯାଇ ୫.୬୬୦ କେଜି ବ୍ରାଉନସୁଗାର ଜବତ କରାଯିବା ସହ ୬୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି କଟକରେ ୧୧ ମାମଲାରେ ୩୦ଜଣ ଗିରଫ ହୋଇଥିବାବେଳେ ୪.୬୪୬ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ତେବେ ଗତବର୍ଷ ସାରା ରାଜ୍ୟରୁ ମୋଟ ୩୪କେଜି ବ୍ରାଉନସୁଗାର ଜବତ କରିଥିଲା ଓଡ଼ିଶା ପୋଲିସ। ତେବେ କମିଶନରେଟ ପୋଲିସ ୯ ମାସରେ ୧୦କେଜି ବ୍ରାଉନସୁଗାର ଜବତ କରିବା ଏକ ରେକର୍ଡ। ଗତ ଅଗଷ୍ଟ ୧୫ରୁ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରେ 'ଅପରେଶନ ହ୍ୱାଇଟ୍ ସ୍ୱାଇଡର' ଜରିଆରେ ୧ କେଜି ୩୫ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ୩୭ ଜଣଙ୍କୁ ଗିରଫ କରାଯାଇଛି। ଶନିବାର ଏହି ଅପରେଶନରେ କ୍ୟୁଏଟି ଓ ବାଲିଅନ୍ତା ପୋଲିସ ୨୬୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ କେସୁରା ଅଞ୍ଚଳର ମୃଣାଳ ସାମଲଙ୍କୁ ଗିରଫ କରିଛି। ଆଗାମୀ ଦିନରେ ଟୁଇନ୍ ସିଟିକୁ ବ୍ରାଉନସୁଗାର ମୁକ୍ତ କରିବା ପାଇଁ ଅପରେଶନକୁ ଜୋରଦାର କରାଯିବ ବୋଲି କମିଶନର କହିଛନ୍ତି। ମୁଖ୍ୟତଃ ବ୍ରାଉନସୁଗାର ସେବନ କରି ଯୁବକମାନେ ଅପରାଧ ଦୁନିଆରେ ପାଦ ଥାପି ଜେଲ ଯାଉଛନ୍ତି। ଜେଲରୁ ଫେରିବା ପରେ ସେମାନେ ପୁଣି ବ୍ରାଉନସୁଗାର ଖାଇବା ସହ ଏହି କାରବାରରେ ସଂପୃକ୍ତ ରହି ଅପରାଧ ଘଟାଉଛନ୍ତି। ତେଣୁ ଆଗାମୀ ଦିନରେ ପୋଲିସ ଟାର୍ଗେଟରେ ଥିବା ନିଶାସକ୍ତ ଅଭିଯୁକ୍ତଙ୍କୁ ନିଶା ନିବାରଣ କେନ୍ଦ୍ରକୁ ପଠାଇବା ସହ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ସହିତ 'କ୍ରାଇମ୍-ଡ୍ରଗ-ବସ୍ତି' ତ୍ରିକୋଣୀୟ କ୍ରାଇମ୍ ଉପରେ ପୋଲିସ ବସ୍ତିଚାଲ ଅଭିଯାନ ଆରମ୍ଭ କରିଛି। ସୂଚନା ଦେବାରେ ଲୋକଙ୍କ ସହଯୋଗ ମିଳିଲେ ଟୁଇନ୍‌ସିଟି ଡ୍ରଗ୍ସମୁକ୍ତ ହୋଇପାରିବ ବୋଲି କମିଶନର କହିଛନ୍ତି।

## 'ବିଦ୍ରୋହୀ': ପ୍ରମୁଖ ଭୂମିକାରେ ଓଡ଼ିଆ ଝିଅ ସୁଲଗ୍ନା



ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଷ୍ଟାର୍‌ପ୍ଲସ୍‌ରେ ଆସନ୍ତା ସୋମବାରରୁ ପ୍ରସାରିତ ହେବାକୁ ଥିବା ହିନ୍ଦୀ ସିରିଏଲ 'ବିଦ୍ରୋହୀ'ରେ ପ୍ରମୁଖ ଭୂମିକାରେ ନଜରକୁ ଆସୁଛନ୍ତି ଓଡ଼ିଆ ଅଭିନେତ୍ରୀ ସୁଲଗ୍ନା ପାଣିଗ୍ରାହୀ। ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ଓ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ନେଇ ଏହି ଧାରାବାହିକ ପ୍ରସ୍ତୁତ ହୋଇଛି। ଏଥିରେ ବକ୍ସି ଜଗବନ୍ଧୁ ଚରିତ୍ରରେ ଅଭିନେତା ଶରଦ ମାଲହୋତ୍ରା ରହିଥିବାବେଳେ ବକ୍ସିଙ୍କ ସ୍ତ୍ରୀ ଚରିତ୍ରରେ ରହିଛନ୍ତି ସୁଲଗ୍ନା। ବ୍ରହ୍ମପୁରର ଝିଅ ସୁଲଗ୍ନା ଏହା ପୂର୍ବରୁ ଅନେକ ହିନ୍ଦୀ ସିରିଏଲ ଓ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଷ୍ଟାଣ୍ଡଅପ୍ କମେଡିଆନ ବିଶ୍ୱକଲ୍ୟାଣ ରଥଙ୍କୁ ବିବାହ କରିଥିଲେ। ବିଶ୍ୱକଲ୍ୟାଣ ମଧ୍ୟ ଓଡ଼ିଆ। ସେ ବି ଜାତୀୟ ସ୍ତରରେ ଲୋକପ୍ରିୟ କଳାକାର ଭାବେ ପରିଚିତ। ସେହିପରି ଏହି ସିରିଏଲରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାମ କରୁଛନ୍ତି ଜଣେ ଓଡ଼ିଆ। ସେ ହେଉଛନ୍ତି ରାକେଶ ବେହେରା। ରାକେଶ ମଧ୍ୟ ପୂର୍ବରୁ ଅନେକ ଚଳଚ୍ଚିତ୍ର ଓ ସିରିଏଲରେ ନିଜର ପାରଦର୍ଶିତା ଦେଖାଇ ସାରିଛନ୍ତି।



ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀରେ ଶନିବାର ନବୀନ ନିବାସସ୍ଥିତ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲ୍ୟାର୍ପଣ କରୁଛନ୍ତି।



ବିଧାନସଭା ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟମାନେ।

## ଗୋପବନ୍ଧୁ ଯୁଗେ ଯୁଗେ ନମସ୍ୟ

### ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୯।୧୦ (ବ୍ୟୁରୋ)

ଉତ୍କଳର ଗର୍ବ ଓ ଗୌରବର ପ୍ରତୀକ ହେଉଛନ୍ତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ସ୍ୱଦେଶ ପ୍ରୀତି, ବିଶ୍ୱ ପ୍ରୀତି ଓ ଜାତିମୁକ୍ତି ପାଇଁ ଜାତୀୟ ମହାଯଜ୍ଞରେ ନିଜକୁ ଆହୂତି ଦେଇଥିଲେ। ଜାତି ପ୍ରାଣ ପୁଣ୍ୟଶ୍ଳୋକ ଗୋପବନ୍ଧୁ ଦାସ ଯୁଗେ ଯୁଗେ ଏ ଜାତିର ନମସ୍ୟ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶନିବାର ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ଉତ୍କଳମଣି ଜଣେ ଦରଦୀ ମଣିଷ ଥିଲେ। ଓଡ଼ିଶାର ହୃଦୟରେ ସେ ସର୍ବଦା ରହିଛନ୍ତି। ବ୍ରିଟିଶ ଶାସନ ସମୟରେ ଓଡ଼ିଶା ସର୍ବହରା ହୋଇଥିବାବେଳେ ଗୋପବନ୍ଧୁ, ମଧୁବାବୁଙ୍କ ପରି ମହାମାନବଙ୍କ ଆବିର୍ଭାବ ଯୋଗୁ ଓଡ଼ିଶା ପ୍ରଦେଶ ଆଜି ସୁଦୃଢ଼ ହୋଇଛି। ସମ୍ମାନିତ ବକ୍ତା 'ଓଡ଼ିଶା ରିଭ୍ୟୁ' ଏବଂ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଡ.ଲେନିନ୍ ମହାନ୍ତି କହିଲେ, ଗୋପବନ୍ଧୁ ନିଜଠାରୁ ବଳି ସମାଜକୁ ସବୁବେଳେ ଅଧିକ ଭଲ ପାଉଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ୱତନ୍ତ୍ର ଅଧିକାରୀ ବିଜୟ କୁମାର ନାୟକ ଯୋଗଦେଇ ଗୋପବନ୍ଧୁ ଓଡ଼ିଆ ଅସ୍ମିତା ତଥା ଗର୍ବ ଓ ଗୌରବର ପ୍ରତୀକ ବୋଲି କହିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ କହିଲେ, ମାନବ ସେବା, ଶିକ୍ଷା, ସାହିତ୍ୟ, ସାମ୍ବାଦିକତା ଆଦି ପ୍ରତିଟି କ୍ଷେତ୍ରରେ ଉତ୍କଳମଣି ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଧନ୍ୟବାଦ ଓ ସହ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜୟନ୍ତୀ ଅବସରରେ ବିଭାଗ ତରଫରୁ ସକାଳେ ୟୁନିଟ୍-୮ସ୍ଥିତ ଗୋପବନ୍ଧୁ ଛକସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।



ଜୟନ୍ତୀ ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟମାନେ।

## 'ମାର୍ଚ୍ଚ ସୁଦ୍ଧା ସୁଆଣ୍ଡୋର ବିକାଶ କାର୍ଯ୍ୟ ସାର'



୫-ଟି ସଚିବ ଭି.କେ. ପାଣ୍ଡିଆନ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ସାକ୍ଷୀଗୋପାଳ, ୯।୧୦(ଡି.ଏନ୍.ଏ.)

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ପହଞ୍ଚି ଷଠୀଘରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ଐତିହ୍ୟ ଗ୍ରାମ ସୁଆଣ୍ଡୋରେ ଚାଲିଥିବା ବିକାଶ ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ସେ ପରିଦର୍ଶନ କରିଥିଲେ। ଆସନ୍ତା ମାର୍ଚ୍ଚସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ନିମନ୍ତେ ଉପସ୍ଥିତ ଓଡ଼ିଶା ସେତୁ ନିର୍ମାଣ ନିଗମର ଅଧିକାରୀମାନଙ୍କୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ସହିତ ପୁରୀ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ। ୧୨କୋଟି ଟଙ୍କା ବ୍ୟୟରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯିବା ପାଇଁ ଗ୍ରାମବାସୀ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## 'ମା' ମାଟି ମମତା' ଉନ୍ମୋଚିତ

ଭୁବନେଶ୍ୱର, ୯।୧୦ (ବ୍ୟୁରୋ)

କୋଠଘର ଆମ ସାହିତ୍ୟ ପରିବାରର ମାସିକ ଆସର ଶନିବାର ଭର୍ଚୁଆଲରେ ଅନୁଷ୍ଠିତ ହୋଇଛି। କୋଠଘର ସମ୍ପାଦନା ମଣ୍ଡଳୀ ସଦସ୍ୟ ଅରୁଣ କୁମାର ମହାନ୍ତିଙ୍କ ପ୍ରଥମ କବିତା ପୁସ୍ତକ 'ମା' ମାଟି ମମତା' ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ପରିଚାଳନାରେ ସାହିତ୍ୟିକ ତଥା ପୂର୍ବତନ ପୋଲିସ ମହା ନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର, ସହିତ୍ୟିକା ତଥା ଅନୁବାଦିକା ଡ଼.ଶକୁନ୍ତଳା ବଳିଆର ସିଂହ, ସମୀକ୍ଷକ ଡ.ଦେବାଶିଷ ମହାପାତ୍ର ଯୋଗଦେଇଥିଲେ।

## ବାମପନ୍ଥୀ ନେତା ନାଗଭୂଷଣଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୯।୧୦(ବ୍ୟୁରୋ)

ବାମପନ୍ଥୀ ନେତା ନାଗଭୂଷଣ ପଟ୍ଟନାୟକଙ୍କ ୨୩ତମ ତିରୋଧାନ ଦିବସରେ ସିପିଆଇ (ଏମ୍‌ଏଲ) ଲିବରେଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଅଶୋକ ନଗରସ୍ଥିତ ନାଗଭୂଷଣ ଭବନରେ ଦଳର ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଯୋଗଦେଇ କହିଲେ, ନାଗଭୂଷଣ ଦେଶରେ କୃଷକ ଓ ଶ୍ରମିକଙ୍କ ହକ୍ ପାଇଁ ସର୍ବଦା ଲଢେଇ କରିଥିଲେ। ସେ ତାଙ୍କ ଜୀବନକୁ ଗରିବଙ୍କ ପାଇଁ ସମର୍ପିତ କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ରାଧାକାନ୍ତ ସେଠୀ, ଅଶୋକ ପ୍ରଧାନ, ବଂଶୀଧର ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ 'ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୯।୧୦ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀ ଉତ୍ସବ ଶନିବାର ଶିରୀପୁରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଥିଲା। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୋପବନ୍ଧୁଙ୍କ ଉପରେ ଭାଷଣ ଦେଇଥିବାବେଳେ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ 'ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଧାୟକ ସୁରେଶ କୁମାର ରାଉତରାୟ, ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ସାମନ୍ତରାୟ, ଉତ୍କଳସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପଦାସ ଶର୍ମା, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭିକାରୀ ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଉତ୍କଳ ସମ୍ମିଳନୀ ଓ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି, ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ସମାଜବାଦୀ ପାର୍ଟି ପକ୍ଷରୁ ମଧ୍ୟ ଗୋପବନ୍ଧୁ ଜୟନ୍ତୀ ପାଳନ କରାଯାଇଥିଲା।

## ଅନ୍‌ଲାଇନ ପରୀକ୍ଷା ଜିଦ୍‌ରେ ପଲିଟେକ୍‌ନିକ ଛାତ୍ରୀଛାତ୍ର

### ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ, ଦାବିପତ୍ର

ଭୁବନେଶ୍ୱର, ୯।୧୦(ବ୍ୟୁରୋ)

ଅନ୍‌ଲାଇନ୍‌ରେ ପରୀକ୍ଷା ଦାବିରେ ପଲିଟେକ୍‌ନିକ ଛାତ୍ରମାନେ ଶନିବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କରୋନା ଯୋଗୁ ଶିକ୍ଷାନୁଷ୍ଠାନ ଦୀର୍ଘଦିନ ଧରି ବନ୍ଦ ରହିଥିଲା। ପାଠପଢ଼ା ଅନ୍‌ଲାଇନ୍‌ରେ ହୋଇଥିବାବେଳେ ଅନେକ ସିଲାବସ୍ ଏବେ ବି ସରି ନାହିଁ। ତେଣୁ ଅଫ୍‌ଲାଇନ୍‌ରେ ପରୀକ୍ଷାକୁ ସେମାନେ ବିରୋଧ କରିଥିଲେ। ସେମାନେ କହିଛନ୍ତି, ଆସନ୍ତା ୨୫ ତାରିଖରୁ ପ୍ରଥମ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏହାକୁ ଅଫ୍‌ଲାଇନ୍‌ରେ କରାଯିବ ବୋଲି ଗତ ସେପ୍ଟେମ୍ବର ୩୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏହାକୁ ଅନ୍‌ଲାଇନ୍‌ରେ କରାଯାଉ। ସେହିପରି ତୃତୀୟ ସେମିଷ୍ଟର କେବେ ହେବ ସେ ନେଇ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) କାଉନ୍‌ସେଲିଂ ପୂର୍ବରୁ ତୃତୀୟ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ରେ କରିବା ସହିତ ଶୀଘ୍ର ଫଳ ପ୍ରକାଶ କରାଯାଉ। ନଚେତ ଛାତ୍ରୀଛାତ୍ରଙ୍କ ଗୋଟେ ବର୍ଷ ପୂରା ନଷ୍ଟ ହୋଇଯିବ ବୋଲି ତୃତୀୟ ସେମିଷ୍ଟରର ଛାତ୍ର ଦେବମଲ୍ୟ ଧର କହିଛନ୍ତି। ତେବେ ବିକ୍ଷୋଭ ପ୍ରଦର୍ଶନ ସମୟରେ ଏକ ଟିମ୍ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ସେମାନଙ୍କ ଦାବି ନେଇ ଆଲୋଚନା କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଦେବମଲ୍ୟ କହିଛନ୍ତି।



ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସରକାରୀ ବାସଭବନ ସମ୍ମୁଖରେ ପଲିଟେକ୍‌ନିକ ଛାତ୍ରମାନେ ଧାରଣାରେ ବସିଛନ୍ତି।

## 'ସାହିତ୍ୟ ଅନୁବାଦିତ ହେଲେ ଗୁରୁତ୍ୱ ବଢ଼େ'

### 'ରଞ୍ଜିତା ନାୟକଙ୍କ କବିତା ସମଗ୍ର' ଗ୍ରନ୍ଥ ଉନ୍ମୋଚିତ

କଟକ ଅଫିସ, ୯।୧୦

କଟକ ସାରଳା ଭବନରେ କବି ଡ. ରଞ୍ଜିତା ନାୟକଙ୍କ ଲିଖିତ ଗ୍ରନ୍ଥ 'ରଞ୍ଜିତା ନାୟକଙ୍କ କବିତା ସମଗ୍ର' ଶନିବାର ଉନ୍ମୋଚିତ ହୋଇଯାଇଛି। ପଦ୍ମଭୂଷଣ ରମାକାନ୍ତ ରଥ ଏହାକୁ ଉନ୍ମୋଚନ କରି କହିଥିଲେ, ସାହିତ୍ୟ ଅନୁବାଦିତ ହେଲେ ଏହାର ପ୍ରଚାର ପ୍ରସାର ଘଟେ ଓ ଗୁରୁତ୍ୱ ବଢେ। ସେହି ଦୃଷ୍ଟିରୁ କବି ରଞ୍ଜିତାଙ୍କ କବିତା ହିନ୍ଦୀ, ଇଂଲିଶ, ବଙ୍ଗଳା, ତାମିଲ, ପଞ୍ଜାବୀ, କନ୍ନଡ ପ୍ରଭୃତି ଆଞ୍ଚଳିକ ଭାଷାରେ ଅନୁବାଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ସେହିପରି ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ପ୍ରତିଭା ରାୟ କହିଥିଲେ, କବି ରଞ୍ଜିତାଙ୍କ କବିତା ପାଠ କଲେ ତାଙ୍କ କାବ୍ୟିକ ପ୍ରତିଭା ସହଜାତ ବୋଲି ସ୍ପଷ୍ଟ ଅନୁଭବ କରିହୁଏ। ମୁଖ୍ୟବକ୍ତା ପ୍ରଫେସର ଦାଶରଥୀ ଦାସ କହିଥିଲେ, ରଞ୍ଜିତାଙ୍କ କବିତାରେ ଐତିହ୍ୟ, ପରମ୍ପରା ଓ ସାମାଜିକ ରୀତିନୀତି ବେଶ ପ୍ରତିଫଳିତ। ସାହିତ୍ୟ ସମାଲୋଚକ ଦୃଷ୍ଟିରେ ରଞ୍ଜିତାଙ୍କ କବିତା ଅତ୍ୟନ୍ତ ଉଚ୍ଚମାନର ସେ ବୋଲି କହିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପିକା ଡ. ସଞ୍ଜିତା ମିଶ୍ର, ବିଦ୍ୟାପୁରୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଯୋଗଦେଇଥିଲେ। କବି ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପତି, କବିତା ମହାପାତ୍ର, ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ପୂର୍ବତନ ଡିଜି ବିପିନ ବିହାରୀ ମିଶ୍ର, ଜଷ୍ଟିସ ମଦନ ମୋହନ ଦାସ, କବି ଅମରେଶ ପଟ୍ଟନାୟକପ୍ରମୁଖ ଉପସ୍ଥିତ ଥିଲେ।

# ଫେଷ୍ଟିଭ୍ ଫଟୋଶୁଟ୍

ଏବେ ଚାଲିଛି ଫେଷ୍ଟିଭ୍ ସିଜନ୍। କରୋନା ଲାଗି କଟକଣା ଥିବାରୁ ସୁଉଚ୍ଚ ତୋରଣ ଆଉ ଆକର୍ଷଣୀୟ ମେଢରେ ସଜ୍ଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବୁଲି ଦେଖିବାର ସୁଯୋଗ ଏଥର ନାହିଁ। ହେଲେ ଘରେ ରହି ମଧ୍ୟ ଏହି ପୂଜାର କିପରି ଭରପୂର ମଜା ନେଇ ହେବ ସେଥିପାଇଁ ବିଭିନ୍ନ ଉପାୟ ଆପଣାଉଛନ୍ତି ଯୁବପିଢ଼ି। ଆଉ ଏହି ଲିଷ୍ଟରେ ସବୁଠୁ ଉପରେ ରହିଛି ଫେଷ୍ଟିଭ୍ ଫଟୋଶୁଟ୍।


ତନୁଶ୍ରୀ


ଦୀପକ


ପ୍ରଜ୍ଞା

**ମା'ଙ୍କ ବେଶରେ ଫଟୋଶୁଟ୍‌ର ଅନୁଭବ ନିଆରା:** ଆଜିର ମଡର୍ନ ଦୁନିଆରେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବାକୁ କିଏ ବା ନ ଚାହେଁ। ଏହା ଆମକୁ ନିଜ ଭିତରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ବେଶ୍ ସାହାଯ୍ୟ କରୁଛି। ଯେହେତୁ ମୋର ମଡେଲିଂ ଏବଂ ଡାନ୍ସିଂରେ ବିଶେଷ ରୁଚି ରହିଛି ତେଣୁ ଅନେକ ସମୟରେ ମଡେଲ୍ ଫଟୋଶୁଟ୍ କରି କିମ୍ବା ଡାନ୍ସ ଭିଡ଼ିଓ ପ୍ରସ୍ତୁତ କରି ପୋଷ୍ଟ କରିଥାଏ। ଏହାକୁ ଅଧିକ ଲୋକପ୍ରିୟ କରିବା ଲାଗି ହୋଲି, ଦୀପାବଳି, ସ୍ୱାଧୀନତା ଦିବସ ଆଦି ବିଭିନ୍ନ ଅବସର ଅନୁଯାୟୀ ଗେଟ୍‌ଅପ୍ ମଧ୍ୟ ନେଇଥାଏ। ଚଳିତବର୍ଷ କରୋନା ଲାଗି ଡିଜିଟାଲ୍ ପ୍ଲାଟଫର୍ମରେ ଆୟୋଜିତ ଅପେରା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ଟାଇଟଲ ହାସଲ କରିଛି। ସେଥିପାଇଁ ମଧ୍ୟ ଅନେକ ଫଟୋଶୁଟ୍ କରାଇଥିଲି। ତେବେ ଏସବୁ ଫଟୋ ମଧ୍ୟରୁ ନିକଟରେ ଦଶହରା ଲାଗି ମା' ଦୁର୍ଗାଙ୍କ ବେଶରେ ସଜ୍ଜା ହୋଇ ଫଟୋ ଉଠାଇବାର ଅନୁଭବ ସତରେ ନିଆରା ଥିଲା। ଏଥିପାଇଁ ମୋର ମେକ୍‌ଅପ ଆର୍ଟିଷ୍ଟ ଈପ୍‌ସିତା ଦାସ ଏବଂ କ୍ୟାମେରାମ୍ୟାନ ଦୀପକଙ୍କ ସହଯୋଗ ପ୍ରଶଂସାଯୋଗ୍ୟ।

– ***ପ୍ରିୟଙ୍କା ପୃଷ୍ଟି***(ମଡେଲ୍)




**ଦର୍ଶକଙ୍କ ପ୍ରଶଂସା ଖୁସି ଦିଏ:** ଯେହେତୁ ମଡେଲିଂ ମୋର ନିଶା ତେଣୁ ବିଭିନ୍ନ ଗେଟ୍‌ଅପ୍‌ରେ ଫଟୋଶୁଟ୍ କରିଥାଏ। ଏଥିପାଇଁ ବିଭିନ୍ନ ସ୍ପେଶାଲ୍ ଅବସର ଅନୁଯାୟୀ ଭିନ୍ନ ଭିନ୍ନ ପୋଷାକ ମଧ୍ୟ କିଣିଥାଏ। ଯେମିତି ଦଶହରାରେ ଟ୍ରାଡିଶନାଲ୍ ଲୁକ୍ ପାଇଁ ସେରୱାନୀ କିମ୍ବା କୁର୍ତ୍ତା, ପ୍ୟାଣ୍ଟ ଆଦି କିଣିଛି। ବର୍ତ୍ତମାନ ସିରିଏଲ୍‌ରେ ଅଭିନୟ କରିବା ଦିନଠୁ ଷ୍ଟାଇଲିଶ୍ ଟ୍ରେଣ୍ଡି ଗେଟ୍‌ଅପ୍‌ରୁ ଆରମ୍ଭ କରି ଟ୍ରାଡିଶନାଲ୍ ପର୍ଯ୍ୟନ୍ତ ସବୁ ପ୍ରକାରର ପୋଷାକ ପିନ୍ଧିବା ସହ ମେକ୍‌ଅପ୍ ନେବା ଏବଂ ପ୍ରଫେଶନାଲ୍ କ୍ୟାମେରାରେ ଫଟୋ ଉଠାଇବା ଆହୁରି ସହଜ ହୋଇଯାଇଛି। ସିରିଏଲ୍ ପ୍ରମୋଶନ୍ ଲାଗି ପ୍ରତିଟି ଅକେଜନ୍‌ରେ ସ୍ପେଶାଲ୍ ଫଟୋ ଏବଂ ଭିଡିଓ ଶୁଟ୍ ମଧ୍ୟ କରାଇବାକୁ ପଡୁଛି। ତେବେ ଏସବୁ ଫଟୋଶୁଟ୍‌ର ଅସଲି ମଜା ସେତେବେଳେ ଆସେ, ଯେବେ ଦର୍ଶକ ଏହାକୁ ପ୍ରଶଂସା କରନ୍ତି। ଚଳିତବର୍ଷ ସଭିଙ୍କୁ ସୋସିଆଲ୍ ମିଡ଼ିଆରେ ଦଶହରା ୱିଶ୍ ଜଣାଇବା ଲାଗି ମଧ୍ୟ ଫେଷ୍ଟିଭ୍ ଫଟୋ ଶୁଟ୍ କରିଛି।

– ***ଜ୍ୟୋତି*** (ଅଭିନେତା)


ଜ୍ୟୋତି

**ଥିମ୍ ଫଟୋଶୁଟ୍‌ର ଚାର୍ମ ଅଲଗା:** ଡିଫରେଣ୍ଟ ପୋଜ୍‌ରେ ଫଟୋ ଉଠାଇବା ମୋର ପସନ୍ଦ। ଏହାବ୍ୟତୀତ ପୂର୍ବରୁ ଟିକ୍‌ଟକ୍ ଭିଡିଓ ଏବଂ ବର୍ତ୍ତମାନ ଇନ୍‌ଷ୍ଟା ରିଲ୍ସ ପାଇଁ ମଧ୍ୟ ବିଭିନ୍ନ ଗେଟ୍‌ଅପ୍ ନେଇଥାଏ। ପର୍ବପର୍ବାଣିରେ ଯେମିତି କି ଦଶହରାରେ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍‌ରେ ଫଟୋ ଉଠାଇ ଏବଂ ଭିଡିଓ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରେ। ଆଉ ଅପେକ୍ଷାକୃତ ଅଧିକ ଲାଇକ୍ ଏବଂ କମେଣ୍ଟ ବି ମଳୁଥିବାରୁ ଖୁସି ଲାଗେ। ଏଥିପାଇଁ କେବଳ ମୋବାଇଲ୍ କ୍ୟାମେରା ନୁହେଁ ବରଂ ପ୍ରଫେଶନାଲ୍ ଫଟୋଗ୍ରାଫରଙ୍କ ପାଖକୁ ଯାଇ ଆଉଟ୍‌ଡୋର ଫଟୋ ଶୁଟ୍ ବି କରେ। ସତ କହିବାକୁ ଗଲେ ଥିମ୍ ଫଟୋଶୁଟ୍‌ର ଚାର୍ମ ଅଲଗା। କେବଳ ମୁଁ ନୁହେଁ ବର୍ତ୍ତମାନ ଅଧିକାଂଶ ଯୁବପିଢି ଅବସର ଅନୁସାରେ ଫଟୋଶୁଟ୍ କରାଉଥିବା ଦେଖିବାକୁ ମିଳୁଛି।

– ***ହିମାଂଶୁ ଭୋଳ***(କର୍ମଜୀବୀ, କଟକ)


ହିମାଂଶୁ

**ପ୍ରତିଟି ଅବସର ଅନୁସାରେ ଗେଟ୍‌ଅପ୍ ନେବାରେ ସବୁଠୁ ଆଗରେ ଯୁବପିଢ଼ି। ତେବେ ସୋସିଆଲ୍ ସାଇଟ୍‌ରେ ଅପ୍‌ଡେଟ୍ ରହି ଅଧିକ ଲୋକପ୍ରିୟତା ସାଉଁଟିବାର କ୍ରେଜ୍ ଏବେ ସେମାନଙ୍କର ଏହି ନିଶାକୁ ଦ୍ୱିଗୁଣିତ କରି ଦେଇଛି। ଆଉ ସେଇଥିପାଇଁ ସେମାନେ ସ୍ପେଶାଲ ପୋଷାକ କିଣିବା ସହ ପ୍ରଫେଶନାଲ୍ ମେକ୍‌ଅପ୍ ଆର୍ଟିଷ୍ଟ ଏବଂ କ୍ୟାମେରା ପର୍ସନଙ୍କ ସହାୟତା ନେବାକୁ ବି ପଛାଉ ନାହାନ୍ତି...**

**ଫଟୋରେ ବଞ୍ଚି ରହୁଛି ପରମ୍ପରା:** ଫଟୋଗ୍ରାଫି ଏକ ଏମିତି କଳା, ଯାହାଦ୍ୱାରା କିଛି ନ କହି, ନ ଲେଖି ମଧ୍ୟ ସଭିଙ୍କୁ ଫଟୋ ମାଧ୍ୟମରେ ବହୁତ କିଛି ଜଣାଇହୁଏ। ଏଥିପ୍ରତି ଥିବା ମୋର ନିଶା ବର୍ତ୍ତମାନ ମୋତେ ଜଣେ ସଫ୍ଟୱେର୍ ପ୍ରଫେଶନାଲ୍‌ରୁ ଫଟୋଗ୍ରାଫର୍ ସଜେଇ ଦେଇଛି। ଦୀର୍ଘ ୧୦ ବର୍ଷ ହେବ ନିଜର ଏକ ଫଟୋଗ୍ରାଫି ଷ୍ଟୁଡିଓ ତଥା କମ୍ପାନୀ କରି କେତେଜଣ ପ୍ରଫେଶନାଲ୍‌ଙ୍କୁ ନେଇ ବିଭିନ୍ନ ଫଟୋ, ଭିଡିଓ ଶୁଟ୍ କରାଉଛି । ତେବେ ବର୍ତ୍ତମାନ ଅଧିକାଂଶ ବିଶେଷ କରି ଯୁବପିଢି ସୋସିଆଲ୍ ମିଡିଆରେ ବିଭିନ୍ନ ଥିମ୍ ଫଟୋ ପୋଷ୍ଟ କରିବା ଏକ ଟ୍ରେଣ୍ଡ ପାଲଟି ଗଲାଣି। ସେଥିପାଇଁ ପ୍ରତି ସିଜନ୍‌ରେ ଆମ ପାଖରେ ଫଟୋଶୁଟ୍ କରୁଥିବା ଯୁବପିଢିଙ୍କ ସଂଖ୍ୟା ବଢୁଛି। ହୋଲିରେ ହ୍ୱାଇଟ୍ ଡ୍ରେସ୍‌ରେ ବିଭିନ୍ନ ରଙ୍ଗ ଧରି ହେଉ କିମ୍ବା ଦୀପାବଳିରେ ଟ୍ରାଡିଶନାଲ୍ ଗେଟ୍‌ଅପ୍‌ରେ ଦୀପ ଧରି ଅବା ସ୍ୱାଧୀନତା ଦିବସରେ ଟ୍ରାଇକଲର୍ ଡ୍ରେସ୍‌ରେ ଫଟୋଶୁଟ୍ କରାଉଛନ୍ତି। ବର୍ତ୍ତମାନ ଦଶହରା ଲାଗି ଅନେକ ଯୁବତୀ ମା' ଦୁର୍ଗାଙ୍କ ଭଳି ବେଶଭୂଷାରେ ଏବଂ ଯୁବକମାନେ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍‌ରେ ଉଭୟ ଇନ୍‌ଡୋର୍ ଏବଂ ଆଉଟ୍‌ଡୋର ଫଟୋଶୁଟ୍ କରାଉଛନ୍ତି। ତେବେ ବର୍ତ୍ତମାନ ସୋସିଆଲ୍ ମିଡିଆରେ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଥିବା ଏହି ଥିମ୍ ଫଟୋଗ୍ରାଫି ଅପରପକ୍ଷେ ଫଟୋ ମାଧ୍ୟମରେ ପରମ୍ପରାକୁ ବଞ୍ଚାଇ ରଖିବାର ବଳିଷ୍ଠ ମାଧ୍ୟମ ପାଲଟିଛି।

–***ପ୍ରଜ୍ଞା ମିଶ୍ର***(ଫଟୋଗ୍ରାଫର, ଭୁବନେଶ୍ୱର)

**ଫଟୋକୁ ନେଇ ନୂଆ ଏକ୍ସପେରିମେଣ୍ଟ ମୋର ପସନ୍ଦ:** କ୍ୟାମେରା ସହିତ ମୋର ସମ୍ପର୍କ କୌଣସି ବନ୍ଧୁଠାରୁ କମ୍ ନୁହେଁ। କାରଣ ଏହା ସାହାଯ୍ୟରେ ନିଜର ନିଶା ଏବଂ ପେସା ଉଭୟକୁ ସମାନ୍ତରାଳ ଭାବେ ଆଗକୁ ନେଇ ପାରୁଛି। ଯଦିଓ ମୁଖ୍ୟତଃ ବିଭିନ୍ନ ଇଭେଣ୍ଟ ଫଟୋଗ୍ରାଫି ଅଧିକ କରିଥାଏ ହେଲେ ଏହା ବ୍ୟତୀତ ଅନେକ ମଡେଲଙ୍କର ମଧ୍ୟ ଉଭୟ ଇନ୍‌ଡୋର ଫଟୋଶୁଟ୍ କରୁଛି। ବର୍ତ୍ତମାନ ଯୁବପିଢିଙ୍କର ବିଭିନ୍ନ ଅବସରରେ ସେଶାଲ୍ ଫଟୋଶୁଟ୍ କରାଇବାର କ୍ରେଜ୍ ଅଧିକ, ଯାହାକୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରିବାରେ ମୋତେ ଖୁବ୍ ମଜା ଲାଗୁଛି। ଏବେ ଫେଷ୍ଟିଭ୍ ସିଜନରେ ମା' ଦୁର୍ଗାଙ୍କ ବେଶ ପୋଷାକରେ ଶୁଟ୍ କରିଥିବା ଜଣେ ମଡେଲ୍‌ଙ୍କ ଫଟୋ ଲାଗି ମିଳିଥିବା ପ୍ରଶଂସା ମୋତେ ବେଶ୍ ଖୁସି ଲାଗୁଛି। ଆଗକୁ ଆହୁରି ନୂଆ ନୂଆ କନସପ୍ଟ ନେଇ ଫଟୋଗ୍ରାଫି କରିବାର ଯୋଜନା ରଖିଛି। – ***ଦୀପକ ଅଗ୍ରୱାଲ***(ଫଟୋଗ୍ରାଫର, ବାରିପଦା)

**ସ୍ପେଶାଲ୍ ଫଟୋଶୁଟ୍ ଆନନ୍ଦ ଦିଏ:** ଫଟୋ ଉଠାଇବା ମୋର ସଉକ। ଆଉ ଏହାକୁ ବର୍ତ୍ତମାନ ନିଜର କ୍ୟାରିୟର ଭାବେ ବାଛିନେଇଛି। ୩ ବର୍ଷରୁ ଅଧିକ ସମୟ ହେବ ଜନ୍ମଦିନ, ବ୍ରତଘର ହେଉ କିମ୍ବା ପ୍ରିମ୍ୟାରେଜ୍, ହଳଦୀ, ମେହେନ୍ଦୀ, ବିବାହ, ରିସେପ୍ସନ୍ ଆଦି ଇଭେଣ୍ଟରେ ଫଟୋଶୁଟ୍ କରିଆସୁଛି। ଏସବୁ ଅବସରରେ ବିଭିନ୍ନ ସ୍ମରଣୀୟ ସମୟକୁ ନିଜ କ୍ୟାମେରା ଲେନ୍ସରେ ଏଭଳି କଏଦ କରିବାକୁ ଚେଷ୍ଟା କରେ ଯେପରି ପ୍ରତ୍ୟେକ ଫଟୋ ଗୋଟିଏ ଗୋଟିଏ କାହାଣୀ କହୁଛି। ଏହା ବ୍ୟତୀତ ବର୍ତ୍ତମାନ ଆମ ଭଳି ୟଙ୍ଗ ଜେନେରେଶନ୍ ବିଭିନ୍ନ ପୂଜାପର୍ବ ହେଉ ଅବା ସ୍ପେଶାଲ୍ ଦିବସଗୁଡିକରେ ଫଟୋଶୁଟ୍ କରାଉଛନ୍ତି। ଚଳିତ ଦୁର୍ଗା ପୂଜାରେ ବି ମା' ଦୁର୍ଗାଙ୍କ ଗେଟ୍‌ଅପ୍‌ରେ କେତେଜଣଙ୍କ ଫଟୋ ଉଠାଇବାର ଅର୍ଡର ଆସିଛି, ଯାହାକୁ ଖୁବ୍ ଭଲ ଭାବେ ଉଠାଇବି ବୋଲି ବିଶ୍ୱାସ ରହିଛି। ତେବେ ଏଭଳି ସ୍ପେଶାଲ୍ ଫଟୋଶୁଟ୍ ମୋତେ ବେଶ୍ ଆନନ୍ଦ ଦିଏ।

– ***ତନୁଶ୍ରୀ ନାୟକ***
(ଫଟୋଗ୍ରାଫର, ଭୁବନେଶ୍ୱର)

–ପୌର୍ଣ୍ଣମାସୀ

## ଏ ସପ୍ତାହର ପ୍ରଶ୍ନ

୧– ........ ନଦୀକୁ ଫାଦର ଅଫ୍ ଆଫ୍ରିକାନ ରିଭର ବୋଲି କୁହାଯାଏ ?
୨– ରାଜିଆ ସୁଲ୍‌ତାନ...........ଙ୍କ ଝିଅ ଥିଲେ ?
୩– 'ହାଓ ଟୁ ଆଭଏଡ୍ ଏ କ୍ଲାଇମେଟ୍ ଡିଜାଷ୍ଟର' ପୁସ୍ତକର ଲେଖକ......... ?
୪– 'ଫ୍ୟୁଚର୍ ଇଞ୍ଜିନିୟର ପ୍ରୋଗ୍ରାମ୍' ........... କମ୍ପାନୀ ପକ୍ଷରୁ ଆରମ୍ଭ କରାଯାଇଛି ?
୫–ଇଣ୍ଟରନ୍ୟାଶନାଲ୍ ଅଲିମ୍ପିକ୍ କମିଟିର ହେଡକ୍ୱାର୍ଟର .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଆଇଏନ୍‌ଏସ୍ ବିକ୍ରାନ୍ତ
୨ ଲନ୍ ଚାନୀ
୩ ଅକ୍ଟୋବର
୪ ପଞ୍ଜାବ
୫ ହାତୀ

## ଉତ୍ତରଦାତା


ସୁପ୍ରଭା ପାଣିଗ୍ରାହୀ, ସୁବର୍ଣ୍ଣପୁର


ସ୍ନେହଲତା ପଟ୍ଟନାୟକ, ରସୁଲଗଡ଼, ଭୁବନେଶ୍ୱର


ନିତ୍ୟାନନ୍ଦ କୁଏଡ଼, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

**ଜାଣନ୍ତୁ ଦୁନିଆ**

# ପ୍ରସିଦ୍ଧ ଦେବୀ ପୀଠ

**ଆଦିଶକ୍ତି ମା'ଙ୍କ ମହିମା କିଏ ବା ନ ଜାଣେ। ଆଉ ମା'ଙ୍କ ପୂଜାର୍ଚ୍ଚନା କରି ତାଙ୍କ କରୁଣା ପ୍ରାପ୍ତି ଲାଗି ଭକ୍ତ କେଉଁ ଦୂରଦୂରାନ୍ତରୁ ଧାଇଁ ଆସେ ମନ୍ଦିରକୁ। ତେବେ ଆମ ଦେଶରେ ମା'ଙ୍କର ଭିନ୍ନ ଭିନ୍ନ ନାମରେ ଅନେକ ପ୍ରସିଦ୍ଧ ଦେବୀ ପୀଠ ରହିଛି। ଜାଣିବା ସେଭଳି କେତେକ ମନ୍ଦିର ସମ୍ପର୍କରେ କିଛି ରୋଚକ ତଥ୍ୟ...**

**ବୈଷ୍ଣୋ ଦେବୀ ମନ୍ଦିର–**
ଏହି ମନ୍ଦିର ସମୁଦ୍ର ପତ୍ତନଠାରୁ ୧୫୮୪ ମିଟର ଉଚ୍ଚରେ ଜମ୍ମୁଠାରୁ ୬୧ କି.ମି. ଉତ୍ତରରେ ଥିବା ତ୍ରିକୂଟ ପର୍ବତରେ ଅବସ୍ଥିତ। କୁହାଯାଏ ମାତା ପୂଜିତ ସ୍ଥାନରେ ଗୁମ୍ଫାଦେଇ ଗଙ୍ଗାର ଏକ ସ୍ରୋତ ପ୍ରବାହିତ ହେଉଛି। ଭକ୍ତମାନେ ମନ୍ଦିରକୁ ଯିବା ପୂର୍ବରୁ ଏଠାରେ ହାତ ଧୋଇଥାଆନ୍ତି। ଯାତ୍ରା କାଟ୍ରାଠାରୁ ଆରମ୍ଭ ହୋଇ ମାଆଙ୍କ ଦରବାର ପର୍ଯ୍ୟନ୍ତ ପହଞ୍ଚିବାକୁ ୧୩କି.ମି. ରାସ୍ତା ଅତିକ୍ରମ କରିବାକୁ ପଡ଼େ। ସେଠାରେ ମାତାରାଣୀଙ୍କ ୩ଟି ପିଣ୍ଡି ରହିଛି, ଯାହା ମା' ଲକ୍ଷ୍ମୀ, ମା' କାଳୀ ଏବଂ ମା' ସରସ୍ୱତୀ ଭାବେ ବିଦ୍ୟମାନ। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୩ଟି ଯାକ ପିଣ୍ଡି ଗୋଟିଏ ପଥରରେ ଗଢ଼ା ଏବଂ ପ୍ରତ୍ୟେକ ପଥରର ମୁହଁର ଆକୃତି ଏବଂ ରଙ୍ଗ ଅଲଗା ହୋଇଥିଲେ ହେଁ ଏହାକୁ କେହି ଖୋଦିତ କରିନାହାନ୍ତି ; ଯାହା ଭକ୍ତମାନଙ୍କ ମନରେ କୌତୂହଳ ସୃଷ୍ଟି କରିଥାଏ। କୁହାଯାଏ ସେଠାକୁ ଯାଇ ମା'ଙ୍କ ଦର୍ଶନ କଲେ ଅନେକ ଅସାଧ ରୋଗରୁ ମୁକ୍ତି, ଗରିବଙ୍କୁ ଧନ, ଅନ୍ଧକୁ ଚକ୍ଷୁ, ଦୁର୍ବଳକୁ ବଳ ଆଉ ନିଃସନ୍ତାନକୁ ସନ୍ତାନ ପ୍ରାପ୍ତି ହୋଇଥାଏ ; ଯେଉଁଥିପାଇଁ ସେଠାରେ ବର୍ଷକୁ ପ୍ରାୟ ଏକ କୋଟିରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।



**ମନସା ଦେବୀ ମନ୍ଦିର–**
ହରିଦ୍ୱାରରେ ଥିବା ଉଚ୍ଚ ଏବଂ ଦୁର୍ଗମ ବିଲ୍ୱା ପର୍ବତ ଉପରେ ରହିଛି ପ୍ରସିଦ୍ଧ ମନସା ଦେବୀ ମନ୍ଦିର। ସେଠାରେ ମା'ଙ୍କର ଦୁଇଟି ମୂର୍ତ୍ତି ରହିଛି। ଗୋଟିଏ ମୂର୍ତ୍ତିରେ ମା'ଙ୍କର ତିନୋଟି ମୁଖ ଏବଂ ପଞ୍ଚ ଭୁଜା ଥିବା ବେଳେ ଅନ୍ୟଟିରେ ଅଷ୍ଟ ଭୁଜା ରହିଛି, ଯାହା କି ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ମାତା ଭଗବାନ ଶିବ ଏବଂ ପାର୍ବତୀଙ୍କର ଝିଅ ବୋଲି କୁହାଯାଏ। ମା'ଙ୍କୁ ସାପମାନଙ୍କର ଦେବୀ କୁହାଯାଏ ଏବଂ ସେ ନାଗମାନଙ୍କର ରାଜା ବାସୁକୀଙ୍କର ଭଉଣୀ ବୋଲି ମଧ୍ୟ କୁହାଯାଇଥାଏ। ସେ ମସ୍ତକରୁ ଉତ୍ପତ୍ତି ବୋଲି ତାଙ୍କୁ ମନସା ଦେବୀ କୁହନ୍ତି। ତାଙ୍କୁ ସାପ ସହ ପୂଜା କରାଯାଏ। ଭାରତରେ ଥିବା ୫୧ଟି ଶକ୍ତିପୀଠ ମଧ୍ୟରୁ ଏହା ଅନ୍ୟତମ। ବିଶ୍ୱାସ ଅଛି ମାଆ ମନସା ଦେବୀ ଭକ୍ତଙ୍କର ସମସ୍ତ ଇଚ୍ଛା ପୂରଣ କରନ୍ତି। ଯେଉଁଥିପାଇଁ ସେଠାକୁ ଲକ୍ଷାଧିକ ଭକ୍ତ ନିଜା ଇଚ୍ଛା ପୂରଣ ଲାଗି ଆସିଥାନ୍ତି। ମନ୍ଦିର ପଛର ଥିବା କିମ୍ବଦନ୍ତୀ ଅନୁଯାୟୀ ସେଠ୍ ସୁରଯମାଲଜୀଙ୍କ ଦେବୀ ସପ୍ନରେ ଆସି ମନ୍ଦିର ତୋଳିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଆଙ୍କ ଆଜ୍ଞା ପାଳନ କରି ସୁରଯମାଲଜୀ ମନ୍ଦିର ତୋଳିଥିଲେ। ୧୯୭୫ ମସିହାରେ ମନ୍ଦିର ତୋଳା ସମ୍ପୂର୍ଣ୍ଣ ହୋଇଥିଲା। ସାପ ବିଷରୁ ଉପଶମ ପାଇଁ ମଧ୍ୟ ମନସା ଦେବୀଙ୍କୁ ପୂଜା କରାଯାଏ।



**ୟୁଥ୍ ଆଲର୍ଟ**

# ଲକ୍ଷ୍ୟ ସମାଜ ସେବା

ମହାମାରୀ କରୋନାର ପ୍ରାରମ୍ଭିକ ସମୟରେ ସମାଜରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଘରୁ ଲୋକମାନେ ବାହାରିବାକୁ ଡରୁଥିଲେ । ବାହାର ଲୋକଙ୍କ ସହ ମିଶିବାକୁ ସଙ୍କୋଚ କରୁଥିଲେ । ତେବେ ଏମିତି ଏକ ବିପଦ ସମୟରେ ଅସହାୟ ତଥା ଭୋକ ଉପାସରେ ରହୁଥବା ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ ଅନେକ ସାମାଜିକ ସଙ୍ଗଠନ। ସେଥିମଧ୍ୟରୁ ଗୋଟିଏ ସଙ୍ଗଠନ ହେଉଛି କଟକରେ ଥିବା ରୟାଲିଟି ସୋସିଆଲ ସର୍ଭିସ୍। ଏହି ସଙ୍ଗଠନ ମହାମାରୀ କରୋନା ସମୟରେ ରୋଜଗାର ହରାଇ ଭୋକ ଉପାସରେ ରହୁଥିବା ଲୋକଙ୍କୁ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ସହ ଖାଦ୍ୟବଣ୍ଟନ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା। ତେବେ ମାତ୍ର କେତେଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସଙ୍ଗଠନର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୪୦ ଜଣ ଏବଂ ସେମାନେ ସମସ୍ତେ ବିଭିନ୍ନ କଲେଜ ଛାତ୍ର। ନିଜ ଖର୍ଚ୍ଚ ପାଇଁ ଘରୁ ମିଳୁଥିବା ଟଙ୍କାକୁ ସଞ୍ଚୟକରି ସମାଜ ସେବାରେ ସେମାନେ ନିଜକୁ ନିୟୋଜିତ କରିଛନ୍ତି। କେବଳ ଅସହାୟଙ୍କ ସହାୟତା ନୁହେଁ ବରଂ କରୋନାରେ ସ୍କୁଲ୍ କଲେଜ୍ ବନ୍ଦ ଥିବାରୁ ଘରେ ରହୁଥିବା ଛାତ୍ରୀଛାତ୍ରଙ୍କ ମୁହଁରେ ହସ ଫୁଟେଇବା ପାଇଁ ଅନ୍‌ଲାଇନ ମାଧ୍ୟମରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପ୍ରତି ପର୍ବପର୍ବାଣିକୁ ସଂଗଠନର ସମସ୍ତ ସଦସ୍ୟ ଅଭିନବ ଉପାୟରେ ପାଳିଥାନ୍ତି । ଏହି ଅବସରରେ ସଙ୍ଗଠନର ସଦସ୍ୟମାନେ ମିଶି ସମାଜ ସେବା ଯଥା– ମହାପୁରୁଷଙ୍କ ମୂର୍ତ୍ତି ସଫେଇ, ଡେଙ୍ଗୁରୁ ରକ୍ଷା ପାଇବା ନିମନ୍ତେ ରାସ୍ତା କଡରେ ଥିବା ଅଳିଆ ଆବର୍ଜନା ସଫା କରି ଫିନାଇଲ୍ ଓ ବ୍ଲିଚିଂ ପାଉଡର ପକାଇବା ଆଦି କାର୍ଯ୍ୟ କରିଥାନ୍ତି। ତେବେ ସଂଗଠନର ମୂଳ ଲକ୍ଷ୍ୟ ସମାଜ ସେବା କରିବା ଓ ଅସହାୟ ଲୋକ, ଜୀବଜନ୍ତୁଙ୍କୁ ସାହାଯ୍ୟ କରିବା ବୋଲି ସମ୍ପାଦକ ସୌମ୍ୟରଞ୍ଜନ ସାହୁ କହିଛନ୍ତି । ସଭାପତି ଅଭିଷେକ ଜେନା, ଉପସଭାପତି ହେମାଙ୍ଗି ସାହୁ, କୋଷାଧ୍ୟକ୍ଷ ମଧୁସ୍ମିତା ସାହୁ, ସୁବ୍ରତ କୁମାର କାହାଳି, ମୋନାଲିସା ବେହେରା ପ୍ରମୁଖ ସଙ୍ଗଠନର ସଦସ୍ୟ ଅଛନ୍ତି।

– ସୁପ୍ରିୟା ପ୍ରିୟଦର୍ଶିନୀ


ରୟାଲିଟି ସୋସିଆଲ ସର୍ଭିସ୍ କ୍ଲବର ସଦସ୍ୟମାନେ।

# ଶ୍ରୀମନ୍ଦିରରେ ନାବାଳିକାଙ୍କୁ ଅସଦାଚରଣ, ପୂଜକ ଗିରଫ

**ପୁରୀ ଅଫିସ,୯।୧୦**

ଶ୍ରୀମନ୍ଦିରରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଶନିବାର ଜଣେ ପୂଜକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୭୮/୨୧) ରୁଜୁ କରିଛି। ନାବାଳିକାଙ୍କ ସମ୍ପର୍କୀୟ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଦୁହେଁ ଶ୍ରୀମନ୍ଦିର ମଧ୍ୟରେ ବୁଲୁଥିଲେ। ତେବେ ବୁଧିବାମନ ମନ୍ଦିର ନିକଟରେ ନାବାଳିକା ଜଣକ ଠିଆ ହୋଇଥିବା ବେଳେ ସମ୍ପୃକ୍ତ ମନ୍ଦିରରେ ଥିବା ପୂଜକ ତାଙ୍କୁ ଅସଦାଚରଣ କରିଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ଏ ନେଇ ସିଂହଦ୍ୱାର ଥାନା ଆଇଆଇସି ଗେଲି ସାହୁ କହିଛନ୍ତି, ଅଭିଯୋଗ ଆସିବା ପରେ ଅଭିଯୁକ୍ତଙ୍କୁ ପଚରାଉଚରା କରି ଗିରଫ କରିଛୁ। ଅନ୍ୟପକ୍ଷେ ନାବାଳିକା ଜଣକ ପୁରୀ ଜିଲା ବାସିନ୍ଦା ହୋଇ ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ରାତିରେ ବିଧାୟକଙ୍କୁ ଜେଲରେ ଭେଟିଲେ ନେତା

**ଖୋର୍ଦ୍ଧା ଅଫିସ,୯।୧୦**

ବାଲୁଗାଁ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ, ଗାଳିଗୁଲଜ ଘଟଣାରେ ଖୋର୍ଦ୍ଧା ଏଡିଜେ ଶୁକ୍ରବାର ଜାମିନ ଆବେଦନ ଖାରଜ କରିବା ପରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଜେଲ ଯିବାକୁ ପଡ଼ିଛି। ତେବେ ସ୍ୱାସ୍ଥ୍ୟଗତ ଅସୁସ୍ଥତା ଯୋଗୁ ସେ ଏବେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ଅପରପକ୍ଷରେ ଶନିବାର ରାତିରେ ଖୋର୍ଦ୍ଧା ସବ୍‌ଜେଲ ପଠାଯିବା ପରେ ଜେଲ ଭିତରେ ବିଧାୟକଙ୍କୁ ସ୍ଥାନୀୟ ନେତାମାନେ ଭେଟିବା ଘଟଣାକୁ ନେଇ ଏବେ ବିବାଦ ଦେଖା ଦେଇଛି। ଜେଲ ଏସ୍‌ଓପିକୁ ଉଲ୍ଲଂଘନ କରି ରାତିରେ ଭେଟିବାକୁ କିଏ ଅନୁମତି ଦେଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ବାଲୁଗାଁ ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗିରଫଦାରିକୁ ଏଡ଼ାଇବା ପାଇଁ ହାଇକୋର୍ଟରେ ଅଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଉକ୍ତ ଆବେଦନକୁ ଖାରଜ କରିବା ସହ ତଳକୋର୍ଟରେ ହାଜର ହେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ବିଧାୟକ ଖୋର୍ଦ୍ଧା ଏଡିଜେଙ୍କ କୋର୍ଟରେ ଶୁକ୍ରବାର ହାଜର ହୋଇ ଆତ୍ମସମର୍ପଣ କରିଥିଲେ। ହେଲେ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ପୋଲିସ ବିଧାୟକଙ୍କୁ ହେପାଜତକୁ ନେଇ ମେଡିକାଲ ପରୀକ୍ଷା ପରେ ଖୋର୍ଦ୍ଧା ସବ୍ ଜେଲକୁ ପଠାଇ ଦେଇଥିଲେ। ତେବେ ଜେଲ ପରିସରରେ ହଠାତ୍ ବିଧାୟକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ଅସୁସ୍ଥତା ଖବରପାଇ ସ୍ଥାନୀୟ ବିଜେଡି ନେତୃବୃନ୍ଦ ଜେଲ ଭିତରକୁ ଯାଇ ଜଗଦ୍ଦେବଙ୍କୁ ଭେଟିଥିବା ଚର୍ଚ୍ଚା ହେଉଛି। ଏପରି କି ସନ୍ଧ୍ୟା ୭ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ବିଜେଡି ସ୍ଥାନୀୟ ନେତା ଓ କର୍ମୀ ଜେଲ୍ ଭିତରେ କ'ଣ କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣ ଅଭିଯୁକ୍ତଙ୍କୁ ଜେଲରେ ସାକ୍ଷାତ କରିବା ପାଇଁ ବିଭିନ୍ନ କଟକଣା ଥିବାବେଳେ ବିଧାୟକ ଜଗଦ୍ଦେବଙ୍କ କ୍ଷେତ୍ରରେ ଏହାକୁ ଖୋଲା ଉଲ୍ଲଂଘନ କରାଯାଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଭାଜପା ମଣ୍ଡଳ ସଭାପତି ସେଠୀଙ୍କୁ ଆକ୍ରମଣ ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ଜଗଦ୍ଦେବଙ୍କୁ ଦଳରୁ ତୁରନ୍ତ ନିଲମ୍ବନ କରିବା ସହ ଜିଲା ଯୋଜନା କମିଟି ସଭାପତି ପଦରୁ ମଧ୍ୟ ହଟାଇଥିଲେ।

## ଜେଲ ଏସ୍‌ଓପିକୁ ଭୁଲିଗଲେ

କରୋନା ସ୍ଥିତିକୁ ଲକ୍ଷ୍ୟରେ ରଖି ଜେଲରେ ରହିଥିବା କଏଦୀଙ୍କୁ ଭେଟିବା ପାଇଁ ଜେଲ ଡିଆଇଜି ଗତ ୨୧ତାରିଖରେ ଏକ ଏସ୍‌ଓପି ଜାରି କରିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, କୌଣସି ବନ୍ଦୀକୁ ସାକ୍ଷାତ କରିବାକୁ ହେଲେ ଇ-ପ୍ରିଜନ ପୋର୍ଟାଲରେ ନିଜର ନାମ ପ୍ରଥମେ ପଞ୍ଜୀକୃତ କରିବାକୁ ହେବ। ସେହି ଅନୁସାରେ ସେମାନେ ପୂର୍ବାହ୍ନ ୯ଟା ଠାରୁ ଅପରାହ୍ନ ୨ଟା ମଧ୍ୟରେ ସାକ୍ଷାତ୍ କରିବେ। ଏପରି କି ବନ୍ଦୀଙ୍କୁ ଭେଟିବାକୁ ହେଲେ ସାକ୍ଷାତକାରୀଙ୍କୁ ୨ଟି ଯାକ କରୋନା ଟିକା ନେଇଥିବାର ସାର୍ଟିଫିକେଟ କିମ୍ବା ୭୨ଘଣ୍ଟା ମଧ୍ୟରେ କରୋନା ନେଗେଟିଭ ରିପୋର୍ଟ ଆଣିଥିବା ଆବଶ୍ୟକ। ହେଲେ ଜେଲ ଡିଆଇଜିଙ୍କ ଏସ୍‌ଓପିକୁ ବିଧାୟକ ଜଗଦ୍ଦେବଙ୍କ କ୍ଷେତ୍ରରେ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଇଛି। ଚିଲିକା ବିଧାୟକଙ୍କୁ ଜେଲ ଭିତରେ ଭେଟିବାକୁ ଅନୁମତି ଦେବାକୁ ନେଇ ପ୍ରଶ୍ନ ଉଠିଛି। ରାତିରେ ବିଚାରାଧୀନ ବନ୍ଦୀ ଥିବା ବିଧାୟକଙ୍କୁ ଭେଟିବାକୁ କିଏ ଅନୁମତି ଦେଇଥିଲେ ସେନେଇ ଖୋର୍ଦ୍ଧା ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତଙ୍କୁ ପଚାରିବାରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ତାଙ୍କ ସହ କଥାବାର୍ତ୍ତା ହେବା ଲାଗି ଆସିଥିଲେ। ହେଲେ ଅନ୍ୟ କାହାରିକୁ ଜେଲ ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇ ନାହିଁ ବୋଲି ରାଉତ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ମିତ୍ରଙ୍କୁ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

## ସୋସିଆଲ ମିଡିଆରେ କଥା କଟାକଟି

ବିଧାୟକ ଜଗଦ୍ଦେବଙ୍କ ଗିରଫକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଏନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ବିଧାୟକଙ୍କ ସମର୍ଥକ ଏବଂ ବିରୋଧୀଙ୍କ ମଧ୍ୟରେ କଥା କଟାକଟି ଚାଲିଥିବା ଦେଖିବାକୁ ମିଳିଛି। ଜଗଦ୍ଦେବଙ୍କ ଗିରଫ ପଛରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଛି। ତାଙ୍କ ଛବି ଚିଲିକା ନିର୍ବାଚନ ମଣ୍ଡଳୀ ଏବଂ ସର୍ବସାଧାରଣରେ ମଳିନ ଲାଗି ଚକ୍ରାନ୍ତ କରାଯାଉଛି ବୋଲି ସମର୍ଥକଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ବିଧାୟକଙ୍କ ଜେଲ ଯିବା ଘଟଣାକୁ ଭାଜପା ସ୍ୱାଗତ କରିଛି। ଏନେଇ ଭାଜପା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର କୁହନ୍ତି ବିଧାୟକ ଜଗଦ୍ଦେବ ନିଜର ନୈତିକତା ଏବଂ ମାନବିକତା ହରାଇ ସାରିଛନ୍ତି। ତାଙ୍କର ବିଧାୟକଙ୍କ ହେବାର ଯୋଗ୍ୟତା ନାହିଁ। ଜଣେ ଜନପ୍ରତିନିଧି ହୋଇ ଲୋକଙ୍କ ସୁବିଧା ଅସୁବିଧା ସମାଧାନ କରିବା ପରିବର୍ତ୍ତେ ଯିଏ କର୍ମୀ, ଜନସାଧାରଣଙ୍କୁ ଗାଳିଗୁଲଜ କରେ ସେଭଳି ବ୍ୟକ୍ତିଙ୍କ ସ୍ଥାନ ବିଧାନସଭା ନୁହେଁ ବରଂ ଜେଲ ବୋଲି କହିଛନ୍ତି।

# ସ୍ୱର୍ଶ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ତନ କର୍କଟ ଦିବସ



**ଭୁବନେଶ୍ୱର,୯।୧୦**

ବିଶ୍ୱ ସ୍ତନ କର୍କଟ ଦିବସ ଉପଲକ୍ଷେ ସ୍ୱର୍ଶ ହସ୍ପିଟାଲ ଏବଂ ଲାୟନସ୍ ମିନତୀ ବେହେରା କ୍ୟାନସର ଫାଉଣ୍ଡେସନର ମିଳିତ ସହଯୋଗରେ ଗତକାଲି ସ୍ତନ କର୍କଟ ସଚେତନତା ଦିବସ 'ୱିନରସ୍ ଅଫ୍ ଲାଇଫ୍' ସ୍ଥାନୀୟ ସହିଦ ନିଗରସ୍ଥିତ ସ୍ୱର୍ଶ ପରିସରରେ ପାଳିତ ହୋଇଯାଇଛି। ସାଧାରଣତଃ ସବୁ କର୍କଟ ରୋଗଠାରୁ ସ୍ତନ କର୍କଟ ଅତି ସାଧାରଣ ଅଟେ କିନ୍ତୁ ସ୍ତନ କର୍କଟ ଜନିତ ରୋଗ ଦ୍ୱାରା ହେଉଥିବା ମହିଳାମାନଙ୍କର ମୃତ୍ୟୁ ହିଁ ପ୍ରମୁଖ କାରଣ ଅଟେ। ଏହି ସଚେତନତା କାର୍ଯ୍ୟକ୍ରମରେ ଚିକିତ୍ସିତ ହେଉଥିବା ରୋଗୀ, ସୁସ୍ଥ ହୋଇଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ ସ୍ତନ କର୍କଟ ରୋଗ ବିଷୟରେ ସଚେତନ କରାଇବା ପାଇଁ ଏକ ଛୋଟ ପ୍ରୟାସ ଉଭୟ ଅନୁଷ୍ଠାନ ପକ୍ଷରୁ କରାଯାଇଥିଲା। କର୍କଟ ବିଶେଷଜ୍ଞଙ୍କ ମତରେ ଯଦି ରୋଗ ପ୍ରଥମାବସ୍ଥାରେ ଜଣା ପଡ଼ିଥାଏ ତାହାଲେ ରୋଗକୁ ଭଲ କରିହେବ। ସେଥିପାଇଁ କିଛି ସାବଧାନତା ଏବଂ ସଚେତନତାର ଆବଶ୍ୟକ ରହିଛି। ଯଦି ସ୍ତନରେ ଗେଟା ହେବା, ଅସ୍ଥିରତା ଦେଖାଦେବା, କିଛି ଯଦି କଷ୍ଟ ଅନୁଭବ କଲେ, ରକ୍ତ କ୍ଷରଣ ହେଲେ, ଲାଲ୍ ଦେଖାଗଲେ ଏବଂ ଯଦି ରୋଗ ବଂଶାନୁକ୍ରମ ହୋଇଥିବ ତୁରନ୍ତ ଡ଼ାକ୍ତରଙ୍କ ପରାମର୍ଶ କରିବା ଉଚିତ ବୋଲି ଡାକ୍ତରମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଶ ହସ୍‌ପିଟାଲର ଡ଼ା.ସ୍ୱତଲିନା ପରିଜା ଏବଂ ସେବିକା ଜୟନ୍ତି ତ୍ରିପାଠୀ ରୋଗୀ ସେବାରେ ନିଜକୁ ଉତ୍ସର୍ଗୀକୃତ ପାଇଁ ଲାୟନସ୍ ମିନତୀ ବେହେରା କ୍ୟାନସର ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଶ ହସ୍ପିଟାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା କର୍କଟ ବିଶେଷଜ୍ଞ ଡ଼ା. ଘନଶ୍ୟାମ ବିଶ୍ୱାସ, କର୍କଟ ଶଲ୍ୟ ଚିକିତ୍ସକ ଡ଼ା. ଦୀପକ ରାଉତରାୟ, ଲାପାରାସ୍କୋପିକ୍ ଏବଂ ବାରିଆଟ୍ରିକ୍ ଚିକିତ୍ସକ ଡ଼ା ମାଧୁରୀ ପଟ୍ଟନାୟକ, କର୍କଟ ଶଲ୍ୟ ଚିକିତ୍ସକ ଡ଼ା ଗଣେଷ ସୁବୁଦ୍ଧି, ହସ୍ପିଟାଲ୍ ଆରକ୍ଷୀକ ଡ଼ା (ମେଜର) ନାରାୟଣ ମିଶ୍ର, ଡ଼ା.ଭରତ ଦାସ, ଡ଼ା ଦେବାଶିଷ ଦାସ, ଡ଼ା. ସୁଭାଷ ଚନ୍ଦ୍ର ଜେନା ଏବଂ ଲାୟନସ୍ ମିନତୀ ବେହେରା କ୍ୟାନସର ଫାଉଣ୍ଡେସନର ସଭାଧ୍ୟକ୍ଷ ତଥା ସମ୍ପାଦକ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କୁ ସଚେତନ କରାଇଥିଲେ।

# ଓଡ଼ିଶା ସରକାର
# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

**SBTJ No. 176** **ତାରିଖ: 26.02.2021/ଅନୁଗୋଳ**

No. XXIX-42: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ** ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର **କୁମଣ୍ଡ** ମୌଜାରେ ନିମ୍ନ ସୂଚିତ ତଫସିଲ ମତେ ପ୍ରାୟ **୫.୭୭୦** ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ରେଳପଥ ନିର୍ମାଣ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ବତଟ ରେଳପଥ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଧାରା ୮(୨) ମୁତାବକ ପ୍ରକାଶିତ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଅନୁଗୋଳ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୋଳ | ବଣ୍ଟରପାଳ | କୁମଣ୍ଡ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୫.୭୭୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,**
**ଜିଲ୍ଲାପାଳ, ଅନୁଗୋଳ**

## ଭୂମି ଅନୁସୂଚୀ

**ମୌଜା- କୁମଣ୍ଡ (ଗ୍ରାମାଞ୍ଚଳ) ଥାନା- ଅନୁଗୋଳ, ଥାନା ନଂ.: ୨୧, ତହସିଲ- ବଣ୍ଟରପାଳ, ଜିଲ୍ଲା- ଅନୁଗୁଳ, ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧୧ | ରୟତି | ୩୭୨/୬୬୨୯ କୁମୁଣ୍ଡମୁଣ୍ଡା | ତଇଳା - ୧ | ୦.୧୬୦ | ୦.୦୫୦ | ପ୍ରସନ୍ନ କୁମାର ସାହୁ, ପି: ଅନ୍ତର୍ଯ୍ୟାମୀ ସାହୁ, ଜା: ଚଷା, ବା: ନିଜଗାଁ |
| ୨୨ | ରୟତି | ୧୯୯ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | ଅମୃତୀ ସାହୁ, ସ୍ୱା: ଆର୍ତ୍ତତ୍ରାଣ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୨୦୦ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୩୦ | |
| | ରୟତି | ୧୯୮ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୫୦ | ୦.୦୧୦ | |
| ୬୮ | ରୟତି | ୮୧୫ ସରୁଆନାଳ | ତଇଳା-୧ | ୦.୨୫୦ | ୦.୦୧୦ | ବଳରାମ ନାୟକ, ପି: ଉତ୍ସବ ନାୟକ, ଜା: ଚଷା, ବା: ନିଜଗାଁ |
| ୭୬ | ରୟତି | ୨୬୧/୭୦୭୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୫୦ | ୦.୦୫୦ | ଉପେନ୍ଦ୍ର କୁମାର ସାହୁ, ପୁରନ୍ଦର ସାହୁ, ହାଡ଼ିବନ୍ଧୁ ସାହୁ, ଦୀନବନ୍ଧୁ ସାହୁ, ପି: କୃଷ୍ଣ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୨୫୯ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୪୦ | ୦.୧୧୦ | |
| ୧୨୦ | ରୟତି | ୫୯୩ ପେଣ୍ଡେରାଦରି | ତଇଳା-୧ | ୧.୧୩୦ | ୦.୦୨୦ | କାଳିଚରଣ ପ୍ରଧାନ, ପି: ଭାଗବତ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୧୮୭ | ରୟତି | ୮୧୧ ସରୁଆନାଳ | ତଇଳା-୧ | ୦.୬୧୦ | ୦.୦୩୦ | ଗୋବର୍ଦ୍ଧନ ନାଏକ, ପି: ଚତୁରା ନାଏକ, ଜା: ପାଣ, ବା: ନିଜଗାଁ |
| ୧୯୬ | ରୟତି | ୩୯୪ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୨୩୦ | ୦.୦୨୦ | ଗୌରାଙ୍ଗ ସାହୁ, ପି: ବିୟା ସାହୁ, ଜା: ଚଷା, ବା: ନିଜଗାଁ |
| ୨୨୫ | ରୟତି | ୧୯୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୭୪୦ | ୦.୨୨୦ | ଚିନ୍ତା ସାହୁ, ପି: ଲକ୍ଷ୍ମଣ ସାହୁ, ଜା: ଚଷା, ବା: ନିଜଗାଁ |
| ୨୩୪ | ରୟତି | ୨୨୬ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୨୦୦ | ୦.୦୯୦ | ମଧୁସୂଦନ ସାହୁ, ସୁକାନ୍ତୀ ସାହୁ, ଲକ୍ଷ୍ମୀ ସାହୁ, ପ୍ରସନ୍ନ କୁମାର ସାହୁ, ପ୍ରତିମା ସାହୁ, ସୁଦର୍ଶନ ସାହୁ, ଉଗ୍ରେସନ ସାହୁ, ପି: ଜୟ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ |
| | ରୟତି | ୨୦୫ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | |
| ୨୪୩ | ରୟତି | ୩୪୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୦୦ | ୦.୦୨୦ | ଜଟିଆ ପ୍ରଧାନ, ପି: ପଠାଣି ପ୍ରଧାନ, ଜା: ଗଉଡ଼, ବା: ନିଜଗାଁ |
| ୨୪୪ | ରୟତି | ୩୪୮ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୩୭୦ | ୦.୧୦୦ | ଜଟିଆ ସାହୁ, ପି: ମାଗତା ସାହୁ, ଜା: ଚଷା, ବା: ନିଜଗାଁ |
| ୨୫୭ | ରୟତି | ୭୩୫/୬୯୭୧ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୭୦ | ଜନ୍ମେଶ୍ୱର ଦେହୁରୀ ପି: ଗଙ୍ଗାଧର ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୭୬ | ରୟତି | ୩୪୯ କୁମୁଣ୍ଡମୁଣ୍ଡା | | ୦.୭୫୦ | ୦.୦୫୦ | ତଅଁଲୁ ସାହୁ, ପି: ଯଦୁ ସାହୁ, ଜା: ଚଷା, ବା: ନିଜଗାଁ |
| ୨୭୮ | ରୟତି | ୭୮୭/୭୧୨୫ ରଙ୍ଗିଆ ଟପ | ଶାରଦ ଜଳ ଦୋଫସଲି-୨ | ୦.୧୪୦ | ୦.୦୪୦ | ତଅଁଲୁ ବେହେରା, ପି: ମାଗୁଣି ବେହେରା, ଜା: ତେଲି, ବା: ନିଜଗାଁ |
| ୨୯୦ | ରୟତି | ୩୫୮ କୁମୁଣ୍ଡମୁଣ୍ଡା | ବଗାୟତ-୨ | ୦.୩୩୦ | ୦.୧୦୦ | ତ୍ରିପୁର ସାହୁ, ରତ୍ନାକର ସାହୁ, ପୂର୍ଣ୍ଣ ସାହୁ, ରବି ସାହୁ, କଣ୍ଟୁଣୀ ସାହୁ, ପି: ସୁରେନ୍ଦ୍ର ସାହୁ, ରୋଦନା ସାହୁ, ସ୍ୱା: ସୁରେନ୍ଦ୍ର ସାହୁ, ବିପିନ ସାହୁ, ନିମନ ସାହୁ, ଉଜ୍ଜଳ ସାହୁ, ପି: ନାଥ ସାହୁ, ଭାନୁ ସାହୁ, ସ୍ୱା: ନାଥ ସାହୁ, ଜା: ଚଷା, ବା: ନିଜଗାଁ |
| ୩୩୧ | ରୟତି | ୧୯୬ | ଶାରଦ ଜଳ ଦୋଫସଲି-୨ | ୦.୧୫୦ | ୦.୧୦୦ | ଧନେଶ୍ୱର ନାଏକ, ପି: ଚକ୍ର ନାଏକ, ଜା: ପାଣ, ବା: ନିଜଗାଁ |
| | ରୟତି | ୧୯୭ | ଶାରଦ ଜଳ ଦୋଫସଲି-୨ | ୦.୦୬୦ | ୦.୦୩୦ | |
| ୩୭୮ | ରୟତି | ୩୬୧/୬୪୩୦ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୩୦ | ୦.୧୩୦ | ନିମନ ସାହୁ, ପି: ନାଥ ସାହୁ, ଜା: ଚଷା, ବା: ନିଜଗାଁ |
| | ରୟତି | ୭୭୨ ଆମ୍ବ ଦର | ତଇଳା-୧ | ୦.୨୪୦ | ୦.୨୪୦ | |
| ୪୬୨ | ରୟତି | ୩୬୧/୬୪୩୧ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୦୮୦ | ୦.୦୬୦ | ପୂର୍ଣ୍ଣ ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୪୬୭ | ରୟତି | ୧୯୫ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୩୭୦ | ୦.୧୦୦ | ପୁରନ୍ଦର ପରିଡ଼ା, ପି: ବିଦା ପରିଡ଼ା, ଜା: ଚଷା, ବା: ନିଜଗାଁ |
| ୪୯୫ | ରୟତି | ୮୧୩ ସରୁଆ ନାଳ | ଶାରଦ ଜଳ ଦୋଫସଲି-୧ | ୦.୬୨୦ | ୦.୦୩୦ | ବଳରାମ ନାୟକ, ପି: ଉତ୍ସବ ନାୟକ, ଜା: ଚଷା, ବା: ନିଜଗାଁ |
| ୫୪୯ | ରୟତି | ୩୪୧ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୫୦ | ୦.୦୫୦ | ବାନାମ୍ବର ସାହୁ, ପ୍ରଭାକର ସାହୁ, ପି: ଦିନବନ୍ଧୁ ସାହୁ, ଜା: ଚଷା, ବା: ନିଜଗାଁ |
| ୬୧୦ | ରୟତି | ୭୭୩/୮୦୩ ଖଇରା ତଇଳା | ତଇଳା-୧ | ୦.୧୬୦ | ୦.୦୮୦ | ବିର କିଶୋର ଦେହୁରୀ, ପି: ସାନ୍ତରା ଦେହୁରୀ, ଜା: ଚଷା ବା: ନିଜଗାଁ |
| ୬୨୧ | ରୟତି | ୮୧୮ ସରୁଆ ନାଳ | ତଇଳା-୧ | ୦.୩୨୦ | ୦.୨୯୦ | ବିଶେଇ ନାୟକ, ପି: ସଙ୍ଖାଳି ନାୟକ, ଜା: ଚଷା, ବା: ନିଜଗାଁ |
| ୬୪୪ | ରୟତି | ୨୬୩ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୫୫୦ | ୦.୨୩୦ | ଭକତ ନାଏକ, ପି: ବିଦା ନାଏକ, ଜା: ପାଣ, ବା: ନିଜଗାଁ |
| ୬୪୫ | ରୟତି | ୨୬୨ ସାଲୋଇମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୬୦ | ୦.୧୩୦ | ଭଗତ ନାଏକ, ପି: ବିଦା ନାଏକ, ବିଚିତ୍ର ନାଏକ, ଚିନା ନାଏକ, ପି: କନ୍ଧ ନାଏକ, କଦଳୀ ନାଏକ, ସ୍ୱା: କନ୍ଧ ନାଏକ, ଜନକ ନାଏକ, ଗୌରା ନାଏକ, ବିନ ନାଏକ, ତୁଳା ନାଏକ, ଆଦର ନାଏକ, ବିଜୁଳି ନାଏକ, ପି: ମାଗୁଣି ନାଏକ, ବୃନ୍ଦୀ ନାଏକ, ସ୍ୱା: ମାଗୁଣି ନାଏକ, ଜା: ପାଣ, ବା: ନିଜଗାଁ |
| | ରୟତି | ୨୨୭ ସାଲୋଇମୁଣ୍ଡା | ଶାରଦ ଜଳ-୨ | ୦.୧୩୦ | ୦.୦୯୦ | |
| ୬୬୨ | ରୟତି | ୩୬୫ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୧୦ | ୦.୦୨୦ | ଭାସ୍କର ସାହୁ, ପି: ପଞ୍ଚୁ ସାହୁ, ଜା: ଚଷା, ବା: ନିଜଗାଁ |
| ୬୬୫ | ରୟତି | ୩୭୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୨୦ | ୦.୦୫୦ | ଭିକ ପ୍ରଧାନ, ଚେମା ପ୍ରଧାନ, ପି: ଦ୍ୱାରୀ ପ୍ରଧାନ, କାମିନୀ ପ୍ରଧାନ, ପି: ଭାସ୍କର ପ୍ରଧାନ, ବାରି ପ୍ରଧାନ, ସ୍ୱା: ଭାସ୍କର ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୬୮୬ | ରୟତି | ୮୧୭ ସରୁଆ ନାଳ | ତଇଳା-୧ | ୦.୨୫୦ | ୦.୧୦୦ | ମଙ୍ଗୁଲୁ ପ୍ରଧାନ, ପି: ଭୁବନ ପ୍ରଧାନ, ଯୋଗି ପ୍ରଧାନ, ପି: ଦୁର୍ଲ୍ଲଭ ପ୍ରଦାନ, ଜଗବନ୍ଧୁ ପ୍ରଧାନ, ମହି ପ୍ରଧାନ, ପି: ଧନି ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୬୮୮ | ରୟତି | ୮୧୬/୬୯୮୫ | ତଇଳା-୧ | ୦.୧୧୦ | ୦.୦୭୦ | ମଙ୍ଗୁଲୁ ନାୟକ, ବାଲି ନାୟକ, କୁନ୍ତଳା ସାହୁ, ପି: କମଳ ନାୟକ, ଜା: ଚଷା, ବା: ନିଜଗାଁ |
| ୭୦୪ | ରୟତି | ୭୮୩ ରଙ୍ଗିଆ ଟପ | ତଇଳା-୧ | ୦.୩୪୦ | ୦.୧୮୦ | ଚୌଧୁରୀ ସାହୁ, ପି: ମଧୁ ସାହୁ, ଜା: ତେଲି, ବା: ନିଜଗାଁ, ଫଗୁଆ ସାହୁ, ସ୍ୱା: ପଳଉ ସାହୁ, ଜା: ତେଲି, ବା: ଖିଣ୍ଡା, ମୁକ୍ତି ସାହୁ, ସ୍ୱା: ନାରାୟଣ ସାହୁ, ଜା: ତେଲି, ବା: ବାରସିଙ୍ଗା, ଉଦାରୀ ସାହୁ, ସ୍ୱା: ଅନ୍ତର ସାହୁ, ଜା: ତେଲି, ବା: ବାରସିଙ୍ଗା |
| | ରୟତି | ୭୮୧ ରଙ୍ଗିଆ ଟପ | ଶାରଦ ଜଳ ଦୋଫସଲି-୧ | ୦.୨୩୦ | ୦.୦୬୦ | |
| ୭୫୪ | ରୟତି | ୨୫୯/୭୦୭୧ | ଶାରଦ ଜଳ ଦୋଫସଲି-୨ | ୦.୧୬୦ | ୦.୧୧୦ | ରଘୁ ସାହୁ, ପି: ଗୌତମ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୫ | ରୟତି | ୩୪୭ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୩୦ | ୦.୦୩୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ଜା: ଚଷା, ବା: ନିଜଗାଁ |
| | ରୟତି | ୩୪୦ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୬୦ | ୦.୦୬୦ | |
| ୭୭୬ | ରୟତି | ୩୩୯ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୧ | ୦.୨୨୦ | ୦.୧୯୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି: ଦୈତାରୀ ନାୟକ, ବାନାମ୍ବର ସାହୁ, ପ୍ରଭାକର ସାହୁ, ପି: ଦିନବନ୍ଧୁ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୮ | ରୟତି | ୩୪୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୨୧୦ | ୦.୧୮୦ | ରସା ନାୟକ, ଜନକ ନାୟକ, ସନା ନାୟକ, କନକ ନାୟକ, ପି: କାର୍ତ୍ତିକ ନାୟକ, ଜମ୍ବୁ ନାୟକ, ସ୍ୱା: କାର୍ତ୍ତିକ ନାୟକ, ହରି ନାୟକ, ପି: ଦୈତାରି ନାୟକ, ଗୋପାଳ ନାୟକ, ପିତେଇ ନାୟକ, ଅଧିକାରି ନାୟକ, ଭିକାରି ନାୟକ, ହିନ ନାୟକ, ପି: ମିଟୁ ନାୟକ, ଜା: ଚଷା, ବା: ନିଜଗାଁ, ତଅଁଲୁ ପ୍ରଧାନ, ପି: ଶୁକଦେବ ପ୍ରଧାନ, ଜା: ଚଷା, ବା: ପରତରା, ଭୀମ ନାୟକ, ରୁଷି ନାୟକ, ପି: ମହାଦେବ ନାୟକ, ଜା: ଚଷା, ବିପ୍ର ଚରଣ ଜେନା, ପି: ଆକୁଳ ଜେନା, ଜା: କ୍ଷତ୍ରିୟ, ବା: ଅନୁଗୋଳ ଟାଉନ, ପଡ଼ା- ହେମସରପଡ଼ା |
| | ରୟତି | ୩୪୬ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୩୦ | ୦.୦୩୦ | |
| ୭୯୦ | ରୟତି | ୭୭୬ ଖଇରାତଇଳା | ତଇଳା-୧ | ୦.୬୩୦ | ୦.୦୮୦ | ଅରୁଣ ଦେହୁରୀ, ବରୁଣ ଦେହୁରୀ, କନକ ସାହୁ, ବିଦୁଲତା ସାହୁ, ପି: ରାଜନ ଦେହୁରୀ, ବାଲା ଦେହୁରୀ, ବିର ଦେହୁରୀ, କୁମର ଦେହୁରୀ, ସଜନୀ ପ୍ରଧାନ, ପି: ସାନ୍ତରା ଦେହୁରୀ, ନିରାଶ ଦେହୁରୀ, ସ୍ୱା: ନରହରି ଦେହୁରୀ, ଧ୍ରୁବ ଚରଣ ଦେହୁରୀ, ଅମୂଲ୍ୟ ଦେହୁରୀ, ବିକ୍ରମ ଦେହୁରୀ, ପ୍ରତିମା ପ୍ରଧାନ, ସୁଭଦ୍ରା ଦେହୁରୀ, ପି: ନରହରି ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୦୧ | ରୟତି | ୩୫୮/୬୪୨୮ କୁମୁଣ୍ଡମୁଣ୍ଡା | ବାଜେଫସଲ-୧ | ୦.୦୧୦ | ୦.୦୧୦ | ରୋହିତ ସାହୁ, ପି: ଆକୁଳ ସାହୁ, ଜା: ଚଷା, ବା: ନିଜଗାଁ |
| ୮୦୭ | ରୟତି | ୭୩୫/୬୯୭୨ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୮୦ | ଲୟୋଦର ଦେହୁରୀ, ପି: ଗଙ୍ଗା ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୦୮ | ରୟତି | ୬୬୦୨ ପେଣ୍ଡେରାଦରି | ତଇଳା-୧ | ୦.୨୭୦ | ୦.୧୦୦ | ଲୟୋଦର ପ୍ରଧାନ, ପି: ବିରକିଶୋର ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୮୦୯ | ରୟତି | ୩୫୦ | ଶାରଦ ଜଳ ଦୋଫସଲି-୨ | ୦.୬୩୦ | ୦.୩୪୦ | ଲାଣ୍ଡୁ ସାହୁ, ପି: ଗୌରାଙ୍ଗ ସାହୁ, ଜା: ଚଷା, ବା: ନିଜଗାଁ |
| ୮୨୨ | ରୟତି | ୩୬୪ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୧୧୦ | ୦.୦୧୦ | ସଙ୍ଖାଳି ସାହୁ, ସଂସାରି ସାହୁ, ଅମୃତି ସାହୁ, ତନୁ ସାହୁ, ପି: ରାମ ସାହୁ, ଜା: ଚଷା, ବା: ନିଜଗାଁ |
| ୮୨୪ | ରୟତି | ୨୨୪ | ଶାରଦ ଜଳ-୨ | ୦.୧୨୦ | ୦.୦୨୦ | ସଙ୍ଖାଳି ସାହୁ, ଦୁଃଖିଆ ସାହୁ, ପି: ଶ୍ରୀଧର ସାହୁ, ଜା: ଚଷା, ବା: ନିଜଗାଁ |
| ୮୬୮ | ରୟତି | ୭୩୫ ଖଇରାତଇଳା | ତଇଳା-୧ | ୦.୧୮୦ | ୦.୦୮୦ | ଶ୍ରୀନିବାସ ଦେହୁରୀ, ପି: ଭ୍ରମର ଦେହୁରୀ, ଉଦିଆ ଦେହୁରୀ, ସ୍ୱା: ଭ୍ରମର ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୮୯୪ | ରୟତି | ୭୮୦ ଖଇରାତଇଳା | ଶାରଦ ଜଳ ଦୋଫସଲି-୧ | ୦.୧୯୦ | ୦.୧୬୦ | ସୁରେନ୍ଦ୍ର ସାହୁ, ପି: ଭଜନା ସାହୁ, ଜା: ତେଲି, ବା: ନିଜଗାଁ |
| ୯୧୪ | ରୟତି | ୩୯୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୬୪୦ | ୦.୧୭୦ | ହାଡ଼ିବନ୍ଧୁ ସାହୁ, ପି: ଗୌରାଙ୍ଗ ସାହୁ, ଜା: ଚଷା, ବା: ନିଜଗାଁ |
| ୯୨୦ | ରୟତି | ୭୮୪ ରଙ୍ଗିଆ ଟପ | ତଇଳା-୧ | ୦.୧୧୦ | ୦.୦୧୦ | ହୃଦାନନ୍ଦ ସାହୁ, ପି: ମାଗୁଣି ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୪୪୭ | ରୟତି | ୮୧୬୮ ବଡ଼ନାଳ | ତଇଳା-୧ | ୦.୩୩୦ | ୦.୦୩୦ | କୁମାରୀ ସାହୁ, ସ୍ୱା: କର୍ଣ୍ଣ ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୬୨୯ | ରୟତି | ୭୭୨/୮୦୮୦ ଆୟଦର | ତଇଳା-୧ | ୦.୧୦୦ | ୦.୧୦୦ | ସନ୍ତୋଷ ସାହୁ, ମହର୍ଗା ସାହୁ, ପି: ତ୍ରିପୁର ସାହୁ, ଜା: ଚଷା, ବା: ନିଜଗାଁ |
| ୯୩୨/୧୨୩୫ | ରୟତି | ୮୨୩ ସରୁଆ ନାଳ | ଘରବାରି | ୦.୨୩୦ | ୦.୦୧୦ | ମନୋଜ କୁମାର ସାହୁ, ପି: ଦୈତାରୀ ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୧୪୩୫ | ରୟତି | ୮୧୪ ସରୁଆ ନାଳ | ଘରବାରି | ୦.୨୦୦ | ୦.୨୦୦ | ନିରଞ୍ଜନ ପ୍ରଧାନ, ପି: ଅକ୍ରୁର ପ୍ରଧାନ, ଜା: ଚଷା, ବା: କଳମଛୁଇଁ, ତାଳଚେର |
| ୯୩୨/୧୭୨୧ | ରୟତି | ୭୭୩ ବଇରା ନାଳ | ଘରବାରି | ୦.୦୫୦ | ୦.୦୧୦ | ପ୍ରଦୀପ କୁମାର ପ୍ରଧାନ, ପି: ଦୁର୍ଯ୍ୟୋଧନ ପ୍ରଧାନ, ଜା: ଚଷା, ବା: ଡଅଁରା, ଥାନା- କଳିୟାରୀ |
| ୯୩୨/୨୦୦୪ | ରୟତି | ୫୯୩/୬୬୦୧ | ତଇଳା-୧ | ୦.୧୩୦ | ୦.୦୫୦ | ବିଜୟ କୁମାର ପ୍ରଧାନ, ପି: ଉଦୟନାଥ ପ୍ରଧାନ, ଜା: ଚଷା, ବା: ନିଜଗାଁ |
| ୯୩୨/୨୦୫୫ | ରୟତି | ୭୭୨/୮୦୮୪ | ତଇଳା-୧ | ୦.୦୩୦ | ୦.୦୩୦ | ଜାତକ ସାହୁ, ସ୍ୱା: ସନ୍ତୋଷ ସାହୁ, ମହର୍ଗା ସାହୁ, ପି: ତ୍ରିପୁର ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୨୨୧୫ | ରୟତି | ୩୭୧/୬୮୭୫ କୁମୁଣ୍ଡମୁଣ୍ଡା | ତଇଳା-୧ | ୦.୧୬୦ | ୦.୦୮୦ | ପଲ୍ଲବ କିଶୋର ପଟ୍ଟନାୟକ, ପି: ଦ୍ୱିଜବର ପଟ୍ଟନାୟକ, ଜା: କରଣ, ବା: ଭଗବତପୁର, ଥାନା- ପୁରୀଘାଟ, ଜି- କଟକ |
| ୯୩୨/୨୨୯୮ | ରୟତି | ୩୬୩ କୁମୁଣ୍ଡମୁଣ୍ଡା | ଶାରଦ ଜଳ ଦୋଫସଲି-୨ | ୦.୦୨୦ | ୦.୦୨୦ | ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ୱା: ଜୟକୃଷ୍ଣ ପ୍ରଧାନ, ଜା: ଚଷା, ବା: ହେମସୁରପଡ଼ା, ଅନୁଗୋଳ ଟାଉନ |
| ୯୩୨/୨୪୩୪ | ରୟତି | ୭୧୯ ବଡ଼ନାଳ | ତଇଳା-୧ | ୦.୦୩୦ | ୦.୦୩୦ | କାଳନ୍ଦି ବେହେରା, ପି: ମାର୍କଣ୍ଡ ବେହେରା, ଜା: ବଣିଆ, ବା: କୁମଣ୍ଡ |
| ୯୩୨/୫୬୭ | ରୟତି | ୭୧୯/୮୭୭୦ | ତଇଳା-୧ | ୦.୦୪୦ | ୦.୦୪୦ | କରୁଣାକର ସାହୁ, ପି: ନବେଇ ସାହୁ, ଜା: ଚଷା, ବା: କୁମଣ୍ଡ |
| ୯୩୨/୨୪୮୧ | ରୟତି | ୭୭୪ ଖଇରା ତଇଳା | ତଇଳା-୧ | ୦.୩୩୦ | ୦.୦୩୦ | କୈଳାସ ଦେହୁରୀ, ପି: ଟାଙ୍ଗୁରୁ ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୨ | ରୟତି | ୨୦୩ | ଶାରଦ ଜଳ-୨ | ୦.୦୮୦ | ୦.୦୪୦ | ଅମୃତୀ ସାହୁ, ସ୍ୱା: ଆର୍ତ୍ତତ୍ରାଣ ସାହୁ, ଜା: ଚଷା, ବା: ନିଜଗାଁ |
| ୭୭୯ | ରୟତି | ୮୧୬/୬୯୮୬ | ତଇଳା ଏକ | ୦.୧୩୦ | ୦.୦୨୦ | ରସା ନାୟକ, ପି: ଦୁଃଖିଆ ନାୟକ, ଜା: ଚଷା, ବା: ନିଜଗାଁ |
| ୯୩୨/୧୬୭୩ | ରୟତି | ୮୧୯ | ଘରବାରି | ୦.୨୩୦ | ୦.୦୭୦ | ରମ୍ଭାବତୀ ସାହୁ, ସ୍ୱା: ଅଶୋକ କୁମାର ସାହୁ, ଜା: ଚଷା, ବା: ରାଇଝରଣ |
| ୬୨୧ | ରୟତି | ୮୧୬/୬୯୮୪ | ତଇଳା-୧ | ୦.୪୩୦ | ୦.୦୧୦ | ବିଶେଇ ନାୟକ, ପି: ସଙ୍ଖାଳି ନାୟକ, ଜା: ଚଷା, ବା: ନିଜଗାଁ |
| ୯୩୨/୨୪୮୧ | ରୟତି | ୭୩୬ | ତଇଳା-୧ | ୦.୦୫୦ | ୦.୦୫୦ | କୈଳାଶ ଦେହୁରୀ ପି: ଟାଙ୍ଗୁରୁ ଦେହୁରୀ, ଜା: ଚଷା, ବା: ନିଜଗାଁ |
| ୨୫୩ | ରୟତି | ୨୦୪ | ଶାରଦ ଜଳ ଦୁଇ | ୦.୦୪୦ | ୦.୦୧୦ | ଜନକ ନାଏକ, ଗୌର ନାୟକ, ବନକ ନାଏକ, ପି: ମାଗୁଣି ନାଏକ, ବୃନ୍ଦି ନାଏକ, ସ୍ୱା: ମାଗୁଣି ନାଏକ, ଶ୍ରୀପତି ନାଏକ, ପି: କାଠି ନାଏକ, ଜା: ପାଣ, ବା: ନିଜଗାଁ |
| ୭୫୪ | ରୟତି | ୨୫୭/୭୦୭୦ | ଶାରଦ ଜଳ ଦୋଫସଲି ଦୁଇ | ୦.୦୮୦ | ୦.୦୧୦ | ରଘୁ ସାହୁ, ପି: ଗୌତମ ସାହୁ, ଜା: ଚଷା, ବା: ନିଜଗାଁ |
| ୧୧ | ରୟତି | ୩୬୨ | ଶାରଦ ଜଳ ଦୋଫସଲି ଦୁଇ | ୦.୦୪୦ | ୦.୦୪୦ | ପ୍ରସନ୍ନ କୁମାର ସାହୁ, ପି: ଅନ୍ତର୍ଯ୍ୟାମୀ ସାହୁ, ଜା: ଚଷା, ବା: ନିଜଗାଁ |
| ୭୬୩ | ରୟତି | ୩୬୧/୬୪୨୯ | ଶାରଦ ଜଳ ଦୋଫସଲି ଦୁଇ | ୦.୦୯୦ | ୦.୦୯୦ | ରତ୍ନାକର ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| ୧୯୬ | ରୟତି | ୩୯୪ | ତଇଳା-୧ | ୦.୨୩୦ | ୦.୦୧୦ | ଗୌରାଙ୍ଗ ସାହୁ, ପି: ବିୟା ସାହୁ, ଜା: ଚଷା, ବା: ନିଜଗାଁ |
| ୭୬୭ | ରୟତି | ୩୬୧/୬୪୩୩ | ଶାରଦ ଜଳ ଦୋଫସଲି ଦୁଇ | ୦.୦୨୦ | ୦.୦୨୦ | ରବି ସାହୁ, ପି: ସୁରେନ୍ଦ୍ର ସାହୁ, ଜା: ଚଷା, ବା: ନିଜଗାଁ |
| | | | | ମୋଟ | ୫.୭୭୦ | |

**ସ୍ୱା./- ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶାଳଗାଁ ବୁଢ଼ାପଙ୍କ ତାଳଚେର ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳପଥଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ**

**ସ୍ୱା./- ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**
**ଜିଲ୍ଲାପାଳ, ଅନୁଗୋଳ**

OIPR-24012/14/0047/2122

**ଶାହରୁଖଙ୍କ ଡ୍ରାଇଭରଙ୍କୁ ପଚରାଉଚରା** ଡ୍ରଗ୍ସ ପାର୍ଟି ମାମଲାରେ ପୁଅ ଆର୍ୟ୍ୟନ ଖାନ ଗିରଫ ହେବା ପରେ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ଡ୍ରାଇଭରଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଶନିବାର ପଚରାଉଚରା କରିଛି। ମୁମ୍ବାଇ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟିରେ ଲିଙ୍କ୍ ଥିବା ନେଇ ସମନ ପାଇବା ପରେ ଡ୍ରାଇଭର ଏନ୍‌ସିବି ଅଫିସ୍‌ରେ ପହଞ୍ଚିଥିଲେ। ଏନ୍‌ସିବି ଅଧିକାରୀମାନେ ତାଙ୍କ ବୟାନ ରେକର୍ଡ କରିଛନ୍ତି। ଏଥିସହ ଏନ୍‌ସିବି ଫିଲ୍ମ ନିର୍ମାତା ଇମ୍ତିଆଜ୍ ଖତ୍ରିଙ୍କ ଘର ଏବଂ ଅଫିସ୍‌ରେ ଚଢ଼ାଉ କରିଛି।

## ସଂକ୍ଷେପରେ

### ୟୁପିଏସ୍‌ସି ଆଶାୟୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୯।୧୦(ପି.ଟି.):** ୟୁପିଏସ୍‌ସି ପ୍ରିଲିମ୍ ୨୦୨୧ ପରୀକ୍ଷା ରବିବାର ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ କେନ୍ଦ୍ରୀୟ ଦିଲ୍ଲୀର ରାଜେନ୍ଦ୍ର ନଗରରେ ଜଣେ ୨୫ ବର୍ଷୀୟ ୟୁପିଏସ୍‌ସି ଆଶାୟୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ ଭାଦୋହି ଅଞ୍ଚଳର ଆକାଂକ୍ଷା ମିଶ୍ରା ୨୦୨୧ ଜୁନ୍‌ରୁ ଦିଲ୍ଲୀରେ ରହି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ଅକ୍ଟୋବର ୨ରୁ ସେ ପୁରୁଣା ରାଜେନ୍ଦ୍ର ନଗରର ଏକ ଭଡ଼ାଘରେ ରହୁଥିଲେ। ଶୁକ୍ରବାର ରାତିରେ ତାଙ୍କ ମୃତଦେହ ସିଲିଂ ଫ୍ୟାନ୍‌ରୁ ଝୁଲୁଥିବା ଅବସ୍ଥାରେ ମିଳିଥିଲାବେଳେ ସେଠାରୁ କୌଣସି ସୁଇସାଇଡ୍ ନୋଟ ଜବତ ହୋଇ ନ ଥିବା ସେଣ୍ଟ୍ରାଲ ଦିଲ୍ଲୀ ଡିସିପି ଶ୍ୱେତା ଚୌହାନ କହିଛନ୍ତି। ଘରର କବାଟ ଭିତର ପଟୁ ବନ୍ଦ ଥିଲା।

### ୩ ଜଣଙ୍କୁ ଛାଡ଼ିଦେଇଛି ଏନ୍‌ସିବି: ନୱାବ ମଲ୍ଲିକ

**ମୁମ୍ବାଇ, ୯।୧୦:** ଗତ ସପ୍ତାହରେ ମୁମ୍ବାଇ ଉପକୂଳରେ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି ଚାଲିଥିବାବେଳେ ଏନ୍‌ସିବି ଚଢ଼ାଉ କରି ୮ରୁ ୯ ଜଣଙ୍କୁ ଅଟକ ରଖିଥିଲା ବୋଲି ଆଞ୍ଚଳିକ ଅଧିକାରୀ ସମୀର ୱାଙ୍ଖଡେ କହିଥିଲେ। କିନ୍ତୁ ବାସ୍ତବରେ ୧୧ ଜଣଙ୍କୁ ଅଟକ ରଖାଯାଇଥିଲା ଏବଂ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଛାଡ଼ି ଦିଆଯାଇ ଅନ୍ୟ ୮ ଜଣଙ୍କୁ ଗିରଫ କରାଯାଇଥିଲା ବୋଲି ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲ୍ଲିକ ଅଭିଯୋଗ ଆଣିଛନ୍ତି। ଭାଜପା ନେତାଙ୍କ ସହ କଥାହେବା ପରେ ଏନ୍‌ସିବି ରିଷଭ ସଚଦେବା, ପ୍ରତୀକ ଗାବା ଏବଂ ଅମୀର ଫର୍ନିଚରୱାଲାଙ୍କୁ ଛାଡ଼ିଦେଇଥିବା ସେ କହିଛନ୍ତି। ଏ ନେଇ ସେ କିଛି ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓରେ ସେହି ୩ ଜଣ ଏନ୍‌ସିବି ଅଫିସ୍‌ରୁ ବାହାରକୁ ବାହାରୁଥିବା ଦେଖିବାକୁ ମିଳିଛି। ଏନ୍‌ସିବି କାହିଁକି ସେମାନଙ୍କୁ ଯିବାକୁ ଦେଲା ସେ ନେଇ ସ୍ପଷ୍ଟୀକରଣ ରଖିବାକୁ ଏହି ଏନ୍‌ସିପି ନେତା ଦାବି କରିଛନ୍ତି। ଏ ନେଇ ଏନ୍‌ସିବି ଉପମହାନିର୍ଦ୍ଦେଶକ ଜ୍ଞାନେଶ୍ୱର ସିଂ କହିଛନ୍ତି, ମୋଟ ୧୪ ଜଣଙ୍କୁ ଆଣି ପଚରାଉଚରା କରାଯାଇଥିଲା। ୮ ଜଣଙ୍କ ବିରୋଧରେ ପ୍ରମାଣ ମିଳିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା।

# ଗ୍ଲୋବାଲ ଟାକ୍ସ ଦେବେ ବହୁରାଷ୍ଟ୍ରୀୟ କମ୍ପାନୀ

- ସର୍ବନିମ୍ନ ୧୫% ଟିକସ ଆଦାୟ ପାଇଁ ଚୁକ୍ତି
- ୧୩୫ ଦେଶ ସହ ଭାରତ ସହମତ

ପ୍ୟାରିସ, ୯।୧୦

ଅନ୍ତର୍ଜାତୀୟସ୍ତରରେ ଟିକସ ପ୍ରଦାନ ଉପରେ ଅର୍ଥନୈତିକ ସହଯୋଗ ଓ ବିକାଶ ସଙ୍ଗଠନ (ଓଇସିଡି)ର ଏକ ବୈଠକରେ କେତେକ ସଂସ୍କାରକୁ ଅନୁମୋଦନ ମିଳିଛି। ଭାରତ ସମେତ ଆଉ ୧୩୫ ଦେଶ ବହୁରାଷ୍ଟ୍ରୀୟ କମ୍ପାନୀ ଉପରେ ସର୍ବନିମ୍ନ ୧୫ ପ୍ରତିଶତ ଗ୍ଲୋବାଲ ଟ୍ୟାକ୍ସ ଲଗାଇବା ନିମନ୍ତେ ଶୁକ୍ରବାର ଏକ ଚୁକ୍ତି କରିଛନ୍ତି। ମଲ୍ଟିନ୍ୟାଶନାଲ କମ୍ପାନୀଗୁଡ଼ିକ ଯେପରି ଟିକସ ଠକେଇ ନ କରନ୍ତି ତାହା ସୁନିଶ୍ଚିତ କରିବା ନିମନ୍ତେ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ପ୍ରାୟ ୪ ବର୍ଷ ଧରି ଏଭଳି ଚୁକ୍ତିନାମା



ଓଇସିଡିର ବୈଠକରେ ଉପସ୍ଥିତ ବିଭିନ୍ନ ଦେଶର ପ୍ରତିନିଧିମାନେ ।

ଉପରେ ଆଲୋଚନା, ଯୁକ୍ତି ହେବା ପରେ ଓଇସିଡି ଏବଂ ଜି-୨୦ ଗ୍ରୁପ୍‌ର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଡିଲ୍ ପାଇଁ ସହମତି ଜଣାଇଛନ୍ତି। ତେବେ ୧୪୦ ଦେଶ ମଧ୍ୟରୁ କେନିଆ, ନାଇଜେରିଆ, ପାକିସ୍ତାନ ଏବଂ ଶ୍ରୀଲଙ୍କା ଚୁକ୍ତି ସପକ୍ଷରେ ଭୋଟ ଦେଇ ନ ଥିଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଡିଲ୍‌କୁ ସ୍ୱାଗତ କରିଛନ୍ତି।

ମଲ୍ଟିନ୍ୟାଶନାଲ କମ୍ପାନୀଗୁଡ଼ିକ ଉପରେ ଗ୍ଲୋବାଲ ଟାକ୍ସ ଲାଗୁ କରାଯିବାକୁ ନେଇ ଭାରତ ଆରମ୍ଭରୁ ଆଲୋଚନାରେ ସକ୍ରିୟ ଭାବେ ସାମିଲ ହୋଇଥିଲା। ଏହି କମ୍ପାନୀଗୁଡ଼ିକର ଗ୍ରାହକ ଥିବା ସମସ୍ତ ଦେଶକୁ ଲାଭ ମିଳିବା କଥା। ଏପରି କି କମ୍ପାନୀ କାର୍ଯ୍ୟାଳୟ ନ ଥାଇ ବି ଅନ୍ୟ ଦେଶରେ ୟୁଜର୍ସ କିମ୍ବା ଗ୍ରାହକ ଥିଲେ ସମ୍ପୃକ୍ତ ଦେଶକୁ ମଧ୍ୟ ସେହି କମ୍ପାନୀ ଟାକ୍ସ ଦେବା ଦରକାର ବୋଲି ଭାରତ କହିଥିଲା। ଏହି ଚୁକ୍ତି ଦ୍ୱାରା ବର୍ଷକୁ ପ୍ରାୟ ୧୫୦ ବିଲିୟନ ଡଲାର ସଂଗ୍ରହ କରାଯାଇପାରିବ। ଯେଉଁ ଦେଶଗୁଡ଼ିକରୁ ବୃହତ୍ ବହୁରାଷ୍ଟ୍ରୀୟ କମ୍ପାନୀ ଲାଭ କମାଉଥିବେ ସେହି ରାଷ୍ଟ୍ରଗୁଡ଼ିକୁ ଟିକସ ଅଧିକାର ବଳରେ ୧୨୫ ବିଲିୟନ ଆବଣ୍ଟନ କରାଯିବ। ଏହା ଦ୍ୱାରା ବିଶ୍ୱ ଅର୍ଥନୀତିର ୯୦ ପ୍ରତିଶତ ହାସଲ ହୋଇପାରିବ ବୋଲି ପ୍ୟାରିସ୍‌ରେ ଅନୁଷ୍ଠିତ ଓପିଇଡିର ବୈଠକରେ ମତ ପ୍ରକାଶ ପାଇଥିଲା। ୭୫୦ ମିଲିୟନ ୟୁରୋ (ପ୍ରାୟ ୬୫,୧୯,୬୭,୬୭,୮୩୫ ଟଙ୍କା)ରୁ ଅଧିକ ରାଜସ୍ୱ କମାଉଥିବା କମ୍ପାନୀଗୁଡ଼ିକ ଉପରେ ଏହି ନିୟମ ଲାଗୁ ହେବ। ଚୁକ୍ତି ଅନୁସାରେ ୨୦୨୩ରୁ ମଲ୍ଟିନ୍ୟାଶନାଲ କମ୍ପାନୀଗୁଡ଼ିକ ଗ୍ଲୋବାଲ ଟାକ୍ସ ଦେବେ। ଆସନ୍ତା ୧୩ ତାରିଖରେ ୱାଶିଂଟନ୍‌ରେ ହେବାକୁ ଥିବା ଜି-୨୦ ଗ୍ରୁପ୍‌ର ଅର୍ଥମନ୍ତ୍ରୀଙ୍କ ବୈଠକରେ ଏହି ଡିଲ୍ ଉପରେ ଚର୍ଚ୍ଚା ହେବ। ପରେ ଅକ୍ଟୋବର ଶେଷ ଆଡ଼କୁ ରୋମ୍‌ରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ଚୁକ୍ତି ଉପସ୍ଥାପନ କରାଯିବ। ଓଇସିଡି ମହାସଚିବ ଜେନେରାଲ୍ ମାଥିଆସ୍ କରମାନ୍ କହିଛନ୍ତି, ଏହି ଚୁକ୍ତିନାମା ଅନ୍ତର୍ଜାତୀୟ ଟିକସ ବ୍ୟବସ୍ଥାରେ ଉନ୍ନତି ଆଣିବ। ଏଭଳି ବିଶ୍ୱସ୍ତରୀୟ ଟିକସ ବ୍ୟବସ୍ଥା ବିଶ୍ୱ ଅର୍ଥନୀତି ଲକ୍ଷ୍ୟ ପୂରଣରେ ସହାୟକ ହେବ।

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା




ଗୁଡ଼ିଆ, ଚାହୁଁ ଚାହୁଁ ତୁ ଦୁଇ ବର୍ଷର ହୋଇ ଗଲୁଣି। ତୋତେ ତୋ ଜନ୍ମଦିନରେ ମୋର ଅନେକ ଅନେକ କୋହଭରା ଆଶୀର୍ବାଦ। ତୋ କୁନି କୁନି କଥା ଶୁଣିବାକୁ ବହୁତ ଇଚ୍ଛା ହେଉଛି। ତୁ ଶୀଘ୍ର ବଡ଼ ହୋଇଯା, ଯେମିତି କି ତୋ ଜେଜେବାପାଙ୍କୁ ଦେଖା କରିବାକୁ ଆସି ପାରିବୁ। ଯିଏ କିନ୍ତୁ ଦୁନିଆ ଦେଖିବା ପୂର୍ବରୁ ତୋ ବାପାକୁ ଦୁନିଆ ଦେଖାଇଥିଲା।
ଶୁଭେଚ୍ଛା ସହ: ତୋ ଜେଜେବାପା
ଧ-୨୧୯୧୯

### ଟ୍ରେନ୍‌ରେ ମହିଳାଙ୍କୁ ଗଣବଳାତ୍କାର

ମୁମ୍ବାଇ, ୯।୧୦

ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ୍‌ରେ ଜଣେ ୨୦ ବର୍ଷୀୟା ମହିଳା ଯାତ୍ରୀଙ୍କୁ କେତେଜଣ ଡକାୟତ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମହାରାଷ୍ଟ୍ରର ଇଗାତପୁରୀ ଏବଂ କସରା ରେଳଷ୍ଟେଶନ ମଧ୍ୟରେ ଘାଟି ରୁଟ୍ ଦେଇ ଟ୍ରେନ୍‌ଟି ଯାଉଥିବାବେଳେ ଅଭିଯୁକ୍ତମାନେ ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ଜିଆର୍‌ପି ପୋଲିସ କମିଶନର କୁଇସର ଖଲିଦ କହିଛନ୍ତି। ମୁମ୍ବାଇ ଜିଆର୍‌ପି ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଛି।

### ଇନ୍ଧନ ସଙ୍କଟ: ଅନ୍ଧାରରେ ଲେବାନନ୍

ବେରୁଟ୍, ୯।୧୦

ଲେବାନନ୍‌ରେ ଇନ୍ଧନ ଅଭାବରୁ ଶକ୍ତି ସଙ୍କଟ ଦେଖାଦେଇଛି। ଡିଜେଲ ଶେଷ ହୋଇଯିବା ଯୋଗୁ ଦୁଇଟି ମୁଖ୍ୟ ବିଦ୍ୟୁତ ପ୍ରକଳ୍ପ ବନ୍ଦ ହୋଇଯାଇଛି। ଫଳରେ ସମସ୍ତ ବିଦ୍ୟୁତ୍ ଗ୍ରୀଡ୍ ବନ୍ଦ ରହିଛି। ଆସନ୍ତା ସୋମବାର କିମ୍ବା ଆହୁରି ଅଧିକ ଦିନ ଦେଶରେ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଲେବାନନ୍‌ରେ ଆର୍ଥିକ ସଙ୍କଟ ଲାଗି ରହିଥିବାବେଳେ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଛି।

## ମୋଦିଙ୍କୁ ଭେଟିଲେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ

### ପରିବେଶ ସୁରକ୍ଷା ସହଯୋଗ ଲାଗି ଏମ୍‌ଓୟୁ

ନୂଆଦିଲ୍ଲୀ, ୯।୧୦

ସୁରକ୍ଷା ସହଯୋଗ ବଢ଼ାଇବା ଲାଗି ଭାରତ ଓ ଡେନ୍‌ମାର୍କ ଶନିବାର ରାଜି ହୋଇଛନ୍ତି। ସବୁଜ ପ୍ରଯୁକ୍ତି ଏବଂ ଭୂତଳ ଜଳ ଭଳି ପ୍ରାକୃତିକ ସମ୍ପଦର ପରିଚାଳନାରେ ସହଯୋଗ ବଢ଼ାଇବା ଲକ୍ଷ୍ୟରେ ଦୁଇ ଦେଶ ମଧ୍ୟରେ ୪ଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭାରତ ଗସ୍ତରେ ଆସିଥିବା ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍‌ସେନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା। ବର୍ଷେ


ରାଷ୍ଟ୍ରପତି ଭବନ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଡେନ୍‌ମାର୍କ ପ୍ରତିପକ୍ଷ ମେଟେ ଫ୍ରେଡେରିକ୍‌ସେନ ଓ ତାଙ୍କ ସ୍ୱାମୀ।

ପୂର୍ବରୁ ସହଯୋଗ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିବାରୁ ଏହା ପରିବେଶ ପ୍ରତି ଉଭୟ ଦେଶର ସମ୍ମାନ ଓ ଦୂରଦର୍ଶିତାକୁ ପ୍ରତିଫଳନ କରୁଛି ବୋଲି ମୋଦି କହିଥିଲେ। ପାରସ୍ପରିକ ସହଯୋଗରେ ପରିବେଶ ସୁରକ୍ଷା ଅଭିଯାନକୁ ଆଗେଇ ନେବାରେ ଏହା ଏକ ଉଦାହରଣ ବୋଲି ଫ୍ରେଡେରିକ୍‌ସେନ କହିଛନ୍ତି।

## ସଂସଦୀୟ କମିଟି ପୁନର୍ଗଠିତ

### ସୁଶୀଲ ମୋଦି ଆଇନ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ, ୯।୧୦

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଶନିବାର ବିଭିନ୍ନ ସଂସଦୀୟ ଷ୍ଟାଣ୍ଡିଂ କମିଟିର ପୁନର୍ଗଠନ କରିଛନ୍ତି। ଭୂପିନ୍ଦର ସିଂ ଯାଦବଙ୍କ ସ୍ଥାନରେ ଭାଜପା ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କୁ କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ କମିଟିର ଅଧ୍ୟକ୍ଷ କରାଯାଇଛି। ଭାଜପା ଏମ୍‌ପି ଜୁଏଲ ଓରାମ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ପଦ ବଜାୟ ରଖିଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି କମିଟିର ସଦସ୍ୟ ଅଛନ୍ତି। ସେହିପରି ବିବାଦ ସତ୍ତ୍ୱେ କେରଳ ଏମ୍‌ପି ଶଶୀ ଥରୁର ସୂଚନା ପ୍ରଯୁକ୍ତି କମିଟି ଅଧ୍ୟକ୍ଷ ପଦ ବଜାୟ ରଖିଥିବାବେଳେ ଆନନ୍ଦ ଶର୍ମା ସ୍ୱରାଷ୍ଟ୍ର ବ୍ୟାପାର ଏବଂ ଜୟରାମ ରମେଶ ବିଜ୍ଞାନ ପ୍ରଯୁକ୍ତି ଓ ପରିବେଶ କମିଟିର ଅଧ୍ୟକ୍ଷ ପଦରେ ରହିବେ। ଭାଜପା ଏମ୍‌ପି ରବିଶଙ୍କରଙ୍କୁ ଅର୍ଥ କମିଟି ସଦସ୍ୟ କରାଯାଇଥିବାବେଳେ ରମେଶ ପୋଖ୍ରିୟାଲ ନିଶଙ୍କଙ୍କୁ କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ କମିଟିରେ ନିଆଯାଇଛି। ପ୍ରକାଶ ଜାଭଡେକର ବହିର୍ବ୍ୟାପାର କମିଟି ଏବଂ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇ ସୂଚନା ପ୍ରଯୁକ୍ତି କମିଟିର ସଦସ୍ୟ ଅଛନ୍ତି। ବିଭିନ୍ନ କମିଟିର ସଦସ୍ୟଙ୍କୁ ପରିବର୍ତ୍ତନ କରାଯାଇଛି।



ଫୁରସତ

## ମନକୁ ଖୁସି ରଖିବ ୮ ଅଭ୍ୟାସ

**ସ୍ୱାସ୍ଥ୍ୟ** ହିଁ ସମ୍ପଦ। ସ୍ୱାସ୍ଥ୍ୟ ସହିତ ସୁସ୍ଥ ମନର ସମ୍ପର୍କ ଅତି ନିବିଡ଼। କଥାରେ ଅଛି ମନ ଭଲ ନ ଥିଲେ ଦୁନିଆର ସବୁ ସୁଖ ବି ତୁଚ୍ଛ ଲାଗେ। ମନ ଭଲ ରହିବା ପାଇଁ ଶରୀରରେ କ୍ଷରଣ ହେଉଥିବା କେତେକ ହରମୋନ୍ ଦାୟୀ। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ବିଶ୍ୱସ୍ତରରେ ୱାର୍ଲ୍ଡ ମେଣ୍ଟାଲ ହେଲ୍‌ଥ ଡେ( ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ) ପାଳନ ପାଇଁ ୧୯୯୨ ଅକ୍ଟୋବର ୧୦ରେ ୱାର୍ଲ୍ଡ ଫେଡେରେଶନ ଫର୍ ମେଣ୍ଟାଲ ହେଲ୍‌ଥର ତତ୍କାଳୀନ ଉପମହାସଚିବ ରିଚାର୍ଡ ହଣ୍ଟରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିନଟି ପାଳିତ ହେଉଛି। ଏହି ଦିବସ ପାଳନ ଅବସରରେ ଦୈନନ୍ଦିନ ଜୀବନରେ କେତେକ ଅଭ୍ୟାସ ଉପରେ ଗୁରୁତ୍ୱାରୋପ




କରାଯାଇଥାଏ। ଯାହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ଚିକିତ୍ସା ବିଜ୍ଞାନ ଅନୁସାରେ ୮ଟି ଅଭ୍ୟାସ ଦ୍ୱାରା ମାନସିକ ସ୍ଥିତି ଭଲ ରହିଥାଏ। ସେଗୁଡ଼ିକ ହେଉଛି, ନିୟମିତ ଯୋଗ, ବାଦ୍ୟଯନ୍ତ୍ର ବଜାଇବା, ସମୟ ମିଳିଲେ ଖାଦ୍ୟ ରାନ୍ଧିବା, ଫଟୋଗ୍ରାଫି, ଡ୍ରଇଂ ଏବଂ ପେଣ୍ଟିଂ କରିବା, ଲେଖାଲେଖି, ଗାର୍ଡେନିଂ, ଡ୍ୟାନ୍ସ କରିବା ଆଦି। ଏହାଦ୍ୱାରା ମାନସିକ ସ୍ଥିତି ସୁସ୍ଥ ରହିଥାଏ।

### ଆକ୍ସନ ଦେଖାଇବେ ଆୟୁଷ୍ମାନ



**ମୁମ୍ବାଇ:** ରୋମାଣ୍ଟିକ୍ ଏବଂ କମେଡି ରୋଲ୍‌ରେ ଦେଖିବାକୁ ମିଳିଥିବା ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା ଏବେ ଆକ୍ସନ ସିନ୍‌ରେ ନଜର ଆସିବେ। ଫିଲ୍ମ 'ଆକ୍ସନ ହିରୋ'ରେ ସେ ଲିଡ୍ ଭୂମିକାରେ ରହିଛନ୍ତି। ସୋସିଆଲ ମିଡିଆରେ ଏହାର ଟିଜର ରିଲିଜ ହୋଇଛି। ଏହି ଟିଜର ସମ୍ପୂର୍ଣ୍ଣ ଭାବେ ଆନିମେଟେଡ୍ ହୋଇଥିବାବେଳେ ଏଥିରେ ଆୟୁଷ୍ମାନଙ୍କ ସ୍ୱର ଶୁଣିବାକୁ ମିଳିଛି। ବଲିଉଡ୍ ମସାଲାକୁ ନେଇ ଫିଲ୍ମ ନିର୍ମାଣ କରାଯାଇଥିବା ଜଣାଯାଇଛି। 'ଆକ୍ସନ ହିରୋ' ୨୦୨୨ରେ ମୁକ୍ତିଲାଭ କରିବ। ଏହା ଆୟୁଷ୍ମାନଙ୍କ ପ୍ରଥମ ଆକ୍ସନ ଫିଲ୍ମ ହେବ। ଭାରତ ସମେତ ଇଂଲଣ୍ଡରେ ଫିଲ୍ମର ଶୁଟିଂ କରାଯିବ। ଏଥିରେ କେଉଁ ନାୟିକାଙ୍କୁ ନିଆଯାଇଛି ଏବଂ ଅନ୍ୟ କଳାକାର କିଏ ରହିଛନ୍ତି ସେ ସମ୍ପର୍କରେ କୌଣସି ଘୋଷଣା କରାଯାଇନାହିଁ। ଆନନ୍ଦ ଏଲ୍ ରାୟ ଏବଂ ଭୂଷଣ କୁମାର ପ୍ରଯୋଜନା କରୁଛନ୍ତି। ଅନିରୁଦ୍ଧ ଆୟର ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ। 'ଭିକି ଡୋନର' ମାଧ୍ୟମରେ ଡେବ୍ୟୁ କରିଥିବା ଆୟୁଷ୍ମାନ ଶେଷଥର 'ଗୁଲାବୋ ସିତାବୋ'ରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ସହ ନଜର ଆସିଥିଲେ।

## ଅନ୍ଧାର ହୋଇଯିବ ଦିଲ୍ଲୀ

ନୂଆଦିଲ୍ଲୀ, ୯।୧୦

- ବିଦ୍ୟୁତ୍ ପ୍ଲାଣ୍ଟରୁ ୨ ଦିନରେ ସରିଯିବ କୋଇଲା
- ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ କେଜ୍‌ରିୱାଲ
- ୟୁପିରେ ୧୪ ପାୱାର ପ୍ଲାଣ୍ଟ ବନ୍ଦ

ଜାତୀୟ ରାଜଧାନୀ ଦିଲ୍ଲୀ ପାୱାର ପ୍ଲାଣ୍ଟରେ କୋଇଲା ସଙ୍କଟ ଉତ୍କଟ ହୋଇଛି। ଗଚ୍ଛିତ କୋଇଲା ଆଉ ୨ ଦିନରେ ସରିଯିବାକୁ ବସିଥିବାରୁ ସମ୍ପୂର୍ଣ୍ଣ ଦିଲ୍ଲୀ ବ୍ଲାକ୍‌ଆଉଟ୍‌ର ସମ୍ମୁଖୀନ ହେବା ଆଶଙ୍କା ଉପୁଜିଛି। ଦିଲ୍ଲୀବାସୀଙ୍କୁ ବିଦ୍ୟୁତ୍ ସଙ୍କଟରୁ ରକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ। ଗତ ଅଗଷ୍ଟରୁ ଦିଲ୍ଲୀରେ କୋଇଲା ଅଭାବ ଲାଗିରହିଛି। ତେଣୁ ପାୱାର ପ୍ଲାଣ୍ଟଗୁଡ଼ିକୁ ତୁରନ୍ତ କୋଇଲା ଯୋଗାଣ ପାଇଁ କେଜରିୱାଲ ମୋଦିଙ୍କ ନିକଟକୁ ଚିଠି ଲେଖିଥିବା କହିଛନ୍ତି। କେନ୍ଦ୍ର ସରକାର ରେଲ୍‌ୱେ ୱାଗନ୍‌ର ବ୍ୟବସ୍ଥା କରି ପ୍ଲାଣ୍ଟଗୁଡ଼ିକୁ କୋଇଲା ପରିବହନ ଆରମ୍ଭ କରିବାକୁ ସେ ଅନୁରୋଧ କରିଛନ୍ତି। ଦେଶରେ ୭୦ ପ୍ରତିଶତରୁ ଅଧିକ ବିଦ୍ୟୁତ୍‌ଯୋଗାଣ କରୁଥିବା ବୃହତ୍ ତାପଜ ବିଦ୍ୟୁତ୍‌କେନ୍ଦ୍ରଗୁଡ଼ିକରେ ମାତ୍ର ୩ ଦିନ ପାଇଁ କୋଇଲା ଗଚ୍ଛିତ ରହିଥିବା ସେଣ୍ଟ୍ରାଲ ଗ୍ରୀଡ୍ ଅପରେଟର ଡାଟାରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ଦିଲ୍ଲୀ ଶକ୍ତିମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କୋଇଲା ସଙ୍କଟକୁ ମାନବଜନିତ ବୋଲି ଅଭିଯୋଗ କରିଛନ୍ତି। ଦିଲ୍ଲୀର ବାୱନାଠାରେ ୧୩ ଶହ ମେଗାୱାଟ୍‌ର ଗ୍ୟାସ୍‌ଚାଳିତ ପାୱାର ପ୍ଲାଣ୍ଟ ରହିଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ କେନ୍ଦ୍ରର ପ୍ଲାଣ୍ଟ ଉପରେ ନିର୍ଭର କରିବାକୁ ପଡ଼େ। ସେଠାକୁ ତୁରନ୍ତ କୋଇଲା ଯୋଗାଣ ନ ହେଲେ ସମ୍ପୂର୍ଣ୍ଣ ଦିଲ୍ଲୀରେ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯିବ ବୋଲି ଜୈନ କହିଛନ୍ତି। ସେପଟେ ଉତ୍ତରପ୍ରଦେଶରେ ମଧ୍ୟ କୋଇଲା ସଙ୍କଟ ଦେଖାଦେଇଛି। କୋଇଲା ଅଭାବରୁ ୟୁପିରେ ୮ଟି ପ୍ଲାଣ୍ଟ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଥିବାବେଳେ ଅନ୍ୟ କାରଣରୁ ୬ଟି ପ୍ଲାଣ୍ଟ ମଧ୍ୟ କାର୍ଯ୍ୟକ୍ଷମ ନାହିଁ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

ନବରାତ୍ରୀ ଧମାକା
ଶ୍ରୀ ବାଲାଜୀ ଫାଇନାନ୍ସରୁ
ତୁରନ୍ତ ଋଣ ପାଆନ୍ତୁ।
ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



୰ମକରଧର ନାୟକ
ଗୋପକୂଳ, ଯାଜପୁର
ଆବିର୍ଭାବ-୦୨।୦୮।୧୯୫୦
ତିରୋଧାନ- ୩୦।୦୯।୨୦୨୧
ଆଜିବି ବିଶ୍ୱାସ ହେଉ ନାହିଁ ଯେ ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଇହଲୀଳା ସମ୍ବରଣ କରିଛନ୍ତି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଆ ବିରଜାଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁଅ:ସତ୍ୟବ୍ରତ, ପ୍ରିୟବ୍ରତ, ସୁବ୍ରତ ଓ ପରିବାରବର୍ଗ।
ଧ-୨୧୯୧୦

**ଦଶାହ ଉପଲକ୍ଷେ**



୰ହାରାମଣୀ ସାହୁ (ହାର)
ସା: ଗାଡ଼କଣ, ତଳସାହି, ଶ୍ରୀଗଣେଶ ନିବାସ
ଆବିର୍ଭାବ: ୨୯।୦୮।୧୯୪୫
ତିରୋଧାନ: ୦୧।୧୦।୨୦୨୧
ବୋଉ, ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପ୍ରେମ ସର୍ବଦା ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ଚରଣେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: (ବାବୁଲି, ଦିଲୁ), ପୁତ୍ରବଧୂ: କ୍ଷମା, ଲିପି, ନାତି: (ପପୁ, ବୁଟୁନ, ବିଟୁନ୍, ଲିକୁନ୍, ସାଇ), ନାତୁଣୀ: (ପିଙ୍କି, ନିକି), ଝିଅ: (ଅଙ୍ଗୁରବାଳା), ଜ୍ୱାଇଁ: (କୈଳାସ), ଭଣଜା: (ଯତିନ୍ଦ୍ର, ଅଶୋକ, ସନ୍ତୁ, କାଳିଆ), ଭାଣିଜୀ: ସୁମି, ସମସ୍ତ ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୨୧୯୧୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ପ୍ରଦୀପ କୁମାର ଜେନା
ଗ୍ରାମ: ଲକ୍ଷ୍ମୀସାଗର, ଭୁବନେଶ୍ୱର
ମାଆ ତାଳଖାଇ ଓଡ଼ିଶୀ ସଂକୀର୍ତ୍ତନ କୋନ୍‌ର ପୂର୍ବତନ ସଭାପତି
ଆବିର୍ଭାବ: ୨୦।୦୩।୧୯୬୫
ତିରୋଧାନ:୨୧।୦୯।୨୦୨୦
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଭ୍ରାତା: ପ୍ରମୋଦ, ପ୍ରକାଶ, ପ୍ରତାପ, ପୁତ୍ର: ବିଟୁ, ଲିଟୁ, ଚିଣ୍ଟୁ, ଝିଅ: ଲବଲି, ନିକି, ମିକି, ପ୍ରାଚୀ, ବନ୍ଧୁ ପରିଜନ ଓ ପରିବାରବର୍ଗ।
ଧ-୨୧୯୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଲକ୍ଷ୍ମଣ ସାହୁ
ଡଙ୍ଗାଘାଟ, ପଦ୍ମପୁର, ଜିଲ୍ଲା: ବରଗଡ଼
ଆବିର୍ଭାବ: ୩୦।୦୪।୧୯୪୬
ତିରୋଧାନ: ୩୦।୦୯।୨୦୨୧
ଆପଣ ଥିଲେ ଆମ୍ଭର ସର୍ବସ୍ୱ ସମ୍ବଳ, ଦମ୍ଭ, ବିଶ୍ୱାସ ତଥା ପଥପ୍ରଦର୍ଶକ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ, ପରାମର୍ଶ ଆମମାନଙ୍କ ଜୀବନ ପଥକୁ ସର୍ବଦା ସୁଗମ ତଥା ସରଳ କରିଛି। ଏକାଦଶାହ ଦିବସ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ସାବିତ୍ରୀ ସାହୁ, ପୁଅ: ଚନ୍ଦ୍ରଶେଖର (ପପୁ), ବୋହୂ: ସସ୍ମିତା, ଜ୍ୱାଇଁ: ଚିନ୍ତାମଣି, ମନ୍ମଥ, ନବୀନ, ମନୋଜ, ଝିଅ: ରୀତା, ଗୀତା, ସବିତା, ନାତିନାତୁଣୀ: ମାନସ, ରାଜ, ଅନମୋଲ, କ୍ରୀଷା, ପ୍ରିନସ୍, ପ୍ୟାରା, ପାୟଲ, ନୂପୁର ଓ ସାହୁ ପରିବାରବର୍ଗ।
ଧ-୨୧୯୨୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



୰ପ୍ରସନ୍ନ କୁମାର ତ୍ରିପାଠୀ
IRC Village, Bhubaneswar
ଆବିର୍ଭାବ: ୩୧।୧୨।୧୯୫୧
ତିରୋଧାନ: ୨୧।୦୯।୨୦୨୦
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେ ଭୁଲିପାରିବୁ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, କନ୍ୟା, ଜାମାତା, ନାତି ଓ ପରିବାରବର୍ଗ।
ଧ-୨୦୯୬୫

# ଅଷ୍ଟ୍ରେଲିଆଠାରୁ ହାରିଲା ଭାରତ

## ଦ୍ୱିତୀୟ ମହିଳା ଟି୨୦

**ଗୋଲ୍ଡ କୋଷ୍ଟ,୯।୧୦**

ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତୀୟ ମହିଳା ଦଳ ପରାସ୍ତ ହୋଇଛି। ଏହି ଲୋ ସ୍କୋରିଂ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫ଟି ବଲ୍ ବାକି ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ସ୍ଥାନୀୟ କାରାରା ଓଭାଲ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ବ୍ୟାଟରମାନେ ବିଫଳ ହୋଇଥିଲେ। ତେବେ ଭାରତୀୟ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ବିଜୟକୁ ଶେଷ ଓଭରକୁ ନେଇଥିଲେ।



ଟାହିଲା ମ୍ୟାକ୍‌ଗ୍ରା

ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯.୧ ଓଭରରେ ୬ ଉଇକେଟ ହରାଇ ୧୧୯ ରନକରି ବିଜୟୀ ହୋଇଥିଲା। ଏହାପୂର୍ବରୁ ପ୍ରଥମ ଟି୨୦ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ରବିବାର କାନବେରାରେ ତୃତୀୟ ଟି୨୦ ମ୍ୟାଚ୍ ଆୟୋଜନ ହେବ। ୩୩ ବଲରୁ ୬ ଚୌକା ସହ ୪୨ ରନକରି ଅପରାଜିତ ରହି ଦଳକୁ ଜିତାଇଥିବା ଅଷ୍ଟ୍ରେଲିଆ ବ୍ୟାଟର ଟାହିଲା ମ୍ୟାକ୍‌ଗ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୧୯ ରନ ଛୋଟିଆ ଟାର୍ଗେଟର ପିଛା କରି ଘରୋଇ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ତେବେ ମ୍ୟାକ୍‌ଗ୍ରା ଲଢେଇ କରି ଦଳକୁ ଜିତାଇଥିଲେ। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଓପନର ବେଥ୍ ମୁନୀ ୩୪, ଅଧିନାୟିକା ମେଗ ଲାନିଂ ୧୫, ଜର୍ଜିଆ ୱାରେହାମ ଅପରାଜିତ ୧୦ ରନ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଅଲିସା ହିଲି ୪, ଆଶଲେ ଗାର୍ଡନର ୧, ଏଲିସ ପେରୀ ୨, ନିକୋଲା କାରେ ୭ ରନକରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ ୩, ଶିଖା ପାଣ୍ଡେ, ହରମନପ୍ରୀତ କୌର ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନୈରାଶ୍ୟଜନକ ବ୍ୟାଟିଂ କରିଥିଲା। ଦଳ ତରଫରୁ ପୂଜା ବସ୍ତ୍ରକାର ୩୭ ରନ (୨୬ ବଲ, ୩ ଚୌକା, ୨ ଛକା) କରି ଅପରାଜିତ ରହିଥିବା ବେଳେ ଅଧିନାୟିକା ହରମନପ୍ରୀତ ୨୮, ଦୀପ୍ତି ଶର୍ମା ୧୬ ରନ କରି ଆଉଟ ହୋଇଥିଲେ ଓ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ସ୍ମୃତି ମାନ୍ଧାନା ୧, ଶେଫାଳୀ ବର୍ମା ୩, ଜେମିମା ରୋଡ୍ରିଗ୍ସେଜ ୭, ୟସ୍ତିକା ଭାଟିଆ ୮, ରିଚା ଘୋଷ ୨, ଶିଖା ପାଣ୍ଡେ ୧, ରେଣୁକା ସିଂ ୧ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଟେଲା ଭ୍ଲାଏମିଙ୍କ ଓ ସୋଫି ମୋଲିନେକ୍ସ ୨ଟି ଲେଖାଏ, ଆଶଲେ ଗାର୍ଡନର, ଜର୍ଜିଆ ୱାରହାମ ଓ ନିକୋଲା କାରେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଇକୋର୍ସା, ସୁନ୍ଦରଗଡ, ଓଡ଼ିଶା ଗ୍ରୀନ, ରେଡ୍, ପିଙ୍କ୍, ଭାଓଲେଟ ବିଜୟୀ

## କଳାହାଣ୍ଡି କପ୍ ସୁପର ଲିଗ୍

**ଭୁବନେଶ୍ୱର,୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ ସୁପର ଲିଗ୍‌ରେ ଅନୁଷ୍ଠିତ ଦୁଇ ଦିନିଆ ମ୍ୟାଚ୍‌ଗୁଡିକରେ ଶନିବାର ଇକୋର୍ସା, ସୁନ୍ଦରଗଡ, ଓଡ଼ିଶା ଗ୍ରୀନ, ରେଡ, ପିଙ୍କ, ଭାଇଲେଟ ବିଜୟୀ ହାସଲ କରିଛନ୍ତି।

ନିମପୁର ଗ୍ରାଉଣ୍ଡରେ ଇକୋର୍ସା ୨୮ ରନରେ ଓଡ଼ିଶା ବ୍ଲୁକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଇକୋର୍ସା ୭୪.୧ ଓଭରରେ ୧୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ବ୍ଲୁ ୫୪.୪ ଓଭରରେ ୧୫୫ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଇକୋର୍ସା ତରଫରୁ କାମେଶ୍ୱର ବାରିକ ସର୍ବାଧିକ ୭୪ ରନ କରିଥିବା ବେଳେ ବୋଲିଂରେ ଆଲୋକ ମଙ୍ଗରାଜ ୪ ଓ ଲଗ୍ନଜିତ ସାମଲ ୩ ଉଇଇକେଟ ନେଇଥିଲେ। ସେହିପରି ବ୍ଲୁ ତରଫରୁ ସୌରଭ ଗୌଡ଼ା ୫୫, ଆକାଶ ଚନ୍ଦ୍ର ନାୟକ ୪୦ ରନ କରିଥିବା ବେଳେ ବୋଲିଂରେ କେ.ଜି. କ୍ରିଷ୍ଣା ଓ ବସନ୍ତ ମହାନ୍ତି ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ରଶ୍ମି ସାହୁ



ସୌରଭ କେ. ଗୌଡ଼



ସୁମିତ ମହାରଣା



ସୁମିତ ଶର୍ମା

ସେହିପରି ଏସ୍‌ସିବି ଗ୍ରାଉଣ୍ଡରେ ସୁନ୍ଦରଗଡ ୧୦୮ ରନରେ ଓଡ଼ିଶା ୟେଲୋକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ୟେଲୋ ୪୪.୩ ଓଭରରେ ୧୪୬ ରନକରି ଅଲଆଉଟ ହୋଇଥିଲା। ଜବାବରେ ସୁନ୍ଦରଗଡ ୪୯.୪ ଓଭରରେ ୨୫୪ ରନକରି ଅଲଆଉଟ ହୋଇ ବିଜୟୀ ହୋଇଥିଲା। ସୁନ୍ଦରଗଡ଼ ତରଫରୁ ସଞ୍ଜୟ ଦାସ ୯୧,ୱାଲ୍ଟ ଟପ୍ପୋ ୪୦ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ଆଶିଷ ତିୱାରୀ ସର୍ବାଧିକ ୬, ଅମିତ ଦାସ ୪ ଉଇକେଟ ଅକ୍ତିଆର କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଓଡ଼ିଶା ଗ୍ରୀନ ୨୫ ରନରେ ଖୋର୍ଦ୍ଧାକୁ ହରାଇଛି। ଟସ୍ ଜିତି ଖୋର୍ଦ୍ଧା ପ୍ରଥମେ ବ୍ୟାଟିଂ କରି ୫୭.୫ ଓଭରରେ ୧୫୨ ରନକରି ଆଉଟ ହୋଇଥିଲା। ଜବାବରେ ଗ୍ରୀନ ୫୧ ଓଭରରେ ୧୭୭ ରନକରି ଅଲଆଉଟ ହୋଇ ବିଜୟୀ ହୋଇଥିଲା। ଖୋର୍ଦ୍ଧା ତରଫରୁ ରାକେଶ ପଟ୍ଟନାୟକ ୭୬ ରନ ସଂଗ୍ରହ କରିଥିବା ବେଳେ ବୋଲିଂରେ ସୁମିତ ମହାରଣା ୬, ରାକେଶ ପଟ୍ଟନାୟକ ୪ ଉଇକେଟ ନେଇଥିଲେ। ସେହିପରି ଗ୍ରୀନ ତରଫରୁ ବୋଲିଂରେ ସୁମିତ ମହାରଣା ୫ ଉଇକେଟ ନେଇଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ଓଡ଼ିଶା ରେଡ ୫୪ ରନରେ ଝାରସୁଗୁଡାକୁ ହରାଇଛି। ଟସ୍ ଜିତି ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରି ୨୩ ଓଭରରେ ୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ରେଡ୍ ୩୯ ଓଭରରେ ୧୦୯ କରି ଅଲଆଉଟ ହୋଇ ବିଜୟୀ ହୋଇଛି। ବୋଲିଂରେ ଝାରସୁଗୁଡାର ରାଜ କେ. ପଟେଲ ୬ ଓ ରେଡ୍‌ର ପ୍ରଶାନ୍ତ ଠାକ୍କର ଉଇକେଟ ନେଇଥିଲେ।

ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ପିଙ୍କ୍ ୫୪ ରନରେ କଟକ ଏ'କୁ ହରାଇଛି। ଟସ୍ ଜିତି ଓଡ଼ିଶା ପିଙ୍କ ପ୍ରଥମେ ବ୍ୟାଟିଂ କରି ୮୭.୧ ଓଭରରେ ୨୬୩ ରନକରି ଅଲଆଉଟ ହୋଇଥିଲା। ଜବାବରେ କଟକ ଏ' ୭୯.୧ ଓଭରରେ ୨୦୯ ରନକରି ଆଲଆଉଟ ହୋଇ ପରାସ୍ତ ହୋଇଥିଲା। ପିଙ୍କ ତରଫରୁ ରୋନାଲ୍ଡ ଦାସ ୮୦, ବିଶ୍ୱଭୂଷଣ ବହାରୀ ୭୭ ରନକରିଥିବା ବେଳେ ବୋଲିଂରେ ସୁମିତ ଶର୍ମା ୫ ଓ ସତ୍ୟକାମ ଭରଦ୍ୱାଜ ୪ ଉଇକେଟ ନେଇଥିଲେ। କଟକ ତରଫରୁ ଅରବିନ୍ଦ ସିଂ ୬୯, ଜଜ୍ଞାନଜିତ ସାହୁ ୬୨ ରନ ସଂଗ୍ରହ କରିଥିଲେ।

ସନସାଇନ ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ୍ ୭୨ ରନରେ ରାଉରକେଲାକୁ ହରାଇଛି। ଟସ୍ ଜିତି ରାଉରକେଲା ପ୍ରଥମେ ବ୍ୟାଟିଂ କରି ୨୧.୪ ଓଭରରେ ୭୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାଓଲେଟ ୫୨ ଓଭରରେ ୧୪୫ ରନକରି ଅଲଆଉଟ ହୋଇ ବିଜୟୀ ହୋଇଥିଲା। ରାଉରକେଲାର କୌଶିକ ଦାସ ୬, ଭାଓଲେଟ ତରଫରୁ ରାହୁଲ ଚୌଧୁରୀ ୫ ଉଇକେଟ ଅକ୍ତିଆର କରିଥିଲେ।

# ୩୦ ପଦକ ସହ ଭାରତର ଅଭିଯାନ ଶେଷ

**ଲିମା, ୯।୧୦ (ପି.ଟି.)**

ଅନିଶ ଭାନୱାଲା, ଆଦର୍ଶ ସିଂ ଓ ବିଜୟବୀର ସିଦ୍ଧୁଙ୍କୁ ନେଇ ଭାରତୀୟ ଦଳ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ର ପୁରୁଷ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ଟିମ୍ ଇଭେଣ୍ଟ ଜିତି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫାଇନାଲରେ ସେମାନେ ଜର୍ମାନୀର ଫାବିଆନ ଓଟୋ, ଫେଲିକ୍ସ ଲୁକା ହୋଲ୍‌ଫୋଥ୍ ଓ ତୋବାଇସ୍ ଜିସୋଲଙ୍କୁ ହରାଇ ଦେଇଥିଲେ। ଚାମ୍ପିୟନଶିପ୍‌ରେ ଭାରତ ୧୩ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ମୋଟ ୩୦ ପଦକ ଲାଭ କରି ପଦକ ତାଲିକାର ଶୀର୍ଷରେ ରହି ଅଭିଯାନ ଶେଷ କରିଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ଦ୍ୱିତୀୟ ହୋଇଛି। ଅନ୍ତିମ ଦିବସରେ ଅନୁଷ୍ଠିତ ଅନ୍ୟ ମୁକାବିଲାଗୁଡ଼ିକ ମଧ୍ୟରେ ଭାରତର ମାନବୀ ସୋନୀ (୧୦୫) ନିଜ ଦେଶର ୟେସହାୟା ହାଫିଜ୍ କଣ୍ଟ୍ରାକ୍ଟର (୯୦)ଙ୍କ ଆଗରେ ରହି ଜୁନିୟର ଡବଲ ଟ୍ରାପ୍ ସ୍ୱର୍ଣ୍ଣ ଜିତିଛନ୍ତି। ହିତାଶା (୭୬) ବ୍ରୋଞ୍ଜ ପଦକ ପାଇଥିଲେ। ଏହି ଇଭେଣ୍ଟରେ କେବଳ ଭାରତୀୟ ପ୍ରତିଯୋଗୀ ରହିଥିଲେ।

# ରାଡୁକାନୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ

**ଇଣ୍ଡିଆନ ୱେଲ୍ସ, ୯।୧୦ (ଏପି)**

ୟୁଏସ୍ ଓପନ ଚାମ୍ପିୟନ ଏମା ରାଡୁକାନୁ ବିଏନ୍‌ପି ପାରିବାସ ଟେନିସ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବେଲାରୁଷର ଆଲିଆକ୍‌ସାଣ୍ଡ୍ରା ସାସ୍‌ନୋଭିଚ୍ ତାଙ୍କୁ ୬-୨, ୬-୪ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ନ୍ୟୁୟର୍କ ଆରମ୍ଭ କରି କ୍ରମାଗତ ୧୦ ବିଜୟ ପରେ ଏହା ତାଙ୍କର ପ୍ରଥମ ପରାଜୟ। ସୂଚନାଯୋଗ୍ୟ, ସର୍ଦ୍ଦନ କାଲିଫର୍ନିଆ ଡେଜର୍ଟରେ ମିଳିତ ଭାବେ ଅନୁଷ୍ଠିତ ଏହି ଏଟିପି ଓ ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟରେ ଭାଗନେବା ଲାଗି ରାଡୁକାନୁଙ୍କୁ ୱାଇଲ୍ଡ କାର୍ଡ ମିଳିଥିଲା। ଗତ ମାସରେ ଅନୁଷ୍ଠିତ ୟୁଏସ୍ ଓପନରେ ବିଶ୍ୱର ୧୦୦ ନମ୍ବର ମାନ୍ୟତାପ୍ରାପ୍ତ ୨୭ ବର୍ଷୀୟା ସାସ୍‌ନୋଭିଚ୍ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ରାଡୁକାନୁ ୧୮ ବର୍ଷ ବୟସରେ ଜଣେ କ୍ୱାଲିଫାୟର ଖେଳାଳି ଭାବେ ଟାଇଟଲ ହାସଲ କରିଥିଲେ। ଏଠାରେ ଅନ୍ୟ ଏକ ମ୍ୟାଚରେ ଇଗା ସ୍ୱିଟେକ୍ ୬-୧, ୬-୩ ସେଟ୍‌ରେ ପେଟ୍ରା ମାର୍ଟିକଙ୍କୁ ହରାଇ ଦେଇଛନ୍ତି।

# ପଦକ ବିଜେତା ଚନ୍ଦନ, ଶୁଭମ ସମ୍ବର୍ଦ୍ଧିତ





## ବିଶ୍ୱ ବଡି ବିଲ୍ଡିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର,୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଉଜବେକିସ୍ତାନର ତାସକେଣ୍ଟଠାରେ ଗତ ୧ରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଦ୍ୱାଦଶ ବିଶ୍ୱ ବଡି ବିଲ୍ଡିଂ ଆଣ୍ଡ ଫିଜିକ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଥିବା ଚନ୍ଦନ କୁମାର ସାହୁ ଓ ଶୁଭମ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ମେଗା ଇଭେଣ୍ଟରେ ଚନ୍ଦନ ସ୍ୱର୍ଣ୍ଣ ଓ ଶୁଭମ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ତରଫରୁ ଏହି ଦୁଇ ବଡି ବିଲ୍ଡରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସର ସଭାପତ ସୁମିତ୍ରା ତ୍ରିପାଠି, ସାମଧାରଣ ସମ୍ପାଦକ ପ୍ରଶନ୍ନ ମହାସୁଆର, କାର୍ଯ୍ୟକାରି ଉପ-ସଭାପତି ବାବୁଲି ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ରାଜେଶ ଆଚାର୍ଯ୍ୟ, ଭେନୁଗୋପାଳ ରାଓ ଓ ଆସୋସିଏସନର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

୬୦ କେ.ଜି. ବର୍ଗରେ ଚନ୍ଦନ ଓ ଶୁଭମ ଏହି ସଫଳତା ହାସଲ କରିଥିଲେ। ସ୍ୱର୍ଣ୍ଣ ପଦକ ଜିତି ଚନ୍ଦନ ପ୍ରଥମ ପୁରସ୍କାର ହାସଲ କରିଥିବା ବେଳେ ଶୁଭମ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ଜିତିଥିଲେ। ଜାତୀୟ ଟ୍ରାଏଲ ସିଲେକ୍ସନ ପାଇଁ ଗତ ଅଗଷ୍ଟ ୮ ତାରିଖରେ ଓଡ଼ିଶା ବିଲ୍ଡିଂ ଆସୋସିଏଶନ ଦ୍ୱାରା ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଏହି ଦୁଇ ଜଣଙ୍କୁ ଚୟନ କରାଯାଇଥିଲା। ଏହାପରେ ଅଗଷ୍ଟ ୨୯ ତାରିଖରେ ପଞ୍ଜାବର ଚଣ୍ଡିଗଡ ବିଶ୍ୱବିଦ୍ୟାଳୟରେ ଜାତୀୟ ଟ୍ରାଏଲ ସିଲେକ୍ସନ ଅନୁଷ୍ଠିତ ହୋଇଥିଲା। ଏଥିରେ ମଧ୍ୟ ଚନ୍ଦନ ଓ ଶୁଭମ ସଫଳ ହୋଇଥିଲେ। ରାଜ୍ୟରେ ବଡି ବିଲ୍ଡିଂ ଓ ଅନ୍ୟ ସ୍ପୋର୍ଟ୍ସର ବିକାଶରେ ରାଜ୍ୟ ସରକାରଙ୍କ ଭୂମିକାକୁ ଏହି ଅବସରରେ ପ୍ରଶଂସା କରାଯାଇଥିଲା। ଚନ୍ଦନ ଓ ଶୁଭମଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏଶନ ତରଫରୁ ଅନୁରୋଧ କରାଯାଇଛି। ଏହା ହୋଇପାରିଲେ ରାଜ୍ୟର ଏହି ଦୁଇ ବଡି ବିଲ୍ଡର ଆଗକୁ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ହୋଇପାରିବେ ଓ ରାଜ୍ୟର ଅନ୍ୟ ବଡି ବିଲ୍ଡରମାନେ ଏଥିରୁ ପ୍ରେରଣା ପାଇବେ।

# ଏଥର ନୂଆ ବିଜେତା

**ଗୌତମ ଗମ୍ଭୀର**

ଚଳିତ ଆଇପିଏଲ୍‌ର କେତୋଟି ମ୍ୟାଚରେ ପେସାଦାରି ଖେଳ ଦେଖିବାକୁ ମିଳିଥିଲା। ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଥିଲା। ମ୍ୟାଚ ଶେଷ ପର୍ଯ୍ୟନ୍ତ କିଏ ହାରିବ କିଏ ଜିତିବ ତାହା କହିବା ମୁସ୍କିଲ ଥିଲା। ଆଇପିଏଲ୍‌ର ପ୍ଲେ-ଅଫ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ମୁକାବିଲା ହେବ। ଟୁର୍ନାମେଣ୍ଟର ଏହି ପର୍ଯ୍ୟାୟକୁ ଆସିବା ଲାଗି ଉଭୟେ କରିଥିବା ରଣକୌଶଳକୁ କାର୍ଯ୍ୟକାରୀ କରିବାରେ ସଫଳ ରହିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ଦ୍ୱିତୀୟ ଥର ଫାଇନାଲକୁ ଉନ୍ନୀତ ହୋଇଛି। ମୁଁ ସବୁବେଳେ ଦଳ ପାଇଁ ଏକ ଶକ୍ତିଶାଳୀ ବୋଲିଂ ବାହିନୀ ସପକ୍ଷରେ ଥାଏ। ରିଷଭ ପନ୍ତ ସମ୍ଭବତଃ ସେହି ମାର୍ଗରେ ଅଛନ୍ତି। ତାଙ୍କ ଦଳର ୫ ପ୍ରଭାବଶାଳୀ ବୋଲର ରହିଛନ୍ତି। ଚେନ୍ନାଇ ଟପ ଅର୍ଡରକୁ ସେମାନେ ଅଡୁଆରେ ପକାଇ ପାରନ୍ତି। ଦୁବାଇ ପିଚ୍ ଦିଲ୍ଲୀକୁ ସୁହାଇବ ବୋଲି ମୋର ଦୃଢ ବିଶ୍ୱାସ। ଦଳ ଏହାର ବୋଲିଂ ସମ୍ବଳର ଉପଯୋଗ କରିବା ଆବଶ୍ୟକ। ଦଳରେ ଅଭିଜ୍ଞ ବୋଲର କାଗିସୋ ରାବାଡା ରହିଛନ୍ତି। ତାଙ୍କ ନିକଟରେ ଚେନ୍ନାଇ ବ୍ୟାଟିଂରେ ବିପର୍ଯ୍ୟୟ ସୃଷ୍ଟି କରିବାର ସାମର୍ଥ୍ୟ ରହିଛି। ଦିଲ୍ଲୀର ନୂତନ ନିଯୁକ୍ତ ବିଦେଶୀ ଖେଳାଳି ମାର୍କୋସ ଷ୍ଟୋଇନିସ୍ ଏହି ମ୍ୟାଚ ଖେଳିବେ କି ନାହିଁ ସେ ନେଇ ମୁଁ ଦୃଢ ନିଶ୍ଚିତ ନୁହେଁ। ସେ ଯଦି ଫିଟ୍ ମନେହୁଅନ୍ତି ତେବେ ରିପଲ ପଟେଲଙ୍କ ସ୍ଥାନରେ ତାଙ୍କୁ ଖେଳିବା ଲାଗି ସୁଯୋଗ ମିଳିପାରେ। ବ୍ୟାଟିଂରେ ମଧ୍ୟ ଦିଲ୍ଲୀ ପଛୁଆ ନୁହେଁ। ଦଳରେ ୬ଜଣ ଦକ୍ଷ ବ୍ୟାଟ୍ସମ୍ୟାନ ରହିଛନ୍ତି। ଅନ୍ୟପକ୍ଷରେ ସିଏସ୍‌କେର ଟୁର୍ନାମେଣ୍ଟରେ ଭଲ ରେକର୍ଡ ରହିଛି। ଲିଗ୍ ପର୍ଯ୍ୟାୟରେ ଦିଲ୍ଲୀଠାରୁ ଦୁଇଥର ପରାଜିତ ହୋଇଥିଲେ ମଧ୍ୟ ଏହି ଦଳକୁ ହେୟଜ୍ଞାନ କରିହେବ ନାହିଁ। ନକ୍‌ଆଉଟ୍ ଷ୍ଟେଜ୍‌ରେ ଏମ୍.ଏସ୍. ଧୋନୀ ଓ ତାଙ୍କ ଦଳର ଯଥେଷ୍ଟ ଅଭିଜ୍ଞତା ରହିଛି। ଚାପ ପରିସ୍ଥିତିରେ କିପରି ଖେଳିବାକୁ ହୁଏ ଚେନ୍ନାଇ ସେଥିରେ ବେଶ୍ ଧୂରନ୍ଧର। ଦିଲ୍ଲୀ କ୍ୟାପିଟାଲ ଏହାର ଯୁବ ଖେଳାଳି ଓ ନୂଆ ରଣନୀତି ଉପରେ ନିର୍ଭରଶୀଳ ହେବ। ରିଷଭ ଓ ଧୋନୀଙ୍କ ମଧ୍ୟରୁ ଦଳକୁ କିଏ ସଫଳ ନେତୃତ୍ୱ ଦେଇପାରୁଛି ସେ ନେଇ ପ୍ରତିଯୋଗିତା ହେବ। କିନ୍ତୁ ଏଥିରେ ମୁଁ ସହମତ ନୁହେଁ। ଧୋନୀ କେତେ ଦକ୍ଷ ତାହା ସମସ୍ତେ ଜାଣନ୍ତି। ଦୁଇ ଦଳ ମ୍ୟାଚ ପାଇଁ ସେମାନଙ୍କ ରଣକୌଶଳ ପ୍ରସ୍ତୁତ କରିଥିବେ। ମୁକାବିଲା ଜୋର୍‌ଦାର ହେବ ବୋଲି ମୋର ଆଶା। ଏହି ସିଜନରେ କିନ୍ତୁ ମୁଁ ଆଇପିଏଲର ଏକ ନୂଆ ବିଜେତାକୁ ଦେଖିବାକୁ ଚାହେଁ।

(ଦୀନେଶ ଚୋପ୍ରା/ଗେମ୍ ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ଫ୍ଲାୱାର ଆଫଗାନିସ୍ତାନ ପରାମର୍ଶଦାତା

## ଟି୨୦ ବିଶ୍ୱକପ୍

**କାବୁଲ, ୯।୧୦(ପି.ଟି.):** ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ପୂର୍ବତନ ଜିମ୍ବାୱେ ଅଧିନାୟକ ଓ ଇଂଲଣ୍ଡ କୋଚ୍ ଆଣ୍ଡି ଫ୍ଲାୱାର ଆଫଗାନିସ୍ତାନ ଜାତୀୟ ଦଳର ପରାମର୍ଶଦାତା ଭାବେ ନିଯୁକ୍ତି ପାଇଛନ୍ତି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ପକ୍ଷରୁ ଶନିବାର ଏ ବିଷୟରେ ସୂଚନା ଦିଆଯାଇଛି। ୨୦୦୯ରୁ ୨୦୧୪ ତାଙ୍କ କାର୍ଯ୍ୟକାଳ ସମୟରେ ଇଂଲଣ୍ଡ ଟି୨୦ ବିଶ୍ୱକପ୍ ଜିତିଥିଲା। ଆଣ୍ଡିଙ୍କର ପ୍ରଚୁର ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଏସିବି ଚେୟାରମ୍ୟାନ ଅଜିଜୁଲ୍ଲା ଫଜଲି ପ୍ରକାଶ କରିଛନ୍ତି। କୋଚିଂରେ ପାଦ ଦେବା ପୂର୍ବରୁ ଫ୍ଲାୱାର ଜିମ୍ବାୱେ ପାଇଁ ୬୩ ଟେଷ୍ଟ ଓ ୨୧୩ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଇଂଲଣ୍ଡ ବ୍ୟତୀତ ସେ ବିଶ୍ୱ ସାରା ବିଭିନ୍ନ ଟି୨୦ ଲିଗ୍ ଯଥା ଆଇପିଏଲ, ସିପିଏଲ୍, ପିଏସ୍‌ଏଲ ଓ ଦି ହଣ୍ଡ୍ରେଡ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ର କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଟି୨୦ ବିଶ୍ୱକପ୍‌ରେ ଭାଗ ନେବା ଲାଗି ଆଫଗାନିସ୍ତାନ ଦଳ ଅକ୍ଟୋବର ୬ରେ କାବୁଲରୁ କାତାର ଗସ୍ତ କରିଛି। ମହମ୍ମଦ ନବି ଦଳର ଅଧିନାୟକ ରହିଛନ୍ତି। ସେ କହିଛନ୍ତି ସ୍ଥାନୀୟ ବାତାବରଣ ସହ ନିଜକୁ ଖାପ ଖୁଆଇବା ଲାଗି ତାଙ୍କ ଦଳ କାତାରରେ ଟ୍ରେନିଂ ଆରମ୍ଭ କରିଦେଇଛି। ସମସ୍ତେ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ଅଛନ୍ତି। ସେମାନେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭିଜାକୁ ଅପେକ୍ଷା କରି ରହିଛନ୍ତି।


# ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ

## ଅଧିସୂଚନା

**ନୂଆଦିଲ୍ଲୀ ୧୫ ସେପ୍ଟେମ୍ବର ୨୦୨୧**

No.XXV-12:- **ଏସ୍.ଓ.୩୭୫୮ (ଇ)** କେନ୍ଦ୍ର ସରକାର, ଜାତୀୟ ରାଜପଥ ଅଧିନିୟମ ୧୯୫୬ (୧୯୫୬ର ଧାରା ୪୮) (ଯାହାକୁ ଏଥିରେ ଏହାର ପରବର୍ତ୍ତୀ ଅଧିନିୟମ ବିଷୟରେ କୁହାଯାଇଛି)ର ଧାରା-୩ (କ) ଉପଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ଏହା ସ୍ଥିର ହୋଇଛି ଯେ, ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲାରେ ଜାତୀୟ ରାଜପଥ ନଂ.୫୭ର ୨୩୫.୫୩ କି.ମି.ଠାରୁ ୨୪୬.୩୫ କି.ମି. ପର୍ଯ୍ୟନ୍ତ (ନୟାଗଡ଼ ବାଇପାସ୍) ୨/୪ ଥାକିଆ ରାସ୍ତା ନିର୍ମାଣ ସହିତ ପ୍ରଶସ୍ତ ଏବଂ ଉନ୍ନତୀକରଣ ଉଦ୍ଦେଶ୍ୟରେ ନିମ୍ନ ଅନୁସୂଚୀରେ ଦିଆଯାଇଥିବା ଭୂମି ଅଧିଗ୍ରହଣ ପାଇଁ ଆଗ୍ରହ ପ୍ରକାଶ କରାଯାଉଛି।

ଉକ୍ତ ଭୂମି ସହିତ ଜଡିତ ଯେ କୌଣସି ବ୍ୟକ୍ତି, ଏହି ଅଧିନିୟମର ଧାରା ୩ 'ଗ'ର ଉପଧାରା (୧) ଅନୁଯାୟୀ ପୂର୍ବୋକ୍ତ ପ୍ରୟୋଜନ ପାଇଁ ଏହି ଭୂମିର ଉପଯୋଗ ଉପରେ ରାଜପତ୍ରର ଏହି ଅଧିସୂଚନା ପ୍ରକାଶ ପାଇବା ଦିନଠାରୁ ୨୧ (ଏକୋଇଶ) ଦିନ ମଧ୍ୟରେ ନିଜର ଆପତ୍ତି ଜଣାଇବେ।

ଏଭଳି ପ୍ରତ୍ୟେକ ଆପତ୍ତି କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ୍ ତହସିଲଦାର, ନୟାଗଡ଼ଙ୍କ ନିକଟରେ ଲିଖିତ ଆକାରରେ ଦାଖଲ କରିବେ ଓ ଏହି ଆଧାରରେ ଅଧିଗ୍ରହଣ ହେବାକୁ ଥିବା ଜମି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଆପତ୍ତି କର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ରହିବେ ଏବଂ କୌଣସି ଆପତ୍ତି ଶୁଣାଇବା ଓ ଯାଞ୍ଚ କରିବା (ଯଦି କିଛି ଥାଏ), ଯାହାକି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ହେବେ, ସମସ୍ତ ଆପତ୍ତି ଶୁଣାଣି ପରେ, ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀ ପୁନଃ ତଦନ୍ତ କରି ତାଙ୍କର ଆଦେଶ ବଳରେ ନିଜର ନିଷ୍ପତ୍ତି ଦ୍ୱାରା ସଂପୃକ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରିପାରନ୍ତି କିମ୍ବା ଖାରଜ କରିପାରନ୍ତି।

ଉକ୍ତ ଅଧିନିୟମର ଧାରା ୩ ଗ ର ଉପଧାରା (୨) ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ନିଷ୍ପତ୍ତି ଓ ଆଦେଶ ଅନ୍ତିମ ହେବ।

ଏହି ଅଧିସୂଚନା ଅନ୍ତର୍ଗତ ଆସୁଥିବା ଭୂମିର ପ୍ରକାର, ଭୂମିର ପ୍ରକୃତି (କିସମ) ଏବଂ ଅନ୍ୟାନ୍ୟ ତଥ୍ୟଗତ ତ୍ରୁଟି ଥିଲେ ଅଭିଯୋଗକାରୀ ଜଣାଇବେ, ପ୍ରକାଶିତ ତଥ୍ୟ କ୍ଷମତାପ୍ରାପ୍ତ ଅଧିକାରୀ ଅର୍ଥାତ୍ ତହସିଲଦାର, ନୟାଗଡ଼ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ ଏବଂ ତାଙ୍କର ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ଯାଞ୍ଚ କରାଯାଇପାରିବ।

### ଭୂମି ଅନୁସୂଚୀ

ଓଡ଼ିଶା ରାଜ୍ୟ ଅନ୍ତର୍ଗତ ନୟାଗଡ଼ ଜିଲ୍ଲାର ଜାତୀୟ ରାଜପଥ ନଂ.୫୭ର ୨୩୫.୫୩ କି.ମି.ଠାରୁ ୨୪୬.୩୫ କି.ମି. (ନୟାଗଡ଼ ବାଇପାସ୍) ଅନ୍ତର୍ଗତ ଭୂଅର୍ଜନ ଜମିର ସଂକ୍ଷିପ୍ତ ବିବରଣୀ, ଘର କିମ୍ବା ଘରବାରି ଓ ଅନ୍ୟାନ୍ୟ କିସମର ଦୁଇପାର୍ଶ୍ୱର ବିବରଣୀ।

| ରାଜ୍ୟ: ଓଡ଼ିଶା | | ଜିଲ୍ଲା: ନୟାଗଡ଼ | | | |
|---|---|---|---|---|---|
| S No. | ସର୍ଭେ / ପ୍ଲଟ୍ ନମ୍ବର | ଜମିର ପ୍ରକାର | ଜମିର ପ୍ରକୃତି | କ୍ଷେତ୍ର (ଲୋକାଲ୍ ୟୁନିଟ୍ ଏକରରେ) | କ୍ଷେତ୍ର (ହେକ୍ଟରରେ) |
| ତାଲୁକ: ନୟାଗଡ଼ | | | | | |
| ଗ୍ରାମ: ବଡ଼ପଣ୍ଡୁସର | | | | | |
| 1 | 2273 | ସରକାରୀ | ଗୋଚର | 0.0639999 | 0.0259004 |
| 2 | 2930 | ବେସରକାରୀ | ଶାରଦ ଦୁଇ | 0.0499999 | 0.0202347 |
| 3 | 316 1 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.0299999 | 0.0121408 |
| 4 | 3292/3488 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.0740000 | 0.0299474 |
| 5 | 3292/4117 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.3600000 | 0.1456900 |
| ଗ୍ରାମ: ଜାମୁସାହି | | | | | |
| 1 | 2116 | ସରକାରୀ | ରାସ୍ତା | 0.0999999 | 0.0404694 |
| ଗ୍ରାମ: କଳାହାଣ୍ଡି | | | | | |
| 1 | 109/1010 | ବେସରକାରୀ | ଶାରଦ ତିନି | 0.0200000 | 0.0080939 |
| 2 | 109/1182 | ବେସରକାରୀ | ଶାରଦ ତିନି | 0.0099999 | 0.0040469 |
| 3 | 111/1089 | ବେସରକାରୀ | ଶାରଦ ତିନି | 0.0350000 | 0.0141643 |
| 4 | 113 | ବେସରକାରୀ | ପତିତ | 0.0570000 | 0.0230676 |
| 5 | 116 | ବେସରକାରୀ | ଶାରଦ ତିନି | 0.0050000 | 0.0020235 |
| 6 | 116/1062 | ବେସରକାରୀ | ଶାରଦ ତିନି | 0.0099999 | 0.0040469 |
| 7 | 116/1066 | ବେସରକାରୀ | ଶାରଦ ତିନି | 0.0750000 | 0.0303521 |
| 8 | 116/1067 | ବେସରକାରୀ | ଶାରଦ ତିନି | 0.0499999 | 0.0202347 |
| 9 | 116/1076 | ବେସରକାରୀ | ଶାରଦ ତିନି | 0.0700000 | 0.0283286 |
| 10 | 116/1092 | ବେସରକାରୀ | ଶାରଦ ତିନି | 0.0200000 | 0.0080939 |
| 11 | 116/1158 | ବେସରକାରୀ | ଶାରଦ ତିନି | 0.0070001 | 0.0028329 |
| 12 | 116/1191 | ବେସରକାରୀ | ଶାରଦ ତିନି | 0.0400001 | 0.0161878 |
| 13 | 116/1192 | ବେସରକାରୀ | ଶାରଦ ତିନି | 0.0800001 | 0.0323756 |
| 14 | 116/820 | ବେସରକାରୀ | ଶାରଦ ତିନି | 0.0499999 | 0.0202347 |
| 15 | 125/1274 | ବେସରକାରୀ | ଘରବାରି | 0.0150000 | 0.0060704 |
| 16 | 125/1312 | ବେସରକାରୀ | ବାଗାୟତ ଏକ | 0.0119999 | 0.0048563 |
| 17 | 125/1316 | ବେସରକାରୀ | ବାଗାୟତ ଏକ | 0.0400001 | 0.0161878 |
| 18 | 125/1331 | ବେସରକାରୀ | ବାଗାୟତ ଏକ | 0.0999999 | 0.0404694 |
| 19 | 125/1332 | ବେସରକାରୀ | ବାଗାୟତ ଏକ | 0.0050001 | 0.0020235 |
| 20 | 125/1334 | ବେସରକାରୀ | ବାଗାୟତ ଏକ | 0.0600001 | 0.0242817 |
| 21 | 125/1335 | ବେସରକାରୀ | ବାଗାୟତ ଏକ | 0.0600001 | 0.0242817 |
| 22 | 125/1336 | ବେସରକାରୀ | ବାଗାୟତ ଏକ | 0.0600001 | 0.0242817 |
| 23 | 128 | ବେସରକାରୀ | ବାଗାୟତ ଦୁଇ | 0.3820000 | 0.1545933 |
| 24 | 97 | ବେସରକାରୀ | ଶାରଦ ଦୁଇ | 0.7869999 | 0.3184945 |
| 25 | 97/547 | ବେସରକାରୀ | ଶାରଦ ଦୁଇ | 0.4400001 | 0.1780656 |
| ଗ୍ରାମ: ଲଡୁକେଶ୍ୱରପୁର | | | | | |
| 1 | 55/1209 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.1100000 | 0.0445164 |
| ଗ୍ରାମ: ଲେଙ୍କୁଡିପଡା | | | | | |
| 1 | 1623/3601 | ବେସରକାରୀ | ଶାରଦ ଦୁଇ | 0.0200000 | 0.0080939 |
| 2 | 1843/5729 | ବେସରକାରୀ | ଶାରଦ ଜଳ ଦୋଫସଲି ଏକ | 0.2940001 | 0.1189802 |
| 3 | 2360 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.0849999 | 0.034399 |
| 4 | 2360/3744 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.2099999 | 0.0849858 |
| ଗ୍ରାମ: ମାଙ୍କପଲ୍ଲୀ | | | | | |
| 1 | 210 | ସରକାରୀ | ରାସ୍ତା | 0 .0427001 | 0.0172805 |
| ଗ୍ରାମ: ମୁକ୍ତାପୁର | | | | | |
| 1 | 190/538 | ବେସରକାରୀ | ଘରବାରି | 0.0400001 | 0.0161878 |
| 2 | 191/524 | ବେସରକାରୀ | ଶାରଦ ଦୁଇ | 0.0299999 | 0.0121408 |
| 3 | 191/881 | ବେସରକାରୀ | ଶାରଦ ଦୁଇ | 0.0150000 | 0.0060704 |
| 4 | 195 | ବେସରକାରୀ | ଶାରଦ ଦୁଇ | 0.0900000 | 0.0364225 |
| 5 | 242/603 | ବେସରକାରୀ | ପତିତ | 0.0200000 | 0.0080939 |
| 6 | 242/764 | ବେସରକାରୀ | ପତିତ | 0.0600001 | 0.0242817 |
| 7 | 243/749 | ବେସରକାରୀ | ପତିତ | 0.0150000 | 0.0060704 |
| 8 | 248/606 | ବେସରକାରୀ | ତଲା ଏକ | 0.0499999 | 0.0202347 |
| ଗ୍ରାମ: ନବଘନପୁର | | | | | |
| 1 | 185/3211 | ବେସରକାରୀ | ଶାରଦ ତିନି | 0.0499999 | 0.0202347 |
| 2 | 255/3214 | ବେସରକାରୀ | ଶାରଦ ତିନି | 0.0675001 | 0.0273169 |
| 3 | 27/3127 | ବେସରକାରୀ | ତଲା ଦୁଇ | 0.0400001 | 0.0161878 |
| 4 | 30/3204 | ବେସରକାରୀ | ତଲା ଦୁଇ | 0.0299999 | 0.0121408 |
| 5 | 30/3205 | ବେସରକାରୀ | ତଲା ଦୁଇ | 0.0550000 | 0.0222582 |
| 6 | 30/3206 | ବେସରକାରୀ | ତଲା ଦୁଇ | 0.0299999 | 0.0121408 |
| 7 | 552 | ବେସରକାରୀ | ଶାରଦ ଦୋଫସଲି ଏକ | 0.0224999 | 0.0091056 |
| 8 | 553 | ବେସରକାରୀ | ଶାରଦ ଦୋଫସଲି ଏକ | 0.0190000 | 0.0076892 |
| 9 | 563/3164 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.0250001 | 0.0101174 |
| ଗ୍ରାମ: ନାଗପୁର | | | | | |
| 1 | 296/1272 | ବେସରକାରୀ | ଶାରଦ ଦୁଇ | 0.0499999 | 0.0202347 |
| ଗ୍ରାମ: ନୟାଗଡ଼ | | | | | |
| 1 | 2269/6157 | ବେସରକାରୀ | ଶାରଦ ତିନି | 0.0499999 | 0.0202347 |
| ଗ୍ରାମ: ରଘୁନାଥପ୍ରସାଦ | | | | | |
| 1 | 195 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.1199999 | 0.0485633 |
| ଗ୍ରାମ: ତୁଳସୀପୁର | | | | | |
| 1 | 125 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.0999999 | 0.0404594 |
| 2 | 125/770 | ବେସରକାରୀ | ଶାରଦ ଦୋଫସଲି ଦୁଇ | 0.1600000 | 0.0647511 |
| | | | ସମୁଦାୟ | **5.0687** | **2.0513** |

OIPR-24052/14/0005/2122 **ସ୍ୱା./- କ୍ଷମତାପ୍ରାପ୍ତ ଅଧିକାରୀ ତଥା ତହସିଲଦାର, ନୟାଗଡ଼**

# ଦିଲ୍ଲୀ-ଚେନ୍ନାଇ ମୁକାବିଲା ଆଜି

**ଦୁବାଇ,୯।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ପ୍ରଥମ କ୍ୱାଲିଫାୟର ଖେଳାଯିବ। ଏଥିରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଓ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ଅଭିଜ୍ଞ ଖେଳାଳିଙ୍କୁ ନେଇ ଗଠିତ ଚେନ୍ନାଇ ଏହି ମ୍ୟାଚ୍‌ର ଫେଭରାଇଟ୍ ମନେହେଉଛି। ସେହିପରି ଯୁବ ଖେଳାଳିଙ୍କୁ ନେଇ ଆଦୌ ପ୍ରଭାବିତ କରିବ ନାହିଁ। ଅନ୍ୟପଟେ ଦିଲ୍ଲୀ ତା'ର ଶେଷ ଲିଗ୍ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରଠାରୁ ପରାସ୍ତ ହୋଇଥିଲା। ଶେଷ ବଲ୍‌ରେ ଶ୍ରୀକର ଭାରତ ଛକା ମାରି ବାଙ୍ଗାଲୋରକୁ ଜିତାଇଥିଲେ। ତେବେ ଏହି ମ୍ୟାଚ୍‌ର ଫଳାଫଳ ଶ୍ରେଷ୍ଠ ଦୁଇଟି ସ୍ଥାନରେ କୌଣସି ପରିବର୍ତ୍ତନ ଆଣି ନ ଥିଲା। ଚେନ୍ନାଇ ୮ଥର ଫାଇନାଲରେ ପ୍ରବେଶ କରିଥିବା ବେଳେ ମାତ୍ର ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥିରୁ ଚେନ୍ନାଇର ଦକ୍ଷତା ସହଜରେ ଅନୁମାନ କରି ହେବ। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ଭଳି ଚେନ୍ନାଇ ବହୁ ସଂଖ୍ୟାରେ ଯୁବ ଖେଳାଳିଙ୍କ ଉପରେ ଭରସା କରି ନ ଥାଏ। ଅବଶ୍ୟ ଋତୁରାଜ ଗାଏକ୍ୱାଡ ଏହି ଦୃଷ୍ଟିକୋଣରୁ ଏକ ବ୍ୟତିକ୍ରମ ସାବ୍ୟସ୍ତ ହୋଇଛନ୍ତି। ପାଖାପାଖି ଏକ ଦଶନ୍ଧି ପରେ ଚେନ୍ନାଇ ଏକ ଉଚ୍ଚକୋଟୀର ଖେଳାଳି ସୃଷ୍ଟି କରିବାରେ ସଫଳ ହୋଇଛି। ଧୋନୀ ସବୁବେଳେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଥାନ୍ତି ଓ ଏହା ଫଳପ୍ରଦ ହୋଇଥାଏ। ରବୀନ୍ଦ୍ର ଜାଡେଜା, ଅମ୍ବାତି ରାୟୁଡୁ, ସୁରେଶ ରାଇନା, ଡ୍ୱେନ ବ୍ରାଭୋ ଓ ଫାଫ ଡୁପ୍ଲେସିଙ୍କ ଭଳି ଖେଳାଳି ଚେନ୍ନାଇ ପାଇଁ ସବୁବେଳେ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଏହି ଖେଳାଳିମାନେ ଚାପକୁ ନିୟନ୍ତ୍ରଣ କରିବାରେ ସଫଳ ହେବା ସହ ମ୍ୟାଚର ଫଳାଫଳକୁ ବିଜୟରେ ପରିଣତ କରିଛନ୍ତି। ଜୋଶ ହାଜେଲଉଡ୍‌ଙ୍କ ଭଳି ଦ୍ରୁତ ବୋଲର ଓ ମୋଇନ ଅଲିଙ୍କ ଭଳି ସ୍ପିନ ଅଲରାଉଣ୍ଡର ଚେନ୍ନାଇର କାର୍ଯ୍ୟକୁ ଆହୁରି ଶାଣିତ କରିଛନ୍ତି। ଟି୨୦ ଫର୍ମାଟ୍‌ରେ ଜଣେ ଖେଳାଳି ମଧ୍ୟ ଏକା ମ୍ୟାଚ୍ ଜିତାଇପାରେ। ଏହା ଧୋନୀ ଭଲଭାବେ ଜାଣନ୍ତି। ଅବଶ୍ୟ ଧୋନୀ ଓ ସୁରେଶ ରାଇନାଙ୍କ ପ୍ରଦର୍ଶନ ଅଶାନୁରୂପ ହୋଇପାରିନାହିଁ। ଧୋନୀ ୧୪ଟି ମ୍ୟାଚ୍‌ରୁ ମାତ୍ର ୯୬ ଓ ରାଇନା ୧୨ଟି ମ୍ୟାଚ୍‌ରୁ ୧୬୦ ରନ ସଂଗ୍ରହ କରିଛନ୍ତି। ଗାଏକ୍ୱାଡ ୫୩୩ ଓ ଡୁପ୍ଲେସି ୫୪୬ ରନ ସଂଗ୍ରହ କରିଛନ୍ତି। ଜାଡେଜା ୨୨୭ ରନ ସଂଗ୍ରହ କରିଛନ୍ତି। ସେହିପରି ଶାର୍ଦ୍ଦୁଳ ଠାକୁର ୧୪ଟି ମ୍ୟାଚ୍‌ରୁ ୧୮ ଉଇକେଟ ହାସଲ କରିଛନ୍ତି। ଅବଶ୍ୟ ତାଙ୍କର ଇକୋନୋମି ରେଟ୍ ୮.୫୭ ରହିଛି। ସେହିପରି ଡ୍ୱେନ ବ୍ରାଭୋ ୧୨ ଉଇକେଟ ହାସଲ କରିଛନ୍ତି। ଡେଥ୍ ଓଭରରେ ସେ ବେଶ୍ ଉପଯୋଗୀ



ରିଷଭ ପନ୍ତ ଓ ମହେନ୍ଦ୍ର ସିଂ ଧୋନୀ।

ଦିଲ୍ଲୀ ଦଳ ମଧ୍ୟ ବେଶ୍ ଦୃଢ ମନେ ହେଉଛି।

୧୪ଟି ମ୍ୟାଚ୍ ଖେଳି ୧୦ ବିଜୟ, ୪ ପରାଜୟ ସହ ଦିଲ୍ଲୀ ୨୦ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ଚେନ୍ନାଇ ୧୪ ମ୍ୟାଚ୍ ଖେଳି ୯ ବିଜୟ, ୫ ପରାଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। କୋଭିଡ୍-୧୯ ପାଇଁ ଲିଗ୍ କିଛି ଦିନ ସ୍ଥଗିତ ରହିଥିଲେ ମଧ୍ୟ ଦିଲ୍ଲୀ ପ୍ରଦର୍ଶନ ପ୍ରଭାବିତ ହୋଇ ନ ଥିଲା। ଚେନ୍ନାଇ ପୁଣି ଥରେ ପ୍ଲେ ଅଫ୍ ରାଉଣ୍ଡରେ ପ୍ରବେଶ କରିଛି। ୧୨ ଥର ଲିଗ୍‌ରେ ଅଂଶଗ୍ରହଣ କରି ଚେନ୍ନାଇ ୧୧ଥର ପ୍ଲେ- ଅଫ୍ ରାଉଣ୍ଡରେ ପ୍ରବେଶ କରିବାକୁ ସକ୍ଷମ ହୋଇଛି। ଅବଶ୍ୟ ଚେନ୍ନାଇ କ୍ରମାଗତ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ତେବେ ଏହା ଧୋନୀଙ୍କୁ

## ଆଜିର ମ୍ୟାଚ



ଚେନ୍ନାଇ ସୁପରକିଙ୍ଗ୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ
ସ୍ଥାନ : ଦୁବାଇ
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ

## କ୍ୱାଲିଫାୟର-୧

ସାବ୍ୟସ୍ତ ହୋଇଛନ୍ତି। ହାଜେଲଉଡ୍ ଏ ପର୍ଯ୍ୟନ୍ତ ଫର୍ମ ଫେରିପାଇନାହାନ୍ତି। ତେବେ ଧୋନୀ ସବୁ ଖେଳାଳିଙ୍କ ଉପରେ ଭରସା କରନ୍ତି ଓ ଧୈର୍ଯ୍ୟର ସହ ସମସ୍ତଙ୍କୁ ସମାନ ସୁଯୋଗ ଦେଇଥାନ୍ତି। ତାଙ୍କ ଦିନରେ ହାଜେଲଉଡ୍ ଯେକୌଣସି ବ୍ୟାଟିଂ ଅର୍ଡରକୁ ଧ୍ୱଂସ କରିବାର କ୍ଷମତା ରଖନ୍ତି। ଏ ନେଇ ଧୋନୀ ବେଶ୍ ଅବଗତ ଅଛନ୍ତି।

ଅପରପକ୍ଷରେ ଦିଲ୍ଲୀ ୧୦ଟି ବିଜୟ ହାସଲ କରିଥିଲେ ମଧ୍ୟ ଏହି ଦଳରେ ଖେଳାଳିମାନେ ଦୃଷ୍ଟାନ୍ତମୂଳକ ବ୍ୟାଟିଂ କରିନାହାନ୍ତି। ପୃଥ୍ୱୀ ଶ ୪୦୧, ଶିଖର ଧାୱନ ୫୪୪ ରନ ସଂଗ୍ରହ କରିଛନ୍ତି। କିନ୍ତୁ ୟୁଏଇ ଲେଗ୍‌ରେ ଏହି ଦୁଇ ଖେଳାଳି ଭଲ ଖେଳିନାହାନ୍ତି। ଅଧିନାୟକ ପନ୍ତ ମାତ୍ର ୩୬୨ ରନ ସଂଗ୍ରହ କରିଛନ୍ତି। ଇଞ୍ଜୁରି କାରଣରୁ ମାର୍କସ ଷ୍ଟୋଇନିସ ଅନୁପସ୍ଥିତ ରହିଥିବାରୁ ଦଳର ସନ୍ତୁଳନ ପ୍ରଭାବିତ ହୋଇଛି। ଶିମରନ ହେଟମେୟରଙ୍କୁ ବାଦ୍ ଦେଲେ ଡେଥ୍ ଓଭରରେ ଦଳ ପାଇଁ ବିଗ୍ ହିଟର ନାହାନ୍ତି। ଦିଲ୍ଲୀ ପାଇଁ ବୋଲିଂ ସବୁବେଳେ ଉପଯୋଗୀ ସାବ୍ୟସ୍ତ ହୋଇଛି। ଦଳ ପାଇଁ ଆଭେସ ଖାଁ ୨୨, ଅକ୍ଷର ପଟେଲ ୧୫, କାଗିସୋ ରାବାଡ଼ା ୧୩ ଉଇକେଟ ଅକ୍ତିଆର କରିଥିବା ବେଳେ ଅନରିଚ ନୋର୍ଜଙ୍କ ଇକୋନୋମି ରେଟ୍ ୫.୫୯ ରହିଛି। ନୋର୍ଜ ଓ ରାବାଡ଼ା ଚେନ୍ନାଇ ଯୁବ ଓପନରଙ୍କୁ ଶର୍ଟ ବଲ ପକାଇ ସମସ୍ୟାରେ ପକାଇବେ। ଶର୍ଟ ବଲ ଖେଳିବାରେ ଗାଏକ୍ୱାଡ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ରାଇନା ଓ ଅମ୍ବାତି ରାୟୁଡୁଙ୍କ ପାଇଁ ଏହା କ୍ୟାରିୟରର ଶେଷ ଆଇପିଏଲ ବୋଲି ଧୋନୀ ଭଲଭାବେ ଜାଣନ୍ତି। ତେଣୁ ଏହି ଦୁଇ ଖେଳାଳି ଦଳକୁ ଚାମ୍ପିୟନ କରାଇବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। କ୍ୱାଲିଫାୟର-୧ର ବିଜୟୀ ଦଳ ସିଧା ଫାଇନାଲରେ ପ୍ରବେଶ କରିବ। ତେବେ ପରାଜିତ ହେବାକୁ ଥିବା ଦଳ ପାଇଁ ଆଉ ଗୋଟିଏ ସୁଯୋଗ ରହିବ।

**ଚେନ୍ନାଇ ସୁପର କିଙ୍ଗ୍ସ:**
ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ମୋଇନ ଅଲି, କେ.ଏମ୍. ଆସିଫ, ଜାସନ ବେହେରେନଡୋର୍ଫ, ଭଗତ ବର୍ମା, ଡ୍ୱେନ ବ୍ରାଭୋ, ଦୀପକ ଚହର, ସାମ କୁରାନ, ଫାଫ୍ ଡୁପ୍ଲେସି, ଋତୁରାଜ ଗାଏକ୍ୱାଡ, କ୍ରିଷ୍ଣାପ୍ପା ଗୋଥାମ, ହରି ନିଶାନ୍ତ, ଜୋଶ ହାଜେଲଉଡ, ଇମ୍ରାନ ତାହିର, ରବୀନ୍ଦ୍ର ଜାଡେଜା, ନାରାୟନ ଜଗଦୀଶାନ, ଲୁନ୍‌ଗି ଏନ୍‌ଗିଡି, ଚେତେଶ୍ୱର ପୂଜାରା, ସୁରେଶ ରାଇନା, ଅମ୍ବାତି ରାୟୁଡୁ, ହରିଶଙ୍କର ରେଡ୍ଡୀ, ରବି ଶ୍ରୀନିବାସନ, ସାଇ କିଶୋର, ମିଚେଲ ସାଣ୍ଟନର, କର୍ଣ୍ଣ ଶର୍ମା, ଶାର୍ଦ୍ଦୁଳ ଠାକୁର ଓ ରବିନ ଉଥାପ୍ପା।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:**
ରିଷଭ ପନ୍ତ (ଅଧିନାୟକ), ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ରିପଲ ପଟେଲ, ଶିଖର ଧାୱନ, ଶିମରନ ହେଟମେୟର, ଶ୍ରେୟାସ ଆୟାର, ଷ୍ଟିଭ ସ୍ମିଥ୍, ଅମିତ ମିଶ୍ରା, ଅନରିଜ ନୋର୍ଜ, ଆଭେସ ଖାଁ, ବେନ ଡ୍ୱାରଶଉଇସ୍, ଈଶାନ୍ତ ଶର୍ମା, କାଗିସୋ ରାବାଡ଼ା, କୁଲୱନ୍ତ ଖେଜ୍ରୋଲିୟା, ଲୁକମ୍ୟାନ ମେରିୱାଲା, ପ୍ରବୀଣ ଦୁବେ, ଟମ୍ କୁରାନ, ଉମେଶ ଯାଦବ, ଅକ୍ଷର ପଟେଲ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ୍, ରବିଚନ୍ଦ୍ରନ ଅଶ୍ୱିନ, ସାମ ବିଲିଙ୍ଗ୍ସ ଓ ବିଷ୍ଣୁ ବିନୋଦ।

# ହାମିଲଟନଙ୍କୁ ପୋଲ୍ ପୋଜିଶନ

**ଇସ୍ତାନବୁଲ୍,୯।୧୦:** ତୁର୍କୀଶ ଫର୍ମୁଲାୱାନ ଗ୍ରାଁ ପ୍ରି ମୋଟର ରେସ୍ ପାଇଁ ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ରେ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଦ୍ରୁତତମ ବିବେଚିତ ହୋଇଥିଲେ ମଧ୍ୟ ଇଞ୍ଜିନ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କୁ ୧୦ ସ୍ଥାନ ପେନାଲ୍ଟି ହୋଇଛି। ଫଳରେ ରବିବାର ରେସ୍‌ରେ ଗ୍ରୀଡ଼ର ୧୧ତମ ସ୍ଥାନରୁ ରେସ୍ ଆରମ୍ଭ କରିବେ। ଅନ୍ୟପକ୍ଷରେ ହାମିଲଟନଙ୍କଠାରୁ ୦.୧୩ ସେକେଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ଥିବା ଟିମ୍‌ମେଟ ଭାଲ୍‌ଟେରୀ ବୋଟାସ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିବେ। ତାଙ୍କ ପଛରେ ରହିଛନ୍ତି ହାମିଲଟନଙ୍କ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ମାକ୍ସ ଭର୍ଷ୍ଟାପେନ୍।







# ଛତିଶଗଡ଼କୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୯।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଖୋର୍ଦ୍ଧାର ସେଞ୍ଚୁରିୟନ ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ଆମନ୍ତ୍ରଣୀୟ ଦିନିକିଆ ସିରିଜର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ୮ ଓ ୯ ତାରିଖରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ୪୭.୧ ଓଭରରେ ୧୨୩ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ କ୍ରିତୀ ଗୁପ୍ତା ୨୨, ମନପ୍ରୀତ କୌର ୧୮, ହେମାଳୀ ବୋରୱାଙ୍କର ୧୮ ରନକରି ଆଉଟ ହୋଇଥିବା ବେଳେ ବୋଲିଂରେ ଓଡ଼ିଶା ତରଫରୁ ସୁଜାତା ମଲିକ, ପ୍ରିୟଙ୍କା ସାହୁ, ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୫୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନକରି ଅଲଆଉଟ ହେବା ସହ ବିଜୟୀ ହୋଇଥିଲା। ଦଳ ତରଫରୁ ମାଧୁରୀ ମେହେଟା ୪୭, ସୁଭ୍ର ସ୍ୱାଇଁ ୩୩, କାଜଲ ଜେନା ୨୬ ରନ ସଂଗ୍ରହ କରିଥିବା ବେଳେ ଛତିଶଗଡ଼ର ଶ୍ରଦ୍ଧା ବୈଷ୍ଣବ ୪, ଶିବାନୀ ଯାଦବ ୩, ଦୁର୍ଗେଶ ନନ୍ଦୀନୀ ୨ ଉଇକେଟ ଅକ୍ତିଆର କରିଥିଲେ।

# ଓପନିଂ କରିବେ ଈଶାନ କିଶନ

**ଆବୁଧାବି, ୯।୧୦ (ପି.ଟି.)**

ଆସନ୍ତା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ଓପନିଂ କରିବେ ଈଶାନ କିଶନ। ଅଧିନାୟକ ବିରାଟ କୋହଲି ଏ ସମ୍ପର୍କରେ ତାଙ୍କୁ ସୂଚନା ଦେଇଥିବା ସେ କହିଛନ୍ତି। ୟୁଏଇରେ ଚାଲିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କିଶନ କ୍ରମାଗତ ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୩ ବର୍ଷୀୟ ବ୍ୟାଟ୍ସମ୍ୟାନ ଟପ୍ ଅର୍ଡରରେ ମୁମ୍ବାଇ ଇଣ୍ଡିଆନ୍ସର ଶେଷ ଦୁଇଟି ମ୍ୟାଚରେ ୩୨ ବଲ୍‌ରୁ ୮୪ ଓ ୨୫ ବଲ୍‌ରୁ ଅପରାଜିତ ୫୦ ରନ ସଂଗ୍ରହ କରିଛନ୍ତି। ରୋହିତ ଶର୍ମା ହେଉଛନ୍ତି ଭାରତର ଅଲ୍ ଫର୍ମାଟ ଓପନର। ଟି୨୦ରେ ତାଙ୍କ ସହ କେତେବେଳେ କେ.ଏଲ୍. ରାହୁଲ ଓ ଅଧିନାୟକ ବିରାଟ କୋହଲି ଓପନ କରିଥାନ୍ତି। କିନ୍ତୁ ଆସନ୍ତା ଟି୨୦ ବିଶ୍ୱକପ୍‌ରେ ତାଙ୍କ ସହିତ ହୁଏତ କିଶନଙ୍କୁ ଦେଖିବାକୁ ମିଳିପାରେ। ବିରାଟଙ୍କ କହିବା ଅନୁସାରେ ସେ ଓପନିଂ କରିବାକୁ ପ୍ରସ୍ତୁତ ବୋଲି କିଶନ କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଯାଁଳା,୯।୧୦(ଡି.ଏନ୍.ଏ.):** ପୋଖରୀରେ ବୁଡ଼ି ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଁଳା ଫାଣ୍ଡି ଅଧୀନ ଜଗସରାପାଟଣା ଗ୍ରାମର ସଦାନନ୍ଦ ସାହୁ। ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ସଦାନନ୍ଦ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ସେ ପାଣିରେ ବୁଡ଼ିଯାଇଥିଲେ। ଗ୍ରାମର କେତେଜଣ ଯୁବକ ଉକ୍ତ ପୋଖରୀରେ ମଧ୍ୟାହ୍ନ ୧୨ଟାରେ ଗାଧୋଇବା ବେଳେ ସଦାନନ୍ଦଙ୍କ ଶରୀର ଗୋଡ଼ରେ ବାଜିଥିଲା। ଏହା ପରେ ସଦାନନ୍ଦଙ୍କୁ ଉଦ୍ଧାର କରି ଏମ୍ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବନ୍ୟା ପ୍ରଭାବିତ ବିପନ୍ନ ପରିବାରଙ୍କୁ ସହାୟତା

**ନିରାକାରପୁର,୯।୧୦(ଡି.ଏନ୍.ଏ.):** ବନ୍ୟା ପ୍ରଭାବରେ ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତର ରେଙ୍ଗଟା, ଭଗବତୀପଡ଼ା ଓ ତୋଟପଡ଼ା ହରିଜନ ସାହି ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ କଚ୍ଚାଘର ଭାଙ୍ଗିଯାଇଥିଲା। ଫଳରେ ଲୋକେ ନାହିଁ ନ ଥିବା ହଇରାଣ ହେଉଥିଲେ। ସାମାଜିକ ଅନୁଷ୍ଠାନ ଇସ୍ୱାର୍ଡର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ଏହି ଅଞ୍ଚଳ ପରିଦର୍ଶନ କରି ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖାର ଅବୈତନିକ ସମ୍ପାଦକ ସି.ଟି.ଏମ୍. ସୁଗୁଣାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ଏହି ୩ଗ୍ରାମର ୧୬୦ପରିବାରଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ପ୍ରଦାନ କରାଯାଇଛି। ଭାରତୀୟ ରେଡକ୍ରସ ସୋସାଇଟ, ଓଡ଼ିଶା ଶାଖାର ଟ୍ରେନିଂ ସେଣ୍ଟର ମ୍ୟାନେଜର ଅକ୍ଷୟ କୁମାର ଦାଶ ଏବଂ ଇସ୍ୱାର୍ଡର ସମ୍ପାଦକ ପ୍ରଧାନଙ୍କ ସମେତ ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରତିଭାବାନ ବ୍ୟକ୍ତିଙ୍କ ସ୍ମୃତିରେ ଚାରାରୋପଣ

**ବୋଲଗଡ଼,୯।୧୦(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମସ୍ଥିତ ହରିରାଜପୁର ପ୍ରଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁ ମୁଖ୍ୟଅତିଥି, ଜଳଧର ମହାନ୍ତି, କୁଶ ଝପଡସିଂହ, ବାଲ୍ମୀକ ବଳିୟାରସିଂହ, ପ୍ରଫୁଲ୍ଲ ମହାପାତ୍ର, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। 'ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି'ର ବୋଲଗଡ଼-ବେଗୁନିଆ ସଂଯୋଜକ ରବୀନ୍ଦ୍ର ପରିଡାଙ୍କ ସଂଯୋଜନାରେ ଗ୍ରାମର ପ୍ରତିଭାବାନ ବ୍ୟକ୍ତିଙ୍କ ସ୍ମୃତିରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ବୋଲଗଡ ଗୋପବନ୍ଧୁ ଛକସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଲୋକେ ମାଲ୍ୟାର୍ପଣ କରିଥିଲେ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

**ଖୋର୍ଦ୍ଧା ଅଫିସ/ଜଟଣୀ, ୯।୧୦ (ଡି.ଏନ୍.ଏ.):** ଖୋର୍ଦ୍ଧା ଅଲଇଣ୍ଡିଆ ଡିଏସ୍ଓ ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୧୪୪ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସିଡିଏମଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ରାଜ୍ୟ ଉପସଭାପତି ଜୟନ୍ତ ମହାନ୍ତି ଯୋଗଦେଇ ସେବା ସମର୍ପଣ ଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଏସୟୁସିଆଇ ନଗର ସମ୍ପାଦକ ବିମଳ ଷଡ଼ଙ୍ଗୀ, ଆଇନଜୀବୀ ବିକ୍ରମ ଚମ୍ପତି, ଓମପ୍ରକାଶ ମହାନ୍ତି, ସସ୍ମିତ ପଟ୍ଟନାୟକ, କାର୍ତ୍ତିକ ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଟଣୀର ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ସ୍ମୃତି କମିଟି, ପୋଷ୍ଟଅଫିସ ଛକ ବ୍ୟବସାୟୀ ସଂଘ, ଜଟଣୀ ୟୁଥ ଫେଡେରେଶନ ସମେତ ଜଟଣୀର ବହୁ ସାମାଜିକ ସଙ୍ଗଠନ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ଓ ଶାସ୍ତ୍ରୀ ସ୍ମୃତି କମିଟି କୋଷାଧ୍ୟକ୍ଷ ଛବି ପାଇକରାୟ, ସଭାପତି ବିଭୂତି ଭୂଷଣ ମିଶ୍ର ସ୍ଥାନୀୟ ଗୋପବନ୍ଧୁ ଉଦ୍ୟାନରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ସେହିପରି ପୋଷ୍ଟଅଫିସ ବ୍ୟବସାୟୀ ସଂଘର ସଭାପତି ହେମନ୍ତ ସୁନ୍ଦରାୟ ମୋ ଜଟଣୀ ପାର୍କଠାରେ ଏବଂ ଜଟଣୀ ୟୁଥ ଫେଡେରେଶନ କାର୍ଯ୍ୟକାରୀ ସଭାପତି ବାଛରା ଗୋପବନ୍ଧୁ ଛକଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ବଢୁଛି ଅଣ ପଞ୍ଜୀକୃତ ଠିକାଦାରଙ୍କ ସଂଖ୍ୟା

**ଖୋର୍ଦ୍ଧା ଅଫିସ,୯।୧୦**

- ଅଧିକ ରୋଜଗାର ଆଶା ଦେଖାଇ ବାହାର ରାଜ୍ୟକୁ ନେଉଛନ୍ତି
- ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ଜିଲାରେ ଅଣ ପଞ୍ଜୀକୃତ ଠିକାଦାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନେ ବାହାର ରାଜ୍ୟର କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ନିଜକୁ ପଞ୍ଜୀକୃତ ଠିକାଦାର ବୋଲି ପରିଚୟ ଦେଇ ଗରିବ ଲୋକଙ୍କୁ ଅଧିକ ରୋଜଗାର ଆଶା ଦେଖାଇ ବାହାର ରାଜ୍ୟକୁ ନେଉଛନ୍ତି। କମ୍ପାନୀରେ ଶ୍ରମିକମାନେ ଅଳ୍ପ ମଜୁରି ପାଇବା ସହ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପଟେ ଜିଲା ପ୍ରଶାସନ କିମ୍ବା ଶ୍ରମ ବିଭାଗ ନିକଟରେ ଏହି ଅଣ ପଞ୍ଜୀକୃତ ଠିକାଦାରଙ୍କ ସମ୍ପର୍କରେ ତଥ୍ୟ ନ ଥିବା ଜଣାପଡ଼ିଛି। ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅଣ ପଞ୍ଜୀକୃତ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ବାହାର ରାଜ୍ୟର କମ୍ପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଜିଲାରୁ ଶ୍ରମିକମାନଙ୍କୁ ଏକାଠି କରି ଏହି ଏଜେଣ୍ଟମାନେ ବାହାର ରାଜ୍ୟର ଚାଲିଥିବା କୋଠାବାଡି ଓ ବିଭିନ୍ନ କମ୍ପାନୀରେ କାମରେ ଲଗାଉଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ସ୍ୱଳ୍ପ ଦରମା ଦେଇ ଅଧିକ ସମୟ ଖଟାଉଥିବା ଅନେକ ସମୟରେ ଅଭିଯୋଗ ହେଉଥିବା ନଜରକୁ ଆସିଛି। ତେବେ ଶ୍ରମ ବିଭାଗ ପକ୍ଷରୁ ଅଣପଞ୍ଜୀକୃତ ଠିକାଦାରଙ୍କୁ ରୋକ୍ ଦେବା ଭଳି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ବାହାର ରାଜ୍ୟର କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଏଜେଣ୍ଟମାନେ ନେଟୱାର୍କ ବଢ଼ାଇବା ସହ ଗରିବ ଲୋକଙ୍କୁ ବାହାର ରାଜ୍ୟକୁ ପଠାଉଛନ୍ତି। ଜିଲା ଶ୍ରମ ବିଭାଗର ଅବହେଳାରୁ ବାହାର ରାଜ୍ୟରେ ଦାଦନ ଖଟୁଥିବା ଶ୍ରମିକଙ୍କ ଜୀବନ ଦୁର୍ବିଷହ ହୋଇପଡିଛି। ଏହି କ୍ରମରେ ବାଣପୁର ଥାନା ଅଞ୍ଚଳର ଜୟ ନାୟକ ଅଧିକ ଟଙ୍କା ରୋଜଗାର ଆଶାରେ ୨ଜଣ ଠିକାଦାରଙ୍କ ପ୍ରରୋଚନାରେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ ଠିକା ଶ୍ରମିକଭାବେ କାମ କରିବାକୁ ଯାଇଥିଲେ। ସେଠାରେ ଶୋଷଣର ଶିକାର ହେବା ସହ ଜୟଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ମୃତଦେହ ଗାଁକୁ ଆଣିବା ପାଇଁ ପରିବାରଲୋକ ଠିକାଦାରଙ୍କୁ ଜଣାଇବା ସତ୍ତ୍ୱେ ସମ୍ପୃକ୍ତ ଠିକାଦାର କୌଣସି ସହଯୋଗ କରି ନ ଥିଲେ। ଏନେଇ ପରିବାର ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର କହିଛନ୍ତି, ଅଭିଯୋଗ ଆସିବା ପରେ ସଙ୍ଗେ ସଙ୍ଗେ ସମ୍ପୃକ୍ତ କମ୍ପାନୀ ଏବଂ ଠିକାଦାରଙ୍କୁ ନୋଟିସ୍ କରାଯାଉଛି। ଅଣ ପଞ୍ଜୀକୃତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ମିନି ମାରାଥନ୍ ଓ ଚିତ୍ରକଳା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ।

## ଓଡ଼ିଆର୍ଟ ପକ୍ଷରୁ ମିନି ମାରାଥନ, ଚିତ୍ରକଳା ପ୍ରତିଯୋଗିତା

**ବାଲୁଗାଁ,୯।୧୦(ଡି.ଏନ୍.ଏ.)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭାରତୀୟ ପର୍ଯ୍ୟଟନ ବିଭାଗ,ଭୁବନେଶ୍ୱର ଏବଂ ଓଡ଼ିଆର୍ଟ ସେଣ୍ଟର ବଡ଼କୂଳ ଆନୁକୂଲ୍ୟରେ ଶନିବାର ମିନି ମାରାଥନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଆର୍ଟ ସେଣ୍ଟର ଠାରୁ ବଡ଼କୂଳ ପାନ୍ଥନିବାସ ପର୍ଯ୍ୟନ୍ତ ମିନି ମାରାଥନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରକଳାର ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଭାରତୀୟ ପର୍ଯ୍ୟଟନ ସଂସ୍ଥାର ସହ-ନିର୍ଦ୍ଦେଶିକା ରଶ୍ମି ସୋନିଆ ତିର୍କୀ, ଅତିଥିଭାବେ ଆର୍ଟିଷ୍ଟ କିଶୋର କୁମାର ରଥ ଯୋଗଦେଇଥିଲେ। ଓଡ଼ିଆର୍ଟ ସେଣ୍ଟରର ମୁଖ୍ୟ ରଶ୍ମି ରଞ୍ଜନ ଆଚାର୍ଯ୍ୟ ଓ ଗାଳ୍ପିକ ସୁଶାନ୍ତ କୁମାର ଦାଶ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତି ଚାରଣ ଓ ବୀରଗାଥା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ମିନି ମାରାଥନ ଓ ଚିତ୍ରକଳା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶୁଭମ ରାୟ ଧନ୍ୟବାଦ ଦେଇଥିଲେ।

## ପୋଖରୀରୁ ମିଳିଲା ଯୁବତୀଙ୍କ ମୃତଦେହ

**ଖୋର୍ଦ୍ଧା ଅଫିସ,୯।୧୦**

- ହତ୍ୟା ଅଭିଯୋଗ ଆଣିଲେ ପରିବାର
- ନିଖୋଜ ଥିବା ନେଇ ଅଭିଯୋଗ ହୋଇଥିଲା

ବାଘମାରୀ ଥାନା ଅନ୍ତର୍ଗତ ଅତ୍ରି ଗ୍ରାମର ଏକ ପୋଖରୀରୁ ନିଖୋଜ ଥିବା ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଶନିବାର ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ସେବତୀ ବାରିକ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତାଙ୍କ ଝିଅକୁ କେହି ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ୨ଟାରୁ ସେବତୀ ନିଖୋଜ ଥିବା ନେଇ ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିବା କେତେଜଣ ଲୋକ ଜଣେ ଯୁବତୀଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେବତୀଙ୍କ ମୃତଦେହ ଜବତ କରିଥିଲା। ଏହି ସମୟରେ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ସାଇଣ୍ଟିଫିକ ଟିମ୍ ଉପସ୍ଥିତ ଥିଲେ। ଅନ୍ୟପଟେ ଗତ ଏପ୍ରିଲରେ ସେବତୀଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୫/୨୧)ରୁଜୁକରି ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା କୋର୍ଟରେ ବିଚାରାଧୀନ ରହିଛି। ଅଭିଯୁକ୍ତଙ୍କ ପରିବାର ଲୋକେ ତାଙ୍କ ଝିଅକୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେଇଥିବା ଅଭିଯୋଗ ଫର୍ଦ୍ଦରେ ଉଲ୍ଲେଖ ରହିଛି।


ପୁରୀ ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବା ପାଇଁ କେଶରିଆ ହିନ୍ଦୁବାହିନୀ ପକ୍ଷରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ଚିଲିକା ସମସ୍ୟା ନେଇ ରାଜ୍ୟସ୍ତରୀୟ କର୍ମଶାଳା

**ବ୍ରହ୍ମଗିରି,୯।୧୦(ଡି.ଏନ୍.ଏ.)**

ଚିଲିକାର ସୁରକ୍ଷା ଏବଂ ବିଭିନ୍ନ ସମସ୍ୟା ଉପରେ ରିଜୋନାଲ ସେଣ୍ଟର ଫର ଡେଭଲପ୍‌ମେଣ୍ଟ କୋଅପରେଶନ ଏବଂ ଗୋପୀନାଥ ଯୁବକ ସଂଘର ମିଳିତ ଉଦ୍ୟମରେ ଶନିବାର ସାତପଡା ଯାତ୍ରୀନିବାସରେ 'ଚିଲିକା ହ୍ରଦର ସମସ୍ୟା ଓ ଆହ୍ୱାନ' ଶୀର୍ଷକ ରାଜ୍ୟସ୍ତରୀୟ ଆଇନଜୀବୀ ଦିଗାମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପଶ୍ଚିମବଙ୍ଗର ସାମାଜିକ କର୍ମୀ ଦିଲୀପ ବାନାର୍ଜି ଯୋଗଦେଇ କହିଥିଲେ, ବର୍ତ୍ତମାନ ଚିଲିକା ଧ୍ୱଂସାଭିମୁଖୀ ହେବାକୁ ଯାଉଛି। ଏଣୁ ଏହାର ସୁରକ୍ଷା ପାଇଁ ସ୍ଥାନୀୟ ଅଧିବାସୀଙ୍କ ଆନ୍ତରିକତା ଏକାନ୍ତ ଆବଶ୍ୟକ। ମୁଖ୍ୟ ବକ୍ତାଭାବେ ଜଳ ବିଶେଷଜ୍ଞ ତପନ ପାଢୀ ଯୋଗଦେଇ ଚିଲିକାର ବିକାଶ ପାଇଁ ସ୍ଥାନୀୟ ଅଧିବାସୀଙ୍କୁ ଅଭିଜ୍ଞତା ଓ ଦକ୍ଷତା ଆଧାରରେ ଯୋଜନାମାନ କରି ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

## ବୌଦ୍ଧିକ ବିକାଶରେ ଖବରକାଗଜ ଭୂମିକା ଅତୁଳନୀୟ

**ବେଗୁନିଆ,୯।୧୦(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଡାଳତୋଳା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଖବରକାଗଜ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁରଲିଧର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନଗେନ୍ଦ୍ର ଦତ୍ତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବକ୍ତାଭାବେ ପରମାନନ୍ଦ ଦଳେଇ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାମ ପ୍ରସାଦ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶରେ ଖବରକାଗଜର ଭୂମିକା ଅତୁଳନୀୟ ବୋଲି ମୁଖ୍ୟଅତିଥି ଦତ୍ତ କହିଥିଲେ। ପାଠ ପଢାରେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ, କିନ୍ତୁ ଦୈନନ୍ଦିନ ଖବରକାଗଜ ପଢିବାର ଆବଶ୍ୟକତା ରହିଛି। ଏଥିରେ ସାରା ବିଶ୍ୱର ସମସ୍ତ ତଥ୍ୟ ରହିଛି। ଗଡମାଣତ୍ରୀର ଶିକ୍ଷାବିତ ବଳରାମ ରଣସିଂହଙ୍କଠାରୁ କିଛି ଶିକ୍ଷା ଲାଭ କରିବା। ସେ ଦୀର୍ଘ ୩୩ ବର୍ଷ ହେବ ବିଭିନ୍ନ ଭାଷା ଉପରେ ୨୨୦ ପ୍ରକାରର ଖବରକାଗଜ ଓ ପତ୍ରପତ୍ରିକା ସଂଗ୍ରହ କରି ଏହି ପ୍ରଦର୍ଶନୀରେ ସ୍ଥାନିତ କରିପାରିଛନ୍ତି। ତେବେ ବିଦ୍ୟାର୍ଥୀଙ୍କ ଜ୍ଞାନର ଭଣ୍ଡାରକୁ ଶାଣିତ କରିବାରେ ବିଭିନ୍ନ ଖବର କାଗଜ ସହାୟ ହୋଇଥାଏ ବୋଲି ପ୍ରଦର୍ଶନୀର ଆୟୋଜକ ରଣସିଂହ କହିଥିଲେ। ଛାତ୍ର ପ୍ରତିଭା ବିକାଶ ଗବେଷଣା ପ୍ରଶିକ୍ଷଣ କେନ୍ଦ୍ର ଓ ରାଧାବଲ୍ଲଭ ପାଠାଗାର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗାୟତ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୌମ୍ୟ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।


ସଭାରେ ଉପସ୍ଥିତ ଅତିଥିମାନେ।

## ସତ୍ୟପୀର ସ୍ପୋର୍ଟିଂ କ୍ଲବ ସେମିରେ

**ବେଗୁନିଆ,୯।୧୦(ଡି.ଏନ୍.ଏ.)**

**ପରିଛଳ କପ କ୍ରିକେଟ ଟୁର୍ନାମେଣ୍ଟ**

ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳ ଖେଳପଡିଆରେ ଶନିବାର ୨୮ତମ ପରିଛଳ କପ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସ ମ୍ୟାଚରେ ଭାଲିଆବାଡି କ୍ରିକେଟ କ୍ଲବକୁ ହରାଇ କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଭାଲିଆବାଡି କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୩ରନ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର ସ୍ପୋର୍ଟିଂ କ୍ଲବ ୧୪ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ୧୧୪ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଆଦିତ୍ୟ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଦିନବନ୍ଧୁ ବିଶ୍ୱାଳ ଓ ଅନୁପ ଜେନା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଶ୍ରୀନିବାସ ବାରିକ ମ୍ୟାଚ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଅର୍ଜୁନ ପ୍ରଧାନ, ବିପିନ ମହାପାତ୍ର, ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ରାସ୍ତାରୋକୋ ପରେ ମୃତଦେହ ବ୍ୟବଚ୍ଛେଦ

**ଜଟଣୀ,୯।୧୦(ଡି.ଏନ୍.ଏ.)**

**କରୋନା ଟିକା ନେବା ପରେ ଜ୍ୱରରେ ପୀଡ଼ିତ ଥିଲେ**

ଜଟଣୀ ବ୍ଲକ ଅଧୀନ ଅରଗୁଳ ଗ୍ରାମର ଜ୍ୟୋତ୍ସ୍ନାରାଣୀ ଭୋଇଙ୍କ ଶନିବାର କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମେଡିକାଲ କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ନ କରାଇ ଘରକୁ ପଠାଇ ଦେଇଥିଲେ। ଗ୍ରାମରେ ମୃତହେଦ ପହଞ୍ଚିବା ପରେ ବ୍ୟବଚ୍ଛେଦ ଦାବିରେ ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ଟାୟାର ଜାଳି ଅରଗୁଳ ବଜାର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ, ଜ୍ୟୋତ୍ସ୍ନାରାଣୀ ଗତ ଗୁରୁବାର କରୋନା ଟିକା ନେବା ପରେ ତାଙ୍କ ମୁଣ୍ଡ ବିନ୍ଧିବା ସହ ଜ୍ୱର ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ଶୁକ୍ରବାର ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଜ୍ୟୋତ୍ସ୍ନାରାଣୀଙ୍କ ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁର କାରଣ ଜାଣିବା ପାଇଁ ସ୍ୱାମୀ ଆରତ ନାୟକ ମୃତଦେହ ବ୍ୟବଚ୍ଛେଦ ଲାଗି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମେଡିକାଲ କର୍ତ୍ତୃପକ୍ଷ ବ୍ୟବଚ୍ଛେଦ ନ କରାଇ ଘରକୁ ପଠାଇ ଦେଇଥିଲେ। ଗ୍ରାମରେ ମୃତଦେହ ପହଞ୍ଚିବା ପରେ ବ୍ୟବଚ୍ଛେଦ ଦାବିରେ ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ଟାୟାର ଜାଳି ଅରଗୁଳ ବଜାର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଜଟଣୀ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ଆରତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧)ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


ଅରଗୁଳ ବଜାର ମୁଖ୍ୟ ରାସ୍ତାକୁ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ଅବରୋଧ କରିଛନ୍ତି।

### ଅଷ୍ଟମୀରେ ମା'ଙ୍କ ପାଖରେ ପାଣିକଖାରୁ ବଳି ଦିଆଯାଏ

**ପୁରୁଣା ଭୁବନେଶ୍ୱର, ୯।୧୦ (ଡି.ଏନ.ଏ)**

ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ଓହ୍ଲାଇବେ ମା'ଦୁର୍ଗା। ଗତବର୍ଷ ଭଳି ମଧ୍ୟ ଚଳିତ ବର୍ଷ କୋଭିଡ୍ କଟକଣା ବଳବତ୍ତର ରହିଛି। ଏଥିଲାଗି ୪ ଫୁଟର ମୃଣ୍ମୟୀ ମୂର୍ତ୍ତି ସହ ନିରାଡ଼ମ୍ବର ପୂଜା ପାଇଁ ନିୟମ ରହିଛି। ପୁରୁଣା ଭୁବନେଶ୍ୱରର ସର୍ବ ପୁରାତନ କୈବର୍ତ୍ତ ସାହି ପୂଜା ସମିତି ପକ୍ଷରୁ ୧୯୫୨ ମସିହାରୁ ମା'ଙ୍କ ପୂଜା ହୋଇ ଆସୁଛି। କୋଭିଡ୍ କଟକଣାକୁ ନେଇ ପୂଜା ସମିତି ସତର୍କତା ସହ ଏହି ପୂଜା ଚଳିତବର୍ଷ ପାଳନ କରୁଛି। କୋଭିଡ୍ କଟକଣା ପାଇଁ ପୁରାତନ ବାଦ୍ୟଯନ୍ତ୍ର ଡେଙ୍ଗ ନାଗରା ଆଉ ୨ବର୍ଷ ହେବ ବାଜୁନାହିଁ। କୈବର୍ତ୍ତ ଘୋଡାନାଚ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିବା ସମିତି ସମ୍ପାଦକ ଲକ୍ଷ୍ମୀଧର ବେହେରା କହିଛନ୍ତି। ଅଷ୍ଟମୀରେ ମା'ଙ୍କ ନିକଟରେ ପାଣି କଖାରୁ ବଳି ଦିଆଯାଏ ବୋଲି ସମିତି ସଭାପତି ନିରଞ୍ଜନ ମହାଳିକ କହିଛନ୍ତି।

### ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ପୁରୁଣା ଭୁବନେଶ୍ୱର,୯।୧୦(ଡି.ଏନ୍.ଏ.)**

ପିପିଲି ଥାନା ଅଧୀନ ଲକ୍ଷ୍ମୀନାରାୟଣ ପୁରରେ ଶନିବାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ବେଳେ ସରପଞ୍ଚ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସରପଞ୍ଚ ଶୁଭାଶିଷ ରଥଙ୍କୁ ମାଡ଼ ମରାଯାଇଥିବା ନେଇ ଉତ୍ତରା ଫାଣ୍ଡିରେ ଅଭିଯୋଗ ହୋଇଛି। ଅନ୍ୟପଟେ ବିଜେଡି କର୍ମୀଙ୍କ ପକ୍ଷରୁ ମଧ୍ୟ ପିପିଲି ଥାନାରେ ପାଲଟା ଅଭିଯୋଗ ହୋଇଥିବା ଫାଣ୍ଡି ଇନଚାର୍ଜ ସମରେନ୍ଦ୍ର ପାଇକରାୟ କହିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବହିପଡ଼ା ଇସିଲିମା ୟୁପି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଥିଲେ। ପ୍ରାୟ ୧୦ରୁ ୧୫ କାର୍ଡ ପ୍ରଦାନ କରି ଫେରିଯାଇଥିଲେ। ପରେ ଅଙ୍ଗନୱାଡ଼ି କର୍ମୀଙ୍କ ଚିଠା ଅନୁଯାୟୀ ପୂର୍ବତନ ସରପଞ୍ଚ ସୁଜାତା ଓ ବିଜେଡି କର୍ମୀ ବାଣ୍ଟିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ରଥ ପହଞ୍ଚି କାର୍ଡ ପଞ୍ଚାୟତ ଗୃହରେ ବଣ୍ଟା ନ ଯାଇ ଏଠାରେ କାହିଁକି ବଣ୍ଟାଯାଉଛି କହି ଯୁକ୍ତିତର୍କ କରିଥିଲେ। ଫଳରେ ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଉତ୍ତେଜନା ପ୍ରକାଶ ପାଇ ଗଣ୍ଡଗୋଳ ପରିସ୍ଥିତି ହୋଇଥିଲା। ତେବେ ଅଭିଯୋଗ ପାଇ ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଉଥିବା ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

### ଛାତ୍ରଙ୍କୁ କାର୍ ଧକ୍କାଦେବା ଘଟଣାରେ ୨ ଗିରଫ

**ପୁରୁଣା ଭୁବନେଶ୍ୱର,୯।୧୦(ଡି.ଏନ୍.ଏ.)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର(ସିଫା) ନିକଟରେ ଗତ ଗୁରୁବାର ସନ୍ଧ୍ୟାରେ ଏକ କାର ଧକ୍କାରେ ୩ଜଣ ଛାତ୍ରଙ୍କ ସହ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଏହା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ଘଟଣାରେ ଶନିବାର ପିପିଲି ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁକାନ୍ତ ଭୋଳ, ତ୍ରିନାଥ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୪୪୮/୨୧)ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି।

### ଗଦବା ଜନଜାତି ଘର ବୁଲି ଦେଖିବେ ଦର୍ଶକ

**ଭୁବନେଶ୍ୱର, ୯।୧୦ (ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ରବିବାର ଭର୍ଚୁଆଲ୍ ଟୁର୍‌ରେ ଏଥର ଗଦବା ଜନଜାତି ଘର ବୁଲି ଦେଖିବେ ଦର୍ଶକ। ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରେ ଏହି ଜନଜାତି ବସବାସ କରିଥାନ୍ତି। ଗଦବାମାନେ ସେମାନଙ୍କ ଘରକୁ ଦୁଇଟି ଧାଡ଼ିରେ ନିର୍ମାଣ କରିଥାନ୍ତି। ଘରଗୁଡ଼ିକ ମୁହାଁମୁହିଁ ରହିଥାଏ। ପ୍ରତ୍ୟେକ ଘର ମଧ୍ୟରେ ବହୁ ବ୍ୟବଧାନ ରହିଥାଏ। ଏହି ଘରକୁ ଛେଣ୍ଡି ଦିଏନ୍ କୁହାଯାଏ। ଘରଗୁଡ଼ିକ ଗୋଲାକାର ଓ ଛାତ କୋନ୍ ଆକୃତିର ନିର୍ମାଣ କରାଯାଇଥାଏ। ଘରର ମଧ୍ୟ ଭାଗରେ ଥିବା ଏକ କାଠ ଖୁଣ୍ଟି ସହାୟତାରେ ଛାତ ରହିଥାଏ। ଏହି କାଠଖୁଣ୍ଟି ମଧ୍ୟରେ ଘରଦେବୀ ବସବାସ କରିଥାନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତି ରବିବାର ଏହି ଟୁର୍‌ର ବ୍ୟବସ୍ଥା କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୯।୧୦।୨୦୨୧

| | |
|---|---|
| ୩,୭୦,୪୪୭ ଟଙ୍କା | |
| ସୁନା | ୫୭୦ ମିଲି ଗ୍ରାମ |
| ରୁପା | ୧୯.୭୦୦ ଗ୍ରାମ |

# ଆକ୍ରମଣରେ ଧ୍ୱଂସ ହୋଇଥିଲା ନାରାୟଣୀ ପୀଠ

**ପୁରୀ ଅଫିସ, ୯।୧୦:**

ପୁରୀରୁ କୋଣାର୍କ ଦିଗକୁ ଗଲେ ୧୫ କିମି ପରେ ରାସ୍ତାରେ ଦକ୍ଷିଣ ପାର୍ଶ୍ୱରେ ପଡ଼େ ନାରାୟଣୀ ବନ୍ତ। ଏଠାରେ ଜଙ୍ଗଲମୟ ପରିବେଶରେ ପ୍ରାଚୀନ କାଳରୁ ଦେବୀ ନାରାୟଣୀ ପୂଜା ପାଉଥିଲେ। ୧୫୬୫ ମସିହାରେ କଳାପାହାଡ଼ କୋଣାର୍କ ମନ୍ଦିର ଆକ୍ରମଣ କରିବା ପରେ ପୁରୀକୁ ଅଭିଯାନ ଆରମ୍ଭ କରିଥିଲା। ଐତିହ୍ୟ ଅଛି ପୁରୀ ପ୍ରବେଶ ପ୍ରଥରେ ବେଲଦଳ, ସମଗରା, ନାଗପାଟଣା, ଗୋପାଳପୁର, ବେଲେଶ୍ୱରପାଟଣା ରେଣ୍ଟୁଅ, ରାମେଶ୍ୱର ପାଟଣା, ବାଲିପାଟଣା ଓ ବାଲିଗୁଆଳିର ବୀର ପାଇକମାନେ କଳାପାହାଡ଼ ସେନା ଉପରେ ଅତର୍କିତ ଆକ୍ରମଣ କରିଥିଲେ। ସେତିକିବେଳେ ପାଇକମାନଙ୍କ ଘାଟ ଦେବୀ ଶ୍ରୀନାରାୟଣୀଙ୍କ ପ୍ରାଚୀନ



ମନ୍ଦିରକୁ କଳାପାହାଡ଼ ଭାଙ୍ଗିଦେଇଥିଲା। ଭଗ୍ନ ମନ୍ଦରର ପଥର ଖଣ୍ଡ ସବୁ ବାଲିବନ୍ତ ଉପରେ ଏବେ ବି ପଡ଼ିରହିଛି। ଏ ନେଇ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କହନ୍ତି, ସେବେଠାରୁ ଦେବୀଙ୍କ ବିଗ୍ରହ ବାଲିତଳେ ପୋତି ହୋଇ ରହିଥିଲେ। ୯ଖଣ୍ଡ ମୌଜାର ବୟୋଜ୍ୟେଷ୍ଠ ଲୋକେ ଆଗ୍ରହ ପ୍ରକାଶ କରିବା ପରେ ବିଗ୍ରହଙ୍କୁ ବାଲି ତଳୁ ଉଦ୍ଧାର କରାଯାଇଥିଲା। ବନ୍ତ ଉପରେ ଥିବା ଏକ ବଟବୃକ୍ଷ ତଳେ ଏକ ପିଣ୍ଡି ଉପରେ ଦେବୀଙ୍କୁ ପ୍ରତିଷ୍ଠା କରାଯାଇ ପୂଜା ଆରମ୍ଭ ହୋଇଥିଲା।

ପରେ ଶ୍ରୀନାରାୟଣୀ ଫାଉଣ୍ଡେଶନ ଗଢାଯାଇ ପୀଠର ଉନ୍ନତି କରାଯାଇଛି। ଏକଦା ଗଧିଆ, ବିଲୁଆଙ୍କ ଚରାଭୂଇଁ ଥିବା ବାଲିବନ୍ତ ଏବେ ବିଦ୍ୟୁତ ଆଲୋକରେ ଆଲୋକିତ। ବନ୍ତକୁ ରାସ୍ତା ନିର୍ମାଣ ହେବା ପରେ ପର୍ଯ୍ୟଟକ ଓ ଭକ୍ତଙ୍କ ଆଗମନ ବୃଦ୍ଧି ପାଇଛି। ଦେବୀ ନାରାୟଣୀ ଦଶଭୂଜା ମହିଷାମର୍ଦ୍ଦିନୀ, କିନ୍ତୁ ପରମ ବୈଷ୍ଣବୀ। ଆମିଷ ଏଠାରେ ନିଷେଧ। ଦେବୀଙ୍କର ଷୋଳପୂଜା ଶାସ୍ତ୍ର ଅନୁସାରେ ପାଳିତ ହେଉଛି। ଷୋଳଦିନରେ ମା'ଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ତିନି ଧୂପ ବିଧି ବିଧାନ ଅନୁଯାୟୀ ହେଉଛି। ନଅ ମୌଜାର ବିଶିଷ୍ଟ ଭକ୍ତମାନେ ପାଳି ଅନୁଯାୟୀ ଦେବୀଙ୍କ ପାଖରେ ଭୋଗରାଗ କରୁଛନ୍ତି। ଶ୍ରୀମନ୍ଦିର ଠାରୁ ବ୍ରହ୍ମଗିରି ଦିଗରେ ଥିବା ଦେବୀ ହରଚଣ୍ଡୀ ବନ୍ତ ଓ କୋଣାର୍କ ଦିଗରେ ଥିବା ଦେବୀ ନାରାୟଣୀ ବନ୍ତ ସମାନ ଦୂରରେ ଅଛି। ଜନଶ୍ରୁତି ରହିଛି ଯେ, ପୂର୍ବେ ଶ୍ରୀମନ୍ଦିର ସହିତ ଦେବୀ ହରଚଣ୍ଡୀଙ୍କ ପରି ଦେବୀ ନାରାୟଣୀ ମଧ୍ୟ ସାମିଲ ଥିଲେ। ଏବେ ତାହା କିପରି ପୁଣି ପ୍ରଚଳିତ ହେବ ସେନେଇ ଫାଉଣ୍ଡେଶନ ପ୍ରୟାସ ଜାରି ରଖିଛି।

### ନାରାୟଣୀ ବନ୍ତରେ ନାରାୟଣୀଙ୍କ ଶାରଦୀୟ ପୂଜା

# ଆହତ ମହିଳାଙ୍କୁ ନିଜ ଗାଡ଼ିରେ ନେଲେ ବିଧାୟକ



**ପିପିଲି,୯।୧୦(ଡି.ଏନ୍.ଏ.):**

ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ମାନବିକତା ଏବେ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶନିବାର ବିଧାୟକ ରୁଦ୍ରପ୍ରତାପ ଓରକଳ ପଞ୍ଚାୟତର ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିଲେ। ତେବେ ବାଟରେ ଜଣେ ମହିଳା ଦୁର୍ଘଟଣାର ଶିକାର ହୋଇ ଆହତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ତୁରନ୍ତ ବିଧାୟକ ରୁଦ୍ରପ୍ରତାପ ରହି ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ନିଜ ଗାଡିରେ ବସାଇ ପିପିଲି ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ। ତାଙ୍କର ଏହି ମହତକାର୍ଯ୍ୟ ପାଇଁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏହାପୂର୍ବରୁ ମଧ୍ୟ ବିଧାୟକ ରୁଦ୍ରପ୍ରତାପ ଜିତିବା ପରେ ଜଣେ ଦୃଷ୍ଟିହୀନ ବ୍ୟକ୍ତି ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ବାସଭବନରେ ପହଞ୍ଚିଥିଲେ। ଦୃଷ୍ଟିହୀନଙ୍କ ଗୋଡ଼ରେ ଚପଲ ନ ଥିବା ଦେଖି ବିଧାୟକ ନୂଆ ଚପଲ କିଣି ଆଣି ତାଙ୍କ ଗୋଡ଼ରେ ପିନ୍ଧାଇଥିଲେ।

## ସଂକ୍ଷେପରେ

### ଚୋରି କରି ୩ ଗିରଫ

ପୁରୀ ଅଫିସ,୯।୧୦- ଦୋକାନରୁ ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଘୋଡା ବଜାର ତାରିଣୀ ମନ୍ଦିର ନିକଟର ଚନ୍ଦନ ନାୟକ, ଗୋରାକବର ଲେନ୍‌ର ଜଗୁ ନାୟକ ଓ ବାଲି ନୋଳିଆ ସାହିର ଏ ନୃସିଂହ ରାଓ। ସେମାନଙ୍କଠାରୁ ନଗଦ ୫୦୦ ଟଙ୍କା ଚୋରି ସାମଗ୍ରୀ ଜବତ କରିଛି। ପୋଲିସ ଏ ନେଇ ୨ଟି ମାମଲା(ନଂ.୨୦୭,୨୧୫/୨୧) ରୁଜୁ କରିଛି। ଗତ ମାସ ୨୬ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ସସ୍ମିତା ବଳିଆର ସିଂହଙ୍କ ଦୋକାନରୁ କାଠ କ୍ୟାବିନ ଭାଙ୍ଗି ସାମଗ୍ରୀ ଓ ୩ ହଜାର ଟଙ୍କା ଚୋରି କରିଥିବା ନେଇ ପରଦିନ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଚନ୍ଦନ ଓ ଜଗୁଙ୍କୁ ଧରିଥିଲା। ସେହିପରି ଗତ ୭ତାରିଖରେ ଶିବଶଙ୍କର ସାହୁଙ୍କ ଦୋକାନ ଭାଙ୍ଗି ଜିନିଷ ଚୋରି କରିଥିବା ନେଇ ୮ତାରିଖରେ ସେ ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତଦନ୍ତ କରି ନୃସିଂହଙ୍କୁ ଧରିଥିଲା।

### ଛାତ୍ରଙ୍କୁ କାର୍ ଧକ୍କା ଦେବା ଘଟଣାରେ ୨ ଗିରଫ

ପୁରୁଣା ଭୁବନେଶ୍ୱର,୯।୧୦(ଡି.ଏନ୍.ଏ.): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ର(ସିଫା) ନିକଟରେ ଗତ ଗୁରୁବାର ସନ୍ଧ୍ୟାରେ ଏକ କାର ଧକ୍କାରେ ୩ଜଣ ଛାତ୍ରଙ୍କ ସହ ଜଣେ ମହିଳା ଗୁରୁତର ଆହତ ହୋଇଥିଲେ। ଏହା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ଘଟଣାରେ ଶନିବାର ପିପିଲି ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁକାନ୍ତ ଭୋଳ, ତ୍ରିନାଥ ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୪୪୮/୨୧)ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି।

### ଭିଏଚ୍‌ପି, ବଜରଙ୍ଗ ଦଳର ବିକ୍ଷୋଭ

ପୁରୀ ଅଫିସ ୯।୧୦- କଶ୍ମୀରରେ ହିନ୍ଦୁମାନଙ୍କୁ ନୃଶଂସ ଭାବେ ହତ୍ୟା ପ୍ରତିବାଦରେ ଶନିବାର ପୁରୀ ଜିଲା ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ଏବଂ ବଜରଙ୍ଗ ଦଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଜିଲା ସଂଯୋଜକ ଦେବାର୍ପିତ ମହାନ୍ତି, ବିଶ୍ୱ ହିନ୍ଦୁ ପରିଷଦ ଜିଲା ସହ ସମ୍ପାଦକ ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପରିଷଦର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ତରଫରୁ କୁହାଯାଇଥିଲା, କାଶ୍ମୀର ଘାଟିରେ ହିନ୍ଦୁମାନଙ୍କର ପୁନର୍ବାସ ଏବଂ ସ୍ୱଚ୍ଛନ୍ଦ ବିଚରଣ ହିଁ କଶ୍ମୀରରେ ଆତଙ୍କବାଦକୁ ମୂଳୋତ୍ପାଟନ କରିପାରିବ। ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମହାମନ୍ତ୍ରୀ ମିଳିନ୍ଦ ପରାଣ୍ଡେ ଭାରତୀୟଙ୍କ ହତ୍ୟାରେ ଗଭୀର ଚିନ୍ତା ପ୍ରକାଶ କରି କେନ୍ଦ୍ର ସରକାରଙ୍କୁ ସାକ୍ଷାତ କରି ଜିହାଦୀ ଆତଙ୍କବାଦ ଉପରେ ଲଗାମ ଲଗାଇବା ପାଇଁ ପାକିସ୍ତାନକୁ କଠିନ ଶିକ୍ଷା ଦେବା ତଥା ହିନ୍ଦୁମାନଙ୍କର ପୁନର୍ବାସ ଏବଂ ଘାଟିରେ ତାଙ୍କର ସ୍ୱଚ୍ଛନ୍ଦ ବିଚରଣ ପାଇଁ ଉଚିତ୍ ବ୍ୟବସ୍ଥା କରନ୍ତୁ ବୋଲି ଦାବି ରଖିଥିବା କଥା ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

### ୨୩ ନମ୍ବର ୱାର୍ଡରେ ସ୍ମାର୍ଟ କାର୍ଡ ବଣ୍ଟନ

ପୁରୀ ଅଫିସ ୯।୧୦-ସ୍ଥାନୀୟ ବଡ଼ଶଙ୍ଖ ସ୍କୁଲ ନିକଟରେ ଶନିବାର ୨୩ ନମ୍ବର ୱାର୍ଡର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର, ବିଧାୟକ ଜୟନ୍ତ ଷଡଙ୍ଗୀ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଓ ପୂର୍ବତନ କାଉନସିଲର ଘନଶ୍ୟାମ ମର୍ଦ୍ଦରାଜ ପ୍ରମୁଖ ଉପସ୍ଥିତ ଥିଲେ। ୨୩ ନମ୍ବର ୱାର୍ଡର ୧୨୫୬ ହିତାଧିକାରୀଙ୍କୁ ଏହି ନୂତନ ଯୋଜନା ମାଧ୍ୟମରେ ବିଜୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଏହି କାର୍ଡରେ ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ରାଜ୍ୟର ସମସ୍ତ ବଡ ବେସରକାରୀ ହସ୍ପିଟାଲ ଓ ବାହାର ରାଜ୍ୟର ୨୦ଟି ଉନ୍ନତ ମେଡିକାଲରେ ଏ ସୁଯୋଗ ପାଇପାରିବେ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।

# ଚିଲିକା ସମସ୍ୟା ନେଇ ରାଜ୍ୟସ୍ତରୀୟ କର୍ମଶାଳା

**ବ୍ରହ୍ମଗିରି,୯।୧୦(ଡି.ଏନ୍.ଏ.):**

ଚିଲିକାର ସୁରକ୍ଷା ଏବଂ ବିଭିନ୍ନ ସମସ୍ୟା ଉପରେ ରିଜୋନାଲ ସେଣ୍ଟର ଫର ଡେଭଲପ୍‌ମେଣ୍ଟ କୋଅପରେଶନ ଏବଂ ଗୋପୀନାଥ ଯୁବକ ସଂଘର ମିଳିତ ଉଦ୍ୟମରେ ଶନିବାର ସାତପଡା ଯାତ୍ରୀନିବାସରେ 'ଚିଲିକା ହ୍ରଦର ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଆଇନଜୀବୀ ଦିଗାମ୍ବର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପଶ୍ଚିମବଙ୍ଗର ସାମାଜିକ କର୍ମୀ ଦିଲୀପ ବାନାର୍ଜି ଯୋଗଦେଇ କହିଥିଲେ, ବର୍ତ୍ତମାନ ଚିଲିକା ଧ୍ୱଂସାଭିମୁଖୀ ହେବାକୁ ଯାଉଛି। ଏଣୁ ଏହାର ସୁରକ୍ଷା ପାଇଁ ସ୍ଥାନୀୟ ଅଧିବାସୀଙ୍କ ଆନ୍ତରିକତା ଏକାନ୍ତ ଆବଶ୍ୟକ। ସେହିଭଳି ମୁଖ୍ୟ ବକ୍ତାଭାବେ ଜଳ ବିଶେଷଜ୍ଞ ତପନ ପାଢୀ ଯୋଗଦେଇ ଚିଲିକାର ବିକାଶ ପାଇଁ ସ୍ଥାନୀୟ ଅଧିବାସୀଙ୍କୁ ଅଭିଜ୍ଞତା ଓ ଦକ୍ଷତା ଆଧାରରେ ଯୋଜନାମାନ କରି ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଭାବେ ପରେଶ ଜାଲି, ଉମାକାନ୍ତ ମହାନ୍ତି, ବିଷ୍ଣୁପ୍ରିୟା ସ୍ୱାଇଁ, ମନୋଜ ଦଳାଇ ପ୍ରମୁଖ ଯୋଗଦେଇଥିଲେ।



ପୁରୀ ବଡ଼ଦାଣ୍ଡକୁ ଆମିଷ ମୁକ୍ତ ଓ ସହରକୁ ମଦମୁକ୍ତ କରିବା ପ୍ରାର୍ଥନା କରି କେଶରିୟା ହିନ୍ଦୁବାହିନୀ ପକ୍ଷରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

# ସରପଞ୍ଚଙ୍କୁ ମାଡ଼ ଅଭିଯୋଗ

**ପୁରୁଣା ଭୁବନେଶ୍ୱର, ୯।୧୦(ଡି.ଏନ୍.ଏ.):**

### ସ୍ୱାସ୍ଥ୍ୟ କାର୍ଡ ବଣ୍ଟନକୁ ନେଇ ଉତ୍ତେଜନା

ପିପିଲି ଥାନା ଅଧୀନ ଲକ୍ଷ୍ମୀନାରାୟଣପୁରରେ ଶନିବାର ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ବେଳେ ସରପଞ୍ଚ ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ସରପଞ୍ଚ ଶୁଭାଶିଷ ରଥଙ୍କୁ ମାଡ଼ ମରାଯାଇଥିବା ନେଇ ଉତ୍ତରା ଫାଣ୍ଡିରେ ଅଭିଯୋଗ ହୋଇଛି। ଅନ୍ୟପଟେ ବିଜେଡି କର୍ମୀଙ୍କ ପକ୍ଷରୁ ମଧ୍ୟ ପିପିଲି ଥାନାରେ ପାଲଟା ଅଭିଯୋଗ ହୋଇଥିବା ଫାଣ୍ଡି ଇନ୍‌ଚାର୍ଜ ସମରେନ୍ଦ୍ର ପାଇକରାୟ କହିଛନ୍ତି। ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୦ଟାରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବହିପଡ଼ା ଇସିଲିମା ୟୁପି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଥିଲେ। ପ୍ରାୟ ୧୦ରୁ ୧୫ କାର୍ଡ ପ୍ରଦାନ କରି ଫେରିଯାଇଥିଲେ। ପରେ ଅଙ୍ଗନୱାଡ଼ି କର୍ମୀଙ୍କ ଚିଠା ଅନୁଯାୟୀ ପୂର୍ବତନ ସରପଞ୍ଚ ସୁଜାତା ଓ ବିଜେଡି କର୍ମୀ ବାଣ୍ଟିଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ରଥ ପହଞ୍ଚି କାର୍ଡ ପଞ୍ଚାୟତ ଗୃହରେ ବଣ୍ଟା ନ ଯାଇ ଏଠାରେ କାହିଁକି ବଣ୍ଟାଯାଉଛି କହି ଯୁକ୍ତିତର୍କ କରିଥିଲେ। ଫଳରେ ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଉତ୍ତେଜନା ପ୍ରକାଶ ପାଇ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗ ପାଇ ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଉଥିବା ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି।

# ସଞ୍ଜୀବ ହିରୋର ଲକି ଡ୍ର ବିଜେତା ସୁଶାନ୍ତ




**ପୁରୀ ଅଫିସ,୯।୧୦:**

ଶାରଦୀୟ ପାର୍ବଣ ଅବସରରେ ପୁରୀ ଟାଉନସ୍ଥିତ ସଞ୍ଜୀବ ହିରୋରେ ଗ୍ରାହକଙ୍କ ଚାହିଦାକୁ ଦେଖି ବିଭିନ୍ନ ପ୍ରକାରର ଗାଡ଼ି ଉପଲବ୍ଧ ହେଉଛି। ଗାଡ଼ି ଉପରେ ରିହାତି, ଦୈନିକ ସୁନା କଏନ୍ ଓ ଲକି ଡ୍ର ବ୍ୟବସ୍ଥାର ସୁବିଧା ଉଠାଉଛନ୍ତି ଗ୍ରାହକ। ଶନିବାର ହୋଇଥିବା ଲକି ଡ୍ର'ର ବିଜେତା ହେଉଛନ୍ତି ସୁଶାନ୍ତ କୁମାର ସେଠୀ। ତାଙ୍କୁ ସଞ୍ଜୀବ ହିରୋ ପକ୍ଷରୁ ଉପହାର ଦିଆଯାଇଛି। ଏହି ନିଶ୍ଚିତ ଉପହାରର ସୁଯୋଗ ନେବା ପାଇଁ ସଞ୍ଜୀବ ହିରୋର ପରିଚାଳକ ଅମିତ ମଲ୍ଲିକ କହିଛନ୍ତି।

# ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା

**ପୁରୀ ଅଫିସ,୯।୧୦**

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୨ଦିନିଆ ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଶନିବାରଠାରୁ ସଂସ୍କୃତ ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଉଭୟ ବାଳକ ଏବଂ ବାଳିକା ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ କୃତକାର୍ଯ୍ୟ ହେବେ ସେମାନେ ଚଳିତମାସ ୧୯ ଏବଂ ୨୦ତାରିଖରେ କଟକରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସବ୍‌ଜୁନିୟର, ଜୁନିୟର, ୧୫ ବର୍ଷରୁ କମ୍ ବୟସ ଏବଂ ସିନିୟର ଆଦି ୪ଟି କାଟେଗୋରିରେ କୁସ୍ତି ପ୍ରତିଯୋଗିତା ୨୦୨୧ ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ପୁରୀ ଜିଲାର ବିଭିନ୍ନ ଯୋଗ, କ୍ଲବ୍ ଆଦିରୁ ୮୨ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି।



ସଦାଶିବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦୁଇ ବାଳକ କୁସ୍ତି କରୁଛନ୍ତି।

# ଆୟୁଷ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି ଦାବି

**ପୁରୀ ଅଫିସ, ୯।୧୦**

କର୍ମକ୍ଷେତ୍ରରେ ସ୍ଥାୟୀ ନିଯୁକ୍ତି ଦାବି କରି ନିଖିଳ ଓଡ଼ିଶା ଆୟୁଷ ଡାକ୍ତର ସଂଘ, ପୁରୀ ଶାଖା ପକ୍ଷରୁ ଶନିବାର ସ୍ଥାନୀୟ ସାଲବେଗ ପୀଠ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘର ସୂଚନା ଅନୁଯାୟୀ, ସରକାରଙ୍କ ପାତରଅନ୍ତର ନୀତିକୁ ବିରୋଧ କରି ପୁରୀ ଜିଲାରେ ୫୪ଜଣଙ୍କ ସମେତ ଓଡ଼ିଶାରେ ୧୧୫୫ଜଣ ଆୟୁଷ୍‌ଡାକ୍ତର ଗତ ୨ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି। ରାଜ୍ୟର ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦୭ ମସିହାରୁ କାର୍ଯ୍ୟରତ ଅଛନ୍ତି। ୧୪ ବର୍ଷ ଧରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିଲେ ବି, ଏହି ଡାକ୍ତରମାନଙ୍କୁ ଅଦ୍ୟାବଧି ନିୟମିତ କରାଯାଉନି। କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ ରୋଗୀଙ୍କ ସେବା ଯୋଗାଇ ଦେଇ ଆସୁଥିବା ଆୟୁଷ ଡାକ୍ତରଙ୍କୁ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରୁନାହାନ୍ତି। ଫଳରେ ଆୟୁଷ ଡାକ୍ତରଙ୍କ ଭବିଷ୍ୟତ ଅନ୍ଧକାରମୟ। ଚାକିରି ନିୟମିତ ନ ହେବା ପର୍ଯ୍ୟନ୍ତ କେବଳ ଆୟୁଷ୍ ଓପିଡି କରି ରୋଗୀ ଚିକିତ୍ସା କରିବେ। ମାତ୍ର ସାଧାରଣ ବର୍ହିର୍ବିଭାଗ, ଅନ୍ତର୍ବିଭାଗ, ଟିକା କରଣ, ବିଭିନ୍ନ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ କୋଭିଡ୍ ଅନ୍ତର୍ଗତ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ଜିଲା ସଂଘର ସଭାପତି ଡ. ବଲ୍ଲଭ ଭଡ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ଡ. ମହେଶ ପ୍ରସାଦ ମହାପାତ୍ର, ସମ୍ପାଦକ ଡ. ତପନ୍ ଜ୍ୟୋତି ଆଚାର୍ଯ୍ୟ, ସହ ସମ୍ପାଦକ ଡ. ଜୟଶ୍ରୀ ଖୁଣ୍ଟିଆ ଏବଂ କୋଷାଧ୍ୟକ୍ଷ ଡ. ରାମ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନିମାପଡ଼ା,୯।୧୦(ଡି.ଏନ୍.ଏ.):**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ କଲେଜ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ କଲେଜର ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ଜଗତ ପ୍ରସାଦ ସାବୁତଙ୍କୁ ଓଡ଼ିଆ ବିଭାଗ ପକ୍ଷରୁ ମାନପତ୍ର, ଉତ୍ତରୀୟ, ଉପଢୌକନ ଆଦି ପ୍ରଦାନ କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆୟୋଜିତ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରଭାକର ପାଣିଗ୍ରାହୀ, ଅଧ୍ୟାପକ ଡ.ପ୍ରଣବ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାବୁତ, ଡ. ପ୍ରସନ୍ନ ନାୟକଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। କଲେଜର ଉନ୍ନତି କ୍ଷେତ୍ରରେ ଅଧ୍ୟାପକ ସାବୁତଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାରୋହରେ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜନ୍ମପୀଠରେ ଗୋପବନ୍ଧୁଙ୍କୁ ମନେ ପକାଇଲେ

**ସାକ୍ଷୀଗୋପାଳ,୯।୧୦(ଡି.ଏନ୍.ଏ.):**

ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଶ୍ରଦ୍ଧା ଓ ସମ୍ମାନ ସହିତ ଦଳମତ ନିର୍ବିଶେଷରେ ସମସ୍ତେ ଗୋପବନ୍ଧୁଙ୍କ କର୍ମଭୂମି ସତ୍ୟବାଦୀ ଓ ଜନ୍ମପୀଠ ସୁଆଣ୍ଡୋରେ ଗୋପବନ୍ଧୁ ଓ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି, ସମାଧିପୀଠରେ ତାଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଏଡିପିଆର୍‌ଓ ଜିତେନ୍ଦ୍ରୀୟ ଜେନା, ବିଧାୟକ ଉମାକାନ୍ତ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ ଜେନା, ଆତ୍ମା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କର୍ମକର୍ତ୍ତାଙ୍କୁ ନେଇ ବକୁଳବନ ସମାଧି ପୀଠରେ ସର୍ବଧର୍ମ ପ୍ରାର୍ଥନା ସଭାରେ ହରିନାମ କୀର୍ତ୍ତନ, ଗାନ୍ଧୀ ଓ ଗୋପବନ୍ଧୁଙ୍କର ପ୍ରିୟ ଭଜନ, ଭାଗବତ ପାଠ, ବୌଦ୍ଧ, ଜୈନ, ଖ୍ରୀଷ୍ଟ, ଶିଖ, ବାହାଇ, ଅଲେଖ, ଅହମିୟା, ଭଜନ ଓ ବାଣୀପାଠ କରିଥିଲେ। ସୁଆଣ୍ଡୋରେ ରାଧାବିନୋଦ ବିହାରୀଙ୍କ ପୂଜାର୍ଚ୍ଚନା, ଭାଗବତ ଓ ଗୋପବନ୍ଧୁଙ୍କ କବିତା ପାଠ କରାଯାଇଥିଲା। ରାୟଚକ୍ରଧରପୁର ଉଚ୍ଚ ବିଦ୍ୟାଳୟରେ ବିଡିଓ କ୍ଷୀରୋଦ ବେହେରା ଗୋପବନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଓ ମଣ୍ଡପ ଉନ୍ମୋଚନ କରିଥିଲେ। ଲୋକସେବକ ମଣ୍ଡଳ, କାଦୁଆ ଆଶ୍ରମ ସୁରକ୍ଷା ସମିତି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ବକୁଳବନ ମହୋତ୍ସବ କମିଟି, ଭାରତ ବିକାଶ ପରିଷଦ, ସତ୍ୟବାଦୀ ସେବା ଟ୍ରଷ୍ଟ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, କାଦୁଆ ଆଶ୍ରମ, ଗବକୁଣ୍ଡ, ସାରଙ୍ଗଯୋଡି, ଅଳଗୁମ ଓ ଶୁକଳରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ବିଧାୟକ ସାମନ୍ତରାୟ କେତେକୀପାଟଣା, ମହୁରା, ବଳରାମପୁର ଗଡ ଓ ବିଦ୍ୟାଧରପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ।



ପୁରୀ ଆୟୁର୍ବେଦିକ କଲେଜ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ଆୟୁଷ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

## 'ମାର୍ଚ୍ଚ ସୁଦ୍ଧା ସୁଆଣ୍ଡୋର ବିକାଶ କାର୍ଯ୍ୟ ସାର'

**ସାକ୍ଷୀଗୋପାଳ, ୯।୧୦(ଡି.ଏନ୍.ଏ.):**

ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସନ୍ଧ୍ୟାରେ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରେ ପହଞ୍ଚି ଷଠୀଘରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ଐତିହ୍ୟ ଗ୍ରାମ ସୁଆଣ୍ଡୋରେ ଚାଲିଥିବା ବିକାଶ ଓ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ସେ ପରିଦର୍ଶନ କରିଥିଲେ। ଆସନ୍ତା ମାର୍ଚ୍ଚସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ନିମନ୍ତେ ଉପସ୍ଥିତ ଓଡ଼ିଶା ସେତୁ ନିର୍ମାଣ ନିଗମର ଅଧିକାରୀମାନଙ୍କୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ସଚିବଙ୍କ ସହିତ ପୁରୀ ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟ ଅଧିକାରୀମାନେ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ। ୧୨କୋଟି ଟଙ୍କା ବ୍ୟୟରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯିବା ପାଇଁ ଗ୍ରାମବାସୀ ସଚିବଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।




ଷଠୀଘରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଅନ୍ୟମାନେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ସାମାଜିକ କର୍ମୀ ଶ୍ରୀଧରଙ୍କ ପରଲୋକ

**ନିମାପଡ଼ା,୯।୧୦(ଡି.ଏନ୍.ଏ.):**

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଡିଆ ସାହି ଗ୍ରାମର ବିଶିଷ୍ଟ ସମାଜିକ କର୍ମୀ ଶ୍ରୀଧର ଓଝା (୭୦)ଙ୍କ ଶନିବାର କଟକ ମେଡିକାଲରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମେଳାପି, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଣ୍ଡିଆସାହି ଗ୍ରାମ ଓ ନିମାପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏପରିକି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ନେତା ସନ୍ତୋଷ ଦାଶ, ଅରୁଣ ପ୍ରସାଦ ଦାଶ ସ୍ୱର୍ଗତ ଓଝାଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମୃତଦେହ ଗ୍ରାମକୁ ଆସିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ମୃତଦେହ ସତ୍କାର କରାଯାଇଛି।

## ଆଜି କ'ଣ କେଉଁଠି

କଟକ

- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ, ସୁମିତ୍ରା ପ୍ଲାଜା, ବାଦାମବାଡ଼ି, ସକାଳ ୯ଟା।
- ରୁଚି ଫ୍ରୋଜିଟର ନୂତନ ଆଉଟଲେଟର ଉଦ୍‌ଘାଟନ ଉତ୍ସବ, ମହାନଦୀ ବିହାର, ଅପରାହ୍ନ ୪ଟା।

## ସଂକ୍ଷେପରେ

### କେନାଲରୁ ଦିବ୍ୟାଙ୍ଗ ନାବାଳକଙ୍କ ମୃତଦେହ ମିଳିଲା

**ନିଶ୍ଚିନ୍ତକୋଇଲି,୯।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳକଙ୍କ ମୃତଦେହ ଶନିବାର ବସୁପଦା ମୁସଲମାନ ବସ୍ତି ନିକଟ ୮ନଂ.(ଏ)କେନାଲରୁ ମିଳିଛି। ସେ ହେଲେ ଜିଗ୍ନିପୁର ଗ୍ରାମର ଦେବେନ୍ଦ୍ର କୁମାର ମିଶ୍ରଙ୍କ ପୁଅ ଅଭିଜିତ୍ ମିଶ୍ର(୧୨)। ସକାଳ ୬ଟାରୁ ସେ ଘରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଦୀର୍ଘ ୫ଘଣ୍ଟା ପରେ ୮ନଂ.(ଏ)କେନାଲରେ ଅଭିଜିତ୍‌ଙ୍କୁ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଓ ଦମକଳ ବାହିନୀକୁ ଖବରଦେଇଥିଲେ। ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅଭିଜିତ୍‌ଙ୍କୁ ଡାକ୍ତରୁ ମୃତ ଘୋଷଣା କରିଥିଲେ। ଖବରପାଇ ସାଲେପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନାକୁ ପଠାଇଛି।

### ବିଜେଡିରେ ମିଶିଲେ ବିଭିନ୍ନ ଦଳର କର୍ମୀ

**କଣ୍ଟାପଡା,୯।୧୦(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ପାଟସୁନ୍ଦରପୁର ପଞ୍ଚାୟତର ବହୁସଂଖ୍ୟାରେ ବିଭିନ୍ନ ଦଳର କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। କଣ୍ଟାପଡା ପଞ୍ଚାୟତର ବିଜେଡି ସଭାପତି ବିବେକାନନ୍ଦ ଲେଙ୍କାଙ୍କ ଅଧକ୍ଷତାରେ ସ୍ଥାନୀୟ ବାରସାଇଲୋଠାରେ ଆୟୋଜିତ ମିଶ୍ରଣ ପର୍ବରେ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଶୋକ ପ୍ରଧାନ, ସଞ୍ଜୟ ନାୟକ, ପ୍ରଭଞ୍ଜନ ଦାସ, ବାପୁ ମିଶ୍ର, ଲକ୍ଷ୍ମଣ ବେହେରା, କିଶୋର ସେନାପତିଙ୍କ ସମେତ ବିଭିନ୍ନ ଦଳର ବହୁକର୍ମୀଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ନେତା ସୁଦର୍ଶନ ରାଉତରାୟ, ବିମାନ ବେହେରା, ପିୟୁଷ ମିଶ୍ର, ନକୁଳ ରାଉତରାୟ ଓ ସରଳା ସାମନ୍ତରାୟ ପ୍ରମୁଖ ଉପସ୍ଥିତଥିଲେ।

### ଦୁର୍ଘଟଣା: ୩ ଆହତ

**ନିଆଳି,୯।୧୦(ଡି.ଏନ.ଏ.):** ନିଆଳି ଥାନା ଅନ୍ତର୍ଗତ ଜଳାରପୁର ନିକଟରେ ଶନିବାର ଅପରାହ୍ନରେ ୩ ବାଇକ ଧକ୍କା ହେବା ଦ୍ୱାରା ୨ ଜଣ ଆହତ ଓ ଜଣେ ଗୁରୁତ୍ୱର ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ପରିଚୟ ମିଳି ନ ଥିବାବେଳେ ଗୁରୁତର ଯୁବକ ନିମାପଡା ଥାନା ତମ୍ପାଲୋ ଗ୍ରାମର ରାହୁଲ ଭୋଇ(୧୯)ଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

### ବାମପନ୍ଥୀ ନେତା ନାଗଭୂଷଣଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୯।୧୦(ବ୍ୟୁରୋ):** ବାମପନ୍ଥୀ ନେତା ନାଗଭୂଷଣ ପଟ୍ଟନାୟକଙ୍କ ୨୩ତମ ତିରୋଧାନ ଦିବସରେ ସିପିଆଇ (ଏମ୍‌ଏଲ) ଲିବରେଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଦଳର ରାଜ୍ୟ କମିଟି ସଦସ୍ୟ ମହେନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଯୋଗ ଦେଇ ନାଗଭୂଷଣ କୃଷକ ଓ ଶ୍ରମିକଙ୍କ ହକ୍ ପାଇଁ ସର୍ବଦା ଲଢେଇ କରିଥିଲେ ବୋଲି କହିଥିଲେ।

### ସିଟି ହସ୍ପିଟାଲର ଉନ୍ନତୀକରଣ ସମ୍ପର୍କିତ ସମୀକ୍ଷା ବୈଠକ

**କଟକ ଅଫିସ,୯।୧୦:** କଟକ ସିଟି ହସ୍ପିଟାଲର ଉନ୍ନତିକରଣ ପାଇଁ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲ ପରିସରରେ ଅନୁଷ୍ଠିତ ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଇଂ. ମହମ୍ମଦ ମୋକିମ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ ପ୍ରମୁଖଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ସମୀକ୍ଷା କରାଯାଇଥିଲା। ବିଶେଷକରି ହସ୍ପିଟାଲ ଭିତ୍ତିଭୂମିର ବିକାଶ ପାଇଁ ଏମ୍‌ପି ଓ ବିଧାୟକ ଗୁରୁତ୍ୱ ଦେଇଥିଲେ। ଜିଲାରେ ଏବେ ୮୦ଜଣ ଡାକ୍ତରଙ୍କ ଅଭାବ ରହିଥିବାବେଳେ ପାରା ମେଡ଼ିକାଲ ପୋଷ୍ଟଗୁଡିକ ଖାଲି ରହିଛି। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିବା ଏମ୍‌ପି ମହତାବ କହିଛନ୍ତି। ଅପରପକ୍ଷରେ ସିଟି ହସ୍ପିଟାଲର ଉନ୍ନତିକରଣ ଜରୁରୀ ବୋଲି ବିଧାୟକ ମୋକିମ କହିଛନ୍ତି।

# ଘରେ ପହଞ୍ଚିବ ଭୋଗ, ବ୍ରତ, ଶଙ୍ଖା, ସିନ୍ଦୂର

- ଶେଷ ପର୍ଯ୍ୟାୟରେ ପୂଜା ପ୍ରସ୍ତୁତି
- ଅଧିକାଂଶ ମୂର୍ତ୍ତିରେ ଲାଗିବ ନାହିଁ ସୁନା, ଚାନ୍ଦିମେଢ

**କଟକ ଅଫିସ, ୯।୧୦**

ଦୁର୍ଗାପୂଜା ଆସିଲେ ଚଳଚଞ୍ଚଳ ହୋଇଉଠେ କଟକ ସହର। ପ୍ରାୟ ୧ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। କାରିଗରମାନେ ମୂର୍ତ୍ତି ଓ ମେଢ ତିଆରେ ଲାଗିପଡନ୍ତି। ବିଶେଷକରି ମା'ଙ୍କ ସୁନାମୁକୁଟ ଓ ଚାନ୍ଦୀମେଢ କରିବା ପାଇଁ କାରିଗରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥାଏ। ହେଲେ ଚଳିତବର୍ଷ କରୋନା ମହାମାରୀ ଯୋଗୁ ପୂଜା ଫିକା ପଡିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଦୁର୍ଗାପୂଜା ପାଳନ କରାଯାଉଛି। ଏଥିପାଇଁ ବିଭିନ୍ନ ମଣ୍ଡପରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ମୂର୍ତ୍ତି ନିର୍ମାଣ ସହ ମେଢ ପ୍ରସ୍ତୁତ କରାଯାଇଛି। ସାଧାରଣତଃ ସମସ୍ତ ମଣ୍ଡପରେ ମୂର୍ତ୍ତିର ଉଚ୍ଚତା ସାଢେ ୬ଫୁଟରୁ ୮ଫୁଟ୍ ମଧ୍ୟରେ ରହିଥାଏ। ହେଲେ ମୂର୍ତ୍ତି ନିର୍ମାଣ ପାଇଁ ସ୍ୱତନ୍ତ୍ର ଖଡ଼ମା ବ୍ୟବହାର ହୋଇ ପାରୁ ନ ଥିବାରୁ ଚଳିତବର୍ଷ ଅନେକ ମଣ୍ଡପରେ ସୁନା, ଚାନ୍ଦିମେଢ ଦେଖିବାକୁ ମିଳିବ ନାହିଁ। ଏଥିସହ ମଣ୍ଡପଗୁଡିକରେ ଦର୍ଶନ ପାଇଁ ଭକ୍ତଙ୍କୁ ଅନୁମତି ପ୍ରଦାନ କରାଯାଇନାହିଁ।



" କଟକଣା କାରଣରୁ ମହାଷ୍ଟମୀରେ ମହିଳାମାନେ ମା'ଙ୍କ ଦର୍ଶନ କରିପାରିବେ ନାହିଁ। ଏଥିପାଇଁ କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ମା'ଙ୍କ ପାଖରେ ଶଙ୍ଖା, ସିନ୍ଦୁର, ବ୍ରତ ପୂଜା କରାଯିବା ପରେ ଘରେ ଘରେ ବଣ୍ଟନ କରାଯିବ।

**ଦେବେନ୍ଦ୍ର ସାହୁ, ସଭାପତି, ଛତ୍ରବଜାର ପୂଜା କମିଟି**

" ପ୍ରଶାସନର ନିୟମ ମାନି ପୂଜା ଆୟୋଜନ କରିଛୁ। ପୂଜାରେ ପ୍ରସାଦ ପାଇବାରୁ ବଞ୍ଚିତ ନ ହେବା ପାଇଁ ବ୍ୟବସ୍ଥା ହୋଇଛି। ଏଥର କଲେଜ ଛକ ପୂଜା ପ୍ରତିଷ୍ଠାନ ପକ୍ଷରୁ ୧୦ କୁଇଣ୍ଟାଲ ଲଡୁ ପ୍ରସ୍ତୁତ କରାଯାଇ ମା'ଙ୍କ ନିକଟରେ ଭୋଗ ଲାଗି କରାଯିବ। ପରେ ତାହାକୁ ଭକ୍ତମାନଙ୍କୁ ବଣ୍ଟନ କରାଯିବ।



**ଜଗନ୍ନାଥ ସାହୁ, ସମ୍ପାଦକ, କଲେଜଛକ ପୂଜା ପ୍ରତିଷ୍ଠାନ**

" ପୂଜାମଣ୍ଡପକୁ ଆସିବା ପାଇଁ ଶ୍ରଦ୍ଧାଳୁଙ୍କୁ ବାରଣ କରାଯାଇଛି। ତେବେ ସୋଶିଆଲ ମିଡିଆ ମାଧ୍ୟମରେ ଘରେ ରହି ସେମାନେ ମା'ଙ୍କୁ କିଭଳି ଭାବେ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। ଅନୁକୂଳ ପରିସ୍ଥିତି ରହିଲେ ଏହି ଯୋଜନା କାର୍ଯ୍ୟକାରି ହେବ।



**ଲିଙ୍ଗରାଜ ହାତୀ,ସାଧାରଣ ସମ୍ପାଦକ, ହରିପୁର ଦୋଳମୁଣ୍ଡାଇ ପୂଜା କମିଟି**

" ପ୍ରତିବର୍ଷ ପୂଜା ସମୟରେ ସହର ଆଲୋକମାଳାରେ ଝଲସି ଉଠେ। ହେଲେ କରୋନା ଯୋଗୁ ଚଳିତବର୍ଷ ଏହା ଫିକା ପଡିଛି। ଏଥିପାଇଁ ସଂଘ ପକ୍ଷରୁ ଅଭିନବ ଅଭିଯାନ ଆରମ୍ଭ କରାଯାଇଛି। ନିଜ ଘରକୁ ଦୀପ କିମ୍ବା ଆଲୋକରେ ସଜିତ କରିବାକୁ ସହରବାସୀଙ୍କୁ ନିବେଦନ କରିଛୁ।



**ଅଭିଜିତ ପୃଷ୍ଟି, ସଦସ୍ୟ, ସିଲ୍‌ଭର ସିଟି କଟକ ଚାରିଟେବୁଲ ଟ୍ରଷ୍ଟ**

" ସପ୍ତମୀ, ଅଷ୍ଟମୀ ଓ ନବମୀରେ ପ୍ରସାଦ ବ୍ୟବସ୍ଥା କରାଯାଇଛି। ପ୍ରସାଦ କେବଳ ପାର୍ସଲ କିମ୍ବା ହୋମ୍ ଡେଲିଭରି ମାଧ୍ୟମରେ ଦିଆଯିବ। ଏଥିସହ ସମିତି ପକ୍ଷରୁ ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ମାଗଣାରେ ପ୍ରସାଦ ବଣ୍ଟନ ପାଇଁ ଯୋଜନା କରାଯାଇଛି।



**ଗୌତମ ମୁଖାର୍ଜୀ, ସାଧାରଣ ସମ୍ପାଦକ, ଆଲମଚାନ୍ଦ ବଜାର ଦୁର୍ଗାବାଡି ସମିତି**

## 'ପୂର୍ବତନ କିରାଣିଙ୍କୁ ୭ଦିନ ମଧ୍ୟରେ ଦରମା ଦିଅ'

**କଟକ ଅଫିସ,୯।୧୦**

ଚୌଦ୍ୱାର କଲେଜର ପୂର୍ବତନ କିରାଣି ତଥା ନରସିଂହପୁର କଲେଜର କର୍ମଚାରୀ ରବୀନ୍ଦ୍ର ପୃଷ୍ଟିଙ୍କୁ ଗତ ଏପ୍ରିଲ ମାସରୁ ଦରମା ଦେବାକୁ ଓଡ଼ିଶା ହାଇକୋର୍ଟ ଏକ ଅନ୍ତରୀଣ ଆଦେଶ ଦେଇଛନ୍ତି। ରବୀନ୍ଦ୍ରଙ୍କୁ ୭ଦିନ ମଧ୍ୟରେ ଦରମା ଦେବାକୁ ନରସିଂହପୁର କଲେଜ ଅଧକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଚୌଦ୍ୱାର କଲେଜ ପୂର୍ବତନ କିରାଣି ତଥା ଏବେକାର ନରସିଂହପୁର କଲେଜର କର୍ମଚାରୀ ରବୀନ୍ଦ୍ର ପୃଷ୍ଟିଙ୍କ ଅନୁଦାନ ପ୍ରତ୍ୟାହାର ପାଇଁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଯୁବ ସାମାଜିକକର୍ମୀ ଶୁଭେନ୍ଦୁ ମହାନ୍ତି ଏନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ହୋଇଥିବା ତଦନ୍ତ ଆଧାରରେ ତାଙ୍କୁ କୈଫିୟତ ମଗାଯାଇଥିଲା। ନିର୍ଦ୍ଦେଶାଳୟ ଏହି ପରିପ୍ରେକ୍ଷୀରେ କଟକ ଜିଲା ନରସିଂହପୁର କଲେଜ ଅଧକ୍ଷଙ୍କ ପାଖକୁ ଏକ ପତ୍ର ଲେଖି ଗତବର୍ଷ ଅଗଷ୍ଟ ୭ ତାରିଖରେ ରବୀନ୍ଦ୍ରଙ୍କୁ ବ୍ୟକ୍ତିଗତ ହାଜର ହୋଇ ତାଙ୍କର ମୂଳ ନିଯୁକ୍ତି ପତ୍ର, ନିଯୁକ୍ତିକୁ ନେଇ ପରିଚାଳନା କମିଟିର ଅନୁମୋଦନ, ମାଟ୍ରିକ, ଯୁକ୍ତ ଦୁଇ ଓ ତଦୂର୍ଦ୍ଧ ସାର୍ଟିଫିକେଟ୍(ଅରିଜିନାଲ୍) ଏବଂ ମାର୍କସିଟ୍ ସହ ନିଜ ମତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ରବୀନ୍ଦ୍ରଙ୍କ କାଗଜପତ୍ର ଜାଲ୍ ବୋଲି ଜାଣିବାପରେ କାହିଁକି ତୁମର ଅନୁଦାନ ପ୍ରତ୍ୟାହାର ହେବ ନି ବୋଲି ଦର୍ଶାଇ ତାଙ୍କୁ ନୋଟିସ ଜାରି ହୋଇଥିଲା। ଏଥିସହ ତାଙ୍କର ଅନୁଦାନ ପ୍ରତ୍ୟାହାର କରାଯାଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ଉକ୍ତ ନିର୍ଦ୍ଦେଶକୁ ବିରୋଧ କରି ରବୀନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



'ରଞ୍ଜିତା ନାୟକଙ୍କ କବିତା ସମଗ୍ର' ଗ୍ରନ୍ଥ ଉନ୍ମୋଚନ ବେଳେ ଅତିଥିବୃନ୍ଦ।

## 'ସାହିତ୍ୟ ଅନୁବାଦିତ ହେଲେ ଗୁରୁତ୍ୱ ବଢ଼େ'

### 'ରଞ୍ଜିତା ନାୟକଙ୍କ କବିତା ସମଗ୍ର' ଗ୍ରନ୍ଥ ଉନ୍ମୋଚିତ

**କଟକ ଅଫିସ, ୯।୧୦**

କଟକ ସାରଳା ଭବନରେ କବି ଡ. ରଞ୍ଜିତା ନାୟକଙ୍କ ଲିଖିତ ଗ୍ରନ୍ଥ 'ରଞ୍ଜିତା ନାୟକଙ୍କ କବିତା ସମଗ୍ର' ଶନିବାର ଉନ୍ମୋଚିତ ହୋଇଯାଇଛି। ପଦ୍ମଭୂଷଣ ରମାକାନ୍ତ ରଥ ଏହାକୁ ଉନ୍ମୋଚନ କରି କହିଥିଲେ, ସାହିତ୍ୟ ଅନୁବାଦିତ ହେଲେ ଏହାର ପ୍ରଚାର ପ୍ରସାର ଘଟେ ଓ ଗୁରୁତ୍ୱ ବଢେ। ସେହି ଦୃଷ୍ଟିରୁ କବି ରଞ୍ଜିତାଙ୍କ କବିତା ହିନ୍ଦୀ, ଇଂଲିଶ, ବଙ୍ଗଳା, ତାମିଲ, ପଞ୍ଜାବୀ, କନ୍ନଡ ପ୍ରଭୃତି ଆଞ୍ଚଳିକ ଭାଷାରେ ଅନୁବାଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ସେହିପରି ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ପ୍ରତିଭା ରାୟ କହିଥିଲେ, କବି ରଞ୍ଜିତାଙ୍କ କବିତା ପାଠ କଲେ ତାଙ୍କ କାବ୍ୟିକ ପ୍ରତିଭା ସହଜାତ ବୋଲି ସ୍ପଷ୍ଟ ଅନୁଭବ କରିହୁଏ। ମୁଖ୍ୟବକ୍ତା ପ୍ରଫେସର ଦାଶରଥୀ ଦାସ କହିଥିଲେ, ରଞ୍ଜିତାଙ୍କ କବିତାରେ ଐତିହ୍ୟ, ପରମ୍ପରା ଓ ସାମାଜିକ ରୀତିନୀତି ବେଶ ପ୍ରତିଫଳିତ। ସାହିତ୍ୟ ସମାଲୋଚକ ଦୃଷ୍ଟିରେ ରଞ୍ଜିତାଙ୍କ କବିତା ଅତ୍ୟନ୍ତ ଉଚ୍ଚମାନର ବୋଲି ସେ କହିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପିକା ଡ. ସଞ୍ଜିତା ମିଶ୍ର, ବିଦ୍ୟାପୁରୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଯୋଗଦେଇଥିଲେ। କବି ଜ୍ୟୋତିର୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, କବିତା ମହାପାତ୍ର, ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ପୂର୍ବତନ ଡିଜି ବିପିନ ବିହାରୀ ମିଶ୍ର, ଜଷ୍ଟିସ ମଦନ ମୋହନ ଦାସ, କବି ଅମରେଶ ପଟ୍ଟନାୟକ, ପ୍ରଫେସର ବୈଷ୍ଣବ ସାମଲ, ପ୍ରଫୁଲ୍ଲ ମହାନ୍ତି, ଡ. ନଟବର ଶତପଥୀ, କବି ସଂଗ୍ରାମ ଜେନା, କଥାକାର ବିଜୟ ନାୟକ, ପୀତବାସ ରାଉତରାୟ, ଗାଳ୍ପିକ ଅଭୟ ନାୟକ, ପ୍ରଫେସର ବିଷ୍ଣୁପ୍ରିୟା ଓତା, ଶତ୍ରୁଘ୍ନ ପାଣ୍ଡବ, ଶରତ ଦାଶ, ପ୍ରଫେସର ସଂଗୀତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଯାଁଳା,୯।୧୦(ଡି.ଏନ୍.ଏ.)**

ପୋଖରୀରେ ବୁଡ଼ି ଶନିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଁଳା ଫାଣ୍ଡି ଅଧୀନ ଜଗସରାପାଟଣା ଗ୍ରାମର ସଦାନନ୍ଦ ସାହୁ। ପୂର୍ବାହ୍ନ ୧୦ଟାରେ ସଦାନନ୍ଦ ପୋଖରୀରେ ଗାଧୋଇବା ବେଳେ ଅସବାଧାନତା ବଶତଃ ସେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉଦ୍ଧାର କରି ଏମ୍‌ସ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫାଇନାନ୍ସ ସଂସ୍ଥାର ଲକରରୁ ଚୋରି, ୩ ଗିରଫ

**ଟାଙ୍ଗୀ(କଟକ), ୯।୧୦(ଡି.ଏନ୍.ଏ.)**

କଟକ ଜିଲା ଚୌଦ୍ୱାର ଥାନା ଅଞ୍ଚଳରେ ଥିବା ଭାରତ ଫାଇନାନ୍ସ ଇନ୍‌କ୍ଲୁଜନ ଲିମିଟେଡ୍ ନାମକ ଫାଇନାନ୍ସ ସଂସ୍ଥାର ଲକରୁ ୬ଲକ୍ଷ ୩୦ହଜାର ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ମୋଟଙ୍ଗା ଥାନା ଅନ୍ତର୍ଗତ ନଧରା ଗ୍ରାମର ସୂର୍ଯ୍ୟକାନ୍ତ ସାମଲ(୨୧), ଉକ୍ତ ସଂସ୍ଥାର ଫିଲ୍ଡ ମ୍ୟାନେଜର ଆଠଗଡ଼ ଖୁଣ୍ଟକଟା ବୁଧିଆପାଟଣା ଗ୍ରାମର ରାକେଶ କୁମାର ରାଉତ(୨୫) ଓ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କେଶରିଆ ଗ୍ରାମର ଅଭୟ ମହାରଣା(୨୦)। ସେମାନଙ୍କଠାରୁ ଚୋରି ହୋଇଥିବା ସମସ୍ତ ଟଙ୍କା ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ଲକରରେ ୭ଲକ୍ଷ ୬୬ ହଜାର ୮ଶହ ୬ ଟଙ୍କା ରଖାଯାଇଥିଲା। ସେଥିମଧ୍ୟରୁ ୬ ଲକ୍ଷ ୩୦ ହଜାର ଟଙ୍କା ନ ଥିବା ସଂସ୍ଥାର ପରିଚାଳକ ଅଶୋକ କୁମାର ସାହୁ ଗତ ଗୁରୁବାର ଦେଖିବାକୁ ପାଇଥିଲେ। ଏହାର ପୂର୍ବଦିନ ରାତିରେ ସଂସ୍ଥାର କାର୍ଯ୍ୟାଳୟ ଗୃହରେ କ୍ୟାସିୟର ବିଜୟ କୁମାର ଦାସ, କର୍ମଚାରୀ ଅକ୍ଷୟ କୁମାର ଦାସ, ସୂର୍ଯ୍ୟକାନ୍ତ ସାମଲ ଓ ରାମଚନ୍ଦ୍ର ବାରିକ ରାତ୍ରୀଯାପନ କରିଥିବା ପରିଚାଳକ ସାହୁ ଜାଣିବାକୁ ପାଇଥିଲେ। ଏ ନେଇ ସେ ସୂର୍ଯ୍ୟକାନ୍ତ ଓ ରାକେଶଙ୍କ ନାଁରେ ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ.୪୨୩/୨୧) ରୁଜୁ ହୋଇଥିଲା। ତଦନ୍ତରେ ଜଣାପଡିଥିଲା ରାକେଶ ଉକ୍ତ ଟଙ୍କା ଚୋରି କରିବାକୁ ସୂର୍ଯ୍ୟକାନ୍ତଙ୍କୁ ପ୍ରବର୍ତ୍ତାଇଥିଲେ। ପରେ ଉଭୟ ଏହି ଚୋରିରେ ଅଭୟଙ୍କୁ ସାମିଲ କରିଥିଲେ। ସୂର୍ଯ୍ୟକାନ୍ତ ଅତି ଚତୁରତାର ସହିତ କ୍ୟାସିୟର ବିଜୟଙ୍କ ପକେଟରୁ ଲକର ଚାବି ଆଣିଥିଲେ। ଟଙ୍କା ଚୋରି କରିବା ପରେ ଚାବିକୁ ପୁନର୍ବାର ବିଜୟଙ୍କ ପକେଟ୍‌ରେ ରଖି ଦେଇଥିଲେ। ଏହାପରେ ଅଭିଯୁକ୍ତମାନେ ଚୋରି ଟଙ୍କାକୁ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ।



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା।

### ୬.୩ ଲକ୍ଷ ଟଙ୍କା ଜବତ

## 'ରେଭେନ୍‌ଶାକୁ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ କର'

**କଟକ ଅଫିସ,୯।୧୦**

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମୋ ସ୍କୁଲ୍ ଅଭିଯାନରେ ପୁରାତନ ଛାତ୍ରୀଛାତ୍ର ଯୋଡିହେବା ଦ୍ୱାରା କେବଳ ଆର୍ଥିକ ଅନୁଦାନ ନୁହେଁ, ନିଜ ବିଦ୍ୟାଳୟର ବିକାଶରେ ସାମିଲ ହେଉଛନ୍ତି। ରେଭେନଶାକୁ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ସାହୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ରେଭେନଶାରେ ମୋ ସ୍କୁଲ୍ ମାଧ୍ୟମରେ ୫୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେହିପରି ଡିଇଓ କୃଷ୍ଣଚନ୍ଦ୍ର ନାୟକ, ପୁରାତନ ଛାତ୍ର ଯୁଧିଷ୍ଠିର ଖଟୁଆ, ଅନୁଜା ମହାପାତ୍ର, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ରାମାଶିଷ ହାଜରା ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ବିଦ୍ୟାଳୟରେ ଏକ କୁଇଜ୍ ଏବଂ ଡିବେଟ୍ କ୍ଲବ୍, ଲିଟେରେଚର କ୍ଲବ୍ ଏବଂ ଡ୍ରାମାଟିକ୍ କ୍ଲବ୍ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ।



ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୯ ମାସରେ ୧୦ କୋଟିର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର,୯।୧୦(ବ୍ୟୁରୋ)**

## ନିଶାବେପାରର ପେଣ୍ଠସ୍ଥଳୀ ଦ୍ୱୈତନଗରୀ

- ବିଭିନ୍ନ ଥାନାରେ ୪୪ ମାମଲା
- ୯୭ ଗିରଫ, ୪୩ ଲକ୍ଷ ଟଙ୍କା ଜବତ
- ନିଶା ନିବାରଣ କେନ୍ଦ୍ରକୁ ଯିବେ ନିଶାସକ୍ତ ଅଭିଯୁକ୍ତ



ନିଶା କାରବାରର ପେଣ୍ଠସ୍ଥଳୀ ପାଲଟିଛି ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର। ବିଶେଷକରି ବ୍ରାଉନସୁଗାରର ବେଆନ ବଜାର ଭାବେ ଉଭା ହୋଇଛି। ଚଳିତ ବର୍ଷ କେବଳ ୯ ମାସରେ କମିଶନରେଟ ପୋଲିସ ଦୁଇ ସହରରୁ ୧୦ କୋଟି ମୂଲ୍ୟର ପ୍ରାୟ ୧୦ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ କରିଛି। ବିଭିନ୍ନ ଥାନାରେ ୪୪ଟି ମାମଲ ରୁଜୁ ହୋଇଥିବାବେଳେ ୯୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ୪୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭୁବନେଶ୍ୱରରେ ୩୩ ମାମଲା ରୁଜୁ କରାଯାଇ ୫.୬୬୦ କେଜି ବ୍ରାଉନସୁଗାର ଜବତ କରାଯିବା ସହ ୬୭ଜଣଙ୍କୁ ଗିରଫ କରାଯାଇଛି। ସେହିପରି କଟକରେ ୧୧ ମାମଲାରେ ୩୦ଜଣ ଗିରଫ ହୋଇଥିବାବେଳେ ୪.୬୪୬ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ତେବେ ଗତବର୍ଷ ସାରା ରାଜ୍ୟରୁ ମୋଟ ୩୪କେଜି ବ୍ରାଉନସୁଗାର ଜବତ କରିଥିଲା ଓଡ଼ିଶା ପୋଲିସ। ତେବେ କମିଶନରେଟ ପୋଲିସ ୯ ମାସରେ ୧୦କେଜି ବ୍ରାଉନସୁଗାର ଜବତ କରିବା ଏକ ରେକର୍ଡ। ଗତ ଅଗଷ୍ଟ ୧୫ରୁ କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରେ 'ଅପରେଶନ ହ୍ୱାଇଟ୍ ସ୍ୱାଇଡର' ଜରିଆରେ ୧ କେଜି ୩୫ ଗ୍ରାମ ବ୍ରାଉନସୁଗାର ଜବତ କରାଯିବା ସହ ୩୭ ଜଣଙ୍କୁ ଗିରଫ କରାଯାଇଛି। ଶନିବାର ଏହି ଅପରେଶନରେ କ୍ୟୁଏଟି ଓ ବାଲିଅନ୍ତା ପୋଲିସ ୨୬୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ କେସୁରା ଅଞ୍ଚଳର ମୃଣାଳ ସାମଲଙ୍କୁ ଗିରଫ କରିଛି। ଆଗାମୀ ଦିନରେ ଟୁଇନ୍ ସିଟିକୁ ବ୍ରାଉନସୁଗାର ମୁକ୍ତ କରିବା ପାଇଁ ଅପରେଶନକୁ ଜୋରଦାର କରାଯିବ ବୋଲି କମିଶନର କହିଛନ୍ତି। ମୁଖ୍ୟତଃ ବ୍ରାଉନସୁଗାର ସେବନ କରି ଯୁବକମାନେ ଅପରାଧ ଦୁନିଆରେ ପାଦ ଥାପି ଜେଲ ଯାଉଛନ୍ତି। ଜେଲରୁ ଫେରିବା ପରେ ସେମାନେ ପୁଣି ବ୍ରାଉନସୁଗାର ଖାଇବା ସହ ଏହି କାରବାରରେ ସଂପୃକ୍ତ ରହି ଅପରାଧ ଘଟାଉଛନ୍ତି। ତେଣୁ ଆଗାମୀ ଦିନରେ ପୋଲିସ ଟାର୍ଗେଟରେ ଥିବା ନିଶାସକ୍ତ ଅଭିଯୁକ୍ତଙ୍କୁ ନିଶା ନିବାରଣ କେନ୍ଦ୍ରକୁ ପଠାଇବା ସହ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହା ସହିତ 'କ୍ରାଇମ୍-ଡ୍ରଗ-ବସ୍ତି' ତ୍ରିକୋଣୀୟ କ୍ରାଇମ୍ ଉପରେ ପୋଲିସ ବସ୍ତିଚାଲ ଅଭିଯାନ ଆରମ୍ଭ କରିଛି ବୋଲି କମିଶନର କହିଛନ୍ତି।

## ସରପଞ୍ଚ, ସମିତି ସଭ୍ୟଙ୍କ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇନି

**ନିଶ୍ଚିନ୍ତକୋଇଲି, ୯।୧୦(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଚିଠା ସଂରକ୍ଷଣ ତାଲିକା ୮ ତାରିଖରେ ପ୍ରକାଶ ହେବ ବୋଲି ବିଧିବଦ୍ଧଭାବେ ଘୋଷଣା ହୋଇଥିଲା। ମାତ୍ର ଉକ୍ତ ଦିନ କଟକ ଜିଲାରେ ସଂରକ୍ଷଣ ତାଲିକା ପ୍ରକାଶ ପାଇ ନ ଥିଲା। ୯ ତାରିଖରେ ଜିଲା ପରିଷଦ ସଭ୍ୟ ଓ ବ୍ଲକ ଅଧକ୍ଷ ସଂରକ୍ଷଣ ତାଲିକା ଘୋଷଣା ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକରେ ୫ ଟି ଜିଲା ପରିଷଦ ଓ ବ୍ଲକ ଅଧକ୍ଷ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। କିନ୍ତୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏହି ବ୍ଲକର ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟଙ୍କ ତାଲିକା ପ୍ରକାଶ ପାଇ ନ ଥିଲା। ଜିଲାରେ ସଂରକ୍ଷଣ ତାଲିକା ପ୍ରକାଶରେ ବିଳମ୍ବ ହୋଇଥିବାରୁ ବିରୋଧୀଙ୍କୁ ସମାଲୋଚନାର ଖୋରାକ ଯୋଗାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ୨୪ନଂ. ଜୋନ ଅସଂରକ୍ଷିତ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ସେହିପରି ୨୫ନଂ.ଜୋନ ତଫସିଲଭୁକ୍ତ ଜାତି ଓ ୨୬ନଂ.ଜୋନ ତଫସିଲଭୁକ୍ତ ଜାତିର ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି। ସେହିପରି ୨୭ନଂ. ପଛୁଆ ବର୍ଗ ଓ ୨୮ନଂ.ଜୋନ ତଫସିଲଭୁକ୍ତ ଜାତିଙ୍କ ନିମନ୍ତେ ରଖାଯାଇଛି। ଏ ସମ୍ପର୍କରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି ବିଧିବଦ୍ଧ ଭାବେ ଜିଲା କାର୍ଯ୍ୟାଳୟରୁ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ବ୍ଲକରେ ସର୍ବ ସାଧାରଣଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯିବ।

## ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ

**କଟକ ଅଫିସ,୯।୧୦**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତି ଅସମ୍ମାନ କରାଯାଇଥିବା ଅଭିଯୋଗ ହୋଇଛି। କଟକ ମହାନଗର ନିଗମ ୫୪ନଂ. ୱାର୍ଡ ନୂଆବଜାର ସ୍ଥିତ ଗାନ୍ଧୀପଲ୍ଲୀଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ଶନିବାର ଗୋପବନ୍ଧୁଙ୍କ ଜୟନ୍ତୀ ଥିଲେ ମଧ ତାଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି ଫୁଲ ମାଳଟିଏ ମଧ ପକାଇନାହାନ୍ତି। ମୋ କଟକ ସୁରକ୍ଷା ମଞ୍ଚ ସଭାପତି ଅକ୍ଷୟ ପଣ୍ଡା ଓ ଜିତେନ୍ଦ୍ର ସାହୁ ପକ୍ଷରୁ ଏହାକୁ ଦୃଢ ନିନ୍ଦା କରାଯିବା ସହ କଟକ ଜିଲାପାଳଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଞ୍ଚର ସଭାପତି ଅକ୍ଷୟ ପଣ୍ଡା ଓ ଜିତେନ୍ଦ୍ର ସାହୁ ଆଇଆଇସି ଶଶିକାନ୍ତ ରାଉତଙ୍କୁ ଭେଟି ପଦକ୍ଷେପ ନେବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଆଇଆଇସି ରାଉତ କହିଛନ୍ତି, ଅଭିଯୋଗପତ୍ର ଗ୍ରହଣ କରିଛି। କିନ୍ତୁ ଏ ନେଇ ମାମଲା ରୁଜୁ ହୋଇପାରିବ ନାହିଁ।

## ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

**କଟକ ଅଫିସ, ୯।୧୦**

ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସ୍ଥାନୀୟ ଗୋପବନ୍ଧୁ ବାଗ୍‌ଠାରେ ପାଳିତ ହୋଇଯାଇଛି। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ପ୍ରସାର ବିଭାଗର ମୁଖ୍ୟ ପ୍ରଭାସ ପ୍ରଧାନ, କାର୍ଯ୍ୟକାରୀ କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ରକ୍ତଦାନ ସଚେତନତା ପାଇଁ ୫ ହଜାର କି.ମି. ପଦଯାତ୍ରା

**ନିଆଳି,୯।୧୦(ଡି.ଏନ.ଏ.)**

ରକ୍ତଦାନ ପାଇଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପଦଯାତ୍ରା କରି ଭାରତ ଭ୍ରମଣରେ ବାହାରିଛନ୍ତି ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲ୍ଲାର ଯୁବକ ଜି. ଶିବା। ଏପ୍ରିଲ ୧ତାରିଖରୁ କନ୍ୟାକୁମାରୀରୁ ପଦଯାତ୍ରା ଆରମ୍ଭ କରି ୪ଟି ରାଜ୍ୟ ବୁଲିସାରିଛନ୍ତି। ସେ ଏପର୍ଯ୍ୟନ୍ତ ୫ହଜାର କିମି ଅତିକ୍ରମ କରିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶାର କଟକ ଜିଲା ନିଆଳିରେ ପହଞ୍ଚିଛନ୍ତି। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନିଆଳିରେ ବୃନ୍ଦାବନ ଆଶ୍ରମରେ ଶନିବାର ରାତ୍ରିଯାପନ ପାଇଁ ବ୍ୟବସ୍ଥା କରାଯାଇଛି। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହ ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ କଲେଜ ଛାତ୍ରଙ୍କୁ ରକ୍ତଦାନ ଜୀବନ ଦାନ ସମ୍ପର୍କରେ ସଚେତନ କରାଇବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ରକ୍ତ ହୀନତା ଓ ରକ୍ତ କର୍କଟ ରୋଗ ପାଇଁ ରକ୍ତର ଆବଶ୍ୟକତା ଜରୁରୀ ରହିଛି ବୋଲି ସେ କହିଛନ୍ତି।